

বসুদেব সুতং দেবং
কংস চাণুর মর্দ্দনম্ ।
দেবকী পরমানন্দং
কৃষ্ণ বন্দে জগদ্গুরুম্ ॥


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-71 ◆FRIDAY ◆4 SEPTEMBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୭୧ ◆ଶୁକ୍ରବାର ◆୪ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ସାପୁଆ ନଦୀରେ ଭାସିଗଲେ ଦୁଇ ଭାଇ

■ ଆଠଗଡ଼, ୩।୯ (ସମିସ): ଗୁରୁବାର ଅପରାହ୍ଣରେ ଆଠଗଡ଼ ଥାନା ଇଚ୍ଛାପୁର ଗ୍ରାମ ନିକଟସ୍ଥ ସାପୁଆ ନଦୀରେ ଗାଧୋଇବା ବେଳେ ଭାସିଯାଇ ଦୁଇ ଭାଇଙ୍କ ମୃତ୍ୟୁ ହୋଇଛି। ଗ୍ରାମର ମହେଶ୍ୱର ସାମଲଙ୍କ ଦୁଇ ପୁଅ ସୌମ୍ୟରଞ୍ଜନ ଓରଫ୍ ମଣ୍ଟୁ (୩୫) ଏବଂ ପିଣ୍ଟୁ (୩୦) ବିଲରେ କାମସାରି ନିକଟସ୍ଥ ସାପୁଆ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଗୋଡ଼ ଖସିଯିବାରୁ ଉଭୟ ଭାସି ଯାଇଥିଲେ। ସ୍ଥାନୀୟଲୋକ ମୁମୂର୍ଷୁ ଅବସ୍ଥାରେ ମଣ୍ଟୁଙ୍କୁ ଉଦ୍ଧାର କରି ଆଠଗଡ଼ ▶ପୃଷ୍ଠା-୭

## ଓଲଟ ପାଲଟ



କରଜ ଭାରରେ ଖାଲି ହୋଇଲାଣି
ରାଜ୍ୟ ରାଜକୋଷ ଘଡ଼ା,
ମନ୍ତ୍ରୀ-ବିଧାୟକ ଦରମା ଓ ଭତ୍ତା
ଯେତେ ବଢାଇବ ବଢ଼ା !
ବୃଦ୍ଧ ଅସହାୟ ଭତ୍ତା ବଢୁନାହିଁ
ଖାଆନ୍ତି ଖାଡ଼ିଆ ଖଡ଼ା,
ତୁମ ମାନଙ୍କର ଭତ୍ତା ବୃଦ୍ଧି ପାଇଁ
ହେଉ ଅଛ ଚଢା-ମଢ଼ା !
ଚାଲିଛ ଅମଡ଼ା ମଡ଼ା !!

-ଯାଯାବର

## ହାତ ଟେକିଦେଲେ ଅସହାୟ ଯୋଗାଣମନ୍ତ୍ରୀ

# କେନ୍ଦ୍ର ଆମ କଥା ଶୁଣୁନି



- ଓଡ଼ିଶା ଇଞ୍ଜିନ୍ କଥା ଶୁଣୁନାହିଁ ଦିଲ୍ଲୀ ଇଞ୍ଜିନ୍
- ଆମ ରାଜ୍ୟ ପାଇଁ ଏଫ୍‌ସିଆଇର ଦରଦ ନାହିଁ
- ୨୦ ସାଂସଦ ଜିତାଇବା ସତ୍ତ୍ୱେ ଆମ ହାତ ବନ୍ଧା
- ୩୦ ଲକ୍ଷ ଟନ୍‌ରୁ ଉଠିଛି ମାତ୍ର ୭.୨୮ ଲକ୍ଷ ଟନ୍
- ଚାଉଳ ନ ଉଠିଲେ ଧାନ କିଣା କଷ୍ଟ ହୋଇପଡ଼ିବ

■ ଭୁବନେଶ୍ୱର, ୩।୯ (ସମିସ): ଡବଲ ଇଞ୍ଜିନ ସରକାରରେ ମନ୍ତ୍ରୀ ଅସହାୟ। ଭରାସଭାରେ ଅସହାୟତା ପ୍ରକାଶ କରି ନିଜ ବିଭାଗର ଦୁଃଖ ବଖାଣିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଏହାକୁ ନେଇ ମନ୍ତ୍ରୀ ନାଁ କାହା ଉପରେ ଦୋଷ ଲଦି ପାରୁଛନ୍ତି ନାଁ କ୍ଷୋଭ ପ୍ରକାଶ କରିପାରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଆଗରେ ନିଜର ଅସହାୟତା ପ୍ରକାଶ କରିଛନ୍ତି। ଗୁରୁବାର ରାଜ୍ୟ ଯୋଗାଣ ନିଗମ ପ୍ରତିଷ୍ଠା ଦିବସ ଅବସରରେ ବଳକା ଚାଉଳକୁ ନେଇ ଯୋଗାଣ ବିଭାଗ କିପରି ହରଡ଼ ଘଣାରେ ପଡ଼ିଛି, ତାହାକୁ ବଖାଣିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର ।

କାର୍ଯ୍ୟକ୍ରମରେ ଉପସ୍ଥିତ ଏଫ୍‌ସିଆଇ ଜିଏମ୍ ନିହାର ରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ ମନ୍ତ୍ରୀ ଶ୍ରୀ ପାତ୍ର ନିଜର ଅସହାୟତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏଫ୍‌ସିଆଇ ବେଳେ ବେଳେ ଆମକୁ ଧପେଇ ଦିଏ। ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ଉଠାଇବା ପାଇଁ ଏଫ୍‌ସିଆଇ ଆମକୁ ଟାର୍ଗେଟ ଦେଇଥିଲା। କିନ୍ତୁ ଆମର ଚାଉଳ ଏପର୍ଯ୍ୟନ୍ତ ଉଠିପାରି ନାହିଁ। ଚାଉଳ ଉଠାଇବା ପାଇଁ ସେ ବାରମ୍ବାର ଦିଲ୍ଲୀ ଯାଇ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟୁଥିଲେ ବି କିଛି ଫଳ ମିଳୁ ନ ଥିବା ମନ୍ତ୍ରୀ ପରୋକ୍ଷରେ କହିଛନ୍ତି। ଏମିତିକି 'ଏଇ ଗୋଟାକ ସମସ୍ୟା ଆମକୁ ମାରୁଛି' ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିବାକୁ ବି ପଛାଇ ନାହାନ୍ତି। ଆମର ଉତ୍ପାଦନ ପାଇଁ ଆମେ ଚିନ୍ତିତ ନୁହେଁ, ଉତ୍ପାଦନ ▶ପୃଷ୍ଠା-୭

# ସବୁ ନଦୀରେ ଖସୁଛି ଜଳସ୍ତର

## ଏବେ ବି ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା



■ ଭୁବନେଶ୍ୱର, ୩।୯ (ସମିସ): ରାଜ୍ୟରେ ବର୍ଷାର ପ୍ରଭାବ କମିବା ଆରମ୍ଭ ହୋଇଛି। ଓଡ଼ିଶାଠାରୁ ଲଘୁଚାପ ଦୂରେଇବା ସହ ଏବେ ଏହା ମଧ୍ୟପ୍ରଦେଶ ଉପରେ ସକ୍ରିୟ ରହିଛି। ଫଳରେ ରାଜ୍ୟରେ ବର୍ଷାର ପରିମାଣ କମିଛି। ତେବେ ଏହି ଲଘୁଚାପ ପ୍ରଭାବରେ ହୋଇଥିବା ବର୍ଷା ଓ ଏଥିପାଇଁ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଜାରି ରହିଛି। ଏବେ ବି ସୁବର୍ଣ୍ଣରେଖା ନଦୀ ରାଜଘାଟ୍‌ଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଯଦିଓ ଅନ୍ୟ ନଦୀ ବୁଢ଼ାବଳଙ୍ଗ ଓ ବୈତରଣୀ ଆଦିରେ ସ୍ଥିତି ସୁଧାର ଆସିଛି, ମାତ୍ର ସୁବର୍ଣ୍ଣରେଖା ଓ ଜଳକା ନଦୀ ବିପଦସଂକେତ ଉପରେ ପ୍ରବାହିତ ହେଉଛି। ▶ପୃଷ୍ଠା-୭

# ବନ୍ୟା ନେଲା ଦୁଇ ଜୀବନ

- ପୁଅ ଓ ଶାଶୂଙ୍କୁ ବଞ୍ଚାଇବାକୁ ଯାଇ ଜୀବନ ହାରିଲେ ସୁମତି
- ମାଛ ଧରିବାକୁ ଯାଇ ଶବ ହୋଇ ଫେରିଲେ ସନ୍ନ୍ୟାସୀ

■ ବାଲେଶ୍ୱର (ଉତ୍ତର)/ ଚନ୍ଦନେଶ୍ୱର, ୩।୯ (ସମିସ): ସୁବର୍ଣ୍ଣରେଖାର ତୃତୀୟ ବନ୍ୟା ଭୋଗରାଇ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଥିବାବେଳେ ଏବେ ଦୁଇଟି ପରିବାର ଉପରେ ନେଇଆସିଛି ଦାରୁଣ ଦୁଃଖ। ବନ୍ୟାଜଳରେ ବୁଡ଼ି କୁଳିଦା ଗ୍ରାମର ସୁମତି ଜେନା ଓ କମର୍ଦ୍ଦା ଥାନା ଅନ୍ତର୍ଗତ ନାଚିନ୍ଦା ଗ୍ରାମର ସନ୍ନ୍ୟାସୀ ରାଜଙ୍କ ମୃତ୍ୟୁ ଘଟିଛି। ଏହି ଦୁଇ ଦୁଃଖଦ ଘଟଣା ପରେ ଉଭୟ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବନ୍ୟାଜଳରେ ▶ପୃଷ୍ଠା-୭

# ବଢ଼ିବ ସିମେଣ୍ଟ ମୂଲ୍ୟ

## ପ୍ୟାକେଟ୍ ପିଛା ୪୦ ଟଙ୍କା ଯାଏ ମହଙ୍ଗା



■ ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ପ୍ରବଳ ମୌସୁମୀ ବର୍ଷା ଯୋଗୁ ଅଗଷ୍ଟ ମାସରେ ସାରା ଦେଶରେ ନିର୍ମାଣ କାର୍ଯ୍ୟ ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା। ଫଳସ୍ୱରୂପ, ଅଧିକାଂଶ ଅଞ୍ଚଳରେ ସିମେଣ୍ଟ ଚାହିଦା ମଧ୍ୟ କମ୍ ରହିଥିଲା। କିନ୍ତୁ ସେପ୍ଟେମ୍ବରରେ ସ୍ଥିତିରେ ସୁଧାର ଆସିପାରେ। ପୁନର୍ବାର ଜୋରସୋରରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ସିମେଣ୍ଟ ଚାହିଦା ବଢ଼ିବ। ଏଥିରେ ସିମେଣ୍ଟ ମୂଲ୍ୟରେ ବି ବଢ଼ିପାରେ। ଆଗକମୁ ବଜାରରେ ସିମଣ୍ଟେ ପ୍ୟାକେଟ୍ ପିଛା ୪୦ ଟଙ୍କା ଯାଏ ମୂଲ୍ୟ ବୃଦ୍ଧି ହୋଇପାରେ।

ସିମେଣ୍ଟ ପ୍ରସ୍ତୁତ ପାଇଁ ପେଟ୍‌କୋକ୍‌କୁ ଇନ୍ଧନ ଭାବରେ ବ୍ୟବବହାର କରାଯାଇଥାଏ। ନିକଟରେ ମୂଲ୍ୟ ବୃଦ୍ଧି ବିଶ୍ୱରେ ଦେଖାଦେଇଥିବା ଭୂ-ରାଜନୈତିକ ଅସ୍ଥିରତା ଯୋଗୁ ହୋଇଛି। ବ୍ରୋକରେଜ୍ ଫାର୍ମ ନୁ୍ୟଭାମା ଇନଷ୍ଟିଚ୍ୟୁସନାଲ ଇକ୍ୱିଟିଜର ଏକ ରିପୋର୍ଟ ଅନୁସାରେ, କମ୍ପାନୀଗୁଡ଼ିକ ମହଙ୍ଗା ପେଟକୋକ୍ ଯୋଗୁଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଜନିତ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ସିମେଣ୍ଟ କ୍ଷେତ୍ର ପାଇଁ ବଢୁଥିବା ଖର୍ଚ୍ଚ ଏକ ବଡ଼ ଚିନ୍ତା। ଏଥିଯୋଗୁ କମ୍ପାନୀ ସିମେଣ୍ଟ ବ୍ୟାଗ୍ ପିଛା ୪୦ ଟଙ୍କା ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। ରିପୋର୍ଟ ଅନୁସାରେ, ଅଗଷ୍ଟରେ ବେଙ୍ଗାଲୁରୁରେ ସିମେଣ୍ଟ ବ୍ୟାଗ୍ ପିଛା ଦାମ୍ ୧୦ ଟଙ୍କା ବୃଦ୍ଧି ହୋଇଥିଲା। ଅବଶ୍ୟ ଦକ୍ଷିଣ ଭାରତରେ ଅଧିକାଂଶ ବଜାରରେ ସିମେଣ୍ଟ ଦାମ୍ ସ୍ଥିର ରହିଥିଲା। ଉତ୍ତର ଭାରତରେ ମୌସୁମୀ ଯୋଗୁ ଚାହିଦା ମାନ୍ଦା ରହିଥିଲା। ମାତ୍ର ସେପ୍ଟେମ୍ବରରେ ଏଠାରେ ବ୍ୟାଗ୍ ପିଛା ମୂଲ୍ୟ ପ୍ରାୟ ୧୦-୨୦ ଟଙ୍କା ବୃଦ୍ଧି ହୋଇପାରେ। ସେହିଭଳି ମଧ୍ୟ-ଭାରତରେ ସିମେଣ୍ଟ ଦାମରେ ୪୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବା ନେଇ ଏଜେନ୍ସି ଅନୁମାନ କରୁଛି। ଅବଶ୍ୟ ପଶ୍ଚିମ ଭାରତ ସମ୍ପର୍କରେ ଡିଲରଙ୍କ ଉପରେ ମୂଲ୍ୟ ବୃଦ୍ଧି ସମ୍ପର୍କରେ ସେପରି କୌଣସି ଅନୁମାନ ଆସିନାହିଁ। ସୂଚନାଥାଉକି, ୨୦୨୬ ଜୁଲାଇରେ ପେଟ୍‌କୋକ୍ ମୂଲ୍ୟ ହ୍ରାସ ପାଇ ୧୩୩ ଡଲାର ପ୍ରତି ଟନ୍ ପିଛା ହୋଇଥିଲା। ଏବେ ଏହା ପୁଣିଥରେ ବଢ଼ି ପ୍ରାୟ ୧୫୨ ଡଲାର ପ୍ରତି ଟନରେ ପହଞ୍ଚିଛି। ଅବଶ୍ୟ ପେଟ୍‌କୋକ୍ ଦା ଏବେବି ୧୬୨ ଡଲାର ପ୍ରତି ଟନ ଉପରେ କାରବାର ହେଉଛି। ଯଦି ସିମେଣ୍ଟ ମୂଲ୍ୟ ବୃଦ୍ଧି ହୁଏ ତେବେ ଘର ତିଆରି ମହଙ୍ଗା ହୋଇଯିବ।


1001/141/2627

# ସିଏମ୍ କିଷାନ

ରବି ୨୦୨୬-୨୭



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ସିଏମ୍ କିଷାନ ସହାୟତା ରାଶି
ହସ୍ତାନ୍ତର

୪୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର, ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ ଚାଷୀ ଏବଂ ଭୂମିହୀନ କୃଷକ ପରିବାର ଉପକୃତ

୮୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା DBT ମାଧ୍ୟମରେ ପ୍ରଦାନ

ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସାଂସଦ ଏବଂ ବିଧାୟକ ଗଣ
ଖୋର୍ଦ୍ଧା ଜିଲ୍ଲା

୦୪ ସେପ୍ଟେମ୍ବର ୨୦୨୬ | ପୂର୍ବାହ୍ନ ୧୧:୩୦ | କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-1001/11/02/2/26-27/0010





# ଧମକାଇଲା ଆମେରିକା

ୱାସିଂଟନ, ୩୧୯ (ଏଜେନ୍ସି): କିର୍ଗିଜସ୍ତାନର ବିସ୍କେକ୍ରେ ଅନୁଷ୍ଠିତ ୨୬ତମ ଏସସିଓ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ଙ୍କ ମଧ୍ୟରେ ହୋଇଥିବା ବୈଠକ ପରେ ଆମେରିକା ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକାର ରାଷ୍ଟ୍ରସଚିବ ମାର୍କ ରୁବିଓ ଭାରତ ଏବଂ ଇରାନ ମଧ୍ୟରେ କୌଣସି ବାଣିଜ୍ୟ ଚୁକ୍ତି ହେବା ସମ୍ଭାବନାକୁ ଖଣ୍ଡନ କରିଛନ୍ତି। ଏଥିସହ, କୌଣସି ଦେଶ ଇରାନକୁ ଆମେରିକା ପ୍ରତିବନ୍ଧକ ଏଡ଼ାଇବାରେ କିମ୍ବା ରାଜସ୍ୱ ସୃଷ୍ଟି କରିବାରେ ସାହାଯ୍ୟ କଲେ ସେମାନଙ୍କୁ ମଧ୍ୟ ଆମେରିକୀୟ କଟକଣାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏକ ସାକ୍ଷାତକାରରେ ରୁବିଓ ସ୍ପଷ୍ଟ କରିଛନ୍ତି ଯେ ଭାରତ ଏବଂ ଇରାନ ମଧ୍ୟରେ ସେଭଳି କୌଣସି ବାଣିଜ୍ୟ ଚୁକ୍ତି ହେଉଥିବା ସେ ମନେ କରୁନାହାଁନ୍ତି। ଦେଶଗୁଡ଼ିକ ନିଜର ସ୍ୱାଧୀନ ବୈଦେଶିକ ନୀତି ଅନୁସରଣ କରନ୍ତି ଏବଂ ଇରାନ ସହିତ ଯୋଗାଯୋଗ ରଖିବା ସ୍ୱାଭାବିକ ବୋଲି ସେ ସ୍ୱୀକାର କରିଛନ୍ତି। ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ଦୋହରାଇ ସେ କହିଛନ୍ତି ଯେ, କୌଣସି ଦେଶ ଇରାନକୁ ପ୍ରତିବନ୍ଧକ ଏଡ଼ାଇବାରେ କିମ୍ବା ଆତଙ୍କବାଦ ଏବଂ ପରମାଣୁ ଅସ୍ତ୍ର ତିଆରି ପାଇଁ ପାଣ୍ଠି ସଂଗ୍ରହ କରିବାରେ ସାହାଯ୍ୟ କରିବା ଉଚିତ୍ ନୁହେଁ। ଇରାନକୁ ପରମାଣୁ ଅସ୍ତ୍ରଶସ୍ତ୍ର ହାତେଇବାରୁ ରୋକିବା ଆମେରିକା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ବୋଲି ରୁବିଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆମେରିକା ମୁଖ୍ୟତଃ ଆର୍ଥିକ ଚାପ ଜରିଆରେ ଇରାନ ଉପରେ ଚାପ ପକାଉଥିଲେ ମଧ୍ୟ ଆବଶ୍ୟକ ପଡ଼ିଲେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ, ମଧ୍ୟପ୍ରାଚ୍ୟରେ ସଂଘର୍ଷ ତୀବ୍ରତର ହୋଇଥିବାବେଳେ ଆମେରିକା ଓ ଇରାନ ମଧ୍ୟରେ ପରସ୍ପର ବିରୋଧୀ ଚେତାବନୀ ଜାରି ରହିଛି।

**ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଇରାନ ରାଷ୍ଟ୍ରପତିଙ୍କ ଭେଟ ପରେ ମାର୍କ ରୁବିଓଙ୍କ ଚେତାବନୀ**

# ମୃତ୍ୟୁକୁ ମାତ୍ ଦେଲେ ୯୧ ବର୍ଷୀୟା ଗୁନା: ବନ୍ୟା ପାଣି ଉପରେ ମୁଣ୍ଡ ରଖି ବଞ୍ଚିଗଲେ



କାଠମାଣ୍ଡୁ, ୩୧୯ (ଏଜେନ୍ସି): ନେପାଳରେ ଭୟଙ୍କର ଆକସ୍ମିକ ବନ୍ୟା ଶହ ଶହ ଜୀବନ ନେଇଥିବା ବେଳେ ୯୧ ବର୍ଷୀୟା ଗୁନା ମାୟା ବୋହାରାଙ୍କ ଅଦମ୍ୟ ବଞ୍ଚିବାର ଇଚ୍ଛା ଏବେ ସମଗ୍ର ଦେଶ ପାଇଁ ଆଶାର ପ୍ରତୀକ ପାଲଟିଛି। କାଦୁଅ ଓ ପଙ୍କରେ ପୋତି ହୋଇଯାଇଥିବା ଏକ ବୃଦ୍ଧାଶ୍ରମରୁ ତାଙ୍କୁ ଜୀବିତ ଉଦ୍ଧାର କରାଯାଇଥିଲା। ନୁୱାକୋଟ ଜିଲ୍ଲାର ଦେବୀଘାଟ ଅଞ୍ଚଳରେ ଥିବା ବରିଷ୍ଠ ନାଗରିକ କଲ୍ୟାଣ ପ୍ରତିଷ୍ଠାନରେ ଗୁନା ମାୟା ରହୁଥିଲେ। ଆକସ୍ମିକ ବନ୍ୟାରେ ସେଠାରେ ଥିବା ତାଙ୍କର ୭ ଜଣ ସହବାସୀଙ୍କ ମୃତ୍ୟୁ ଘଟିଥିଲା। ତେବେ ଗୁନା ମାୟାଙ୍କ ସମେତ କିଛି ବୃଦ୍ଧଙ୍କୁ ଉଦ୍ଧାରକାରୀ ଦଳ ଜୀବିତ ଉଦ୍ଧାର କରିଥିଲା। ବନ୍ୟା ସମୟରେ ଗୁନା ମାୟା ତଳ ମହଲାର ଏକ କୋଠରୀରେ ଥିଲେ। ହଠାତ୍ ପାଣି କୋଠରୀ ଭିତରକୁ ପଶିବାରୁ ସେ ଝରକା ଖୋଲି ନିଜ ମୁଣ୍ଡକୁ ପାଣି ଉପରେ ରଖିଥିଲେ। ପ୍ରାୟ ୨ରୁ ୩ ଘଣ୍ଟା ପରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳେ ତାଙ୍କ ଶରୀରର ଅଧିକାଂଶ ଅଂଶ କାଦ ଓ ପଙ୍କ ମଧ୍ୟରେ ପୋତି ହୋଇଥିଲା, କେବଳ ମୁଣ୍ଡଟି ପାଣି ଉପରେ ଦେଖାଯାଉଥିଲା। ଗୁନା ମାୟାଙ୍କ ଗୋଡ଼ରେ ପୂର୍ବରୁ ଶାରୀରିକ ଅସୁବିଧା ଥିଲା। ବନ୍ୟା ପାଣିର ପ୍ରବଳ ସ୍ରୋତରେ ତାଙ୍କ ହାତରେ ମଧ୍ୟ ଆଘାତ ଲାଗିଛି। ତଥାପି ବଞ୍ଚିବାର ଦୃଢ଼ ଇଚ୍ଛା ତାଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣିଥିଲା। ଉଦ୍ଧାର ପରେ ବୃଦ୍ଧମାନଙ୍କୁ ପ୍ରଥମେ ସ୍ଥାନୀୟ ଆୟୁର୍ବେଦିକ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା। ପରେ ସେମାନଙ୍କୁ କାଠମାଣ୍ଡୁର ଏକ ଅସ୍ଥାୟୀ ଆଶ୍ରୟସ୍ଥଳକୁ ନିଆଯାଇଛି। ସେଠାରେ ଖାଦ୍ୟ, ପୋଷାକ, ଚିକିତ୍ସା, ନର୍ସିଂ ସେବା ଓ ଆବଶ୍ୟକ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ଉଦ୍ଧାର ହୋଇଥିବା ସମସ୍ତ ବୃଦ୍ଧଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବା ଜଣାପଡ଼ିଛି। ଏହି ଭୟାବହ ବନ୍ୟାରେ ନେପାଳରେ ମୃତ୍ୟୁସଂଖ୍ୟା ୧, ୨୫୨ରେ ପହଞ୍ଚିଥିବା ବେଳେ ପ୍ରାୟ ୪, ୨୧୬ ଜଣ ଏବେ ବି ନିଖୋଜ ଅଛନ୍ତି। ତିବ୍ବତରେ ମଧ୍ୟ ୫୪୧ ଜଣ ନିଖୋଜ ଥିବା ଚୀନ୍‌ର ସରକାରୀ ଗଣମାଧ୍ୟମ ଜଣାଇଛି। ଏପଟେ ଜଳବିଦ୍ୟୁତ ପ୍ରକଳ୍ପର ସୁଡ଼ଙ୍ଗରେ ଫସିଥିବା ଲୋକଙ୍କ ସନ୍ଧାନରେ ନେପାଳ ସେନା ଓ ଉଦ୍ଧାରକାରୀ ଦଳର ଅଭିଯାନ ଜାରି ରହିଛି।

# ଝିଅ ପାଇଁ ମନ୍ତ୍ରିପଦ ଗଲା



ହାଇଦ୍ରାବାଦ, ୩୧୯ (ଏଜେନ୍ସି): ତେଲଙ୍ଗାନାରେ କ୍ଷମତାସୀନ କଂଗ୍ରେସରେ ଆଭ୍ୟନ୍ତରୀଣ କନ୍ଦଳ ତୀବ୍ର ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଏବଂ ତାଙ୍କ ପରିବାର ବିରୋଧରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ଝିଅ ବିଷୋଦଗାର କରିବାରୁ ଉକ୍ତ ମନ୍ତ୍ରୀଙ୍କୁ ବିଦା ହେବାକୁ ପଡ଼ିଛି। ଏହି ମନ୍ତ୍ରୀ ଜଣକ ହେଲେ ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ଜଙ୍ଗଲ ମନ୍ତ୍ରୀ କୋଣ୍ଡା ସୁରେଖା। ମନ୍ତ୍ରୀ ପରିଷଦରୁ ବହିଷ୍କାର କରିବା ଲାଗି ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଳାଙ୍କୁ ସୁପାରିସ କରିଛନ୍ତି।

ସୂଚନାଯୋଗ୍ୟ ଯେ ସୁରେଖାଙ୍କ ଝିଅ କୋଣ୍ଡା ସୁସ୍ମିତା ପଟେଲ୍ ପାର୍କାଲ ବିଧାନସଭା ଆସନକୁ ନେଇ ରେଭନ୍ତ ରେଡ୍ଡୀଙ୍କୁ ତୀବ୍ର ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ବର୍ତ୍ତମାନର କଂଗ୍ରେସ ବିଧାୟକ ରେଭୁରୀ ପ୍ରକାଶ ରେଡ୍ଡୀଙ୍କୁ ପୁଣିଥରେ ସମର୍ଥନ କରିବାକୁ ଆହ୍ୱାନ ଦେବା ପରେ ସୁସ୍ମିତା ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ ରେଭନ୍ତ ରେଡ୍ଡୀ ଓ ତାଙ୍କ ଭାଇମାନଙ୍କ ବିରୋଧରେ ମଧ୍ୟ ଗୁରୁତର ଅଭିଯୋଗ କରିଥିଲେ। ଏହାସହିତ ସେ ଚାଲେଞ୍ଜ କରିଥିଲେ ଯେ ଏହି ନିର୍ବାଚନମଣ୍ଡଳୀରୁ ସେ ନିର୍ବାଚନ ଲଢ଼ିବେ ଏବଂ ଏହାକୁ କେହି ଅଟକାଇପାରିବେ ନାହିଁ। ଏହାପରେ ତେଲଙ୍ଗାନା କଂଗ୍ରେସରେ ଅସନ୍ତୋଷ ବଢ଼ିଥିଲା। ଦଳର ଶୃଙ୍ଖଳା କମିଟି ସୁରେଖାଙ୍କୁ ଝିଅଙ୍କ ମନ୍ତବ୍ୟ ସମ୍ପର୍କରେ ଜବାବ ମାଗିଥିଲା। ତେବେ ସୁରେଖା କହିଥିଲେ ଯେ ତାଙ୍କ ଝିଅ ଜଣେ ସ୍ୱାଧୀନ ବ୍ୟକ୍ତି ଏବଂ ତାଙ୍କ ମତାମତ ପାଇଁ ତାଙ୍କୁ ଦାୟୀ କରିବା ଅନୁଚିତ। ସେ କଂଗ୍ରେସ ଛାଡ଼ିବେ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। ରେଭନ୍ତ ରେଡ୍ଡୀ ତାଙ୍କୁ ବଳପୂର୍ବକ ମନ୍ତ୍ରୀ ପଦରୁ ହଟାଉଛନ୍ତି ବୋଲି ସୁରେଖା ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ସେ ଦିଲ୍ଲୀରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ମଧ୍ୟ ଭେଟି ସଫେଇ ଦେଇଥିଲେ। ସେ କହିଥିଲେ ଲେଝିଅର ମନ୍ତବ୍ୟ ପାଇଁ ତାଙ୍କୁ ଦାୟୀ କରାଯିବା ଠିକ୍ ନୁହେଁ। ଏହି ବିବାଦ ମଧ୍ୟରେ ତେଲଙ୍ଗାନାର କେତେକ ପ୍ରମୁଖ ବୋର୍ଡ ଓ କମିଶନରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଯୋଜନା ବୋର୍ଡର ଉପାଧ୍ୟକ୍ଷ ପଦରୁ ଚିନ୍ନା ରେଡୀଙ୍କୁ ହଟାଇ ଦିଆଯାଇଛି। ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳର ଶୃଙ୍ଖଳା କମିଟି ସୁପାରିସ କରିଥିଲା। ଏହାପରେ ତାଙ୍କୁ ପଦବୀରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଗଡ୍‌ୱାଲ ବିଜୟଲକ୍ଷ୍ମୀଙ୍କୁ ନୂଆ ଉପାଧ୍ୟକ୍ଷା ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ମହିଳା କମିସନର ଅଧ୍ୟକ୍ଷ ଭାବେ ନେରେଲ୍ଲା ଶାରଦା ଏବଂ କାକତୀୟ ସହର ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଭାବେ ସୁଧା ରାଣୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଘଟଣା ରାଜ୍ୟ ରାଜନୀତିରେ ବଡ଼ଧରଣର ହଲଚଲ୍ ସୃଷ୍ଟି କରିଛି।

**ଯୋଜନା ବୋର୍ଡ ଅଧ୍ୟକ୍ଷ ବି ବହିଷ୍କୃତ**

# ଟିଏମ୍‌ସି ଅଫିସରେ ଆକ୍ରମଣ



କୋଲକାତା, ୩୧୯ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନରେ ପରାଜୟ ପରେ ବିଭିନ୍ନ ସ୍ଥାନରେ ଆକ୍ରମଣର ଶିକାର ହେଉଛନ୍ତି ମମତାଙ୍କ ଟିଏମସି କର୍ମୀ ଓ ନେତା। ଏହାକୁ ନେଇ ରାଜନୈତିକ ବାତାବରଣ ସରଗରମ ରହିଥିବା ବେଳେ ଆଜି ଭୋର ୪ଟା ସମୟରେ କୋଲକାତାର କ୍ୟାମାକ୍ ଷ୍ଟ୍ରିଟ୍‌ରେ ଥିବା ତୃଣମୂଳ କଂଗ୍ରେସର କାର୍ଯ୍ୟାଳୟରେ ଆକ୍ରମଣ ହୋଇଛି। କେତେକ ଦୁର୍ବୃତ୍ତ ଟିଏମସିରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହିତ ଲୁଟପାଟ୍ କରିଛନ୍ତି। ଟିଏମ୍‌ସି ସାଂସଦ ଅଭିଷେକ ବାନାର୍ଜୀ ଏହି ଘଟଣା ପାଇଁ ବିଜେପି କର୍ମୀଙ୍କୁ ଦାୟୀ କରିଛନ୍ତି। ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଅଭିଷେକଙ୍କ ଅଭିଯୋଗ ଅନୁସାରେ, ଅସ୍ତ୍ରଶସ୍ତ୍ର ସହ କିଛି ଲୋକ କାର୍ଯ୍ୟାଳୟରେ ପ୍ରବେଶ କରି କର୍ମଚାରୀଙ୍କୁ ମାଡ଼ ମାରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ଏହାସହ ଆସବାବପତ୍ର ଓ ବୈଦ୍ୟୁତିକ ଉପକରଣ ଭଙ୍ଗାରୁଜା କରାଯାଇଥିବା ସେ କହିଛନ୍ତି। ଅଭିଷେକ ଅଭିଯୋଗ କରିଛନ୍ତି ଯେ ଟିଏମ୍‌ସି କର୍ମୀ ଓ ଆଇନଜୀବୀମାନେ ପୁଲିସକୁ ସୂଚନା ଦେଇଥିଲେ ମଧ୍ୟ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଉଚିତ ପଦକ୍ଷେପ ନିଆଯାଇନଥିଲା। ସେ ଘଟଣା ପଛରେ କିଏ ଥିଲା ଏବଂ କାହା ନିର୍ଦ୍ଦେଶରେ ଏହା ଘଟିଲା, ତାହାର ତଦନ୍ତ ଦାବି କରିଛନ୍ତି। କିନ୍ତୁ ବିଜେପି ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ଆକ୍ରମଣରେ ବିଜେପିର ହାତ ନାହିଁ ବୋଲି ଦଳୀୟ ନେତା କହିଛନ୍ତି।

ଅନ୍ୟପକ୍ଷରେ ମମତା ବାନାର୍ଜୀ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ବିଭିନ୍ନ ସ୍ଥାନରେ ଟିଏମସି ନେତା, କର୍ମୀ ଓ କାର୍ଯ୍ୟାଳୟ ଉପରେ ଆକ୍ରମଣ କରାଯାଉଛି ବୋଲି ସେ କହୁଛନ୍ତି। ପୁଲିସ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କୋଲକାତା ଅଫିସରେ ଆକ୍ରମଣ ହେଉଛି ଏହାର ଏକ ଉଦାହରଣ। ଏଭଳି ଆକ୍ରମଣ ତୁରନ୍ତ ବନ୍ଦ ନହେଲେ ଦିଲ୍ଲୀରେ ବିଜେପି ଅଫିସ ସାମନାରେ ସେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ମମତା ବାନାର୍ଜୀ ଚେତାବନୀ ଶୁଣାଇଛନ୍ତି।

- ବିଜେପିଙ୍କୁ ଦାୟୀ କଲେ ମମତା
- ଦିଲ୍ଲୀରେ ଧାରଣା ପାଇଁ ଧମକ

# ୨୦ ବିଦ୍ରୋହୀ ସାଂସଦଙ୍କୁ ସମୟ ଦେଲେ ବାଚସ୍ପତି

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ଟିଏମସିର ପରାଜୟ ପରେ ତାଙ୍କ ବିରୋଧରେ ବିଦ୍ରୋହ କରିଥିବା ଦଳର ୨୦ ଜଣ ଲୋକସଭା ସାଂସଦଙ୍କୁ ନୋଟିସର ଉତ୍ତର ଦେବାଲାଗି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି ବାଚସ୍ପତି ଓମ୍ ବିର୍ଲା। ଦଳ ବଦଳ ନିରୋଧ ଆଇନ ଅନୁସାରେ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ଟିଏମସି ମହାସଚିବ ଅଭିଶେକ ବାନାର୍ଜୀ ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରିଥିଲେ। କିନ୍ତୁ ବାଚସ୍ପତି ବିର୍ଲା ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ଗତମାସ ୨୫ ତାରିଖରେ ଏହି ୨୦ ବିଦ୍ରୋହୀ ସାଂସଦଙ୍କୁ ନୋଟିସ ଜାରି କରିବା ସହିତ ଅଭିଷେକଙ୍କ ପିଟିସନ ଉପରେ ତୁରନ୍ତ ବିଚାର କରିବାକୁ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତି ଓମ୍ ବିର୍ଲା ୨୬ ତାରିଖରେ ଏହି ସାଂସଦମାନଙ୍କୁ ନୋଟିସ ଦେବାସହିତ ୭ ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ କହିଥିଲେ। ତେବେ ବିଦ୍ରୋହୀମାନେ ଉତ୍ତର ଦାଖଲ ପାଇଁ ଅଧିକ ସମୟ ମାଗିବାରୁ ବାଚସ୍ପତି ସେମାନଙ୍କୁ ୨୨ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି।



## ସତ୍ୟେନ୍ଦ୍ର ଜୈନଙ୍କୁ ଜାମିନ



ନୂଆଦିଲ୍ଲୀ, ୩୧୯ (ଏଜେନ୍ସି): ଦିଲ୍ଲୀ ଜଳ ବୋର୍ଡର ସିୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ଟେଣ୍ଡର ପ୍ରକ୍ରିୟାରେ କଥିତ ଅନିୟମିତତା ସମ୍ପର୍କିତ ଏସିବି ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ଦିଲ୍ଲୀ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଗୁରୁବାର ଜାମିନ ମିଳିଛି। ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି ଦିଗ୍ ବିନୟ ସିଂହ ଜୈନଙ୍କୁ ଜାମିନ ଦେଇଥିବାବେଳେ ମାମଲାର ଅନ୍ୟ ଅଭିଯୁକ୍ତମାନଙ୍କ ନ୍ୟାୟିକ ହେପାଜତକୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଜୈନଙ୍କ ପକ୍ଷରୁ କୁହାଯାଇଥିଲା ଯେ, ୨୦୨୨ ଅକ୍ଟୋବରରେ ଟେଣ୍ଡର ଜାରି ହୋଇଥିବା ସମୟରେ ସେ ଅନ୍ୟ ଏକ ମାମଲାରେ ପୂର୍ବରୁ ହେପାଜତରେ ଥିଲେ। ତେଣୁ ଟେଣ୍ଡର ପ୍ରକ୍ରିୟା ସହ ତାଙ୍କ ସମ୍ପୃକ୍ତିର କୌଣସି ପ୍ରମାଣ ନାହିଁ ବୋଲି ତାଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ, ଏସିବିର ଅଭିଯୋଗ ଅନୁଯାୟୀ ରୋହିଣୀ ଏସ୍‌ଟିପିର କ୍ଷମତା ୧୫ ଏମ୍‌ଜିଡିରୁ ୩୦ ଏମ୍‌ଜିଡିକୁ ବଢ଼ାଯାଇଥିଲା। ଏହା ଫଳରେ ପ୍ରାୟ ୧୨୩ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିବା ଏଜେନ୍ସି ଅଭିଯୋଗ କରିଛି।

## ପାଇଲଟ୍ ଅସୁସ୍ଥ, ଓହ୍ଲାଇଲା ବିମାନ

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି): ଦୋହାରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋର ଏକ ବିମାନର ପାଇଲଟ୍ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଏହାକୁ ମସ୍କଟକୁ ଅବତରଣ କରାଯାଇଛି। ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିମାନଟି ମସ୍କଟ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ଅବତରଣ ପରେ ଏକ ଚିକିତ୍ସା ଦଳ ପାଇଲଟ୍‌ଙ୍କୁ ପରୀକ୍ଷା କରି ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ବର୍ତ୍ତମାନ ପାଇଲଟ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଏୟାରଲାଇନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରୀମାନଙ୍କୁ ଆଗକୁ ନେବା ପାଇଁ ଏକ ବିକଳ୍ପ ବିମାନ ଏବଂ ନୂତନ କ୍ରୁ' ବ୍ୟବସ୍ଥା କରାଯାଇଛି। ମସ୍କଟରେ ଅପେକ୍ଷା କରିଥିବା ଯାତ୍ରୀମାନଙ୍କୁ ଖାଦ୍ୟ ଓ ପାନୀୟ ଯାଇଥିବା ବେଳେ ଏଭଳି ଅସୁବିଧା ପାଇଁ କମ୍ପାନୀ କ୍ଷମା ପ୍ରାର୍ଥନା କରିଛି। ଦେଶରେ ଗତ କିଛିଦିନ ହେବ ବିମାନଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ଏବଂ ଜରୁରୀକାଳୀନ ଅବତରଣ ଘଟଣା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି।

## ଦୁଷ୍କର୍ମ ମାମଲା ସମାଧାନ ପାଇଁ ସିଣ୍ଡିକେଟ୍‌ରେ ମାନ୍: ବିଜେପି

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଏବଂ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ରାଜ୍ୟରେ ଦୁଷ୍କର୍ମ ମାମଲାଗୁଡ଼ିକୁ ରଫାଦଫା କରିବା ପାଇଁ ୫ କୋଟି ପର୍ଯ୍ୟନ୍ତ ଲାଞ୍ଚ ନେଉଛନ୍ତି ଏବଂ ସେମାନେ 'ଲୁଟ୍ ମଡେଲ୍' ସିଣ୍ଡିକେଟ୍ ଚଳାଉଛନ୍ତି ବୋଲି ବିଜେପି ଅଭିଯୋଗ କରିଛି। ବିଜେପିର ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଏକ ସାମ୍ବାଦିକ ସମ୍ମିଳନୀରେ କିଛି ଅଡିଓ ରେକର୍ଡିଂ ପ୍ରକାଶ କରି ଦାବି କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମାନ ଏବଂ ତାଙ୍କ ପତ୍ନୀ ଗୁରପ୍ରୀତ କୌର ମଧ୍ୟସ୍ଥିମାନଙ୍କ ଜରିଆରେ ଦୁଷ୍କର୍ମ ମାମଲାଗୁଡ଼ିକୁ ସମାଧାନ କରିବା ନାଁରେ କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି। ଏହି ପ୍ରସଙ୍ଗରେ ଏନ୍‌ଏଚ୍‌ଆରସି ଗତ ଅଗଷ୍ଟ ୨୧ରେ ପଞ୍ଜାବ ମୁଖ୍ୟ ସଚିବ ଏବଂ ଡିଜିପିଙ୍କୁ ଏକ ପତ୍ର ଲେଖି ଅଭିଯୋଗର ତଦନ୍ତ କରି ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।


## ୨ ପୁଲିସ କର୍ମଚାରୀଙ୍କୁ ହତ୍ୟା

ଗୌହାଟୀ, ୩୧୯ (ଏଜେନ୍ସି): ଆସାମର କାମରୂପ ଜିଲ୍ଲାରେ ଆସାମ-ମେଘାଳୟ ସୀମାନ୍ତରେ ଥିବା ଏକ ପୁଲିସ ଫାଣ୍ଡିରେ ଗୁରୁବାର ଭୋର ସମୟରେ ଜଣେ ସହକର୍ମୀ ପୁଲିସ କର୍ମଚାରୀଙ୍କ ଗୁଳିମାଡ଼ରେ ଦୁଇଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ବୋକୋ ଥାନା ଅଧୀନ ଗାମେରିମୁରା ପୁଲିସ ଫାଣ୍ଡିରେ ଭୋର ପ୍ରାୟ ୪ଟାରୁ ୫ଟା ମଧ୍ୟରେ ଏହି ଗୁଳିକାଣ୍ଡ ଘଟିଥିଲା। ଏକେ ପ୍ରକାରର ସର୍ଭିସ ରାଇଫଲରୁ ଗୁଳି ଚାଲିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତକମାନେ ଫଜରୁଲ ଅଲୀ ଓ ଇନ୍ଦ୍ରଜିତ ବୋରା ବୋଲି ଚିହ୍ନଟ କରାଯାଇଛି।

# ନ୍ୟୁୟର୍କ ସ୍କୁଲରେ ଏଆଇ ଉପରେ କଟକଣା

ନ୍ୟୁୟର୍କ, ୩୧୯ (ଏଜେନ୍ସି): ଶିକ୍ଷା କ୍ଷେତ୍ରରେ ଏଆଇ'ର ବ୍ୟବହାରକୁ ନେଇ ବଡ଼ ପଦକ୍ଷେପ ନେଇଛି ନ୍ୟୁୟର୍କ ପ୍ରଶାସନ। ସହରର ସରକାରୀ ପ୍ରାଥମିକ ଓ ମଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର ଉପରେ ଏକ ବର୍ଷ ପାଇଁ କଟକଣା ଲଗାଯାଇଛି। ନ୍ୟୁୟର୍କ ସହରର ମେୟର ଜୋହରାନ ମମଦାନୀ ବୁଧବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିଦ୍ୟାଳୟଗୁଡ଼ିକରେ ବର୍ତ୍ତମାନ ବ୍ୟବହୃତ ପ୍ରାୟ ୪୦ଟି ଶିକ୍ଷାମୂଳକ କୃତ୍ରିମ ବୁଦ୍ଧିମତ୍ତା ଉପକରଣର ବ୍ୟବହାର ବନ୍ଦ କରାଯିବ। ମମଦାନୀ କହିଛନ୍ତି, 'ପିଲାମାନଙ୍କୁ ଶିଖିବା ଓ ବଢ଼ିବା ପାଇଁ ଶିକ୍ଷକ ଏବଂ ମାନବୀୟ ସମ୍ପର୍କ ଦରକାର।' ସହପାଠୀଙ୍କ ସହ ମିଶି ଦକ୍ଷତା ବିକଶିତ କରିବା, ଶିକ୍ଷକଙ୍କ ସହ ସମ୍ପର୍କ ଗଢ଼ିବା ଏବଂ ଜଟିଳ ସମସ୍ୟାର ସମାଧାନ ନିଜେ ଚିନ୍ତା କରି କରିବା ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ସେ କହିଛନ୍ତି। ଆମେରିକାର ସବୁଠାରୁ ବଡ଼ ସ୍କୁଲ ବ୍ୟବସ୍ଥା ନ୍ୟୁୟର୍କର ଏହି ନିଷ୍ପତ୍ତିକୁ ଏଆଇ ବ୍ୟବହାର ଉପରେ ଦେଶର ଅନ୍ୟ ସହର ତୁଳନାରେ ସବୁଠାରୁ କଠୋର ପଦକ୍ଷେପ ଭାବେ ଦେଖାଯାଉଛି। ଲସ୍ ଆଞ୍ଜେଲସ୍ ସମେତ ଅନ୍ୟ କେତେକ ସ୍କୁଲ ଜିଲ୍ଲା ମଧ୍ୟ ଏଆଇ ବ୍ୟବହାର ନେଇ ନିଜସ୍ୱ ନୀତି ଉପରେ ସମୀକ୍ଷା କରୁଛନ୍ତି। ଏହି ନିଷ୍ପତ୍ତି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ୁଥିବା ପ୍ରାୟ ୬ ଲକ୍ଷ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ଉପରେ ଲାଗୁ ହେବ। ତେବେ ଉଚ୍ଚ ମାଧ୍ୟମିକ ସ୍ତରର ଛାତ୍ରଛାତ୍ରୀମାନେ କେତେକ ପରିସ୍ଥିତିରେ ଏଆଇ ବ୍ୟବହାର କରିପାରିବେ। ଶିକ୍ଷକମାନେ ପାଠ ଯୋଜନା ପ୍ରସ୍ତୁତି, ସମୟସୂଚୀ ଭଳି କାର୍ଯ୍ୟରେ ଏଆଇ ବ୍ୟବହାର କରିପାରିବେ। ଉଲ୍ଲେଖଯୋଗ୍ୟ, ୨୦୨୨ରେ ଚାଟ୍‌ଜିପିଟି ଲୋକପ୍ରିୟ ହେବା ପରେ ନ୍ୟୁୟର୍କର ସରକାରୀ ସ୍କୁଲଗୁଡ଼ିକ ଏହାର ବ୍ୟବହାର ଉପରେ ସାମୟିକ ନିଷେଧ ଲଗାଇଥିଲେ। ପରେ ଏହି କଟକଣା ହଟାଯାଇ ଶିକ୍ଷାଦାନରେ ସହାୟତା ପାଇଁ ଏଆଇ ଆଧାରିତ ବ୍ୟବସ୍ଥା ବ୍ୟବହାର କରାଯାଇଥିଲା।

# ବାୟୁସେନା ଛାଡ଼ି ଘରୋଇ ବିମାନ କମ୍ପାନୀରେ ଯୋଗଦେଲେ ଅଭିନନ୍ଦନ



ନୂଆଦିଲ୍ଲୀ, ୩୧୯ (ଏଜେନ୍ସି): ୨୦୧୯ର ବାଲାକୋଟ୍ ପରବର୍ତ୍ତୀ ଯୁଦ୍ଧରେ ପାକିସ୍ତାନୀ ଏଫ୍-୧୬ ଯୁଦ୍ଧବିମାନକୁ ଖସାଇ ଚର୍ଚ୍ଚାକୁ ଆସିଥିବା ଭାରତୀୟ ବାୟୁସେନାର ପୂର୍ବତନ ଗ୍ରୁପ୍ କ୍ୟାପ୍ଟେନ୍ ତଥା ବୀର ଚକ୍ର ପୁରସ୍କାରପ୍ରାପ୍ତ ଅଭିନନ୍ଦନ ବର୍ତ୍ତମାନ ଏବେ ନୂଆ ଇନିଂସ ଆରମ୍ଭ କରି ଏକ ଘରୋଇ ବିମାନ ସେବାରେ ଯୋଗ ଦେଇଛନ୍ତି। ସୂଚନା ଅନୁସାରେ, ଗୋଆ ଭିତ୍ତିକ ଆଞ୍ଚଳିକ ବିମାନ କମ୍ପାନୀ ଫ୍ଲାଇ୯୧ରେ ସେ ପାଇଲଟ୍ ଭାବେ ଯୋଗ ଦେଇଛନ୍ତି। ୪୩ ବର୍ଷୀୟ ଅଭିନନ୍ଦନ ଚଳିତ ବର୍ଷ ମାର୍ଚ୍ଚରେ ଭାରତୀୟ ବାୟୁସେନାରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଅବସର ନେଇଥିଲେ। ଅବସର ପରେ ଅଗଷ୍ଟ ମାସରେ ସେ ଫ୍ଲାଇ୯୧ରେ ଯୋଗ ଦେଇଥିବା ସୂଚନା ମିଳିଛି। ତେବେ କମ୍ପାନୀରେ ତାଙ୍କ ନିର୍ଦ୍ଦିଷ୍ଟ ଦାୟିତ୍ୱ କିମ୍ବା କେଉଁ ବିମାନ ଚଳାଇବେ, ସେନେଇ ତତ୍କାଳ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ୨୦୧୯ ଫେବ୍ରୁଆରୀ ୨୬ରେ ବାଲାକୋଟ୍‌ରେ ଜୈଶ-ଏ-ମହମ୍ମଦର ଶିବିର ଉପରେ ଭାରତୀୟ ବାୟୁସେନାର ଆକ୍ରମଣ ପରେ ଫେବ୍ରୁଆରୀ ୨୭ରେ ଭାରତ ଓ ପାକିସ୍ତାନର ଯୁଦ୍ଧବିମାନ ମଧ୍ୟରେ ଆକାଶଯୁଦ୍ଧ ହୋଇଥିଲା। ସେତେବେଳେ ୱିଙ୍ଗ୍ କମାଣ୍ଡର୍ ଥିବା ଅଭିନନ୍ଦନ ମିଗ୍-୨୧ ବାଇସନ୍ ବିମାନରେ ପାକିସ୍ତାନୀ ଏଫ୍-୧୬ ସହ ମୁକାବିଲା କରିଥିଲେ। ଭାରତୀୟ ବାୟୁସେନାର ଦାବି ଅନୁଯାୟୀ, ସେ ଏଫ୍-୧୬କୁ ଖସାଇବା ପରେ ତାଙ୍କ ମିଗ୍-୨୧ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ତିବ୍ବତୀୟ ମାଳଭୂମିରେ ଅସ୍ଥିର ହେଉଛି ହିମବାହ

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି): ତିବ୍ବତୀୟ ମାଳଭୂମୀରେ ହିମବାହଗୁଡ଼ିକ ଆଗାମୀ ବର୍ଷଗୁଡ଼ିକରେ ଆହୁରି ଅସ୍ଥିର ହୋଇପାରେ। ଫଳରେ ହିମବାହ ଧସିବା, ଭୂସ୍ଖଳନ ଓ ହଠାତ୍ ବନ୍ୟା ଭଳି ବିପର୍ଯ୍ୟୟର ଆଶଙ୍କା ବଢ଼ିପାରେ ବୋଲି ଚୀନ୍‌ର ଜଣେ ବରିଷ୍ଠ ଜଳବାୟୁ ଅଧିକାରୀ ଚେତାବନୀ ଦେଇଛନ୍ତି। ଅଗଷ୍ଟ ୨୬ରେ ନେପାଳ-ତିବ୍ବତ ସୀମା ନିକଟରେ ଘଟିଥିବା ବରଫ ଓ ପଥର ଧସିବା ଘଟଣା ପରେ ଏହି ଚେତାବନୀ ଆସିଛି। ଏହି ଘଟଣାରୁ ସୃଷ୍ଟି ହୋଇଥିବା ହଠାତ୍ ବନ୍ୟା ନେପାଳର ଉତ୍ତର ଓ ମଧ୍ୟ ଅଞ୍ଚଳର ଅନେକ ସହର ଓ ଗାଁକୁ ପ୍ରଭାବିତ କରିଥିଲା।

ଚୀନ୍‌ର ଜାତୀୟ ଜଳବାୟୁ କେନ୍ଦ୍ରର ଉପନିର୍ଦ୍ଦେଶକ ଗାଓ ରୋଙ୍ଗ କହିଛନ୍ତି ଯେ ଗତ ୬୦ ବର୍ଷରେ ତିବ୍ବତୀୟ ପ୍ଲାଟୋର ହିମବାହ ଅଞ୍ଚଳ ପ୍ରାୟ ୨୪ ପ୍ରତିଶତ କମିଛି। ଏହି ସମୟରେ ପ୍ରାୟ ୭ହଜାର ଛୋଟ ହିମବାହ ସମ୍ପୂର୍ଣ୍ଣ ଭାବେ ଅଦୃଶ୍ୟ ହୋଇଯାଇଛି। ଆଗାମୀ ଦିନରେ ହିମବାହର ସ୍ଥିରତା ଆହୁରି ହ୍ରାସ ପାଇବା ସହ ବରଫଜନିତ ବିପର୍ଯ୍ୟୟ ବାରମ୍ବାର ଘଟିପାରେ ବୋଲି ସେ କହିଛନ୍ତି। ତିବ୍ବତର ଗ୍ୟିରୋଙ୍ଗ ବନ୍ଦର ଅଞ୍ଚଳରେ ଘଟିଥିବା ଏହି ବିପର୍ଯ୍ୟୟରେ ଚୀନ୍ ପକ୍ଷରୁ ୨୧ ଜଣଙ୍କ ମୃତ୍ୟୁ ଓ ୫୪୧ ଜଣ ନିଖୋଜ ଥିବା କୁହାଯାଇଛି। ନିଖୋଜଙ୍କ ମଧ୍ୟରେ ୨୬୧ ଜଣ ବିଦେଶୀ ନାଗରିକ ଥିବା ବେଳେ ସେମାନଙ୍କ ମଧ୍ୟରେ ୪୯ ଜଣ ଭାରତୀୟ ଥିବା ଜଣାପଡ଼ିଛି। ନେପାଳରେ ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୧,୨୫୨ରେ ପହଞ୍ଚିଥିବା ରିପୋର୍ଟରେ କୁହାଯାଇଛି। ଚୀନ୍‌ର ବୈଜ୍ଞାନିକ ଗବେଷଣା ଅନୁଯାୟୀ, ହିମବାହ ଧସିବା ପରେ ସୃଷ୍ଟି ହୋଇଥିବା କାଦୁଅ ଓ ପଥରର ପ୍ରବାହ ପ୍ରାୟ ୨୨ କିଲୋମିଟର ଉପତ୍ୟକା ଦେଇ ମାତ୍ର ୭ ମିନିଟ୍‌ରେ ଗ୍ୟାରୋଙ୍ଗ ବନ୍ଦରରେ ପହଞ୍ଚିଥିଲା। ତଳକୁ ଗତି କରିବା ସମୟରେ ଏହା ନଦୀଶଯ୍ୟା ଓ କୂଳରୁ ଅଧିକ ପଥର, ମାଟି ଓ ଅବଶିଷ୍ଟ ସାମଗ୍ରୀକୁ ନିଜ ସହ ମିଶାଇ ନେଇଥିଲା। ଫଳରେ ଆରମ୍ଭର ଧସିବା ତୁଳନାରେ ବିପର୍ଯ୍ୟୟର ପରିମାଣ ବହୁଗୁଣ ବଢ଼ିଯାଇଥିଲା। ବୈଜ୍ଞାନିକମାନେ କହିଛନ୍ତି, ଭବିଷ୍ୟତରେ ଏଭଳି ବିପଦ ଆକଳନ କରିବା ସମୟରେ କେବଳ ପାହାଡ଼ରୁ କେତେ ପରିମାଣର ବରଫ କିମ୍ବା ପଥର ଧସିଲା ତାହା ଦେଖିଲେ ହେବ ନାହିଁ। ତଳକୁ ଯିବା ସମୟରେ ଆଉ କେତେ ପରିମାଣର ମାଟି ଓ ଅବଶିଷ୍ଟ ଏଥିରେ ମିଶିପାରେ ଏବଂ ତଳ ଅଞ୍ଚଳର ଜନବସତି ଓ ଭିତ୍ତିଭୂମି କେତେ ପ୍ରଭାବିତ ହୋଇପାରେ, ତାହାକୁ ମଧ୍ୟ ବିଚାର କରିବା ଆବଶ୍ୟକ। ଗବେଷକମାନେ ଆହୁରି କହିଛନ୍ତି ଯେ ଉପଗ୍ରହ ତଥ୍ୟ, ଭୂମିସ୍ତରୀୟ ନିରୀକ୍ଷଣ ଓ ଆଧୁନିକ ପୂର୍ବାନୁମାନ ପ୍ରଣାଳୀକୁ ଏକାଠି କରିବା ଆବଶ୍ୟକ।

**ପୁଣି ବିପର୍ଯ୍ୟୟ ସୃଷ୍ଟି କରିପାରେ**



# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅବରୁଦ୍ଧ

## ସୁରକ୍ଷା କରିଡରରେ ବେଆଇନ ନିର୍ମାଣ

ପୁରୀ,୩।୯(ସମିସ): ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା ସୁବିଧା ପ୍ରଦାନ ଲକ୍ଷ୍ୟରେ ପୂର୍ବର ବିଜେଡି ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ। ବହୁ ବାଧାବିଘ୍ନ ସତ୍ତ୍ୱେ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଜମି ଅଧିଗ୍ରହଣ ହୋଇଥିଲା। ମେଘନାଦ ପାଚେରିଠାରୁ ୭୫ ମିଟର ପରିଧି ମଧ୍ୟରେ ଥିବା ସମସ୍ତ ଘରୋଇ ଏବଂ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଛେଦ କରାଯାଇ ଛିଡ଼ା ହୋଇଛି ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ। ଫଳସ୍ୱରୂପ

### ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନ

ପୂର୍ବପରି ମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା କରିବା ପାଇଁ ଆଉ ଅସୁବିଧା ହେଉନି। ଖୋଲା ଜାଗାରେ ବସି ମହାପ୍ରଭୁଙ୍କୁ ନିଜ ମନ କଥା ଜଣାଉଛନ୍ତି ଭକ୍ତ। ବଡ଼ଦେଉଳ ଚତୁଃପାର୍ଶ୍ୱର ଯେ କୌଣସି ଜାଗାରେ ଠିଆ ହୋଇ ଅବା ବସି ନୀଳଚକ୍ରରେ ବାନା ପରିବର୍ତ୍ତନର ଅପୂର୍ବ ଦୃଶ୍ୟ ଉପଭୋଗ କରୁଛନ୍ତି। ଏଥିସହ ରଥଯାତ୍ରା, ସୁନାବେଶ ଭଳି ବଡ଼ ବଡ଼ ପର୍ବପର୍ବାଣି ସମୟରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ଓ ଯାତାୟାତ ପରିଚାଳନାରେ ମଧ୍ୟ ପରିକ୍ରମା ମାର୍ଗର ଗୁରୁତ୍ୱ ବଢ଼ିଛି। ତେବେ ସରକାର ପରିବର୍ତ୍ତନ ପରେ ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ଧୀରେ ଧୀରେ ଅବହେଳିତ ହେଉଥିବା ଅଭିଯୋଗ ଉଠିଛି। ନିୟମିତ ରକ୍ଷଣାବେକ୍ଷଣ ଅଭାବରୁ ପରିକ୍ରମା ମାର୍ଗର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବା ସହ ଏବେ ସୁରକ୍ଷା କରିଡର ମଧ୍ୟରେ ବେଆଇନ ନିର୍ମାଣର ଅଭିଯୋଗ ଆସିଛି।

ଉତ୍ତରଦ୍ୱାର ଲକ୍ଷ୍ମୀ ବଜାର ନିକଟରେ ପରିକ୍ରମା ମାର୍ଗକୁ ଜବରଦଖଲ କରି ଇଟାର କାନ୍ଥ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରିକ୍ରମା ମାର୍ଗର ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା ପାଇଁ ତୁରନ୍ତ ଏହି ନିର୍ମାଣକୁ ଯାଞ୍ଚ କରି ଆଇନସମ୍ମତ



ଭାବେ ହଟାଇବାକୁ ଦାବି ହୋଇଛି। ପ୍ରତିଦିନ ଶ୍ରୀମନ୍ଦିରକୁ ବହୁ ଅଧିକାରୀ ଯାତାୟାତ କରୁଛନ୍ତି। ମାଳମାଳ ସୁରକ୍ଷା କର୍ମୀ ମଧ୍ୟ ନିୟୋଜିତ ରହୁଛନ୍ତି। ଏହା ସତ୍ତ୍ୱେ କରିଡର ପାଇଁ ଅଧିକୃତ ଜମିରେ ନିର୍ମାଣ ହେଉଥିବା ନେଇ କାହାର ଦୃଷ୍ଟି କାହିଁକି ପଡ଼ିଲା ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନର ଉଚ୍ଛେଦ ଟିମ୍ ପକ୍ଷରୁ ଏହାକୁ ରୋକିବା ଲାଗି ତତ୍କାଳ ପଦକ୍ଷେପ ନିଆଯାଇ ନ ଥିବା ନେଇ ମଧ୍ୟ କ୍ଷୋଭ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ହେକ୍ଟର ମିଶ୍ର କହିଛନ୍ତି, ଗତ ବର୍ଷେ ଦୁଇ ବର୍ଷ ମଧ୍ୟରେ ପରିକ୍ରମା ମାର୍ଗର ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ୭୫ ମିଟର ପରିଧି ମଧ୍ୟରେ ଘରୋଇ ନିର୍ମାଣ ନ କରିବା ଓ ମନୋମୁଖୀ କାର୍ଯ୍ୟ ନ କରିବା ଭଳି ନିୟମ ରହିଥିଲା। କିନ୍ତୁ ଏବେ ବିଭିନ୍ନ ବେନିୟମ କାର୍ଯ୍ୟ ହେଉଛି। ବିଜ୍ଞାପନ ବୋର୍ଡ ଲଗାଯିବା, ଘର ନିର୍ମାଣ, ବେଆଇନ ପାର୍କିଂ ଓ ବ୍ୟବସାୟ ଭଳି କାର୍ଯ୍ୟ ଚାଲିଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ମତରେ, ପରିକ୍ରମା ପ୍ରକଳ୍ପ କେବଳ ଏକ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ନୁହେଁ; ଏହା ଶ୍ରୀମନ୍ଦିରର ସୁରକ୍ଷା, ଭକ୍ତଙ୍କ ସୁବିଧା ଓ ଶ୍ରୀକ୍ଷେତ୍ରର ଭାବମୂର୍ତ୍ତି ସହ ଜଡ଼ିତ। ତେଣୁ ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପ୍ରତି ପ୍ରଶାସନ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

ପୂର୍ବତନ ନଗରପାଳ ସବ୍ୟସାଚୀ ମହାପାତ୍ର କହିଛନ୍ତି, ପୂର୍ବ ସରକାରଙ୍କ ସମୟରେ ଜମି ଅଧିଗ୍ରହଣ କରିବା ସହ ଲୋକଙ୍କୁ କ୍ଷତିପୂରଣ ଦିଆଯାଇ ପରିକ୍ରମା ମାର୍ଗ ନିର୍ମାଣ କରାଯାଇଥିଲା। ଏଥିପାଇଁ ସରକାର ବିପୁଳ ଅର୍ଥ ବ୍ୟୟ କରିଥିଲେ। ବର୍ତ୍ତମାନ ସରକାର ପରିକ୍ରମା ମାର୍ଗର ଉନ୍ନତି ପାଇଁ ଟଙ୍କାଟିଏ ଖର୍ଚ୍ଚ କରି ନ ଥିବାବେଳେ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଗୁରୁତ୍ୱ ଦେଉନାହାନ୍ତି। ପୂର୍ବ ସରକାର ଯେଉଁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରି, କ୍ଷତିପୂରଣ ଦେଇ ଏକ ବୃହତ୍ ଭିତ୍ତିଭୂମି ତିଆରି କରିଥିଲେ, ତାହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଏବେ ସରକାରଙ୍କ ପ୍ରାଥମିକତା ହେବା ଦରକାର। ଏ ପରିସ୍ଥିତିରେ କରିଡର ଭିତରେ ବେଆଇନ ନିର୍ମାଣ ହେବା ଅତ୍ୟନ୍ତ ଦୁଃଖଦ ଓ ଲଜ୍ଜାଜନକ ବୋଲି ସେ ମତ ଦେବା ସହ ତୁରନ୍ତ ଏହାକୁ ଉଚ୍ଛେଦ ଦାବି କରିଛନ୍ତି।

ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି ଯେ ଏହି ନିର୍ମାଣ ସମ୍ପର୍କରେ ପ୍ରଶାସନ ଖବର ପାଇଛି। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କୁ ମଧ୍ୟ ଅବଗତ କରାଯାଇଛି। ସେ ଆଇନଗତ ପଦକ୍ଷେପ ନେବେ। ଯଦି ନିର୍ମାଣଟି ବେଆଇନ ଭାବେ ହୋଇଥାଏ ଏବଂ ସମ୍ପୃକ୍ତ ନିର୍ମାଣକାରୀଙ୍କର ଆଇନଗତ ଭାବେ ଉକ୍ତ ଜମି ଉପରେ ଅଧିକାର ନ ଥାଏ, ତେବେ ନିର୍ମାଣକୁ ଉଚ୍ଛେଦ କରାଯିବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବ୍ୟୟ ହୋଇଥିବା ବିପୁଳ ସରକାରୀ ଅର୍ଥ, ଅଧିଗ୍ରହଣ ହୋଇଥିବା ଜମି ଓ ଏହାର ମୂଳ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି କରିଡରର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଉପରେ ପ୍ରଶାସନ ତୁରନ୍ତ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନଚେତ ବହୁ ତ୍ୟାଗ ଓ ବିପୁଳ ଅର୍ଥ ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

---

### ବିଜେପିକୁ ପୁଣି ନିଶାଣ କଲା ବିଜେଡି

# ଜାତୀୟ ସ୍ୱାର୍ଥ ନାମରେ ଓଡ଼ିଶାର ସ୍ୱାର୍ଥକୁ ଛଡ଼ାଇ ନିଆଯାଇପାରିବ ନାହିଁ

ଭୁବନେଶ୍ୱର,୩।୯(ସମିସ): ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନର ସଂଶୋଧନକୁ ନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରି ଆସୁଛି ବିଜେଡି। ରାଜ୍ୟସ୍ୱାର୍ଥ ବିରୋଧୀ ଏହି ସଂଶୋଧନ ଆଇନକୁ ଓଡ଼ିଶାରୁ ନିର୍ବାଚିତ ୨୦ ସାଂସଦ ବିନା ବିରୋଧରେ ସମର୍ଥନକୁ ନେଇ ସାରା ରାଜ୍ୟରେ ବିରୋଧ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ବିଜେଡି ସାଧାରଣ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ବିଜେପି ସାଂସଦ ଓ ରାଜ୍ୟ ବିଜେପି ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଓଡ଼ିଶା ସବୁବେଳେ ଦେଶ ପାଇଁ ଠିଆ ହୋଇଛି; ଦେଶ ପାଇଁ ଓଡ଼ିଶାର ଲୋକମାନେ ଅନେକ ବଳିଦାନ ଦେଇଛନ୍ତି। ଦଶନ୍ଧି ଦଶନ୍ଧି ଧରି ଓଡ଼ିଶାର ଖଣିଜ ସମ୍ପଦ ଭାରତର ଶିଳ୍ପ ଓ ଆର୍ଥିକ ପ୍ରଗତିକୁ ଶକ୍ତି ଯୋଗାଇ ଆସିଛି। ମାତ୍ର "ଜାତୀୟ ସ୍ୱାର୍ଥ' ନାମରେ ଓଡ଼ିଶାର ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନିଆଯିବା ସମ୍ପୂର୍ଣ୍ଣ ଅନ୍ୟାୟ ଓ ଏହି ପ୍ରସଙ୍ଗରେ ବିଜେପିର ୨୦ ସାଂସଦ ରାଜ୍ୟକୁ ଧୋକା ଦେଇଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।




ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ ଓଡ଼ିଶା ପ୍ରତିବର୍ଷ ବାତ୍ୟା, ବନ୍ୟା, ମରୁଡି ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏହା ସତ୍ତ୍ୱେ ସ୍ୱତନ୍ତ୍ର ବର୍ଗ ରାଜ୍ୟ ମାନ୍ୟତା ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଓଡ଼ିଶା ନିଜର ବିକାଶ ଓ ବିପର୍ଯ୍ୟୟ ପ୍ରତିରୋଧ କ୍ଷମତା ବୃଦ୍ଧି ପାଇଁ ଅଧିକ ସମ୍ବଳ ଆବଶ୍ୟକ କରୁଛି, ସେତେବେଳେ ରାଜ୍ୟର ଖଣିଜ ସମ୍ପଦର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏବେ ନିଜ ଲୋକଙ୍କ ସଶକ୍ତିକରଣ ପାଇଁ ନିଜ ସମ୍ପଦରୁ ସମ୍ବଳ ଯୋଗାଡ଼ କରିବାର ଅଧିକାରରୁ ଓଡ଼ିଶାକୁ ବଞ୍ଚିତ କରାଯାଇପାରିବ ନାହିଁ। ଖଣିଜ ସମ୍ପଦ ସୀମିତ ଏବଂ ଏହାର ପୁନଃସୃଷ୍ଟି ସମ୍ଭବ ନୁହେଁ। ଆଉ ୨୦ କିମ୍ବା ୩୦ ବର୍ଷ ଖଣିଜ ଉତ୍ତୋଳନ ଚାଲିଲେ ଆମର ଅନେକ ଖଣିଜ ସମ୍ପଦ ଶେଷ ହୋଇଯାଇପାରେ। ଆମ ଭବିଷ୍ୟତ ପିଢ଼ି ପାଇଁ କ'ଣ ବାକି ରହିବ? ଓଡ଼ିଶାର ନୂତନ ପିଢ଼ି ଓ ଆଗାମୀ ପିଢ଼ି ଯଥା ଜେନ୍-ଜି ଓ ଜେନ୍-ଆର୍ଫାଙ୍କର ଭବିଷ୍ୟତ ପାଇଁ କେନ୍ଦ୍ର ସରକାର କ'ଣ ଗ୍ୟାରେଣ୍ଟି ଦେଇପାରିବେ ବୋଲି ଡ. ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି। ସେ ପୁଣି କହିଛନ୍ତି ଯେ ଏହି ପ୍ରସଙ୍ଗ କେବଳ ଆଜିର ରାଜସ୍ୱ ସମ୍ପର୍କିତ ନୁହେଁ ବରଂ ପିଢ଼ିଗତ ନ୍ୟାୟ ଓ ଓଡ଼ିଶାର ଭବିଷ୍ୟତ ଆର୍ଥିକ ସୁରକ୍ଷା ସହ ଜଡ଼ିତ। ଖଣିଜ ସମ୍ପଦର ଅତ୍ୟଧିକ ଉତ୍ତୋଳନ କରି ଆଗାମୀ ପିଢ଼ିକୁ ଖଣିଜବିହୀନ ଭବିଷ୍ୟତ ଦେବାକୁ ଓଡ଼ିଶା କେବେ ସ୍ୱୀକାର କରିପାରିବ ନାହିଁ। ଓଡ଼ିଶାର ବିଜେପି ସାଂସଦମାନଙ୍କ

- ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ପାଇଁ ଖଣିଜ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି
- ଅଣ ବିଜେପି ସରକାର ଥିଲେ ସମର୍ଥନ କରିଥାନ୍ତେ କି ବିଜେପି ସାଂସଦ

ନୀରବତାକୁ ନେଇ ପ୍ରଶ୍ନ ଉଠାଇ ସେ କହିଛନ୍ତି, ଯଦି କେନ୍ଦ୍ରରେ ଅଣ ବିଜେପି ସରକାର ଥାଆନ୍ତା ଏବଂ ସେହି ସରକାର "ଜାତୀୟ ସ୍ୱାର୍ଥ' ନାମରେ ଏହି ଖଣି ଓ ଖଣିଜ ଆଇନରେ ପରିବର୍ତ୍ତନ ଆଣିଥାଆନ୍ତା, ତେବେ ଓଡ଼ିଶାର ବିଜେପି ସାଂସଦ ମାନେ ଏଭଳି ନିରବ ରହିଥାଆନ୍ତେ କି? ସାଂସଦମାନେ ଓଡ଼ିଶାର ସ୍ୱାର୍ଥର ସୁରକ୍ଷା ପାଇଁ ନିର୍ବାଚିତ ହୋଇଛନ୍ତି ଏବଂ ରାଜ୍ୟର ସାମ୍ବିଧାନିକ ଓ ଆର୍ଥିକ ସ୍ୱାର୍ଥ ବିପଦରେ ଥିବାବେଳେ ସେମାନେ ନିରବ ରହିବା ନିନ୍ଦନୀୟ। ଦଳୀୟ ସ୍ୱାର୍ଥ ପାଇଁ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରାଯାଇ ପାରିବ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ଖଣି ଓ ଖଣିଜ ଆଇନର ପ୍ରସ୍ତାବିତ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ସ୍ପଷ୍ଟ ଭାବରେ ବ୍ୟାଖ୍ୟା ଦିଅନ୍ତୁ ଏବଂ ଓଡ଼ିଶାର ସାମ୍ବିଧାନିକ ଅଧିକାର, ଆର୍ଥିକ ସ୍ୱାର୍ଥ ଓ ଭବିଷ୍ୟତ ପିଢ଼ିର ସ୍ୱାର୍ଥ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିବା ନିଶ୍ଚିତ କରନ୍ତୁ। ଦେଶ ଗଢ଼ିବା ପାଇଁ ଓଡ଼ିଶା ନିଜର ଖଣିଜ ସମ୍ପଦ ଦେଇଆସିଛି। ଓଡ଼ିଶା ଆଗକୁ ମଧ୍ୟ ଭାରତ ସହ ଦୃଢ଼ ଭାବେ ଠିଆ ହେବ, କିନ୍ତୁ "ଜାତୀୟ ସ୍ୱାର୍ଥ' ନାମରେ ଓଡ଼ିଶାକୁ ନିଜ ଭବିଷ୍ୟତକୁ ବଳିଦାନ ଦେବାକୁ କୁହାଯାଇପାରିବ ନାହିଁ ବୋଲି ଡ. ସାମନ୍ତସିଂହାର କହିଥିଲେ।

---

## ପିଏସ୍ ରଣପିସେ ହେଲେ ସିଆଇଏସ୍ଏଫ୍ ସ୍ପେଶାଲ ଡିଜି

ଭୁବନେଶ୍ୱର,୩।୯(ସମିସ): ୧୯୯୫ ବ୍ୟାଚ ଓଡ଼ିଶା କ୍ୟାଡ଼ର ଆଇପିଏସ୍ ଅଫିସର ପିଏସ୍ ରଣପିସେ ସିଆଇଏସ୍ଏଫର ସ୍ପେଶାଲ ଡିଜି ଭାବେ ନିଯୁକ୍ତି ପାଇଛନ୍ତି। ସେ ପୂର୍ବରୁ ସିଆଇଏସ୍ଏଫ୍‌ରେ ଆଇଜି ଭାବେ କାର୍ଯ୍ୟରତ ଥିଲେ। ଗତ ଜୁନ୍ ୧୩ ତାରିଖରେ ତାଙ୍କର ଡିଜି ପାହ୍ୟାକୁ ପଦୋନ୍ନତି ହୋଇଥିଲା। ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ତାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଥିଲା। ଗୁରୁବାର କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ପକ୍ଷରୁ ତାଙ୍କୁ ସିଆଇଏସ୍ଏଫ୍‌ର ସ୍ପେଶାଲ ଡିଜି ଭାବେ ପଦୋନ୍ନତି ପ୍ରଦାନ କରିଛି।



---

### ଏସ୍ଏସ୍‌ବି ଅଧ୍ୟାପକ ନିଯୁକ୍ତି ମାମଲାରେ ସରକାର ରଖୁନାହାନ୍ତି ପକ୍ଷ

## ଅଢ଼େଇ ବର୍ଷ ଅପେକ୍ଷା କଲେଣି ୮୫ ହଜାର ଆଶାୟୀ

ଭୁବନେଶ୍ୱର, ୩।୯(ସମିସ): ନିଯୁକ୍ତି ପାଇଁ ଅଢ଼େଇ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୪ ମାର୍ଚ୍ଚ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଏବେଯାଏଁ ଆଶାୟୀମାନେ ପରୀକ୍ଷା ଦେଇପାରୁ ନାହାନ୍ତି। ନିଯୁକ୍ତି ବିଜ୍ଞପ୍ତିରେ ଧାର୍ଯ୍ୟ ମାନଦଣ୍ଡକୁ ନେଇ ହାଇକୋର୍ଟରେ ମାମଲା ହେବା ପରେ ଏବେଯାଏଁ ନିଯୁକ୍ତି ପ୍ରକ୍ରିୟା ଠପ୍ ହୋଇ ପଡ଼ି ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କୋର୍ଟରେ ସରକାର ନିଜର ପକ୍ଷ ରଖୁ ନାହାନ୍ତି। ତାରିଖ ପରେ ତାରିଖ ଗଡୁଥିବାବେଳେ ଆଶାୟୀମାନେ ନିଜର ଭବିଷ୍ୟତ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି।

ଏସ୍ଏସ୍‌ବି ଅଧ୍ୟାପକ ପାଇଁ ପ୍ରାୟ ୮୫ ହଜାର ଆଶାୟୀ ରହିଛନ୍ତି। ପାଖାପାଖି ୩ ବର୍ଷରୁ ଅଧିକ ସମୟ ହେଲା ସେମାନେ ପାଠ ପଢୁଥିଲେ ମଧ୍ୟ ନିଯୁକ୍ତି ପରୀକ୍ଷା ହେଉନାହିଁ। ମାମଲା କୋର୍ଟରେ ବିଚାରଧୀନ ଥିବା ଦର୍ଶାଇ ସରକାର ଧରାଛୁଆଁ ଦେଉ ନାହାନ୍ତି। ହେଲେ କୋର୍ଟରେ ଶୁଣାଣିବେଳେ ଆଡଭୋକେଟ୍ ଜେନେରାଲ୍ (ଏଜି) ଉପସ୍ଥିତ ରହୁ ନ ଥିବାରୁ ମାମଲାର ଶୁଣାଣି ହୋଇପାରୁ ନଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଏଣୁ ଆସନ୍ତା ୨୪ ତାରିଖରେ ହେବାକୁ

- ୨୦୨୪ ମାର୍ଚ୍ଚରେ ପ୍ରକାଶ ପାଇଥିଲା ବିଜ୍ଞପ୍ତି
- ଏଯାଏ ହୋଇପାରୁନାହିଁ ନିଯୁକ୍ତି ଲାଗି ପରୀକ୍ଷା

ଥିବା ଶୁଣାଣିବେଳେ ଏଜି ଉପସ୍ଥିତ ରହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଆଜି ଆଶାୟୀମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ସେହିପରି ନଭେମ୍ବର ମଧ୍ୟରେ ପରୀକ୍ଷା କରିବା ସହ ତ୍ୱରିତ ନିଯୁକ୍ତି ପ୍ରକ୍ରିୟା ସାରିବା ୨୦୧୬ରୁ ପ୍ରଚଳିତ ଯୋଗ୍ୟତା ମାନଦଣ୍ଡ ଓ ବ୍ୟବସ୍ଥା ଜାରି ରଖିବା, ଅନୁଦାନପ୍ରାପ୍ତ କଲେଜରେ ଅତିଥି ଅଧ୍ୟାପକ ବଦଳରେ ନିୟମିତ ନିଯୁକ୍ତି ସହ ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ କରିବା ପରି ୬ ଦଫା ଦାବି ରଖିଛନ୍ତି। ପୂର୍ବରୁ ଆଶାୟୀମାନେ ସମାନ ପ୍ରସଙ୍ଗରେ ଅନଶନରେ ବସିବା ସହ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛନ୍ତି। ମାତ୍ର କୌଣସି ସୁଫଳ ନ ମିଳିବାରୁ ଆସନ୍ତା ବିଧାନସଭା ସମୟରେ ସରକାରଙ୍କୁ ଘେରିବାକୁ ଯୋଜନା କରିଛନ୍ତି। ସରକାର କାହିଁକି କୋର୍ଟରେ ପକ୍ଷ ରଖୁ ନାହାନ୍ତି ଓ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଆଶାୟୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ସମସ୍ତ ଦାବି ଉପରେ ତ୍ୱରିତ ପଦକ୍ଷେପ ନ ନେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପରମେଶ୍ୱର ବଳଙ୍କ ସମେତ ବହୁ ଆଶାୟୀ ଦାବି କରିଛନ୍ତି।

---

## ମୂଳ ନିଯୁକ୍ତି ତାରିଖରୁ ନିୟମିତ ହେବେ ୨ ହଜାର କନିଷ୍ଠ ଯନ୍ତ୍ରୀ

କଟକ, ୩।୯(ସମିସ): ଡିଆରଡିଏରେ ପ୍ରଥମେ ନିଯୁକ୍ତି ପାଇ ପରବର୍ତ୍ତୀ ସମୟରେ ପଞ୍ଚାୟତିରାଜ ବିଭାଗର ଡିପ୍ଲୋମା ଇଂଜିନିୟର କ୍ୟାଡରରେ ଅନ୍ତର୍ଭୁକ୍ତ ହୋଇଥିବା ୨ ହଜାରରୁ ଅଧିକ କନିଷ୍ଠ ଯନ୍ତ୍ରୀ ମୂଳ ନିଯୁକ୍ତି ତାରିଖରୁ ଚାକିରି ନିୟମିତ ସୁବିଧା ପାଇବେ। ଦୀର୍ଘ ବର୍ଷ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟକରି ୨୦୧୫ରେ ଚାକିରି ନିୟମିତ ସୁବିଧା ପାଇଥିବା ଏହି ଯନ୍ତ୍ରୀଙ୍କ ପ୍ରସଙ୍ଗରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଡିପ୍ଲୋମା ଇଂଜିନିୟର କ୍ୟାଡରରେ ଅନ୍ତର୍ଭୁକ୍ତ ହେବା ଦିନରୁ ହିଁ ନିୟମିତ କରାଯିବା ସଂପର୍କିତ ସରକାରଙ୍କ ଗତ ୨୦୧୫ ଅଗଷ୍ଟ ୨୦ର ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସନ୍ତୋଷ କୁମାର ନନ୍ଦ ଓ ଅନ୍ୟ ୧୫ ଜଣଙ୍କ ତରଫରୁ ଦାୟର ପୃଥକ ମାମଲାର ଏକତ୍ର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ରାୟ ପ୍ରଦାନ କରିଛନ୍ତି। ଡିଆରଡିଏରେ ମୂଳ ନିଯୁକ୍ତି ତାରିଖରୁ ଆବେଦନକାରୀ କନିଷ୍ଠ ଯନ୍ତ୍ରୀ ସରକାରଙ୍କ ଅଧୀନରେ ନିୟମିତ ସେବାରେ ଥିଲେ ବୋଲି ଗ୍ରହଣ କରାଯିବ। ପେନସନ ପ୍ରସଂଗରେ ଆବେଦନକାରୀଙ୍କ ଅତୀତର ସେବା ଅବଧିକୁ ବିଚାରକୁ ନିଆଯିବ। ଅନ୍ୟ ସରକାରୀ ବିଭାଗ ଓ ଅଣ୍ଡରଟେକିଂଗୁଡିକରେ ନିୟମିତ ନିଯୁକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଭଳି ଆବେଦନକାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

### ରାଜ୍ୟ ସରକାରଙ୍କ ନିଷ୍ପତ୍ତି ହାଇକୋର୍ଟରେ ରଦ୍ଦ

ମାମଲାରୁ ପ୍ରକାଶ ଯେ ସରକାରଙ୍କ ଅନୁମୋଦିତ କନିଷ୍ଠ ଯନ୍ତ୍ରୀ (ସିଭିଲ) ପ୍ୟାନେଲରୁ ଡିଆରଡିଏରେ ଆବେଦନକାରୀ କନିଷ୍ଠ ଯନ୍ତ୍ରୀଙ୍କୁ ୧୯୯୬ରୁ ୨୦୦୦ ମଧ୍ୟରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ୨୦୧୫, ଅଗଷ୍ଟ ୨୦ରେ ସରକାର ଏକ ବିଜ୍ଞପ୍ତି ଜାରି କରି ପଞ୍ଚାୟତିରାଜ ବିଭାଗର ଡିପ୍ଲୋମା ଇଂଜିନିୟରିଂ କ୍ୟାଡରେ ଆବେଦନକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ସହିତ ଚାକିରି ନିୟମିତ କରିଥିଲେ। ଡିଆରଡିଏରେ ନିଯୁକ୍ତିର ମୂଳ ତାରିଖରୁ ଚାକିରି ନିୟମିତ ସମ୍ପର୍କରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ହାଇକୋର୍ଟରେ ୨୦୨୦ରେ ଏକାଧିକ ମାମଲା ରୁଜୁ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ତନ୍ମୟ ମିଶ୍ର ସହାୟତା କରୁଥିଲେ।

---

## ଓଡ଼ିଶାର ୧୪ ବରିଷ୍ଠ ଅଧିକାରୀଙ୍କୁ ଆଇଏଏସ୍ ପଦୋନ୍ନତି

ଭୁବନେଶ୍ୱର,୩।୯(ସମିସ): ଓଡ଼ିଶାର ରାଜ୍ୟ ସିଭିଲ୍ ସର୍ଭିସ (ଓସିଏସ୍)ର ୧୪ ଜଣ ଅଧିକାରୀଙ୍କୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)କୁ ପଦୋନ୍ନତି ମିଳିଛି। ଭାରତୀୟ ପ୍ରଶାସନିକ ସେବା (ନିଯୁକ୍ତି) ନିୟମ, ୧୯୫୪ର ନିୟମ ୮(୧) ଏବଂ ଆଇଏଏସ୍ (ନିଯୁକ୍ତି ଦ୍ୱାରା ପଦୋନ୍ନତି) ନିୟମାବଳୀ, ୧୯୫୫ର ନିୟମାନୁଯାୟୀ ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି ଦିଆଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ମନ୍ତ୍ରଣାଳୟ ଅଧୀନ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ, ୨୦୨୫ ଚୟନ ତାଲିକାରେ ଓଡ଼ିଶା କ୍ୟାଡର ପାଇଁ ଏହି ଅଧିକାରୀମାନଙ୍କୁ ଆଇଏଏସ୍‌ରେ ନିଯୁକ୍ତି ଦିଆଯାଇଛି। ୨୦୨୫ ଜାନୁଆରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ସୃଷ୍ଟି ହୋଇଥିବା ଖାଲି ପଦବି ଆଧାରରେ ଏହି ଚୟନ ତାଲିକା ପ୍ରସ୍ତୁତ ହୋଇଥିବା ଦର୍ଶାଯାଇଛି। ଆଇଏଏସ୍‌ରେ ପଦୋନ୍ନତି ପାଇଥିବା ଅଧିକାରୀମାନେ ହେଲେ ସୂର୍ଯ୍ୟ ନାରାୟଣ ଦାଶ, ସୁମିତା ସରକାର, ବାଳମୁକୁନ୍ଦ ଭୂୟାଁ, ସୌଦାମିନୀ ସେଠୀ, ମଧୁମିତା ନାୟକ, ଜ୍ୟୋତିର୍ମୟୀ ପ୍ରଧାନ, ମଧୁମିତା ନାୟକ(୨), ବବିତା ମହାନ୍ତି, ଅନୁଜ କୁମାର ଦାସ ପଟ୍ଟନାୟକ, ଜ୍ୟୋତିରଞ୍ଜନ ମିଶ୍ର, ସୁରେନ୍ଦ୍ର କୁମାର ପଣ୍ଡା, ଶୁଭ୍ରା ମହାନ୍ତି, ସଂଘମିତ୍ରା ଶତପଥୀ ଏବଂ ହିମାଂଶୁ ଶେଖର ବେହେରା। ପ୍ରୋବେସନ୍‌ରେ ଥିବା ଏହି ବରିଷ୍ଠ ରାଜ୍ୟ ପ୍ରଶାସନିକ ସେବା ଅଧିକାରୀଙ୍କୁ ଆଇଏଏସ୍‌କୁ ପଦୋନ୍ନତି ଦିଆଯାଇ ଓଡ଼ିଶା କ୍ୟାଡର ବଣ୍ଟନ କରାଯାଇଛି।

---

### ■ ପେଟ୍ରୋଲ ଢାଳି ପତ୍ନୀଙ୍କୁ ନିଆଁ ଲଗାଇବା ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀ ମୃତ; ସ୍ୱାମୀ ଗିରଫ

ପୁରୀ,୩।୯(ସମିସ): ପାରିବାରିକ ବିବାଦକୁ କେନ୍ଦ୍ର କରି ପତ୍ନୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ସ୍ୱାମୀ ବିକ୍ରମ ମଲ୍ଲିକଙ୍କୁ ଗିରଫ କରିଛି। ଚିକିତ୍ସାଧୀନ ଅବସ୍ଥାରେ ପତ୍ନୀ ସରୋଜିନୀ ମଲ୍ଲିକଙ୍କ ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ସିକନ୍ ଗୋଛାୟତଙ୍କ ଲିଖିତ ଅଭିଯୋଗ ଆଧାରରେ କୁମ୍ଭାରପଡ଼ା ଥାନାରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁସାରେ, ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ଅଲାମଚଣ୍ଡୀ ଲେନ୍‌ସ୍ଥିତ ଘରେ ସ୍ୱାମୀ ବିକ୍ରମଙ୍କ ସହ ପତ୍ନୀ ସରୋଜିନୀଙ୍କର ପାରିବାରିକ ବିବାଦକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏହାପରେ ବିକ୍ରମ ସରୋଜିନୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିବା ପୁଲିସ ଦର୍ଶାଇଛି।

---

### ପେପରଲେସ୍ ଜମି ପଞ୍ଜୀକରଣକୁ ଗୁରୁତ୍ୱ

## ଚାରି ପୃଷ୍ଠାରେ ସୀମିତ ରହିବ ଦଲିଲ୍

ଭୁବନେଶ୍ୱର,୩।୯(ସମିସ): ରାଜ୍ୟରେ ପଞ୍ଜୀକରଣ ବ୍ୟବସ୍ଥାକୁ ଅଧିକ ପାରଦର୍ଶୀ, ସରଳ, ଦ୍ରୁତ ଓ ନାଗରିକକେନ୍ଦ୍ରିକ କରାଯିବ। 'ପେପରଲେସ୍ ଡିଡ୍ ରେଜିଷ୍ଟ୍ରେସନ' ବ୍ୟବସ୍ଥା ମାଧ୍ୟମରେ ନାଗରିକମାନେ ଅଧିକ ସୁବିଧାରେ ପଞ୍ଜୀକରଣ ସେବା ପାଇପାରିବେ। ଭୂ-ରେକର୍ଡ ଓ ପଞ୍ଜୀକରଣ ରେକର୍ଡର ଡିଜିଟାଲ୍ ସମନ୍ୱୟ ଦ୍ୱାରା ସେବା ପ୍ରଦାନରେ ଦକ୍ଷତା ଓ ସ୍ୱଚ୍ଛତା ଆହୁରି ବୃଦ୍ଧି କରିବାକୁ ରାଜସ୍ୱ ବିଭାଗ ଜୋରାଦର ପ୍ରସ୍ତୁତି ଚଳାଇଛି। ଏହି ପେପରଲେସ୍ ଡିଡ୍ ରେଜିଷ୍ଟ୍ରେସନ୍ ବା ଦଲିଲ୍ ପଞ୍ଜୀକରଣ ବ୍ୟବସ୍ଥା ପ୍ରଚଳନ ପାଇଁ ପଞ୍ଜୀକରଣ ଆକ୍ଟ, ୧୯୦୮ରେ ଆବଶ୍ୟକ ସଂଶୋଧନ କରାଯିବ। ତେଣୁ ଏହି ସଂଶୋଧନ ପ୍ରସ୍ତାବ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା।

### ଅଧିନିୟମରେ ସଂଶୋଧନ ପ୍ରସ୍ତାବ ଉପରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

ବୈଠକ ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଏହି ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଆଇନରେ ବର୍ତ୍ତମାନ ବିଦ୍ୟମାନ ୮ଟି ଧାରାରେ ସଂଶୋଧନ ସହିତ ୯ଟି ନୂତନ ଧାରା ଯୋଡ଼ିବାର ପ୍ରସ୍ତାବ ରହିଛି। ଏହା ଅଧୀନରେ ବୈଦ୍ୟୁତିକ ବୁକ୍, ଦସ୍ତଖତ, ଓ ସିଲ୍‌କୁ ଆଇନଗତ ସ୍ୱୀକୃତି ଦିଆଯିବ। ପଞ୍ଜୀକୃତ ଦଲିଲର ଇଲେକ୍ଟ୍ରୋନିକ୍ ସଂରକ୍ଷଣ ଏବଂ ଇଲେକ୍ଟ୍ରୋନିକ୍ ପ୍ରତିଲିପି ତଥା ରେକଡର୍‌କୁ ଆଇନଗତ ମାନ୍ୟତା ଦେବାର ବ୍ୟବସ୍ଥା ମଧ୍ୟ ରହିଛି। ପଞ୍ଜୀକରଣ ପାଇଁ ଦଲିଲର ଇଲେକ୍ଟ୍ରୋନିକ୍ ଉପସ୍ଥାପନା, ନିର୍ଦ୍ଦିଷ୍ଟ ମାମଲାରେ ଇଲେକ୍ଟ୍ରୋନିକ୍ ଉପସ୍ଥିତି ଓ ତଦନ୍ତର ମଧ୍ୟ ବ୍ୟବସ୍ଥା କରାଯିବ। ପଞ୍ଜୀକରଣକୁ 'ୟୁପିଆଇଏନ୍' କିମ୍ବା ସରକାରୀ ଭୂ-ରେକର୍ଡ ସହିତ ସଂଯୁକ୍ତ ପରିଚୟ ସଂଖ୍ୟା ସହ ଲିଙ୍କ୍ କରିବାର ବ୍ୟବସ୍ଥା ରହିବ। ନୂତନ ବ୍ୟବସ୍ଥାରେ ନାଗରିକଙ୍କ ସମ୍ମତିକ୍ରମେ ଆଧାର ମାଧ୍ୟମରେ ଇଲେକ୍ଟ୍ରୋନିକ୍ ପରିଚୟ ଯାଞ୍ଚର ସୁବିଧା ରହିବ। ତେବେ ଆଧାରକୁ ବାଧ୍ୟତାମୂଳକ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଅଫ୍‌ଲାଇନ୍ ଭେରିଫିକେସନ୍ ଅନ୍ୟ ନିର୍ଦ୍ଦିଷ୍ଟ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ମଧ୍ୟ ପରିଚୟ ଯାଞ୍ଚ କରାଯାଇପାରିବ। ପଞ୍ଜୀକରଣ ରେକର୍ଡ, ଲ୍ୟାଣ୍ଡ ରେକର୍ଡ ଓ ମ୍ୟୁଟେସନ୍ ରେଜିଷ୍ଟ୍ରାର ମଧ୍ୟରେ ସମନ୍ୱୟ କରି ମ୍ୟୁଟେସନ୍ ପ୍ରକ୍ରିୟାକୁ ମଧ୍ୟ ଇଲେକ୍ଟ୍ରୋନିକ୍ ଭାବେ ଆରମ୍ଭ ଓ ସମାପ୍ତ କରିବାର ବ୍ୟବସ୍ଥା ରହିବ। ଏଥିସହିତ ଇଲେକ୍ଟ୍ରୋନିକ୍ ରେକର୍ଡର ସଂରକ୍ଷଣ, ଆର୍କାଇଭିଂ, ସାଇବର ସୁରକ୍ଷା ପାଇଁ ମଧ୍ୟ ଆଇନଗତ ବ୍ୟବସ୍ଥା କରାଯିବ।

---

### ସତ୍ୟବାଦୀରେ ବଢ଼ିଲା ରାଜନୈତିକ ତାତି

# ଓମ୍‌ପ୍ରକାଶଙ୍କୁ ଚେକ୍ ଦେବାକୁ ଗୋଟିଚାଳନା !

ପୁରୀ,୩।୯(ସମିସ): ୨୦୨୪ ସାଧାରଣ ନିର୍ବାଚନରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇଥିବା ମନୋଜ କୁମାର ରଥ ବିଜେପିରେ ସାମିଲ ହେବା ପରେ ସତ୍ୟବାଦୀରେ ବଢ଼ିଛି ରାଜନୈତିକ ତାତି। ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ବିରୋଧ ସତ୍ତ୍ୱେ ତାଙ୍କୁ କୁଆଡ଼େ ଦଳରେ ସାମିଲ କରାଯାଇଥିବା ଚର୍ଚ୍ଚା ଚାଲିଥିବାରୁ ଆଗାମୀ ଦିନରେ ଓମପ୍ରକାଶଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ମଧ୍ୟ ଯାବତୀୟ ଚର୍ଚ୍ଚା ଆରମ୍ଭ ହୋଇଛି। ମନୋଜଙ୍କ ପିତା ସ୍ୱର୍ଗତ ବିଶ୍ୱନାଥ ରଥ ବିଜେପିର ଜଣେ ପୁରୁଣା ନେତା ଥିଲେ ଓ ଏକାଧିକଥର ବିଜେପି ଟିକେଟ୍‌ରେ ନିର୍ବାଚନ ଲଢ଼ିଥିଲେ। ମନୋଜ ପୂର୍ବରୁ ଗୋବର୍ଦ୍ଧନ ମଠର ମୁଖପାତ୍ର ଭାବେ କାର୍ଯ୍ୟ କରୁଥିଲେ ଓ ୨୦୨୪ ନିର୍ବାଚନ ପୂର୍ବରୁ ସେ କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗଦେଇ ସତ୍ୟବାଦୀରୁ ଦଳୀୟ ପ୍ରାର୍ଥୀ ହୋଇଥିଲେ। ତେବେ ନିର୍ବାଚନର ଦୁଇବର୍ଷ ପରେ ମନୋଜଙ୍କ ରାଜନୈତିକ ଘର ବଦଳିବା ଘଟଣାକୁ ନେଇ ଏବେ ବିଭିନ୍ନ ଚର୍ଚ୍ଚା ଦାନା ବାନ୍ଧୁଛି ଓ ପୁରୀ ଜିଲ୍ଲାର ଆଉ ଏକ ବିଧାନସଭା କ୍ଷେତ୍ରରେ ବିଜେପିର ଗୋଷ୍ଠୀକନ୍ଦଳ ପଦାକୁ ଆସିଛି।

ନିମାପଡ଼ାରେ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଜେପି ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ତରାଇଙ୍କ ଗୋଷ୍ଠୀ ନିଜ ପ୍ରଭାବ ବଢାଇବାକୁ ଉଦ୍ୟମ କରୁଥିବା ବେଳେ ସେମାନଙ୍କୁ ସବୁଥିରେ କାଉଣ୍ଟର କରିଆସୁଛନ୍ତି ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ। ପ୍ରଭାତୀଙ୍କ ସହିତ ତାଙ୍କ ସମ୍ପର୍କ କିଭଳି ତାହା କେବଳ ପୁରୀ ଜିଲ୍ଲା ନୁହେଁ, ସାରା ରାଜ୍ୟ ଜାଣିଛି। ପ୍ରଭାତୀଙ୍କ ଉପରେ ଆକ୍ରୋଶ ରଖି ଦଳର ଭାବମୂର୍ତ୍ତିକୁ ବି ଅନେକଥର ବାଜିରେ ଲଗାଇଛନ୍ତି ସମୀର। ଯେଉଁଥିପାଇଁ ସେ ଏକପ୍ରକାର କୋଣଠେସା ହୋଇ ରହିଥିବା ଦଳୀୟ ଭିତରେ ଆଲୋଚନା ହେଉଛି। ପୁରୀରେ ବି ସ୍ଥିତି ଅନୁରୂପ। ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଭିନ୍ନ ଗୋଷ୍ଠୀରେ ଥିବାବେଳେ ସମୀରଙ୍କ ସହିତ ହାତ ମିଶାଇଛନ୍ତି। ଏମାନେ ଜିଲ୍ଲା ନେତୃତ୍ୱଙ୍କୁ ନ ମାନି ସମାନ୍ତରାଳ ଭାବେ ନିଜ ସଙ୍ଗଠନକୁ ସୁଦୃଢ କରିବା ଲାଗି ଗୋଟିଚାଳନା କରୁଛନ୍ତି। ଏଭଳି ସ୍ଥିତିରେ ମନୋଜଙ୍କୁ ମନାଇ ଗେରୁଆ ଟୋପି ପିନ୍ଧାଇବାରେ ଜୟନ୍ତ ସମର୍ଥ ହୋଇଥିବା ଆଲୋଚନା ଚାଲିଛି।

- ୨୦୨୪ରେ କଂଗ୍ରେସ ପ୍ରାର୍ଥୀ ଥିଲେ ମନୋଜ
- ଜୟନ୍ତ ଷଡ଼ଙ୍ଗୀଙ୍କ ଯୋଗସୂତ୍ରକୁ ନେଇ ଚର୍ଚ୍ଚା

ମନୋଜଙ୍କ ବିଜେପି ପ୍ରବେଶ ପରେ ସବୁଠାରୁ ବଡ଼ ଚର୍ଚ୍ଚା ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କୁ ନେଇ। ଦଳୀୟ ରାଜନୀତିରେ ଉଭୟଙ୍କ ସମ୍ଭାବ୍ୟ ଭୂମିକାକୁ ନେଇ ଏବେ ଅଙ୍କକଷା ଆରମ୍ଭ ହୋଇଛି। ଓମ୍‌ପ୍ରକାଶଙ୍କ ରାଜନୈତିକ ପ୍ରଭାବକୁ ସନ୍ତୁଳିତ କରିବା ପାଇଁ ମନୋଜଙ୍କୁ ଦଳରେ ସାମିଲ କରାଯାଇଥାଇପାରେ ବୋଲି ମନେ କରାଯାଉଛି। ମନୋଜ ସତ୍ୟବାଦୀ ମାଟିର ହୋଇଥିବାରୁ ତାଙ୍କର ନିଜସ୍ୱ ସାମାଜିକ ଓ ପାରିବାରିକ ପରିଚୟ ରହିଛି। ଏହାସହ ବିଶ୍ୱନାଥ ରଥଙ୍କ ପୁରୁଣା ରାଜନୈତିକ ପରିଚୟ ମଧ୍ୟ ତାଙ୍କ ପାଇଁ ଏକ ସମ୍ପତ୍ତି ବୋଲି ଆଲୋଚନା ହେଉଛି। ଦୀର୍ଘବର୍ଷ ଧରି ସତ୍ୟବାଦୀ ନାମରେ ଥିବା ନିର୍ବାଚନମଣ୍ଡଳୀରୁ କଣାସ ଅଞ୍ଚଳର ନେତାମାନେ ଅଧିକ ସଫଳତା ପାଇଆସିଥିବା ପରିପ୍ରେକ୍ଷୀରେ ସତ୍ୟବାଦୀ ମାଟିର ଜଣେ ନେତାଙ୍କୁ ଆଗକୁ ଆଣିବାର ରଣନୀତି ମଧ୍ୟ ଏହା ପଛରେ ଥାଇପାରେ ବୋଲି କୁହାଯାଉଛି।

କୁହାଯାଉଛି ଯେ ମନୋଜଙ୍କୁ ବିଜେପିରେ ସାମିଲ ନିମନ୍ତେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ସହମତ ନ ଥିଲେ। ଏପରି କି ସେ ଏ ନେଇ ରାଜ୍ୟ ନେତୃତ୍ୱଙ୍କୁ ଅବଗତ କରିଥିବା ଆଲୋଚନା ହେଉଛି। ହେଲେ ଶେଷରେ ମନୋଜଙ୍କୁ ଦଳରେ ସାମିଲ କରାଯାଇଛି। ଏହା ପରେ ସତ୍ୟବାଦୀ ବିଜେପିରେ ଆଗାମୀ ଦିନରେ ଦୁଇଟି ଶକ୍ତିକେନ୍ଦ୍ର ତିଆରି ହେବ କି? ମନୋଜଙ୍କ ନେତୃତ୍ୱରେ ସତ୍ୟବାଦୀ ଅଞ୍ଚଳରେ ନୂଆ ସଙ୍ଗଠନ ଗଢ଼ିଉଠିବ କି ଏବଂ ଏହାର ପ୍ରଭାବ ବର୍ତ୍ତମାନର ବିଧାୟକ ଓମ୍‌ପ୍ରକାଶଙ୍କ ରାଜନୈତିକ ସ୍ଥିତି ଉପରେ ପଡ଼ିବ କି? ତାହାକୁ ନେଇ ଏବେ ଅଙ୍କକଷା ଆରମ୍ଭ ହୋଇଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ; ଜଣେ ଅଟକ



ବଣ୍ଟଁରପାଳ,୩।୯ (ସମିସ): ବଣ୍ଟଁରପାଳ ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମରେ ଜଣେ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିବା ପରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ନରେନ୍ଦ୍ରପୁର ଗ୍ରାମର ଜଳଧର ଗଡ଼ନାୟକଙ୍କ ପୁଅ ପ୍ରିୟବ୍ରତ ଗଡ଼ନାୟକ। ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ଣ ପ୍ରାୟ ୪ଟା ସମୟରେ ପ୍ରିୟବ୍ରତ ଘରୁ ବାହାରକୁ ଯାଇଥିଲେ। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ବୁଧବାର ସକାଳ ପ୍ରାୟ ୬ଟା ସମୟରେ ନରେନ୍ଦ୍ରପୁର ଛକ ନିକଟ ରାଜପଥ ପାଶ୍ୱର୍ରେ ପ୍ରିୟବ୍ରତ ରକ୍ତାକ୍ତ ଓ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଖବର ପରିବାର ଲୋକେ ପାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ଏବଂ ପରେ ଅଧିକ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଉଥିଲା। ତେବେ ବାଟରେ ପ୍ରିୟବ୍ରତଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ଏହାପରେ ପରିବାର ଲୋକେ ମୃତଦେହ ନେଇ ବଣ୍ଟଁରପାଳ ଥାନାରେ ପହଞ୍ଚି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବଣ୍ଟଁରପାଳ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହାସହ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ବଣ୍ଟଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି। ଘଟଣାର ପ୍ରକୃତ କାରଣ ଓ ମୃତ୍ୟୁ ପଛରେ କିଏ ରହିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# କାଦୁଅ ରାସ୍ତାରେ ଧାନ ରୋଇଲେ ଗ୍ରାମବାସୀ



## ଅଭିନବ ପ୍ରତିବାଦ

କିଶୋରନଗର,୩।୯ (ସମିସ): ଆଠମଲ୍ଲିକ ଉପଖଣ୍ଡ କୃତ୍ତିବାସପୁର ପଞ୍ଚାୟତର ତେନ୍ତୁଳି ପଥରଛକ ଠାରୁ ଖଡ଼ଗବାହାଳ ଗ୍ରାମ୍ୟ ମାଟି ରାସ୍ତାଟି ଏବେ ଲଗାଣ ବର୍ଷାରେ ଶୋଚନୀୟ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ଯାତାୟତରେ ଘୋର ଅସୁବିଧା ଭୋଗୁଛନ୍ତି। ପ୍ରଶାସନକୁ ଏ ସମ୍ପର୍କରେ ଜଣାଇଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗ୍ରାମର ମହିଳା ଓ ପୁରୁଷମାନେ ଏକାଠି ହୋଇ ଏହି ରାସ୍ତାରେ ଧାନ ପହ୍ଲା ରୋଇଥିବା ଦୃଶ୍ୟ ଦେଖିବାକୁ ମିଳିଛି। ତୁରନ୍ତ ଏହି ରାସ୍ତାକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରଧାନଶିକ୍ଷୟିତ୍ରୀଙ୍କ ଯୋଗଦାନ



କିଶୋରନଗର,୩।୯ (ସମିସ): ଆଠମଲ୍ଲିକ ବ୍ଲକ୍ ଗୁଣ୍ଡିରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷୟିତ୍ରୀ ଭାବେ ଉତ୍ତମା ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସମ୍ବେଶ୍ୱର୍ ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ସୁଧାଂଶୁ ଭୂଷଣ ନାୟକ, ରାଜଶ୍ରୀ ଭୋଇ, ପ୍ରତାପ ବାଘ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ରହି ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟଭାର ଗ୍ରହଣ କରିବା ପରେ ଶ୍ରୀମତୀ ନାୟକ ପ୍ରକାଶ କରିଛନ୍ତି ଯେ, ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନ, ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି, ଶୃଙ୍ଖଳା ଏବଂ ବିଦ୍ୟାଳୟର ଭୌତିକ ପରିବେଶର ବିକାଶ ତାଙ୍କର ପ୍ରାଥମିକତା ରହିବ। ଏଥିସହିତ ସ୍ଥାନୀୟ ଅଞ୍ଚଳବାସୀ, ଅଭିଭାବକ ଓ ଶିକ୍ଷକ ମଣ୍ଡଳୀଙ୍କ ସହଯୋଗ କାମନା କରିଛନ୍ତି। ସାଧାରଣରେ ଶ୍ରୀମତୀ ନାୟକଙ୍କ ଯୋଗଦାନକୁ ନେଇ ଅଞ୍ଚଳବାସୀ ଓ ବିଦ୍ୟାଳୟର କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

# ୧୨ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଅନୁଗୋଳ,୩।୯ (ସମିସ): ଆସନ୍ତା ୧୨ ତାରିଖ, ଶନିବାର ଦିନ ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଣ୍ଟଁରପାଳସ୍ଥିତ ଅଦାଲତ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା- ଫୌଜଦାରୀ (ସାଲିସ ଯୋଗ୍ୟ), ପ୍ଲି ବାର୍ଗେନିଂ, ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା, ବିଦ୍ୟୁତ ଓ ଜଳ ବିଲ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ମାମଲା, ରାଜସ୍ୱ ମାମଲା, ଖାଉଟି ବିବାଦ, ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ। ଏହା ସହିତ ପ୍ରାକ୍-ମକଦ୍ଦମା (କଚେରୀରେ ଦାୟର ହୋଇ ନ ଥିବା) ତଥା ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବାସମ୍ବନ୍ଧୀୟ ବିବାଦ ଗୁଡ଼ିକ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ) ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ। ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ ଅଟେ। ସବିଶେଷ ବିବରଣୀନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ବା ତାଲୁକ ଆଇନସେବା କାର୍ଯ୍ୟାଳୟ, ତାଳଚେର,ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଣ୍ଟଁରପାଳ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି।

### ଜମରଡିହ ସ୍ୱାସ୍ଥ୍ୟକେନ୍ଦ୍ର ପୁନଃ କାର୍ଯ୍ୟକ୍ଷମ ଦାବି

# ଆନ୍ଦୋଳନକୁ ଓହ୍ଲାଇଲେ ବିଜେଡି ସହ ୫ ପଞ୍ଚାୟତର ମହିଳା ସଂଘ

ପାଲଲହଡ଼ା,୩।୯ (ସମିସ):



ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ଭାବେ ପୁନଃ କାର୍ଯ୍ୟକ୍ଷମ କରିବା ସହିତ ତୁରନ୍ତ ଡାକ୍ତର, ନର୍ସ ଓ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଦାବିରେ ଆନ୍ଦୋଳନ ତୀବ୍ର ହୋଇଛି। ଏହି ଦାବିରେ ୫ଟି ପଞ୍ଚାୟତର ମହିଳା ସଂଘ ଏବଂ ବିଜୁ ଜନତା ଦଳର ମିଳିତ ସହଯୋଗରେ ଗୁରୁବାର ୧୨ ଘଣ୍ଟିଆ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ଜାତୀୟ ରାଜପଥ ର ଉଭୟ ପାଶ୍ୱର୍ରେ ଶହସହ ଗାଡ଼ି ଅଟକି ରହିଥିଲା। ସୂଚନା ଅନୁଯାୟୀ, ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘବର୍ଷ ଧରି ସରକାରୀ ବ୍ୟବସ୍ଥାରେ ଚାଲିଆସୁଥିଲା। ଗତ ଜୁନ୍ ୧ ତାରିଖରେ ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଏନ୍‌ଜିଓ ସଂସ୍ଥା ହାତରେ ହସ୍ତାନ୍ତର କରିଥିଲେ। ତେବେ ଅଭିଯୋଗ ଅନୁଯାୟୀ, ଏନ୍‌ଜିଓ ପକ୍ଷରୁ ମାତ୍ର କିଛିଦିନ ସ୍ୱାସ୍ଥ୍ୟସେବା ଯୋଗାଇବା ପରେ ନିୟମିତ ଓ ଉତ୍ତମ ସେବା ମିଳୁନଥିବା ତଥା ଭୁଲ ଔଷଧ ଦେଉଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏନ୍‌ଜିଓକୁ ହଟାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ଡାକ୍ତର ନିଯୁକ୍ତି ଦାବିରେ ଅଞ୍ଚଳବାସୀ ଦୀର୍ଘଦିନ ଧରି ଆନ୍ଦୋଳନ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିଲେ। ଶେଷରେ ଏନ୍‌ଜିଓ ପକ୍ଷରୁ ମଧ୍ୟ ସ୍ୱାସ୍ଥ୍ୟସେବା ଜାରି ରଖିବା ସମ୍ଭବ ନ ହେବାରୁ ଜୁଲାଇ ୩୧ ତାରିଖରେ ସଂସ୍ଥା ନିଜ ଦାୟିତ୍ୱରୁ ଓହରିଯାଇଥିବା ଜଣାପଡ଼ିଥିଲା। ଏନ୍‌ଜିଓ ହଟିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ପୁଣି ସ୍ୱାସ୍ଥ୍ୟ ବିଭାଗ ଅଧୀନକୁ ଆସିଥିଲେ ମଧ୍ୟ ଆଜିଯାଏ ସରକାରୀ ଡାକ୍ତର ନିଯୁକ୍ତି ହୋଇ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଥିଲା। ସ୍ୱାସ୍ଥ୍ୟ କେନ୍ଦ୍ରର ଅଚଳାବସ୍ଥା ଫଳରେ ଜମରଡିହ ସମେତ ଦୁର୍ଗମ ଅଞ୍ଚଳର ହଜାର ହଜାର ଲୋକ ଆବଶ୍ୟକ ସମୟରେ ଚିକିତ୍ସାସେବା ପାଇବାରୁ ବଞ୍ଚିତ ହେଉଥିଲେ। ଜମରଡିହ ଅଞ୍ଚଳର ବହୁ ଗରିବ ଓ ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ହିଁ ପ୍ରମୁଖ ଚିକିତ୍ସା ଆଶ୍ରୟସ୍ଥଳ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପାଞ୍ଚଟି ପଞ୍ଚାୟତର ଲୋକେ ନିର୍ଭରଶୀଳ। ତେଣୁ ଲୋକଙ୍କ ଜୀବନ ଓ ସ୍ୱାସ୍ଥ୍ୟ ସହ ଜଡ଼ିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁଚାରୁ ଭାବେ ସରକାରୀ ବ୍ୟବସ୍ଥାରେ ପରିଚାଳନା କରିବା ସହ ନିୟମିତ ସରକାରୀ ଡାକ୍ତର, ଏଏନ୍‌ଏମ୍, ଫାର୍ମାସିଷ୍ଟ ଓ ଅନ୍ୟ ଆବଶ୍ୟକ କର୍ମଚାରୀ ନିଯୁକ୍ତି ପାଇଁ ୧୫ ଦିନ ପୂର୍ବରୁ ବିଜେଡି ପକ୍ଷରୁ ଦାବି କରାଯାଇ ଥିଲା ନଚେତ୍ ରାଜରାସ୍ତାକୁ ବନ୍ଦ କରାଯିବ ବୋଲି ଉପଜିଲ୍ଲାପାଳ ଙ୍କୁ ଲିଖିତ ଦାବି ପ୍ରଦାନ କରାଯାଇଥିଲା। ଆଜିର ଏହି ବନ୍ଦରେ ପାଲଲହଡ଼ା ପୂର୍ବତନ ବିଧାୟକ ମୁକେଶ କୁମାର ପାଳ,ତାଳଚେର ବିଧାୟକ ତଥା ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ବ୍ରଜକିଶୋର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ଅନୁଗୋଳ ବିଜେଡି ଯୁବ ସଭାପତି ଅରୁଣାଝ ସିଂ, ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, କଣିହାଁ ଅଧ୍ୟକ୍ଷ ବାପୁ ପ୍ରଧାନ, ପାଲଲହଡ଼ା ବ୍ଲକ୍ ବିଜେଡି ସଭାପତି ରଞ୍ଜିତ୍ ବିଶ୍ୱାଳ, ଜିଲ୍ଲା ଉପସଭାପତି ଇନ୍ଦ୍ରମଣି ଗଡନାୟକ, ନରେନ୍ଦ୍ର କୁମାର ଭୁକ୍ତା, ଲକ୍ଷ୍ମୀଧର ବିଶ୍ୱାଳ, ବିଜୁ ଜନତା ଦଳର ସମସ୍ତ କର୍ମୀ, ଉପାନ୍ତ ଅଞ୍ଚଳର ୫ ଟି ପଞ୍ଚାୟତର ମହିଳା ସଂଘର ସଦସ୍ୟା ମାନେ ଏକତ୍ରିତ ହୋଇ ୪୯ ନମ୍ବର ଜାତୀୟ ରାଜପଥରେ ଧାରଣା ଦେବା ସହ ରାଜପଥ ଅବରୋଧ କରିଥିଲେ। ଆନ୍ଦୋଳନକାରୀମାନେ

## ୧୨ ଘଣ୍ଟା ରାସ୍ତା ଅବରୋଧ

ଜମରଡିହ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୁରନ୍ତ ସରକାରୀ ଭାବେ ପୁନଃ କାର୍ଯ୍ୟକ୍ଷମ କରିବା, ନିୟମିତ ଡାକ୍ତର ନିଯୁକ୍ତି, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ସହ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଦାବି କରିଥିଲେ। ରାଜପଥ ଅବରୋଧ ଯୋଗୁଁ ଯାତାୟାତ ପ୍ରଭାବିତ ହୋଇଥିବା ବେଳେ ଘଟଣାସ୍ଥଳରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅପରାହ୍ନରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଜିଲ୍ଲାପ୍ରଶାସନ ର ନିଷ୍ପତ୍ତି କ୍ରମେ ଆସନ୍ତା ସୋମବାର ଠାରୁ ଡାକ୍ତର ଯୋଗାଇଦେବା ସହ ସ୍ୱାସ୍ଥ୍ୟ ସେବା ପୁନଃ ଚାଲୁ କରିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ କାରୀ ମାନେ ଉଠିଥିଲେ।

# ନାଲ୍‌କୋ ନଗରରେ କୈବର୍ତ୍ତ ମହାସଭାର ବନ୍ଧୁମିଳନ




ଅନୁଗୋଳ,୩।୯ (ସମିସ): ସାମାଜିକ ସେବା ଓ ସାଂସ୍କୃତିକ ଅନୁଷ୍ଠାନ ନାଲକୋନଗର କୈବର୍ତ୍ତ ମହାସଭା ତରଫରୁ ଏକ ସ୍ୱାଗତ, ସମ୍ବର୍ଦ୍ଧନା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ କିଶୋର କୁମାର ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ସଂଗଠନର ଆଭିମୁଖ୍ୟ ଓ ନାଲକୋରେ ଅଭିବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ନାଲ୍‌କୋର ପ୍ରାକ୍ତନ ସିଜିଏମ୍ ଅକ୍ଷୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୈବର୍ତ୍ତ ଜାତିର ସାମାଜିକ ଦାୟିତ୍ୱ, ପାରିପାର୍ଶ୍ୱିକ ଅଞ୍ଚଳ ପ୍ରତି ସୁସମ୍ପର୍କ ତଥା ନାଲ୍‌କୋରେ କର୍ମଚାରୀଙ୍କ ଉତ୍ସର୍ଗୀକୃତ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ କୁରୁଡଲ ସରପଞ୍ଚ ଦିବାକର ମହାଳିକ, ଗିରାଙ୍ଗ ସରପଞ୍ଚ ଛବିରାଣୀ ଦେହୁରୀ, କାଣ୍ଡସର ସରପଞ୍ଚ ସବିତା ମହାଳିକ, ନାଲକୋନଗର କୈବର୍ତ୍ତ ମହାସଭା ସଂସ୍ଥାପକ ଭ୍ରମରବର ବେହେରା ଓ ନକୁଳ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ରାଉତ ପ୍ରମୁଖ ଯୋଗ ଦେଇ ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପରେ ଅତିଥିମାନେ କୁଳଦେବୀ ମା' ବାସେଳୀ ଓ ଗ୍ରାମଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ପୂଜା ଓ ପ୍ରଦୀପ ପ୍ରଜ୍ୱଳନ କରି ସମୂହ କୈବର୍ତ୍ତ ଗୀତ ଗାନ କରିଥିଲେ। ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାଲ୍‌କୋରେ ନୂତନ ଭାବେ ଯୋଗ ଦେଇଥିବା କର୍ମଚାରୀ, ଅନ୍ୟ ୟୁନିଟ୍‌ରୁ ଆସିଥିବା କର୍ମଚାରୀଙ୍କୁ ସ୍ୱାଗତ କରାଯାଇଥିଲା। ନିକଟରେ ନାଲ୍‌କୋ ଚାକିରିରୁ ଅବସର ନେଇଥିବା କର୍ମଚାରୀ ନଟବର ବେହେରା, ପ୍ରକାଶ ବେହେରା, ପ୍ରତାପ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ରାଉତ, ଅଜିତ ବେହେରା, ଉପେନ୍ଦ୍ର ବେହେରା ଓ ଅକ୍ଷୟ କୁମାର ବେହେରାଙ୍କୁ ସସ୍ତ୍ରୀକ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ମହାସଭାର ସାଧାରଣ ସମ୍ପାଦକ ଦିଲୀପ କୁମାର ତରାଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାକେଶ କୁମାର ବେହେରା ଓ ଉପେନ୍ଦ୍ର ବେହେରା ନୂତନଭାବେ ମହାସଭାରେ ଯୋଗଦାନ କରିଥିବା ସଭ୍ୟ ଓ ସଭ୍ୟାମାନଙ୍କର ବିବରଣୀ ପ୍ରଦାନ କରିଥିଲେ।

# ଅଗ୍ନିପଥ ଯୋଜନାରେ ସେନା ନିଯୁକ୍ତି ରାଲି

ଅନୁଗୋଳ,୩।୯ (ସମିସ): ଅଗ୍ନିପଥ ଯୋଜନା ଅଧୀନରେ ଅନୁଗୋଳ, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାର (ଅଗ୍ନିବୀର ଜିଡି, ଅଗ୍ନିବୀର ଟେକ୍ନିକାଲ, ଅଗ୍ନିବୀର ଟ୍ରେଡସମ୍ୟାନ ଅଷ୍ଟମ ଏବଂ ଅଗ୍ନିବୀର ଟ୍ରେଡସମ୍ୟାନଦଶମ) ମନୋନୀତ (ସର୍ଟ ଲିଷ୍ଟ) ହୋଇଥିବା ପ୍ରାର୍ଥୀମାନଙ୍କ ପାଇଁ ଏଆର୍‌ଓ ସମ୍ବଲପୁର (ଓଡ଼ିଶା)ର ସେନା ନିଯୁକ୍ତି ରାଲି କ୍ରିକେଟ ଷ୍ଟାଡିୟମ, ମାଲିମୁଣ୍ଡା, ଝାରସୁଗୁଡ଼ା (ଓଡ଼ିଶା) ଠାରେ ୨୦୨୬ ଅକ୍ଟୋବର ୧୩ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନ୍‌ଲାଇନ ପ୍ରବେଶିକା ପରୀକ୍ଷା (ଅନ୍ ଲାଇନ୍ କମନ୍ ଏନଟ୍ରାନସ୍ ଏକ୍‌ଜାମିନେସନ୍ ସିଇଇ) ଦେଇ ମନୋନୀତ (ସର୍ଟ ଲିଷ୍ଟ) ହୋଇଥିବା ପ୍ରାର୍ଥୀମାନଙ୍କୁ ନିଯୁକ୍ତି ରାଲି ସମୟରେ ଶାରୀରିକ ଦକ୍ଷତା ପରୀକ୍ଷା (ଫିଜିକାଲ ଫିଟ୍‌ନେସ୍ ଟେଷ୍ଟ) ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି। ମନୋନୀତ (ସର୍ଟ ଲିଷ୍ଟ) ହୋଇଥିବା ପ୍ରାର୍ଥୀମାନଙ୍କର ପ୍ରବେଶ ପତ୍ର (ଆଡମିଟ କାର୍ଡ) ସେମାନଙ୍କର ପଞ୍ଜୀକୃତ ଇ-ମେଲ ଆଇଡିକୁ ପୂର୍ବରୁ ପଠାଯାଇସାରିଛି। ପ୍ରାର୍ଥୀମାନେ ଜଏନ ଇଣ୍ଡିଆନ ଆର୍ମି ୱେବସାଇଟ୍‌ରେ ନିଜ ପ୍ରୋଫାଇଲରେ ଲଗ୍ ଇନ୍ କରି ନିଯୁକ୍ତି ରାଲି ପାଇଁ ନିଜର ପ୍ରବେଶ ପତ୍ର (ଆଡମିଟ୍ କାର୍ଡ) ମଧ୍ୟ ଡାଉନ୍‌ଲୋଡ କରିପାରିବେ। ଯେ କୌଣସି ସୂଚନା ପାଇଁ ପ୍ରାର୍ଥୀମାନେ ଏ.ଆର.ଓ ସମ୍ବଲପୁର ସହିତ ଯୋଗାଯୋଗ (ନମ୍ବର ୦୬୬୩୨୯୫୦୩୫୯ ଏବଂ ୦୬୬୩୮୨୫୨୦୮୪୫) କରିବାକୁ କୁହାଯାଇଛି। ଦଲାଲ ଏଜେଣ୍ଟ ମାନଙ୍କର ଅସାଧୁ କାର୍ଯ୍ୟକଳାପର ଶିକାର ନ ହେବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଛି। ନିଯୁକ୍ତି ରାଲି ସମୟରେ ଏଭଳି ଦଲାଲ ଏଜେଣ୍ଟ ଏବଂ ଅସାଧୁଉପାୟ ଅବଲମ୍ବନ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ସ୍ଥାନୀୟ ପୁଲିସ ଏବଂ ବେସାମରିକ ପ୍ରଶାସନ (ସିଭିଲ୍ ଆଡମିନିଷ୍ଟ୍ରେସନ୍) ମାଧ୍ୟମରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

ବଇଣ୍ଡା,୩।୯ (ସମିସ): କଟକ ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଶରଧାମୁଣ୍ଡା ନିକଟରେ ଗୁରୁବାର ଏକ ଅଜଣା ଗାଡ଼ି ଧକ୍କାରେ ବଇଣ୍ଡା ଅଞ୍ଚଳର ବ୍ୟବସାୟୀ ସୁଶୀଲ କୁମାର ସାହୁଙ୍କର ମୃତ୍ୟୁ ହୋଇଛି। ସୁଶୀଲ ଓ ତାଙ୍କ ସହଯୋଗୀ ଲୁହାମୁଣ୍ଡା ଅଞ୍ଚଳରୁ ପ୍ରାତଃ ଭ୍ରମଣ କରି ଘରକୁ ଫେରୁଥିବା ବେଳେ ଶରଧାମୁଣ୍ଡା ନିକଟରେ ସମ୍ବଲପୁରରୁ ଅନୁଗୋଳ ଅଭିମୁଖେ ଆସୁଥିବା ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ପଛ ପଟରୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାର କରି ଅନୁଗୋଳ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଗାଡ଼ିଟି ଫେରାର ହୋଇଯାଇଥିବା ବେଳେ ବଇଣ୍ଡା ଫାଣ୍ଡି ପୁଲିସ ସୁଶୀଲଙ୍କ ମୃତଦେହକୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏ ନେଇ ବଇଣ୍ଡା ବ୍ୟବସାୟୀଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି।

# ତାଳଚେର ଟାଉନ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

ତାଳଚେର,୩।୯ (ସମିସ): ପୂଜା ପାର୍ବଣରତୁ ଆଗମନ ପୂର୍ବରୁ ତାଳଚେର ଅଞ୍ଚଳରେ କିପରି



ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇପାରିବ ତା'ଉପରେ ଆଜି ତାଳଚେର ଟାଉନ ପୁଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରିବା ସହିତ ଲୋକଙ୍କୁ ସଚେତନତା କରାଇଥିଲେ। ଚଳିତବର୍ଷ ୧୪ ତାରିଖରେ ହେବାକୁ ଥିବା ପ୍ରସିଦ୍ଧ ଗଣେଶପୂଜା ଆରମ୍ଭ ହୋଇ ଉନ୍ଦୁପୂର୍ଣ୍ଣମା ଅର୍ଥାତ୍ ୨୬ ତାରିଖ ଦିନ ବିସର୍ଜନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ପୂଜାକୁ ସରସ, ଶାନ୍ତିଶୃଙ୍ଖଳା, ଚୋରି, ରାହାଯାନୀ, ଛିନ୍‌ତାଇ, ନିଶାସକ୍ତ ଗାଡ଼ିଚାଳକଙ୍କୁ ସାବାଡ଼ କରିବାକୁ ନେଇ ଆଜିର ଏହି ଫ୍ଲାଗମାର୍ଚ୍ଚ କରାଯାଇଛି ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ତାଳଚେର ଘୋଡ଼ାଶାଳ ଠାରୁ ଆରମ୍ଭକରି ହାଣ୍ଡିଧୂଆଁ ପର୍ଯ୍ୟନ୍ତ ପ୍ରାୟ ୪କିମି ରାସ୍ତାର ଉଭୟ ପାଶ୍ୱର୍ରେ ପ୍ରଭୁ ବିଘ୍ନେଶ୍ୱର ପୂଜାପାଇବା ସହ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସିବ ତାଳଚେର। ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ଓଠାଦୋକାନୀ ମାନେ ଆସି ନିଜର ଆସର ଜମାଇଥାନ୍ତି ତେଣୁ ତାଳଚେର ଅଞ୍ଚଳଟି ଲୋକାରଣ୍ୟ ହୋଇପଡ଼ିଥାଏ। ଏହାକୁ ନିୟନ୍ତ୍ରିତ କରିବାକୁ ସହରର ବିଭିନ୍ନ ଛକ ସ୍ଥାନ ଗୁଡ଼ିକରେ ପୁଲିସ୍‌ର କ୍ୟାମ୍ପ ମଧ୍ୟ କରିବାକୁ ପଡ଼ିଥାଏ। ଗଣେଶ ପୂଜା ପରେ ପରେ ଅନ୍ୟାନ୍ୟ ପୂଜା ପଡୁଥିବାରୁ ଆସୁଥିବାରୁ ଏହାକୁ ନେଇ ପୁଲିସ୍ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିବା ଟାଉନ ଥାନା ଅଧିକାରୀ ଏହା ପ୍ରକାଶ କରିଛନ୍ତି।

## ତାଳଚେର ପୌର ପରିଷଦରେ ଟେଣ୍ଡର ଦୁର୍ନୀତି!

# ଅଭିଯୋଗ ପରେ ବାତିଲ ହେବ ଟେଣ୍ଡର

ତାଳଚେର ସହର,୩।୯ (ସମିସ):

ଅନୁଗୋଳ ଜିଲ୍ଲା ତାଳଚେର ପୌରପରିଷଦ ଏବେ ପାଲଟିଛି ଦୁର୍ନୀତିର ଗନ୍ତାଘର। କାମରେ ଦୁର୍ନୀତି, ଟେଣ୍ଡରରେ ଦୁର୍ନୀତି, କର୍ମଚାରୀ ମାନଙ୍କ ବଦଳିରେ ଦୁର୍ନୀତି, ଏଭଳି ଅନେକ ଅଭିଯୋଗ ରହିଛି ତାଳଚେର ପୌରପରିଷଦ ବିରୋଧରେ। କିନ୍ତୁ ଜିଲ୍ଲା ପ୍ରଶାସନ, ପିଡି ଡିଆର୍‌ଡିଏ ଏବଂ ଭିଜିଲାନ୍ସ ସମସ୍ତେ ପୌର ପରିଷଦ ଦୁର୍ନୀତିକୁ ରୋକିବା ବଦଳରେ ପ୍ରଶୟ ଦେଉଥିବା ଅଭିଯୋଗ ହେଉଛି। ଉଚିତ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଦୁର୍ନୀତିକୁ ସମର୍ଥନ କରୁଛନ୍ତି। ତାଳଚେର ପୌରପରିଷଦରେ ଜଗନ୍ନାଥ ପାର୍କରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଥିଲା। ପରେ ପରେ ସାନିଟେସନ କାମରେ ଟେଣ୍ଡର ଦୁର୍ନୀତି ଜଣାପଡ଼ିଥିଲା। ଅନେକ ସମୟରେ ବିନା କାରଣରେ ନିର୍ଦ୍ଧାରିତ ଠିକା ସଂସ୍ଥା କାମ ନ ପାଇବା ପର୍ଯ୍ୟନ୍ତ ଟେଣ୍ଡର ବାତିଲ ଭଳି ଅଭିଯୋଗର ଲମ୍ବା ତାଲିକା



ଥିବା ବେଳେ ଏବେ ସେଥିରେ ଯୋଡ଼ି ହୋଇଛି ଆଉ ଗୋଟିଏ ଟେଣ୍ଡର ଦୁର୍ନୀତିର ଅଭିଯୋଗ। ୱାର୍ଡ ନମ୍ବର ୩ ଏବଂ ୫ ରେ ଥିବା ହାତୀଶାଳ ଗେଟ୍ ଉନ୍ନତି ଏବଂ ମରାମତି ପାଇଁ ୪୯ ଲକ୍ଷ ୫୩ ହଜାର ୧୦୫ ଟଙ୍କାର ଟେଣ୍ଡର ହୋଇଥିଲା। ଟେଣ୍ଡର ଆବେଦନ ପ୍ରକ୍ରିୟା ୨ ଜୁଲାଇ ୨୦୨୬ ରୁ ଆରମ୍ଭ ହୋଇ ୧୫ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଅବଧି ଥିଲା। ତେବେ ଟେଣ୍ଡର ପ୍ରକ୍ରିୟାରେ ମୋଟ ୩ ଜଣ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ଅଶ୍ୱିନୀ ସିଂହ, ପଙ୍କଜିନୀ ରାଉଳ ଏବଂ ଚଗଲା ବେହେରା। ପଙ୍କଜିନୀ ରାଉଳଙ୍କର ଅଭିଜ୍ଞତା ନଥି ନ ଦେବାରୁ ଆବେଦନ ବାତିଲ ହୋଇଥିଲା। ଅଶ୍ୱିନୀ ସିଂହ ଏବଂ ଶ୍ରୀ ଚଗଲା ବେହେରାଙ୍କ ମଧ୍ୟରୁ ଅଶ୍ୱିନୀ ସିଂହ ଏଲ୍ ୧ ହେବାରୁ ତାଙ୍କୁ କାର୍ଯ୍ୟ ନିର୍ଦ୍ଦେଶ ଦିଆଗଲା। କିନ୍ତୁ ଓପିଡବ୍ଲୁଡି ନିୟମ ଅନୁଯାୟୀ ସି' କ୍ଲାସ ଠିକାଦାର ୪୦ ଲକ୍ଷ ଟଙ୍କା ଭିତରେ ଟେଣ୍ଡର ଆବେଦନ କରିପାରିବେ ଏବଂ କାର୍ଯ୍ୟ କରିପାରିବେ। ଏ ନେଇ ମଧ୍ୟ ଅନ୍ୟ ଏକ କାର୍ଯ୍ୟ ପାଇଁ ତାଳଚେର ପୌରପରିଷଦ ପକ୍ଷରୁ ଚିଠି ନମ୍ବର ୨୯୩୩ ତାରିଖ ୨୪/୦୮ ରେ ସନ୍ତୋଷ କୁମାର ବେହେରା ନାମକ ଜଣେ ସି କ୍ଲାସ ଠିକାଦାରଙ୍କୁ ଚିଠି କରାଯାଇଛି। ତେବେ ଚଗଲା ବେହେରା ଏବଂ ଅଶ୍ୱିନୀ ସିଂହ ଉଭୟେ ସି' କ୍ଲାସ ଠିକାଦାର ହୋଇଥିବା ବେଳେ ୪୯ ଲକ୍ଷ ଟଙ୍କାର କାମ ପାଇଁ ଉଭୟଙ୍କ ଆବେଦନକୁ କିଭଳି ଗ୍ରହଣ କରାଗଲା ଏବଂ କାର୍ଯ୍ୟାଦେଶ ଦିଆଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଶାହାଙ୍କୁ ପଚାରିବାରୁ ପ୍ରଥମେ ସେ କିଛି ନ ଜାଣିଲା ଭଳି ଉତ୍ତର ଦେଇଥିଲେ। କିନ୍ତୁ ନିଜେ ଟେଣ୍ଡର କମିଟିରେ ଥିବା ସତ୍ତ୍ୱେ କିଭଳି ଏଭଳି ବ୍ୟତିକ୍ରମ ବିଷୟରେ ଜାଣିପାରିଲେନି ବୋଲି ପ୍ରଶ୍ନ କରିବାରୁ ୱାର୍କ ଡିପାର୍ଟମେଣ୍ଟ ସହ ଆଲୋଚନା କରିବା ନେଇ ସଫେଇ ଦେଇଥିଲେ। ପରେ ଘଟଣା ସମ୍ପର୍କରେ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କୁ ସାମ୍ବାଦିକ ଦୁର୍ଗା ପ୍ରସାଦ ସ୍ୱାଇଁ ଅଭିଯୋଗ କରିବା ପରେ ସେ ଘଟଣା ସମ୍ପର୍କରେ ବୁଝିଥିଲେ ଏବଂ ନିର୍ବାହୀ ଅଧିକାରୀଙ୍କୁ ତାଗିଦ କରିଥିଲେ। ପରେ ନିର୍ବାହୀ ଅଧିକାରୀ ଫୋନ୍ ଯୋଗେ ଯୋଗାଯୋଗ କରି ତୁରନ୍ତ ଏହି କାର୍ଯ୍ୟାଦେଶକୁ ବାତିଲ କରିବା ନେଇ ପ୍ରତିକ୍ରିୟା ଦେଇଛନ୍ତି।

# ମା' ଚର୍ଚ୍ଚିକା ପୂଜା ପାଇଁ ପ୍ରସ୍ତୁତି ବୈଠକ

କିଶୋରନଗର,୩।୯ (ସମିସ): ଚଳିତ ବର୍ଷ କୁମାର ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହେବାକୁ ଥିବା ଅଖରକଟା ଗ୍ରାମର ଆରାଧ୍ୟ ଦେବୀ ମା' ଚର୍ଚ୍ଚିକାଙ୍କ ବାର୍ଷିକ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମା' ଚର୍ଚ୍ଚିକା ଯୁବକ ସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ "କୋଟିଏ ମଣିଷ ଗୋଟିଏ ଜଗା' ପାଇଁ ବହି ପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଛି। ବୈଠକରେ ମା' ଚର୍ଚ୍ଚିକା ଯୁବକ ସଂଘର ସମସ୍ତ ସଦସ୍ୟ ଏକାଠି ହୋଇ ଚଳିତ ବର୍ଷର ପୂଜା ଓ ଯାତ୍ରାକୁ କିପରି ଶୃଙ୍ଖଳିତ ଏବଂ ଆକର୍ଷଣୀୟ ଭାବେ ଆୟୋଜନ କରାଯିବ, ସେ ନେଇ ଆଲୋଚନା କରିଥିଲେ। ବିଶେଷକରି ଯାତ୍ରା ସମୟରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳାର ସହିତ ପୂଜା ସମାପନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ନେଇ ଆଲୋଚନା ହୋଇଥିଲା। ମା' ଚର୍ଚ୍ଚିକା ଯୁବକ ସଂଘ ପକ୍ଷରୁ ପରିବେଷଣ ହେବାକୁ ଥିବା "କୋଟିଏ ମଣିଷ ଗୋଟିଏ ଜଗା' ନାଟକର ବହି ପୂଜନ ମଧ୍ୟ ବିଧିବଦ୍ଧ ଭାବେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସଂଘର ସମସ୍ତ ସଦସ୍ୟ ଓ ଯୁବକମାନେ ଉପସ୍ଥିତ ରହି ଆୟୋଜନକୁ ସଫଳ କରିବା ପାଇଁ ଏକତ୍ରିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। ଚଳିତ ବର୍ଷ ମା' ଚର୍ଚ୍ଚିକାଙ୍କ ବାର୍ଷିକ ଯାତ୍ରା ଓ ନାଟକ ଦର୍ଶକ ତଥା ଭକ୍ତମାନଙ୍କ ମନ ଜିଣିବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି।

## ଭୋଟର ତାଲିକା ସଂଶୋଧନ ନେଇ ବୈଠକ



କେନ୍ଦ୍ରାପଡ଼ା, ୩।୯ (ସମିସ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬କୁ ନେଇ ଗୁରୁବାର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର ଓ ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଭୋଟରଙ୍କ ନାମ ଯୋଗ, ବାଦ ଓ ତ୍ରୁଟି ସଂଶୋଧନ ସମ୍ପର୍କରେ ଦଳୀୟ ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲା। ଭୋଟର ତାଲିକା ପ୍ରସ୍ତୁତିରେ ସ୍ୱଚ୍ଛତା, ନିର୍ଭୁଲତା ଓ ସମାବେଶୀତା ବଜାୟ ରଖିବା ସହ ରାଜନୈତିକ ଦଳର ସକ୍ରିୟ ସହଯୋଗ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ପାଞ୍ଚଟି ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ନିର୍ବାଚନ ବିଭାଗ ଅଧିକାରୀ ଯୋଗଦେଇଥିଲେ।

## ଅର୍ଥ ଆତ୍ମସାତ ଅଭିଯୋଗରେ ବ୍ଲକ୍ ସିପି ନିଲମ୍ବିତ

ଡେରାବିଶ, ୩।୯ (ସମିସ): ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଡେରାବିଶ ବ୍ଲକ କାର୍ଯ୍ୟାଳୟ କମ୍ପ୍ୟୁଟର ପ୍ରୋଗ୍ରାମର ନିଲମ୍ବିତ ହୋଇଛନ୍ତି। ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ନିଲମ୍ବିତ ନୋଟିସ୍ ନଂ୩୮୯୮, ୨।୯।୨୦୨୬ ଅନୁଯାୟୀ ନିଲମ୍ବିତ ସିପି ଏବେ ଅନ୍ୟାଦେଶ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦଙ୍କ କାର୍ଯ୍ୟାଳୟରେ ତାଙ୍କର ହଜିରା ଦେବେ। ରାଜକନିକା ବ୍ଲକରୁ ବିକ୍ରମ ନାୟକ ଡେରାବିଶ ବ୍ଲକକୁ କମ୍ପ୍ୟୁଟର ପ୍ରୋଗ୍ରାମର ଭାବେ ଡେପୁଟେସନ୍‌ରେ ଆସିଥିଲେ। ଶ୍ରୀ ନାୟକ ଡେରାବିଶ ବ୍ଲକରେ କାର୍ଯ୍ୟରତ ଥିବାବେଳେ ୧୫ତମ ସିଏଫସି ଆକାଉଣ୍ଟରୁ ନିଜ ବ୍ୟାଙ୍କ ଆକାଉଣ୍ଟକୁ ୫୫, ୪୨୮୨ ଟଙ୍କା ଟ୍ରାନ୍ସଫର କରିଥିଲେ। ଇ-ଗ୍ରାମ ସ୍ୱରାଜ କ୍ୟାସବୁକ୍ ଓ ଅନ୍ୟ ସରକାରୀ ରେକର୍ଡକୁ ଟ୍ୟାମ୍ପରିଂ କରିଥିବା ଅଭିଯୋଗ ହୋଇଥିଲା। ଡେରାବିଶ ବିଡିଓ ନମିତା ବାରିକ ୩୧।୮।୨୦୨୬ ଚିଠି ନଂ୪୬୧୬ରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡ଼ିବାରୁ ଶ୍ରୀ ନାୟକଙ୍କୁ ଜିଲ୍ଲାପାଳ ନିଲମ୍ବିତ କରିଛନ୍ତି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଆକ୍ରମଣ ଅଭିଯୋଗ, ଅଭିଯୁକ୍ତ ଗିରଫ

କେନ୍ଦ୍ରାପଡ଼ା, ୩।୯ (ସମିସ): ବିଦ୍ୟାଳୟ ଭିତରେ ପଶି ପ୍ରଧାନଶିକ୍ଷୟିତ୍ରୀଙ୍କୁ ଆକ୍ରମଣ, କାର୍ଯ୍ୟାଳୟରେ ଭଙ୍ଗାରୁଜା ଓ ଧମକ ଦେବା ଅଭିଯୋଗରେ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କାଙ୍କଦିଆ ଗ୍ରାମର ରଞ୍ଜନ ମହାପାତ୍ର। କଂସାର ସାହସପୁର ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭକ୍ତିଲତା ମହାରଣାଙ୍କୁ ବୁଧବାର ବିଦ୍ୟାଳୟ ପରିସରରେ ରଞ୍ଜନ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ସେ ପ୍ରଧାନଶିକ୍ଷୟିତ୍ରୀଙ୍କ କାର୍ଯ୍ୟାଳୟରେ ଥିବା ବେଞ୍ଚ ଓ ଟେବୁଲ ଭଙ୍ଗାରୁଜା କରିବା ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫିଙ୍ଗାଫୋପଡ଼ା କରିଥିବା ଅଭିଯୋଗ ରହିଛି। ପ୍ରଧାନଶିକ୍ଷୟିତ୍ରୀ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରି ରଞ୍ଜନଙ୍କୁ ଗିରଫ କରିଛି।

## ସମବାୟବିତ୍ ବୈକୁଣ୍ଠ ସେନାପତିଙ୍କ ସ୍ମୃତିଚାରଣ ସଭା


ପଟ୍ଟାମୁଣ୍ଡାଇ, ୩।୯ (ସମିସ): ନରସିଂହପୁର କୃଷି ସମବାୟ ସମିତି ସଭାପତି ବୈକୁଣ୍ଠ ସେନାପତିଙ୍କ ସ୍ମୃତିଚାରଣ ସଭା ସ୍ଥାନୀୟ ସମବାୟ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ସମବାୟ ସମିତି ପୂର୍ବତନ ସମ୍ପାଦକ ପାରେଶ୍ୱର ରାଉତଙ୍କ ପରିଚାଳନା ଓ ପୂର୍ବତନ ସମ୍ପାଦକ ବ୍ରଜବନ୍ଧୁ ଦାଶଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ବୈକୁଣ୍ଠ ସେନାପତିଙ୍କ ନୀତି, ଆଦର୍ଶ, ଜୀବନୀ ଓ ଲୋକପ୍ରିୟତା ଉପରେ ଆଲୋଚନା କରିଥିଲେ। ବରିଷ୍ଠ ରାଜନେତା ଅଶୋକ ଲେଙ୍କା, ଡିହାପଡ଼ା ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ଜଗନ୍ନାଥ ପ୍ରଧାନ, ନରସିଂହପୁର ସଭାପତି ତପରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ଦୈତାରୀ ପରିଡ଼ା, ଶରତ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ଲକ୍ଷ୍ମୀଧର ବାରିକ, ପଟ୍ଟାମୁଣ୍ଡାଇ ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ଅମୂଲ୍ୟ ପ୍ରଧାନ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଅବସରପ୍ରାପ୍ତ ସମବାୟ ବିଭାଗ ଅଡିଟରଙ୍କ ପରଲୋକ



ଡେରାବିଶ, ୩।୯ (ସମିସ): ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ସମବାୟ ବିଭାଗର ଅବସରପ୍ରାପ୍ତ ଅଡ଼ିଟର ଗୋପାଳ ଚରଣ ରାଉତ (୭୨)ଙ୍କ ଆଜି ସକାଳେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥାଇ ଘରେ ଚିକିତ୍ସିତ ହେଉଥିଲେ। ସେ ତାଙ୍କ ଚାକିରି ଜୀବନ ନରୁଆସ୍ଥ ଗୋଲରାହାଟ ସମବାୟ ସମିତିରୁ ସମ୍ପାଦକ ଭାବେ ଆରମ୍ଭ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସରପଞ୍ଚ ସୁଧିର ଖଟୁଆ, ସମିତିସଭ୍ୟ ଅନନ୍ତ ବେହେରା, ବିଭିନ୍ନ ସମବାୟ ସମିତି ସମ୍ପାଦକ ଓ କର୍ମଚାରୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଶିକ୍ଷକ ନେତା ପୀତବାସ ବେହୁରିଆଙ୍କ ପରଲୋକ



ରାଜକନିକା, ୩।୯ (ସମିସ): ଛାମୁଆ ଶିକ୍ଷକ ନେତା ରାଜକନିକା ବ୍ଲକ କନପୁର ଗ୍ରାମର ପୀତବାସ ବେହୁରିଆ (୯୦)ଙ୍କ ଆଜି ଅପରାହ୍ନରେ ପରଲୋକ ଘଟିଛି। ଯାଜପୁର ଜିଲ୍ଲା ମଙ୍ଗଳପୁର ବାସଭବନରେ ତାଙ୍କର ମୃତ୍ୟୁ ଘଟିଛି। ପରଲୋକ ଖବର ଶିକ୍ଷକ ସଂଗଠନରେ ଶୋକ ଖେଳାଇ ଦେଇଛି। ଯାଜପୁର ଜିଲ୍ଲା ଦୁବକଣ ଜୟଚଣ୍ଡୀ ହାଇସ୍କୁଲ ପ୍ରତିଷ୍ଠା କରିବା ସହ ପ୍ରଧାନଶିକ୍ଷକ ଥାଇ ୧୯୯୫ରେ କୋରାପୁଟର ଜୟପୁର ସହରରେ ଅନୁଷ୍ଠିତ ଓଷ୍ଟାର ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବହୁ ନୀତିଗତ ନିଷ୍ପତ୍ତି ନେବାରେ ସକ୍ଷମ ହୋଇଥିଲେ। ୧୯୯୨ରେ ପ୍ରତିଷ୍ଠା ହୋଇଥିବା କନପୁର ଉଚ୍ଚ ବିଦ୍ୟାଳୟର ମଧ୍ୟ ପ୍ରତିଷ୍ଠାତା ସମ୍ପାଦକ ଥିଲେ। ୧୯୯୭ରେ ଶିକ୍ଷକତା ବୃତ୍ତିରୁ ଅବସର ନେବା ପରେ ଶିକ୍ଷକଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆନ୍ଦୋଳନ ଚଳାଇ ଆସୁଥିଲେ। କନପୁର ଗାଁର ହୃଷିକେଶ ମହାପାତ୍ରଙ୍କ ପୁଅ ଭାବେ ଜନ୍ମ ଗ୍ରହଣ କରିଥିବା ପୀତବାସ ବେହୁରିଆ ବାଲ୍ୟବସ୍ଥାରେ ବଟରପଡ଼ା ଗାଁର ତାଙ୍କ ପିଉସା ବୈଦ୍ୟନାଥ ବେହୁରିଆଙ୍କ ପୁଅ ହୋଇଥିଲେ। ତାଙ୍କ ବିୟୋଗରେ କନପୁର ହାଇସ୍କୁଲ ଶୋକ ପାଳନ କରୁଥିବାବେଳେ ସାନପୁଅ ସଞ୍ଜୟ ବେହୁରିଆ ମୁଖାଗ୍ନି ଦେଇଥିଲେ।

### ଆୟୁଷ୍ମାନ ମୃତ୍ୟୁ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା

# ପୁଲିସର ନିଷ୍କ୍ରିୟତା ଅଭିଯୋଗରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା

କେନ୍ଦ୍ରାପଡ଼ା/ପଞ୍ଚୁପାଣ୍ଡବ, ୩।୯ (ସମିସ)

ଛାତ୍ର ଆୟୁଷ୍ମାନ ମହାନ୍ତି ଓରଫ ଧନଙ୍କ ମୃତ୍ୟୁ ଘଟଣାର ତଦନ୍ତକୁ ନେଇ ପୁଲିସର ଭୂମିକା ଏବେ ପ୍ରଶ୍ନ ଘେରରେ ରହିଛି। ହାଇକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତଦନ୍ତ ଶେଷ କରି ଚାର୍ଜସିଟ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ ତାହା ପାଳନ ହୋଇ ନ ଥିବା ଅଭିଯୋଗ ହୋଇଛି। ନିର୍ଦ୍ଦେଶର ୬୦ ଦିନ ପରିବର୍ତ୍ତେ ୧୨୦ ଦିନ ବିତିଯାଇଥିଲେ ମଧ୍ୟ ଚାର୍ଜସିଟ୍ ଦାଖଲ ହୋଇ ନ ଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟରେ ପୁଲିସ ବିରୋଧରେ ଅଦାଲତ ଅବମାନନା ମାମଲା ଦାଖଲ କରିଛନ୍ତି।

ଡେରାବିଶ ଥାନା ଅଧୀନ କୁରୁଜଙ୍ଗା ପଞ୍ଚାୟତ ମନ୍ତ୍ରୀପଡ଼ା ଗ୍ରାମର ଖଗେଶ୍ୱର ମହାନ୍ତିଙ୍କ ୧୪ ବର୍ଷୀୟ ପୁଅ ଆୟୁଷ୍ମାନ ଓରଫ ଧନ ମା'ଙ୍କ ସହ କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଭରତପୁରସ୍ଥ ମାମୁଁଘରକୁ ଆସିଥିଲେ। ୨୦୨୫ ମାର୍ଚ୍ଚ ୧୮ ତାରିଖରେ ମା' ଘରକୁ ଫେରିଯାଇଥିବାବେଳେ ରଙ୍ଗ ଖେଳିବା ପାଇଁ ଆୟୁଷ୍ମାନ ମାମୁଁଘରେ ରହିଥିଲେ। ପରଦିନ, ଅର୍ଥାତ୍ ମାର୍ଚ୍ଚ ୧୯ ତାରିଖ ପୂର୍ବାହ୍ନରେ ଦୁଇଜଣ ସ୍ଥାନୀୟ ଯୁବକ ତାଙ୍କୁ ମାମୁଁଘରୁ ଡାକି ନେଇଥିବା ଅଭିଯୋଗ ହୋଇଛି। ପରେ ତାଙ୍କୁ ଜବରଦସ୍ତ ମଦ ମିଶ୍ରିତ ଥଣ୍ଡା ପାନୀୟ ପିଆଇ ଲୁଣା ନଦୀକୁ ଠେଲି ଦେଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ତାଙ୍କ ପିତା ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସଦର ଥାନା ପୁଲିସ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତି ଅଭିଯୋଗ ଥିବା ଜଣେ ନାବାଳକ ସମେତ ଦୁଇଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ଉଭୟଙ୍କୁ ଛାଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ଘଟଣାର



ତଦନ୍ତ ଓ ପୁଲିସର କାର୍ଯ୍ୟପନ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରି ଆୟୁଷ୍ମାନଙ୍କ ମାମୁଁ ମୀନକେତନ ମହାନ୍ତି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନର ବିଚାର କରି ହାଇକୋର୍ଟ ୨୦୨୫ ଡିସେମ୍ବର ୧୭ ତାରିଖରେ ମାମଲାର ତଦନ୍ତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ଶେଷ ହୋଇ ନ ଥିବା ଦର୍ଶାଇ ଆବେଦନକାରୀ ପୁନର୍ବାର ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସିଆରଏଲ୍ଏମ୍‌ପି ନଂ୧୪୨୧/୨୦୨୫ ମାମଲାର ବିଚାର କରି ହାଇକୋର୍ଟ ୨୦୨୬ ଏପ୍ରିଲ ୨୫ ତାରିଖରେ କେନ୍ଦ୍ରାପଡ଼ା ସଦର ଥାନାଧିକାରୀଙ୍କୁ ୬୦ ଦିନ ମଧ୍ୟରେ ତଦନ୍ତ ଶେଷ କରି ଚାର୍ଜସିଟ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ତଦନ୍ତର ତଦାରଖ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଥିଲା। କିନ୍ତୁ ନିର୍ଦ୍ଦେଶ ଜାରି ହେବାର ୧୨୦ ଦିନ ଅତିକ୍ରମ କରିଥିଲେ ମଧ୍ୟ ତଦନ୍ତ ଶେଷ ହୋଇ ନ ଥିବା ଓ ଚାର୍ଜସିଟ୍ ଦାଖଲ ହୋଇନଥିବା ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏପରିକି ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସ୍‌ପି ମଧ୍ୟ ତଦନ୍ତର ଆବଶ୍ୟକ ତଦାରଖ କରିନଥିବା ଦାବି କରାଯାଇଛି। ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ପରେ ମଧ୍ୟ ମାମଲାର ତଦନ୍ତ ଓ ଚାର୍ଜସିଟ୍ ଦାଖଲ ପ୍ରକ୍ରିୟାରେ ବିଳମ୍ବ କାହିଁକି ହେଉଛି, ତାହା ଏବେ ବଡ଼ ପ୍ରଶ୍ନ ହୋଇଛି। ନ୍ୟାୟ ପାଇଁ ଦୀର୍ଘଦିନ ଧରି ଅପେକ୍ଷା କରୁଥିବା ମୃତ ଛାତ୍ରଙ୍କ ପରିବାର ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ବଢ଼ିଥିବା କୁହାଯାଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ହୋଇ ନ ଥିବା ଅଭିଯୋଗରେ ଶ୍ରୀ ମହାନ୍ତି ଏବେ ପୁଲିସ ବିରୋଧରେ ଅଦାଲତ ଅବମାନନା ମାମଲା ଦାଖଲ କରିଥିବା ସୂଚନା ଦେଇଛନ୍ତି।

## ଗ୍ୟାସ ଗୋଦାମରୁ ଚୋରି ସିଲିଣ୍ଡର ଜବତ, ୩ ଗିରଫ



ରାଜକନିକା, ୩।୯ (ସମିସ): ରନ୍ଧନ ଗ୍ୟାସ ସିଲିଣ୍ଡର ଚୋରି ଘଟଣାରେ ରାଜକନିକା ପୁଲିସକୁ ସଫଳତା ମିଳିଛି। ଜୟନଗରସ୍ଥ ମେରିନା ଗ୍ୟାସ ଏଜେନ୍ସିରୁ ଚୋରି ହୋଇଥିବା ୨୦ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଏଥିସହିତ ଗ୍ୟାସ ଏଜେନ୍ସିରୁ ପୂର୍ବରୁ ପ୍ରାୟ ୨୦୦ଟି ସିଲିଣ୍ଡର ଗାଏବ ହୋଇଥିବା ଅଭିଯୋଗ ଘଟଣାକୁ ଆହୁରି ଗମ୍ଭୀର କରିଛି। ଜୟନଗର ଅଞ୍ଚଳରେ ଥିବା ମେରିନା ଗ୍ୟାସ ଏଜେନ୍ସିରୁ ନିୟମିତ ଭାବେ ସିଲିଣ୍ଡର କମିବା ନେଇ ଏଜେନ୍ସି କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ଏହି ସନ୍ଦେହରେ ଏଜେନ୍ସିରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରାଯିବା ପରେ ଚୋରି ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିଲା। ଏଜେନ୍ସି ପରିଚାଳକ ଚନ୍ଦ୍ରମଣି କୁଣ୍ଡ ୧ ତାରିଖରେ ରାଜକନିକା ଥାନାରେ ଏତଲା ଦେଇଥିଲେ। ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଘଟଣାରେ ରିଘାଗଡ଼ ଗ୍ରାମର ପ୍ରମୋଦ ସାହୁ, ବଡ଼ପଙ୍କ ଗ୍ରାମର ଚନ୍ଦନ ବରାଳ ଓ ଶିଶୁଆ ଗ୍ରାମର ବିକ୍ରମ କରଣଙ୍କୁ ପୁଲିସ ଧରି ପଚରାଉଚରା କରିଥିଲା। ଏଜେନ୍ସିରେ ଡ୍ରାଇଭର ଭାବେ କାମ କରୁଥିବା ପ୍ରମୋଦ ସିଲିଣ୍ଡର ନେଇ ଯିବା ସମୟରେ ବାଟରେ ଅନ୍ୟମାନଙ୍କ ମାଧ୍ୟମରେ ବିକ୍ରି କରୁଥିବା ପୁଲିସ ଜାଣିବାକୁ ପାଇଥିଲା। ବଡ଼ପଙ୍କରୁ ବର୍ତ୍ତନୀ ଛକ ମଧ୍ୟରେ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୨୦ଟି ଗ୍ୟାସ ସିଲିଣ୍ଡର ପୁଲିସ ଜବତ କରିଛି। ପୂର୍ବରୁ ଏଜେନ୍ସିରୁ ପ୍ରାୟ ୨୦୦ଟି ସିଲିଣ୍ଡର ଗାଏବ ହୋଇଥିବା ଅଭିଯୋଗ ରହିଥିବାରୁ ସେନେଇ ପୁଲିସର ତଦନ୍ତ ଜାରି ରହିଛି।

## ମାର୍ଶାଘାଇ କଲେଜରେ ଇନୋଭେସନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ମାର୍ଶାଘାଇ, ୩।୯ (ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହା ବେକାରୀ ଦୂରୀକରଣ ଓ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ପୂରଣ ଦିଗରେ ସ୍ନାତକ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନୂତନତ୍ୱ ଓ



ସୃଜନଶୀଳ ପରିବର୍ତ୍ତନ ସହାୟକ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଡ. ଫକୀର ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ପ୍ରାଧ୍ୟାପକ ବିପିନ ବିହାରୀ ନାଥ, ଅଧ୍ୟାପକ ପ୍ରୀତିସାଗର ବିଶ୍ୱାଳ, ଅଧ୍ୟାପିକା ଡ.ମଧୁସ୍ମିତା କର ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଅଧ୍ୟାପକ ସୁକାନ୍ତ ପ୍ରଧାନଙ୍କ ସଂଯୋଜନାରେ କେନ୍ଦ୍ରାପଡ଼ା ସ୍ୱଦେଶୀ ଜାଗରଣ ମଞ୍ଚ ଓ ମାର୍ଶାଘାଇ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରଫେସର ଡ. ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ଶଶିକାନ୍ତ ନାୟକ ମୁଖ୍ୟଅତିଥି, କାର୍ଯ୍ୟନିର୍ବାହୀ ଅଧିକାରୀ ସୋନାଶିଷ ପ୍ରିୟଦର୍ଶିନୀ ଜେନା, ଯୁବ ଉଦ୍ୟୋଗୀ ଅଶ୍ୱିନୀ କୁମାର, ଜିଲ୍ଲା ସଭାପତି ହିମାଂଶୁ ନାୟକ, ସ୍ୱାବଲମ୍ବୀ ଭାରତ ଅଭିଯାନର ରଶ୍ମିରଞ୍ଜନ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରୂପେ ଗଢ଼ି ତୋଳିବାକୁ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର, ଦେଶୀୟ ବସ୍ତୁର ଆଦର ଓ ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରିଥିଲେ। କୃତୀ ପ୍ରତିଯୋଗୀ ଉଷଶ୍ରୀ ଦାସ, ଭାଗ୍ୟଲକ୍ଷ୍ମୀ ମହାପାତ୍ର, ପ୍ରତୀକ୍ଷା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଦୀପକ ଦାସ, ବିଜୟ ପାତ୍ର, ଅଧ୍ୟାପକ ବସନ୍ତ ମିଶ୍ର, ମନୋଜ ରାଉତ, ଡ. ବିନୋଦ ରଥ, ଶୁଭପ୍ରକାଶ ରାଉତ, ବିଭୂତି ବେହେରା, ଅଧ୍ୟାପିକା ମାନସୀ ଦାସ, ପ୍ରଭାସିନୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିବାବେଳେ ଅଧ୍ୟାପକ ବିଭୁସେନ୍ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଚାନ୍ଦୋଳ କଲେଜରେ ସଂସ୍କୃତ ସପ୍ତାହ

ଡେରାବିଶ, ୩।୯ (ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାଏକ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସଂସ୍କୃତ ବିଭାଗ ପକ୍ଷରୁ ସଂସ୍କୃତ ସପ୍ତାହ ପାଳନ କରାଯାଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଭାଗୀୟମୁଖ୍ୟ ଶ୍ରୀମତୀ ଦାସ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଆଦିଭାଷା ଓ ଦେବଭାଷା ବୋଲି କହିଥିଲେ। ଅଧ୍ୟାପିକା ମେନକା ପଣ୍ଡା ବେଦ ପାଠ କରିଥିଲେ। ଚିନ୍ମୟୀ ପ୍ରିୟଦର୍ଶିନୀ ରାଉତ, ସିପାଲିନ୍ ସାମଲ, ପ୍ରଜ୍ଞାପାରମିତା ସ୍ୱାଇଁ, ପ୍ରକାଶ ତ୍ରିପାଠୀ ପ୍ରମୁଖ ଛାତ୍ରଛାତ୍ରୀ ସଂସ୍କୃତ ଶ୍ଳୋକ ଆବୃତ୍ତି ଓ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇଥିଲେ। ସଂସ୍କୃତ ବିଭାଗ ଅଧ୍ୟାପିକା ସ୍ମୃତିରେଖା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଝରାଶ୍ରୀ ପରିଡ଼ା, ସୁକନ୍ୟା ମହାନ୍ତି, ମିନାକ୍ଷୀ ପ୍ରଧାନ, ସ୍ମୃତି ଶ୍ରାବଣୀ, ଶର୍ମିଷ୍ଠା ବେହେରା, ଶାଶ୍ୱତୀପ୍ରଜ୍ଞା ସାହୁ, ଅଧ୍ୟାପକ ସଞ୍ଜୟ ନାୟକ, ଶଶୀଭୂଷଣ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଗଣନା ଆରମ୍ଭ

ରାଜନଗର, ୩।୯ (ସମିସ): ଭିତରକନିକାରେ ଭିଡ଼ ଜମାଇଥିବା ଦେଶୀୟ ପକ୍ଷୀଙ୍କ ଗଣନା ଆରମ୍ଭ ହୋଇଛି। ମଠଆଡ଼ିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ଥିବା ବାଲିଡିଆରେ ଦେଶୀୟ ପକ୍ଷୀଙ୍କ ଗଣନା କରାଯାଉଛି। ପ୍ରଥମ ଦିନରେ ମଠଆଡିଆ ଓ ଲକ୍ଷ୍ମୀପ୍ରସାଦଡିଆରୁ ପକ୍ଷୀଙ୍କ ଗଣନା ଆରମ୍ଭ ହୋଇଛି। ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଓଁଙ୍କର ତତ୍ତ୍ୱାବଧାନରେ କନିକା ରେଞ୍ଜର ୪ଟି ଟିମ ଗଣନା ଆରମ୍ଭ କରିଛନ୍ତି। କନିକା ରେଞ୍ଜ ଦାୟିତ୍ୱରେ ଥିବା ଅଫିସର ଚିତ୍ରସେନ ଜେନା ଗଣନା ସମୟରେ ଉପସ୍ଥିତ ରହି କର୍ମଚାରୀଙ୍କୁ କିପରି ଗଣନା କରାଯିବ, ସେ ନେଇ ବୁଝାଇଥିଲେ। ଆଜି ୪ଟି ଗ୍ରୁପରେ ୫ ଜଣ ଲେଖାଏଁ ଅଭିଜ୍ଞ ବନ କର୍ମଚାରୀ ମଠଆଡ଼ିଆ ଓ ଲକ୍ଷ୍ମୀପ୍ରସାଦଡିଆରେ ପକ୍ଷୀଙ୍କ ଗଣନା କରିଥିଲେ। ଜାତୀୟ ଉଦ୍ୟାନ ବାହାରେ ଥିବା ରାଜନଗର ରେଞ୍ଜର ଫରେଷ୍ଟର ବିଭୂତି ଭୂଷଣ ତରାଇଙ୍କ ନେତୃତ୍ୱରେ ବାଲିଡିଆଠାରେ ଗୋଟିଏ ଟିମ ପକ୍ଷୀ ଗଣନା କରୁଛନ୍ତି। ଗଣନାକାରୀ ଟିମ୍ କେତୋଟି ଗଛରେ, କେତୋଟି ବସାରେ ଓ କେତେ ବଡ଼ପକ୍ଷୀ ଓ କେତେ ପକ୍ଷୀ ଶାବକର ଟିକିନିକି ଭାବେ ଗଣନା କରୁଛନ୍ତି। ଗଣନା ୩ ଦିନ ଧରି ଚାଲିବ ବୋଲି ବନବିଭାଗ ସୂଚନା ଦେଇଛନ୍ତି।



### ● ଖାଲଖମା, ଜଳବନ୍ଦୀ, ଅବ୍ୟବସ୍ଥିତ ପରିମଳକୁ ନେଇ ବ୍ୟଙ୍ଗାତ୍ମକ ପ୍ରତିବାଦ

## ପୌରାଧିକାରୀଙ୍କୁ 'ପାୱାର ଚଷମା' ଦେବାକୁ ଅନୁମତି ମାଗିଲା ମଞ୍ଚ

କେନ୍ଦ୍ରାପଡ଼ା, ୩।୯ (ସମିସ): ସହରର ସମସ୍ୟା ଦେଖାଯାଉନି କି? ଯଦି ଦେଖାଯାଉନି, ତେବେ 'ପାୱାର ଚଷମା' ହିଁ ଭରସା! ଏଭଳି ଏକ ନିଆରା ଓ ବ୍ୟଙ୍ଗାତ୍ମକ ଢଙ୍ଗରେ କେନ୍ଦ୍ରାପଡ଼ା ପୌରପାଳିକାର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଚଷମା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ଅନୁମତି ମାଗିଛି ମାଟି, ବାଲି, ପାଣି ସୁରକ୍ଷା ମଞ୍ଚ। ମଞ୍ଚର ଆବାହକ ବିଧୁଷଣ ମହାପାତ୍ର ଜିଲ୍ଲାପାଳଙ୍କୁ ଦେଇଥିବା ଚିଠିରେ ସହରର ବିଭିନ୍ନ ସମସ୍ୟା ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତାରେ ଖାଲ, ଅଚଳ ଡ୍ରେନ୍, ବର୍ଷାଜଳ ଜମିବା, ରାସ୍ତାକଡ଼ରେ ଅନାବନା ଘାସଲତା, ବୁଲା ଗୋରୁ ଓ କୁକୁର, ଆବର୍ଜନା, ଅଚଳ ଷ୍ଟ୍ରିଟ୍‌ଲାଇଟ୍ ଓ ଅନିୟମିତ ପାର୍କିଂ ଭଳି ସମସ୍ୟାର ସ୍ଥାୟୀ ସମାଧାନ ଦାବି ହୋଇଛି। ଏହି 'ଚଷମା' ପ୍ରଦାନ ପ୍ରକୃତରେ ପ୍ରତୀକାତ୍ମକ ପ୍ରତିବାଦ। ସହରର ମୌଳିକ ସମସ୍ୟା ଏକ ମାସ ମଧ୍ୟରେ ସମାଧାନ ନ ହେଲେ ଉପରିସ୍ଥ ଅଧିକାରୀ, କାଉନସିଲର, ପୌରାଧ୍ୟକ୍ଷା, ବିଧାୟକ ଓ ସାଂସଦଙ୍କୁ ମଧ୍ୟ 'ଚଷମା' ପ୍ରଦାନ କରାଯିବ। ୧୫୭ ବର୍ଷର ପୁରୁଣା ପୌରାଞ୍ଚଳରେ ଆଜି ବି ମୌଳିକ ସମସ୍ୟା ରହିବାକୁ ନେଇ ମଞ୍ଚର ଏହି ନିଆରା ପ୍ରତିବାଦ ଚର୍ଚ୍ଚାରେ ହେଉଛି। ଏବେ ଦେଖିବାକୁ ବାକି ରହିଲା ପୌର ଅଧିକାରୀ 'ଚଷମା' ପିନ୍ଧିବେ, ନା ସହରର ସମସ୍ୟା ଦୂର ହେବ?

## ଯୋଗେନ୍ଦ୍ର ସ୍ୱାଇଁଙ୍କ ସ୍ମୃତିଚାରଣ ସଭା



ଗରଦପୁର, ୩।୯ (ସମିସ): ବନ୍ଧସାହି ଗ୍ରାମର ନିଜ ବାସଭବନ ନିକଟସ୍ଥ ଶୁଭମ୍ ପ୍ୟାଲେସରେ ସ୍ୱର୍ଗତ ଯୋଗେନ୍ଦ୍ର ସ୍ୱାଇଁଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ସୁବାସ ସାମଲଙ୍କ ସଂଯୋଜନାରେ ଜଗନ୍ନାଥ ସଂସ୍କୃତି ଗବେଷକ ହରିହର କାନୁନଗୋ ଓ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ ଅତିଥି ଭାବେ ଯୋଗଦେଇ ଯୋଗେନ୍ଦ୍ର ଜଣେ ନିରଳସ ଓ ଅମାୟିକ ମଣିଷ ଥିଲେ ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଶୁକବି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ମହାନ୍ତି ନିଜ ରଚିତ କବିତା ଆବୃତ୍ତି କରିବା ସହ ଯୋଗେନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ସାମାଜିକ କର୍ମୀ କେଦାର ସାମନ୍ତରାୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଯୋଗେନ୍ଦ୍ରଙ୍କ ସ୍ମୃତିଚାରଣ କରିଥିବାବେଳେ ରାଜ୍ୟ ଭାଗବତ ଚାରଣ ତଥା ପ୍ରଚାର ସମିତି ଆବାହକ ବାବା ତପନ ମହାରାଜ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବଟକୃଷ୍ଣ ପାଢ଼ୀ ଗୀତା ଆବୃତ୍ତି କରିଥିବାବେଳେ ସନାତନ ବେହେରା ଉପସ୍ଥିତ ଥିଲେ। ପୁତ୍ର ପ୍ରଦୀପ ସ୍ୱାଇଁ, ପ୍ରକାଶ ସ୍ୱାଇଁ, ପ୍ରବୀଣ ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ ନିଜ ବାପାଙ୍କ ସ୍ମୃତିଚାରଣ କରିଥିଲେ। ଅଭୟ ସ୍ୱାଇଁ, ସରୋଜ ସାମଲ, ସରୋଜ ବଳ, ତରୁଣ ସାମଲ, ଦେବପ୍ରସାଦ ଲେଙ୍କା ପ୍ରମୁଖ ସହଯୋଗ କରିଥିବାବେଳେ ପୁତୁରା ତଥା ମୃତ୍ତିକା ସଂରକ୍ଷଣ ଅଧିକାରୀ ସୀମାନ୍ତ କେଶରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ

ଡେରାବିଶ, ୩।୯ (ସମିସ): ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ କାମିନୀ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଅଧିକାରୀଙ୍କ ସ୍ଥାଣୁତାକୁ ସମାଲୋଚନା କରିଥିଲେ। ଜିଲ୍ଲା କାର୍ଯ୍ୟାଳୟରେ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ ହେବ ମହିଳା ଶ୍ରମିକ ପଞ୍ଜୀକରଣ ପାଇଁ ଆବେଦନ କରି ଅଦ୍ୟାବଧି ପରିଚୟ ପତ୍ର ପାଇ ନ ଥିବା, ଶ୍ରମିକଙ୍କ ଝିଅ ବିଭାଘର ସହାୟତା ରାଶି ପାଇବା ପାଇଁ ଶତାଧିକ ଆବେଦନ ପଡ଼ିଥିଲେ ମଧ୍ୟ ତାହା ବିଚାରକୁ ନ ନେବା, ଶ୍ରମିକଙ୍କ ମୃତ୍ୟୁର ଦୁଇମାସ ମଧ୍ୟରେ ମୃତ୍ୟୁକାଳୀନ ସହାୟତା ମିଳିବା ନିୟମ ଥିଲାବେଳେ ମୃତ ଶ୍ରମିକଙ୍କ ପରିବାର ସମସ୍ତ ଆବଶ୍ୟକ କାଗଜପତ୍ର ଦେଇସାରିଲା ପରେବି ସେମାନେ ସହାୟତା ପାଇପାରୁନାହାଁନ୍ତି। ଶ୍ରମ ଅଧିକାରୀ କୌଣସି ପଦକ୍ଷେପ ନେଉ ନ ଥିବାରୁ ଜିଲ୍ଲାର ସମସ୍ତ ଶ୍ରମିକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ସାମଲ, ପ୍ରଦୀପ ସାମଲ, ମହେଶ୍ୱର ନାୟକ, ଖଗେଶ୍ୱର ପ୍ରଧାନ, ଅନିରୁଦ୍ଧ ପୃଷ୍ଟି, ଧିରେନ୍ଦ୍ର ସାହୁ, କାର୍ତ୍ତିକ ବେହେରା, ଜଗଦୀଶ କଟାଳ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ପଷ୍ଟ କଲା ଜାତୀୟ ରାଜମାର୍ଗ ପ୍ରାଧିକରଣ

# ରାଜନଗର ଛୁଇଁବନି କୋଷ୍ଟାଲ ହାଇୱେ

ରାଜନଗର, ୩।୯ (ସମିସ): ରାଜନଗର ଛୁଇଁବ ନାହିଁ ଉପକୂଳ ରାଜପଥ ବା କୋଷ୍ଟଲ ହାଇୱେ। ଏ ନେଇ ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ (ଏନଏଚଏଆଇ) ସ୍ପଷ୍ଟ କରିଛି। ପାରାଦୀପ-ଦୀଘା କରିଡର ଅନ୍ତର୍ଗତ ଉପକୂଳ ରାଜପଥ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର ମାର୍ଗ ନିର୍ଦ୍ଧାରଣ ନେଇ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକ ଦେଇ ଉପକୂଳ ରାଜପଥ ନିର୍ମାଣ ନେଇ ଯେଉଁ ସ୍ୱପ୍ନ ଓ ଦାବି ଥିଲା, ତାହା ମଉଳି ଯାଇଛି। ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ କ୍ଷେତ୍ର ବା ଇକୋ-ସେନସିଟିଭ ଜୋନ ଅଞ୍ଚଳକୁ ବାଦ ଦେଇ ଉପକୂଳ ରାଜପଥ ନିର୍ମାଣ ନେଇ ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ ଏ ନେଇ ସ୍ପଷ୍ଟ କରିବା ପରେ ରାଜନଗରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉପକୂଳ ରାଜପଥ ରାଜନଗର ଅଞ୍ଚଳ ଦେଇ ଯିବ, ରାଜନଗର ଅଞ୍ଚଳବାସୀ ସଡ଼କ ସୁବିଧା ପାଇବା ସହିତ ଉପକୂଳ ରାଜପଥ ବାତ୍ୟା ଓ ସୁନାମୀ କବଳରୁ ରାଜନଗରକୁ ସୁରକ୍ଷା ଦେବ। ରାଜନଗରର ଯୁବକ ଦାଦନ ଖଟିବାକୁ ଯିବେନି, ଉପକୂଳ ରାଜପଥ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବ। ଦୀର୍ଘ ଦୁଇ ଦଶନ୍ଧି ଧରି ଦେଖି ଆସୁଥିବା ସ୍ୱପ୍ନ ମଉଳିଯାଇଛି। ରାଜନଗରକୁ ଉପକୂଳ ରାଜପଥରେ ସାମିଲ କରିବା ପାଇଁ ଡକ୍ଟର ଧରଣୀଧର ରାଉତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଦାବିପତ୍ର ଦେଇଥିଲେ। ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ (ଏନଏଚଏଆଇ)ଠାରୁ ସ୍ପଷ୍ଟ ଭାବେ ଜାଣିବାକୁ ଚାହିଁଥିଲେ। ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବର୍ତ୍ତମାନ ଅନୁମୋଦିତ ମାର୍ଗରେ କୌଣସି ପରିବର୍ତ୍ତନ ସମ୍ଭବ ନୁହେଁ। ରାଜନଗର ବ୍ଲକ ଦେଇ ଉପକୂଳ ରାଜପଥର ମାର୍ଗ ନିର୍ଦ୍ଧାରଣ କରିବା ପାଇଁ କରାଯାଇଥିବା ଦାବି ସମ୍ପର୍କରେ ଡିପିଆର ପରାମର୍ଶଦାତା ଏମ.ଏସ ଆର୍ଭି ଜଣାଇଛନ୍ତି ଯେ, ରାଜନଗର ଦେଇ ପ୍ରସ୍ତାବିତ ମାର୍ଗ ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ କ୍ଷେତ୍ର ଓ ବିସ୍ତୃତ ବନ୍ୟା ମଇଦାନ ଅଞ୍ଚଳ ମଧ୍ୟରେ ପଡୁଛି। ପ୍ରସ୍ତାବିତ ଏହି ମାର୍ଗକୁ ୨୦୨୦ରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପ୍ରତ୍ୟାଖ୍ୟାନ କରିଥିଲା। ପରେ ଭିତରକନିକା ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ କ୍ଷେତ୍ରକୁ ବାଦଦେଇ ଡିପିଆର ପ୍ରସ୍ତୁତ କରାଯାଇଥିଲା। ଏହି ଚିଠି ମିଳିବା ପରେ ରାଜନଗରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜନଗରବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି।

## ପାଟକୁରା ମେଡିକାଲର ପରିବର୍ଦ୍ଧିତ କ୍ୟାମ୍ପସ୍ ନିର୍ମାଣ ଦାବି

ଗରଦପୁର, ୩।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ବର୍ତ୍ତମାନ ଯେଉଁ ୩ ଟି ଡାକ୍ତରଖାନାର ପରିବର୍ଦ୍ଧିତ କ୍ୟାମ୍ପସ ନିର୍ମାଣ ହେବାକୁ ଯାଉଛି ସେଥିରୁ ପାଟକୁରା ଡାକ୍ତରଖାନା ଅନ୍ୟତମ। ଏହି ଡାକ୍ତରଖାନାରେ ପ୍ରତିଦିନ ଗରଦପୁର, ମାର୍ଶାଘାଇ, ମହାକାଳପଡ଼ା, ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଓ କଟକ ଜିଲ୍ଲାର ସଦର ବ୍ଲକ ଲୋକ ଉତ୍ତମ ଚିକିତ୍ସା ପାଇଁ ପାଟକୁରା ଡାକ୍ତରଖାନା ଆସିଥା'ନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ପରିବର୍ଦ୍ଧିତ କ୍ୟାମ୍ପସ ଗୃହ ନିର୍ମାଣ କରାଯିବା ପାଇଁ ପାଟକୁରା ମେଡିକାଲ ପରିସରରେ ସ୍ଥାନ ନ ଥିବାରୁ ମେଡିକାଲଠାରୁ ୩ ଶହ ମିଟର ଦୂର ଜଗଦଳପୁର ଗ୍ରାମ ଦଣ୍ଡା ଅଞ୍ଚଳକୁ ଯୋଡିବା ପାଇଁ ପାଟକୁରାର ବିଜେପି ନେତା ତେଜେଶ୍ୱର ପରିଡ଼ା ଏକାଧିକବାର ସିଡିଏମଓ ଓ ଏନଏଚଏମ ଅଧିକାରୀଙ୍କୁ ଭୋଟି ଅନୁରୋଧ କରିଥିଲେ। ସିଡିଏମଓଙ୍କ ପକ୍ଷରୁ ଗତ ୧୯।୯।୨୫ ଓ ୧୭।୭।୨୬ରେ ଗରଦପୁର ତହସିଲଦାରଙ୍କୁ ଜଗଦଳପୁର ଦଣ୍ଡା ଅନୁଧ୍ୟାନ କରିବା ପାଇଁ ଚିଠି ଲେଖିଥିଲେ। ତହସିଲଦାର ମଧ୍ୟ ସରଜମିନ ତଦନ୍ତ କରିଛନ୍ତି। ଜମି ଅଧିଗ୍ରହଣ ଓ ନିର୍ମାଣ କାମ ଆରମ୍ଭରେ ଅହେତୁକ ବିଳମ୍ବ ଯୋଗୁଁ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର. ଆୟାର ସିଡିଏମ ଓ ଡାକ୍ତର ନମିତା ପଟ୍ଟନାୟକ, ଏଡିଏମଓ ଡା. ସଚିଦାନନ୍ଦ ମିଶ୍ର ଓ ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକଙ୍କ ଉପସ୍ଥିତିରେ ବିଜେପି ନେତା ଶ୍ରୀ ପରିଡ଼ାଙ୍କ ସହ ବରିଷ୍ଠ ନେତା ବିଜୟ ନାୟକ, ଚିତ୍ତରଞ୍ଜନ ଚୌଧୁରୀ, ଶରତ ସେଠୀ, ପ୍ରମୋଦ ପ୍ରଧାନ, ତପନ ସୂତାର, ସରୋଜ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ବିଜେପି ନେତା ଶ୍ରୀ ପରିଡ଼ା ଜଣାଇଛନ୍ତି।



ସକାଳ
THE SAKALA

# ସମ୍ପାଦକୀୟ



ସଫଳତାର ତିନି ମନ୍ତ୍ର ହେଉଛି - ସ୍ଥିରତା, ଧୈର୍ଯ୍ୟ ଓ ଦୃଢ଼ତା।
-ବିବେକାନନ୍ଦ

## ପରିସଂଖ୍ୟାନର 'ଭଙ୍ଗାଗ୍ଲାସ ତତ୍ତ୍ୱ'

ଧରାଯାଉ ଗୋଟିଏ ଟେବୁଲ୍ ଉପରେ ଥିବା ଦୁଇଟି କାଚଗ୍ଲାସ୍ ଭିତରୁ ଗୋଟିକର ମନରେ ହଠାତ୍ ହୀନମନ୍ୟତା ଜନ୍ମ ନେଲା। ସେ ଭାବିଲା ମୁଁ ତା'ଠାରୁ ବଡ଼ କାହିଁକି ନୁହେଁ? କିନ୍ତୁ ଆକୃତିକୁ ବଡ଼ କରିବା ତା' ସାଧ ବାହାରେ। ଏଣୁ ସେ ଅନ୍ୟ ଗ୍ଲାସ୍‌ଟିକୁ ଭାଙ୍ଗି ଦେଲା। ଏଥର ତୁଳନାତ୍ମକ ଭାବେ ସେ ଅନ୍ୟ ଠାରୁ ବଡ଼ ହୋଇଗଲା। ଗତ ଅଗଷ୍ଟ ୩୧ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍-ଜୁନ୍(ପ୍ରଥମ ତ୍ରୈମାସ)ର ଅର୍ଥନୈତିକ ଅଭିବୃଦ୍ଧି ହାରକୁ ନେଇ ସେପରି କିଛି ବିତର୍କ ଓ ବିବାଦ ସୃଷ୍ଟି ହୋଇଛି।

ସରକାରଙ୍କ ଦାବି ହେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧ ସମଗ୍ର ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଥିବା ବେଳେ ଭାରତ ଏକ ବ୍ୟତିକ୍ରମ। ତେଣୁ ଅର୍ଥନୈତିକ ଅଭିବୃଦ୍ଧି ହାର ସମସ୍ତ ସମ୍ଭାବନା ଓ ଆଶଙ୍କାକୁ ଭୁଲ୍ ପ୍ରମାଣିତ କରି ୭.୮%ରେ ପହଞ୍ଚି ଉଦାହରଣ ସୃଷ୍ଟି କରିଛି। ଭାରତ ସରକାରଙ୍କ ବିତ୍ତୀୟ ସୁପରିଚାଳନା ଯୋଗୁଁ ଏହା ସମ୍ଭବ ହୋଇପାରିଛି ଏବଂ ଭାରତୀୟ ଅର୍ଥନୀତି ପ୍ରତି ଆସ୍ଥା ଅତୁଟ ରହିଛି। ଅପରପକ୍ଷରେ ବିରୋଧୀ ଦଳର ଅଭିଯୋଗ ହେଉଛି ତଥ୍ୟକୁ ବିଭ୍ରାନ୍ତ କରି ଲୋକଙ୍କ ଆଗରେ ଏହି ଅତିରଞ୍ଜିତ ପରିସଂଖ୍ୟାନ ପ୍ରକାଶ କରାଯାଇଛି ଏବଂ ବାସ୍ତବତାଠାରୁ ବହୁ ଦୂରରେ ଭାରତୀୟ ଅର୍ଥନୀତି ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଚକ୍ଷଣ ଅର୍ଥନୀତିଜ୍ଞ ରଘୁରାମ୍ ରାଜନଙ୍କ ସମେତ ଅର୍ଥନୀତି ବିଶାରଦମାନଙ୍କର ଗୋଟିଏ ମହଲ ଅଭିବୃଦ୍ଧି ପରିସଂଖ୍ୟାନକୁ ଅତିରଞ୍ଜିତ କରି ପ୍ରକାଶ କରାଯାଇଥିବା ମତ ଦେଇଛନ୍ତି। ସ୍ୱେଚ୍ଛାକୃତ ଅବସର ନେଇଥିବା କେନ୍ଦ୍ର ସରକାରଙ୍କ ପୂର୍ବତନ ଅର୍ଥ ସଚିବ ସୁଭାଷ ଗର୍ଗଙ୍କ ଆକଳନ ଅନୁଯାୟୀ ଯଦି ଗତବର୍ଷର ଏହି ସମୟର ଅଭିବୃଦ୍ଧି ହାରକୁ ସଂଶୋଧନ କରି କମ୍ କରାଯାଇ ନ ଥା'ନ୍ତା(ଅନ୍ୟ ଗ୍ଲାସ୍‌ଟିକୁ ଭାଙ୍ଗି ଦିଆଯାଇ ନଥା'ନ୍ତା) ତେବେ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକ ଅର୍ଥନୈତିକ ଅଭିବୃଦ୍ଧି ହାର ମାତ୍ର ୨.୬%ରେ ସୀମିତ ରହିଥା'ନ୍ତା। ତେଣୁ ଏହା ଆଶାତୀତ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଉଥିଲେ ମଧ୍ୟ ବାସ୍ତବରେ ନୈରାଶ୍ୟଜନକ।

ବଜାର ଅର୍ଥନୀତି, ବ୍ୟାଙ୍କିଙ୍ଗ ଋଣ ବଜାର, ସରକାରଙ୍କ ଚାଲୁ ଖାତା ନିଅଣ୍ଟ ଆଦିକୁ ତର୍ଜମା କଲେ ଗର୍ଗ ମହୋଦୟଙ୍କ ଆକଳନକୁ ଭୁଲ୍ ବୋଲି କହିହେବ ନାହିଁ। ଆରବିଆଇର ତଥ୍ୟାନୁଯାୟୀ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଭାରତର କରେଣ୍ଟ ଆକାଉଣ୍ଟ ଡେଫିସିଟ୍(ସିଏଡି) ୪୨୦ କୋଟି ଡଲାର(ଜିଡିପିର ୦.୫%)କୁ ବୃଦ୍ଧି ପାଇଛି। ଗତବର୍ଷ ସମାନ ସମୟରେ ସିଏଡି ଥିଲା ୩୪୦ କୋଟି ଡଲାର। ବାଣିଜ୍ୟ ନିଅଣ୍ଟ ପରିମାଣ ୮୬୧୦ କୋଟି ଡଲାରକୁ ବୃଦ୍ଧି ପାଇଛି। ସେବା କ୍ଷେତ୍ରର ଏବଂ ପ୍ରବାସୀ ଭାରତୀୟଙ୍କ ଅର୍ଥ ପ୍ରେରଣରୁ ଗତ ବର୍ଷ ତୁଳନାରେ ଯାହା ଅଧିକ ଆୟ ହୋଇଛି ତାହା ଉପରୋକ୍ତ କ୍ଷତିକୁ କିଛି ପରିମାଣରେ ଭରଣା କରିପାରିଛି। ପୁଞ୍ଜି ଆୟ ପୂର୍ବବର୍ଷର ୧୩୩୦ କୋଟି ଡଲାରରୁ ୧୦୫୦ କୋଟି ଡଲାରକୁ ହ୍ରାସ ପାଇଛି। ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ନିବେଶ ଗତବର୍ଷ ତୁଳନାରେ ୯୦ କୋଟି ଡଲାର ବୃଦ୍ଧି ପାଇଥିଲେ ମଧ୍ୟ ୯୬୦ କୋଟି ଡଲାର ମୂଲ୍ୟର ବୈଦେଶିକ ପରୋକ୍ଷ ପୁଞ୍ଜି ପ୍ରତ୍ୟାହାର ହୋଇଛି। ଗତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଏହି ପରିମାଣ ଥିଲା ମାତ୍ର ୧୬୦ କୋଟି ଡଲାର। ବୈଦେଶିକ ମୁଦ୍ରା ପାଣ୍ଠିରେ ବର୍ଷକ ଭିତରେ ୮୧୦ କୋଟି ଡଲାରର ହ୍ରାସ ଘଟିଛି। ଅପରପକ୍ଷରେ ବ୍ୟାଙ୍କରୁ ଶିଳ୍ପ ଋଣ ପରିମାଣ ବିଗତ ଦଶନ୍ଧିର ସର୍ବୋଚ୍ଚ ସ୍ତର୧୯.୨%, ସେବା କ୍ଷେତ୍ରରେ ୨୧.୪% ଏବଂ ବ୍ୟକ୍ତିଗତ ଋଣ ୧୫.୮%କୁ ବୃଦ୍ଧି ପାଇଛି। ଏହା କମ୍ପାନୀମାନଙ୍କର ଉତ୍ପାଦନ ବୃଦ୍ଧି, କାର୍ଯ୍ୟକାରୀ ଖର୍ଚ୍ଚ ହ୍ରାସ ଏବଂ ବିକ୍ରି ବୃଦ୍ଧିରେ ସହାୟକ ହୋଇଥିବାରୁ ଅର୍ଥନୀତିକ ଅଭିବୃଦ୍ଧି ହାରରେ ପ୍ରତିଫଳିତ ହୋଇଛି।

ସରକାରୀ ତଥ୍ୟ ଓ ପରିସଂଖ୍ୟାନକୁ ଯେତେ ମାଡ଼ିମକଚି ସାର୍ବଜନିନ କଲେ ମଧ୍ୟ ଅନ୍ୟ ବାଟ ଦେଇ ନକାରାତ୍ମକ ସ୍ଥିତିର ସୂଚନା ଆତ୍ମପ୍ରକାଶ କରୁଛି। ବିଳାସଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ପର୍ଯ୍ୟନ୍ତ ଏଭଳି କୌଣସି ଖାଉଟି ସାମଗ୍ରୀ ନାହିଁ, ଯାହାର ଦର ନିୟନ୍ତ୍ରଣରେ ରହିଛି। ନିତିଦିନିଆ ବଜାର ସହିତ ପ୍ରତ୍ୟକ୍ଷ ସମ୍ପୃକ୍ତ ଯେକୌଣସି ବର୍ଗର ନାଗରିକ ଏହା ସ୍ୱୀକାର କରିବାକୁ ବାଧ୍ୟ। ଖାଉଟି ବଜାର ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ସୁନାରେ ନିମ୍ନ-ମଧ୍ୟବିତ୍ତ ଆଉ ହାତ ମାରିପାରୁନି। ତେଣୁ ଅତି ଆବଶ୍ୟକ ନଥିଲେ ସୁନା ନ କିଣିବା ଏବଂ ବିଦେଶ ଭ୍ରମଣ ନ କରିବା ପାଇଁ ପ୍ରଧାନମନ୍ତ୍ରୀ ପୁଣି ଥରେ ଦେଶବାସୀଙ୍କ ଆହ୍ୱାନ ଦେଇଛନ୍ତି। ସ୍ୱାସ୍ଥ୍ୟ ବା ଚିକିତ୍ସା ଖର୍ଚ୍ଚ ଯେଉଁ ହାରରେ ବଢୁଛି ସେଥିରେ ଗରିବ ଦୂରେ ଥାଉ ନିମ୍ନମଧ୍ୟବିତ୍ତ ପାଇଁ ଏକପ୍ରକାର ଅପହଞ୍ଚ ହୋଇଚାଲିଛି। ଗୋଟିଏ ପଟେ ସରକାରୀ ଶିକ୍ଷା ଏତେ ଅବ୍ୟବସ୍ଥିତ ଓ ବିଶୃଙ୍ଖଳିତ ଯେ ଅଭିଭାବକମାନେ ବାଧ୍ୟ ହୋଇ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ଚାହିଁ ଘରୋଇ ସ୍କୁଲ୍‌ରେ ନାମ ଲେଖାଇବାକୁ ଉଚିତ ମଣୁଛନ୍ତି। ଏହାର ସୁଯୋଗ ନେଇ ଘରୋଇ ବିଦ୍ୟାଳୟମାନେ ମନ ଇଚ୍ଛା ଫି' ବଢ଼ାଇ ଚାଲିଛନ୍ତି। ଏବେ ଦେଶର ଅର୍ଥନୀତି ଜନସଂଖ୍ୟାର ମାତ୍ର ୫% ମୁଷ୍ଟିମେୟ ହାତରେ ଠୁଳ ହୋଇଛି ଏବଂ ଅବଶିଷ୍ଟ ୯୫% ଲୋକଙ୍କର ଜୀବନ ସଂଘର୍ଷ ବଢ଼ିଚାଲିଛି।

ଏହାସତ୍ତ୍ୱେ ସରକାରଙ୍କ ତଥ୍ୟ କହୁଛି ଯେ ଭାରତୀୟ ଅର୍ଥନୀତି ଠିକ୍ ବାଟରେ ଯାଉଛି। ଏହାକୁ କେବଳ ଏକ ବିଡ଼ମ୍ବନା ଓ ଆତ୍ମପ୍ରବଞ୍ଚନା ବୋଲି କୁହାଯାଇପାରେ। ଅଭିବୃଦ୍ଧି ହାରକୁ ଉଚ୍ଚା କରି ଦର୍ଶାଇବା ସରକାରଙ୍କୁ ଆତ୍ମସନ୍ତୋଷ ଦେଇଥାଇପାରେ, କିନ୍ତୁ ବାସ୍ତବତାକୁ ଅଧିକ ଦିନ ଧରି ପ୍ରହେଳିକାର କଳାବାଦଲ ତଳେ ଲୁଚାଇ ରଖାଯାଇପାରିବ ନାହିଁ। ଅନ୍ୟଟିକୁ ଭାଙ୍ଗି ନିଜକୁ ବଡ଼ ଘୋଷଣା କରିବାର ମାନସିକତାକୁ ପରିତ୍ୟାଗ କରିପାରିଲେ ଅଭିବୃଦ୍ଧିର ସୁଫଳ ଜନସାଧାରଣଙ୍କ ପାଖରେ ପହଞ୍ଚିବ। ●

## 'ନିଶାମୁକ୍ତ ଭାରତ': କଥାରେ ନିବାରଣ, କାମରେ ପ୍ରସାରଣ

**ପ୍ରହଲାଦ କୁମାର ସିଂହ**

'ମଦ ପାଇଁ 'ସୁଭଦ୍ରା' ଟଙ୍କା ଦେଲାନି ବୋଲି ସ୍ତ୍ରୀକୁ ମାରି ପୋତିଦେଲା- ବାଡ଼ିରୁ ମାଟିଖୋଳି ଶବ ଉଦ୍ଧାର କଲା ପୁଲିସ: ସ୍ୱାମୀ ଗିରଫ।' ଏହି ମାମଲାରେ ଢେଙ୍କାନାଳ ପୁଲିସ ବାଡ଼ିରୁ ମାଟି ଖୋଳି କୌଶଲ୍ୟା ପ୍ରଧାନଙ୍କ ଶବ ଉଦ୍ଧାର କରିବା ସହ ତାଙ୍କ ସ୍ୱାମୀ ଗିରିଶଙ୍କୁ ଗିରଫ କରିଛି। କୌଶଲ୍ୟାଙ୍କୁ ହତ୍ୟା ଓ ଗିରିଶର ଗିରଫ ପରେ ତାଙ୍କର ଛୋଟଛୋଟ ଚାରି ପିଲା ଏକ ପ୍ରକାର ଅନାଥ ହୋଇଯାଇଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ୨୦୨୪ ସାଧାରଣ ନିର୍ବାଚନ ବେଳେ ବିଜେପି ପକ୍ଷରୁ ରାଜ୍ୟର ସମସ୍ତ ମହିଳାଙ୍କୁ ୫୦ ହଜାର ଟଙ୍କା କରି ଅର୍ଥ ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ଏହିକ୍ରମରେ ୫ ହଜାର ଟଙ୍କିଆ କିସ୍ତିରେ ୫ବର୍ଷରେ ୫୦ ହଜାର ଟଙ୍କା ଦେବା ପାଇଁ ଘୋଷଣା କରାଯାଇଛି। ଏବେ ଓଡ଼ିଶାରେ କୋଟିଏରୁ ଅଧିକ ମହିଳାଙ୍କୁ 'ସୁଭଦ୍ରା' ଯୋଜନାରେ କିସ୍ତି ପିଛା ୫ ହଜାର ଟଙ୍କା କରି ମିଳୁଛି। ଏହି ଅର୍ଥ ପାଉଥିବା ମହିଳାଙ୍କ ଭିତରୁ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ହୋଇସାରିଲେଣି ବୋଲି ପ୍ରଚାର ଚାଲିଛି। ତେବେ 'ସୁଭଦ୍ରା' କିସ୍ତି ମିଳିବା ପରେ ନିଶା ପାଣି ପାଇଁ ଏହି ଅର୍ଥ କେମିତି ଛଡ଼ାଇ ନିଆଯାଉଛି ଏବଂ ସେଥିଲାଗି ହିତାଧିକାରୀଙ୍କ ଜୀବନ ଯାଉଛି ତା'ର ବହୁ ଘଟଣା ଭିତରୁ କୌଶଲ୍ୟା ପ୍ରଧାନଙ୍କ ହତ୍ୟା ହେଉଛି ଗୋଟିଏ।

ଆମ ପବିତ୍ର ସମ୍ବିଧାନର ୪୭ ଧାରା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ନିଶା ନିବାରଣର ଆବଶ୍ୟକତା କଥା ବଖାଣିଥାଏ। ବର୍ତ୍ତମାନର ପ୍ରଚଳିତ ଓଡ଼ିଶା ଅବକାରୀ ଆଇନ୍‌ର ୯୩ ଧାରାରେ ବି ନିଶା ନିବାରଣ କଥା ଉଲ୍ଲେଖ ରହିଛି। ପୂର୍ବରୁ ଥିବା ବିହାର-ଓଡ଼ିଶା ଅବକାରୀ ଆଇନ୍‌ର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବି ନିଶା ନିବାରଣ ଆଡ଼କୁ ସୂଚାଉଥିଲା। ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ପ୍ରଣୀତ 'ଓଡ଼ିଶା ନିଶା ନିବାରଣ ଆଇନ୍-୧୯୫୬'କୁ ଇତିମଧ୍ୟରେ ୭୦ ବର୍ଷ ପୂରିଥିଲେ ମଧ୍ୟ ଓଡ଼ିଶାରେ ନିଶା ନିବାରିତ ହେବା ପରିବର୍ତ୍ତେ ପ୍ରସାରିତ ହୋଇ ଚାଲିଛି।

୨୦୨୪ ନିର୍ବାଚନବେଳେ ବିଜେପି ପକ୍ଷରୁ ସଂକଳ୍ପପତ୍ର ମାଧ୍ୟମରେ ଦିଆଯାଇଥିବା 'ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି'ରେ ଉତ୍କୃଷ୍ଟ ଜୀବନ ପାଇଁ ଓଡ଼ିଶାକୁ ନିଶାମୁକ୍ତ କରିବା ଲାଗି ଘୋଷଣା କରାଯାଇଥିଲା। ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠିତ ହେବା ପରେ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ଜନସାଧାରଣଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ ପାଇଁ ଘୋଷଣା କରାଯାଇଥିଲା। ସରକାରଙ୍କ ପକ୍ଷରୁ ବି କରାଯାଉଥିବା ବ୍ୟୟବହୁଳ ପ୍ରଚାରରେ 'କଥା ଦେଇ କଥା ରଖିଲେ ମୋହନ ସରକାର' ଓ 'ନିଶା ନୁହଁ ଜୀବନ ଚାହୁଁ' ଭଳି ଅନେକ ବାର୍ତ୍ତା ଫ୍ଲେକ୍ସ, ହୋର୍ଡିଂ ଓ ବିଜ୍ଞାପନ ମାଧ୍ୟମରେ ଦିଆଯାଇଛି। କେନ୍ଦ୍ର ସରକାର ପ୍ରାୟ ୭ବର୍ଷ ଧରି ଚଳାଇଥିବା 'ନିଶାମୁକ୍ତ ଭାରତ' ଅଭିଯାନରେ ଓଡ଼ିଶାର ୩୦ଟି ଜିଲ୍ଲାକୁ ସାମିଲ କରି କୋଟିକୋଟି ଟଙ୍କା ବ୍ୟୟ ହୋଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର 'ନିଶାମୁକ୍ତ ଭାରତ' ପ୍ରସଙ୍ଗ ଦୋହରାଇଛନ୍ତି। ତେବେ ଏଥିଯୋଗୁଁ ନିଶା କେତେ କମିଛି କି ବଢ଼ିଛି ତା'ର ହିସାବ କିନ୍ତୁ କେହି ଦେଉ ନାହାନ୍ତି।

ଓଡ଼ିଶା ସରକାର ଇତିମଧ୍ୟରେ ଅବକାରୀ ନୀତି-୨୦୨୬-୨୯ ଜାରି କରିଛନ୍ତି। ଏଥିରେ ଓଡ଼ିଶାକୁ ନିଶାମୁକ୍ତ କରିବା ଲାଗି କୌଣସି ଘୋଷଣା ନାହିଁ। ତେବେ ଏହି ନୀତିରେ ମଦ ଉପରେ ବିଭିନ୍ନ କିସମର ଶୁଳ୍କ ବୃଦ୍ଧି ସହିତ ନିଶାଡ଼ିଙ୍କ ଲାଗି ନିଶା ନିବାରଣ କେନ୍ଦ୍ର ସ୍ଥାପନ ପାଇଁ ଉଲ୍ଲେଖ ରହିଛି। ପୂର୍ବ ବ୍ୟବସ୍ଥାରେ ମଦ ଉଠାଣ ପାଇଁ ଥିବା ସର୍ବନିମ୍ନ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ)ର ପରିବର୍ତ୍ତନ କରାଯାଇ ସର୍ବନିମ୍ନ ଗ୍ୟାରେଣ୍ଟେଡ୍ ଏକ୍ସାଇଜ୍ ରେଭେନ୍ୟୁ (ଏମ୍‌ଜିଇଆର୍) ବ୍ୟବସ୍ଥା ଲାଗୁ କରାଯାଇଛି। ବନ୍ଦ ଥିବା ଅନେକ ମଦ ଦୋକାନ ଖୋଲାଯିବା ସଂଗେସଂଗେ ରାସ୍ତାଘାଟ, ହାଟବଜାର, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ଧର୍ମାନୁଷ୍ଠାନ ଆଦି ନିକଟରେ ବି ନିଶା ବେପାର ପାଇଁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକ୍‌ରେ ମଦ ଯୋଗାଣ ଓ କେତେକ ସ୍ଥାନରେ ମଦ କାରଖାନା ଖୋଲିବା ସହିତ ସମୁଦ୍ର, ନଦୀ, ଝରଣା ସମେତ ଜଳ ଉତ୍ସଗୁଡ଼ିକ ନିକଟରେ ମଦ କୁଡ଼ିଆ ସ୍ଥାପନ ଲାଗି ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ହିସାବ ମୁତାବକ ୨୦୨୦-୨୧ ବର୍ଷରେ ସରକାର ପ୍ରାୟ ୨୦ କୋଟି ଲିଟର ମଦ ଯୋଗାଇଥିବା ବେଳେ ୨୦୨୪-୨୫ ବର୍ଷରେ ଏହାର ପରିମାଣ ୪୦କୋଟି ୧୭ଲକ୍ଷ ଲିଟରକୁ ଟପିଯାଇଛି। ଲାଇସେନ୍ସପ୍ରାପ୍ତ ଦୋକାନଗୁଡ଼ିକ ମାଧ୍ୟମରେ ଯେତେ ମଦ କାରବାର ହେଉଛି ତା'ର ଢେର ଅଧିକ ଗୁଣ ଚୋରାରେ ମିଳୁଛି। ଏମିତିକି କିଛି ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ବିଭାଗୀୟ କର୍ତ୍ତୃପକ୍ଷ ଖୋଦ୍ ରାଜଧାନୀରେ ନକଲି ମଦ ଧରି ନଷ୍ଟ କରିବା ସମ୍ବାଦ ମଧ୍ୟ ପ୍ରକାଶ ପାଇଛି। କେବଳ ମଦ ନୁହେଁ; ଓଡ଼ିଶାରେ ଚରସ, ହେରୋଇନ୍, ବ୍ରାଉନସୁଗାର, ଗଞ୍ଜେଇ, ଅଫିମ, କଫ ସିରପ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ଲଗାମଛଡ଼ା ବେପାର ଚାଲିଛି।

ସରକାରୀ ତଥ୍ୟ ଅନୁଯାୟୀ ୨୦୦୦-୦୧ ବର୍ଷରେ ଓଡ଼ିଶାର ଅବକାରୀ ରାଜସ୍ୱ ପରିମାଣ ୧୩୫ କୋଟି ୩୫ଲକ୍ଷ ଟଙ୍କା ଥିବା ବେଳେ ଏହା ବଢ଼ିବଢ଼ି ୨୦୨୬-୨୭ ବର୍ଷରେ ୧୦ ହଜାର ୯୦୦ କୋଟି ଟଙ୍କା ହେବ ବୋଲି ବଜେଟ୍‌ରେ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ନିଶା କାରବାର ବୃଦ୍ଧି ପାଉଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟରୁ ଜଳଜଳ ବାରି ହୋଇଯାଉଛି। ଓଡ଼ିଶା ସରକାରଙ୍କ ପ୍ରଣୀତ ଯୁବନୀତିର ୯ମ ଅନୁଚ୍ଛେଦରେ ଯୁବ ସମାଜ ଭିତରେ ନିଶାର ପ୍ରାବଲ୍ୟ ଘେନି ଉଦ୍‌ବେଗ ପ୍ରକାଶ ପାଇବା ସଂଗେସଂଗେ 'ଆଲ୍‌କହଲ୍ ମୁକ୍ତ ଗ୍ରାମ' ପ୍ରତିଷ୍ଠା ପାଇଁ କୁହାଯାଇଥିଲା। କିନ୍ତୁ ବାସ୍ତବରେ ଅଧିକରୁ ଅଧିକ ଲୋକଙ୍କୁ ଆମ ରାଜ୍ୟରେ ନିଶାଯୁକ୍ତ କରାଯାଉଛି।

ଗୋଟିଏ ବାକ୍ୟରେ କହିଲେ ନିଶା ପ୍ରସାର ଯୋଗୁଁ ବ୍ୟକ୍ତି, ପରିବାର, ସମାଜ ଓ ରାଜ୍ୟ ଓ ଦେଶ ଉଜୁଡ଼ିବାରେ ଲାଗିଛି। କୌଣସି ଧର୍ମ ନିଶା ସେବନର ସପକ୍ଷରେ ନ ଥିବା ବେଳେ ଅନେକ ଧର୍ମାନୁଷ୍ଠାନରେ ବି ନିଶାଡ଼ିଙ୍କ ପ୍ରାବଲ୍ୟ ବଢୁଛି। ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧିରେ ନିଶାଡ଼ି କର୍ମଚାରୀଙ୍କ ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ଥିବା ବେଳେ ବହୁ ସ୍ଥଳେରେ ସରକାରୀ ଦପ୍ତର, ଅତିଥିଶାଳା, ଡାକବଙ୍ଗଳା ଆଦିରେ ନିଶାଡ଼ିଙ୍କ ଭିଡ଼ ବଢୁଛି। ସରକାରୀ ପରିସଂଖ୍ୟାନ ମୁତାବକ ଗୋଟିଏ ଗୋଟିଏ ବର୍ଷରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ୧ ପ୍ରତିଶତରୁ ବି କମ୍। ଏମିତିକି ୫ବର୍ଷରେ ବି ଅନେକ ଜିଲ୍ଲାରେ ଅବକାରୀ ମାମଲାରେ ଜଣେ ହେଲେ ଦଣ୍ଡିତ ହୋଇନଥିବା କଥା ଖୋଦ୍ ସରକାର ବିଧାନସଭାରେ ସ୍ୱୀକାର କରୁଛନ୍ତି। ଅତୀତରେ ଭାରତ ସରକାରଙ୍କ ମହାଲେଖାକାର (ସିଏଜି) ତାଙ୍କ ରିପୋର୍ଟରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଓଡ଼ିଶାରେ ଯଥେଷ୍ଟ କମ୍ ରହୁଥିବା ଘେନି ଉଦ୍‌ବେଗ ପ୍ରକାଶ କରିବା ଏବଂ ଏହି ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହେବାର ନଜିର ରହିଛି। ନିର୍ବାଚନ ବେଳେ ଭୋଟରଙ୍କୁ ଆକର୍ଷିତ କରିବାର ବିଭିନ୍ନ ସାମଗ୍ରୀ ସହିତ ଅର୍ଥ ଓ ମଦ ବଣ୍ଟନ ଏକ ଖରାପ ପରମ୍ପରାରେ ପଡ଼ିଛି। ଏହି ସମୟରେ ବି ବିପୁଳ ପରିମାଣର ନିଶା ସାମଗ୍ରୀ ଜବତ ହୋଇଥାଏ। ଏଭଳି ସ୍ଥିତିରେ ମଦ ସମେତ ଅନ୍ୟାନ୍ୟ ନିଶା ଆମ ଗଣତନ୍ତ୍ର ପାଇଁ ଯେ ବିପଜ୍ଜନକ ତାହା କହିବା ନିଷ୍ପ୍ରୟୋଜନ। ନିଶା ବେପାରକୁ ଦଳମତ ନିର୍ବିଶେଷରେ ସରକାର ଚଳାଉଥିବା ବ୍ୟକ୍ତିବିଶେଷ ପୃଷ୍ଠପୋଷକତା ଦେବାରୁ ନିଶା ରାକ୍ଷସର ଦୌରାତ୍ମ୍ୟ ବଢ଼ିବଢ଼ି ଚାଲିଛି।

ସ୍ୱାଧୀନତା ସଂଗ୍ରାମ ବେଳେ ନିଶା ନିବାରଣ ଏକ ଘୋଷିତ ପ୍ରତିଶ୍ରୁତି ଥିଲା। ମଦ ଦୋକାନ ଆଗରେ ପିକେଟିଂ କରି ଅନେକ ସଂଗ୍ରାମୀ ଜେଲ୍ ଯାଉଥିଲେ। ଅନ୍ୟପକ୍ଷରେ ସ୍ୱାଧୀନତା ପ୍ରାପ୍ତିର ୧୦୦ ବର୍ଷ ୨୦୪୭ରେ ପାଳିତ ହେବାକୁ ଯାଉଥିବା ବେଳେ ଆମ ରାଜ୍ୟରେ ନିଶାର ସ୍ଥିତି ଚିନ୍ତାଜନକ ରହିଛି। କୁହାଯାଏ- ଗୋଟିଏ ଟଙ୍କାର ଅବକାରୀ ରାଜସ୍ୱ ପାଇଁ କ୍ଷତିର ପରିମାଣ ୧୦୦ ଟଙ୍କା। ଏଭଳି ସ୍ଥିତିରେ ଅବକାରୀ ରାଜସ୍ୱ ବଢ଼ିବା ଯୋଗୁଁ ବର୍ଷକୁ ବର୍ଷ କ୍ଷତି ବଢ଼ିବଢ଼ି ଅମୃତ କାଳକୁ ବିଷ ବଳୟ ମଧ୍ୟକୁ ଠେଲି ଦେଉଛି।

ଗୁଜରାଟ ଓ ବିହାର ଭଳି ରାଜ୍ୟ ଯଦି ଅବକାରୀ ରାଜସ୍ୱକୁ ଉପେକ୍ଷା କରି ନିଶା ନିବାରଣକୁ ଆପଣାଇ ପାରିଛନ୍ତି ତେବେ ଏ କ୍ଷେତ୍ରରେ ଓଡ଼ିଶା କାହିଁକି ପଛରେ ପଡ଼ିଛି? ନିଶା ନିବାରଣ ହେଲେ ଚୋରା ନିଶା କାରବାର ବଢ଼ିଯିବ ବୋଲି ବିତଣ୍ଡା ଯୁକ୍ତି ଉଠାଯାଏ। ନିଶା ବେପାରୀଙ୍କ ନିକଟରେ ଏହା ବ୍ୟବସ୍ଥାର ଆତ୍ମସମର୍ପଣ ସଦୃଶ। ବଳାତ୍କାର, ଚୋରି ଆଦି ବୃଦ୍ଧି ପାଇଲେ ସରକାର କ'ଣ ଅପରାଧୀମାନଙ୍କୁ ଅପରାଧ ଘଟାଇବା ଲାଗି ଲାଇସେନ୍ସ ଦେବେ? ନିଶା ସେବନ ଓ ନିଶା ଯୋଗାଣକୁ ଅପରାଧ ପର୍ଯ୍ୟାୟଭୁକ୍ତ କରି କଠୋର ଦଣ୍ଡ ଦିଆଗଲେ ଚୋରା ନିଶା ବେପାର ହୁଅନ୍ତା ନାହିଁ।

ଯେଉଁମାନେ ଶାସନ ଚଳାଉଛନ୍ତି ସେମାନେ ଯଦି ନିଶା ବ୍ୟାପାରରେ ସାମାନ୍ୟ ସଚେତନ ହୋଇଯାଆନ୍ତେ ତେବେ ବହୁ ସମସ୍ୟାର ସରଳ ଓ ସହଜ ସମାଧାନ ହୋଇପାରନ୍ତା। କିନ୍ତୁ କଥାରେ ନିଶା ନିବାରଣ ଥିବା ବେଳେ କାମରେ କିନ୍ତୁ ଘଟୁଛି ନିଶା ପ୍ରସାରଣ। ବାସ୍ତବରେ ନିଶାମୁକ୍ତ ଭାରତ ଅଭିଯାନ ଓଡ଼ିଶାରେ 'ଯାଦୁଆ ବିକୁଛି ଯାଦୁର ମଲମ- ମଦୁଆ ଉଡ଼ାଏ ନିଶା ନିବାରଣ ବାନା' ପରି ଜଣାପଡୁଛି। ●

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ବେସରକାରୀ ସ୍କୁଲରୁ ସରକାରୀ ଚାକିରି ସ୍ୱପ୍ନ

**ଦେବଦତ୍ତ ଦାଶ**



ଆମ ସମାଜରେ ଗୋଟିଏ ଅଦ୍ଭୁତ ବିରୋଧାଭାସ ଦେଖିବାକୁ ମିଳୁଛି। ସରକାରୀ ଚାକିରି ପାଇଁ ଯୁବପିଢ଼ି ବର୍ଷ ବର୍ଷ ଧରି ପରିଶ୍ରମ କରୁଛି। ସରକାରୀ ଚାକିରି ମିଳିଲେ ତାହାକୁ ସଫଳତାର ପ୍ରତୀକ ବୋଲି ଧରାଯାଉଛି। କିନ୍ତୁ ସେହି ସରକାରୀ ବ୍ୟବସ୍ଥାର ଏକ ମୁଖ୍ୟ ଅଂଶ ସରକାରୀ ବିଦ୍ୟାଳୟ ନିଜ ପିଲାଙ୍କ ପାଇଁ ଅନେକଙ୍କ ପ୍ରଥମ ପସନ୍ଦ ହୋଇପାରୁନାହିଁ। ଏହା କେବଳ ପସନ୍ଦର ପ୍ରଶ୍ନ ନୁହେଁ। ଏହା ଆମ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସର ପ୍ରଶ୍ନ। ଜଣେ ଶିକ୍ଷକ ହେବାକୁ ହେଲେ କେତେ ପରିଶ୍ରମ କରିବାକୁ ପଡ଼େ! ଶିକ୍ଷାଗତ ଯୋଗ୍ୟତା, ଶିକ୍ଷକ ପ୍ରଶିକ୍ଷଣ, ଯୋଗ୍ୟତା ପରୀକ୍ଷା, ନିଯୁକ୍ତି ପରୀକ୍ଷା ଏବଂ ଚୟନ ପ୍ରକ୍ରିୟାର ଅନେକ ପାହାଚ ଚଢ଼ିବା ପରେ ଜଣେ ସରକାରୀ ଶିକ୍ଷକ ହେବାର ସୁଯୋଗ ପାଆନ୍ତି। ତେବେ ପ୍ରଶ୍ନ ହେଉଛି ଏତେ ଜଟିଳ ପ୍ରକ୍ରିୟା ଦେଇ ଚୟନ ହୋଇଥିବା ଶିକ୍ଷକଙ୍କ ବିଦ୍ୟାଳୟରେ ନିଜ ପିଲାଙ୍କୁ ପଢ଼ାଇବା ପାଇଁ ଅଭିଭାବକ କାହିଁକି ଦ୍ୱିଧା କରୁଛନ୍ତି? ଏହି ପ୍ରଶ୍ନର ଉତ୍ତର ଖୋଜିବା ଆବଶ୍ୟକ।

ବେସରକାରୀ ବିଦ୍ୟାଳୟ ନିଶ୍ଚିତ ଭାବେ ଶିକ୍ଷା କ୍ଷେତ୍ରରେ ନିଜର ଅବଦାନ ରଖିଛି। ଅନେକ ଭଲ ବେସରକାରୀ ବିଦ୍ୟାଳୟ ଉଚ୍ଚମାନର ଶିକ୍ଷା, ଶୃଙ୍ଖଳା ଓ ଭଲ ପରିବେଶ ଦେଉଛନ୍ତି। ସେମାନଙ୍କର ଭଲ କାମକୁ ଅସ୍ୱୀକାର କରିବାର କୌଣସି କାରଣ ନାହିଁ। କିନ୍ତୁ ସମସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ଶିକ୍ଷା ସେବାରୁ ବ୍ୟବସାୟରେ ପରିଣତ ହେବାକୁ ଲାଗେ। କେତେକ ବେସରକାରୀ ବିଦ୍ୟାଳୟରେ ଅତ୍ୟନ୍ତ କମ୍ ପାରିଶ୍ରମିକରେ ଶିକ୍ଷକଙ୍କୁ କାମ କରାଯାଉଥିବା ଅଭିଯୋଗ ରହିଛି। ଅନ୍ୟପଟେ ଅଭିଭାବକଙ୍କଠାରୁ ଆଡମିଶନ୍ ଫିସ୍, ମାସିକ ଫିସ୍, ପୁସ୍ତକ, ୟୁନିଫର୍ମ, ପରିବହନ ଓ ବିଭିନ୍ନ ଦେୟ ନାମରେ ଅଧିକ ଅର୍ଥ ନିଆଯାଉଥିବା ନେଇ ଅଭିଯୋଗ ହୁଏ।

ଯଦି ଜଣେ ଶିକ୍ଷକଙ୍କ ଶ୍ରମର ମୂଲ୍ୟ ଏତେ କମ୍, ତେବେ ସେହି ଶିକ୍ଷକଙ୍କଠାରୁ ଉଚ୍ଚମାନର ଶିକ୍ଷାଦାନର ଆଶା କରିବା କେତେ ଯୁକ୍ତିଯୁକ୍ତ? ଏଠି ଆଉ ଏକ ପ୍ରଶ୍ନ। ଅଭିଭାବକଙ୍କଠାରୁ ଆଦାୟ ହେଉଥିବା ଫିସ୍ ଓ ଶିକ୍ଷକଙ୍କୁ ଦିଆଯାଉଥିବା ଦରମା ମଧ୍ୟରେ ଏତେ ବଡ଼ ତଫାତ୍ କାହିଁକି? ଶିକ୍ଷା କେବଳ ଭବନ, ରଙ୍ଗୀନ ପୋଷାକ କିମ୍ବା ଇଂରାଜୀ ମାଧ୍ୟମର ନାମ ନୁହେଁ। ଶିକ୍ଷା ହେଉଛି ଜଣେ ପିଲାର ଚିନ୍ତାଧାରା, ଚରିତ୍ର, ଜ୍ଞାନ ଓ ଭବିଷ୍ୟତ ଗଢ଼ିବାର ପ୍ରକ୍ରିୟା। ତେଣୁ ଶିକ୍ଷକଙ୍କ ଯୋଗ୍ୟତା, ଶିକ୍ଷାଦାନର ମାନ ଓ ପିଲାଙ୍କ ପ୍ରତି ବ୍ୟବହାର - ଏସବୁ ଉପରେ ସମାନ ଗୁରୁତ୍ୱ ଦିଆଯିବା ଦରକାର। ଆଉ ଏକ ଗୁରୁତର ପ୍ରସଙ୍ଗ ହେଉଛି - ଗରିବ ଓ ମଧ୍ୟବିତ୍ତ ପରିବାର। ଯେଉଁ ପରିବାରର ମାସିକ ଆୟ ସୀମିତ, ସେମାନେ ପିଲାଙ୍କ ଭଲ ଶିକ୍ଷା ପାଇଁ ନିଜର ଆବଶ୍ୟକତାକୁ କାଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେବଳ ସମାଜରେ ନିଜ ପିଲା ପଛରେ ପଡ଼ି ନ ଯାଉ - ଏହି ଭୟରେ ଅନେକ ଅଭିଭାବକ ବେସରକାରୀ ସ୍କୁଲକୁ ବାଛୁଛନ୍ତି। ଏହା ଏକ ମାନସିକତାର ପ୍ରଶ୍ନ।

ସରକାରୀ ସ୍କୁଲଗୁଡ଼ିକ ଗରିବଙ୍କ ସ୍କୁଲ - ଏହି ଧାରଣା କିଏ ସୃଷ୍ଟି କଲା? ଯଦି ସରକାରୀ ବିଦ୍ୟାଳୟ ସତରେ ଦୁର୍ବଳ, ତେବେ ତାହାକୁ ଦୁର୍ବଳ ରଖିବା ନୁହେଁ; ଶକ୍ତିଶାଳୀ କରିବା ଦରକାର। ଯଦି ଶିକ୍ଷାଦାନରେ ସମସ୍ୟା ଅଛି, ତେବେ ଦାୟିତ୍ୱ ନିର୍ଦ୍ଧାରଣ କରିବା ଦରକାର। ଯଦି ଭିତ୍ତିଭୂମିର ଅଭାବ ଅଛି, ତେବେ ତାହା ପୂରଣ କରିବା ଦରକାର। କେବଳ ସରକାରୀ ସ୍କୁଲକୁ ନିନ୍ଦା କଲେ ସମସ୍ୟାର ସମାଧାନ ହେବ ନାହିଁ। ଆମେ ଏମିତି ଏକ ସରକାରୀ ଶିକ୍ଷା ବ୍ୟବସ୍ଥା ଚାହୁଁ, ଯେଉଁଠି ଜଣେ ଶ୍ରମିକଙ୍କ ପିଲା ଏବଂ ଜଣେ ଅଧିକାରୀଙ୍କ ପିଲା ଦୁହେଁ ସମାନ ଗର୍ବରେ ପଢ଼ିପାରିବେ। ଏହି ପରିବର୍ତ୍ତନର ଆରମ୍ଭ ହେବା ଦରକାର ଆମ ଘରୁ।

ସରକାରୀ ଚାକିରି ପାଇବା ପାଇଁ ଯେଉଁ ବ୍ୟବସ୍ଥା ଉପରେ ଆମର ଭରସା ରହିଛି, ସେହି ବ୍ୟବସ୍ଥାର ସ୍କୁଲ ଉପରେ ଭରସା କାହିଁକି ନାହିଁ? ଏହି ପ୍ରଶ୍ନର ଉତ୍ତର କେବଳ ସରକାର ଦେବେ ନାହିଁ; ଶିକ୍ଷକ, ଅଭିଭାବକ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ସମଗ୍ର ସମାଜକୁ ମିଶି ଦେବାକୁ ପଡ଼ିବ। କାରଣ ଶିକ୍ଷା ବଜାରରେ ବିକ୍ରି ହେଉଥିବା କୌଣସି ସାମଗ୍ରୀ ନୁହେଁ। ଶିକ୍ଷା ହେଉଛି ଆଗାମୀ ପିଢ଼ିର ଭବିଷ୍ୟତ। ଏହାକୁ ବ୍ୟବସାୟର ହିସାବ ନୁହେଁ, ଦାୟିତ୍ୱର ମାପକାଠିରେ ମାପିବାର ସମୟ ଆସିଛି। ●

କେନ୍ଦ୍ରାପଡ଼ା, ମୋ: ୯୯୩୭୨୨୭୯୯୪

## କୋଇଲି ପୂଜନ

### ଈଶ୍ୱରୀୟ ଦୂତ, ବସନ୍ତର ବାର୍ତ୍ତାବହ

**ଓଜସ୍ୱିନୀ**

ବିଚିତ୍ର ବିଶ୍ୱାସ



ବିଦେଶୀୟ ଧର୍ମ ଓ ସଂସ୍କୃତିରେ ମଧ୍ୟ କୋଇଲିକୁ ଈଶ୍ୱରୀୟ ଦୂତ ଭାବେ ବିବେଚନା କରାଯାଉଛି। ଜାପାନରେ କୋଇଲିକୁ ବସନ୍ତ ଋତୁର ଆଗମନର ଦିବ୍ୟ ବାର୍ତ୍ତାବହ ଏବଂ ତା'ର କୁହୁତାନକୁ ଅତ୍ୟନ୍ତ ପବିତ୍ର ବୋଲି କୁହାଯାଏ। କାରଣ ଏହି ଶବ୍ଦ ନକାରାତ୍ମକ ଶକ୍ତି ଦୂର କରିଥାଏ ବୋଲି ବିଶ୍ୱାସ କରାଯାଏ। ପ୍ରକୃତି ପୂଜନର ଶକ୍ତିସ୍ଥଳ 'ସିନ୍ତୋ ମନ୍ଦିର'ରେ ମଧ୍ୟ କୋଇଲି ସହିତ ବିଭିନ୍ନ ପକ୍ଷୀଙ୍କୁ ସ୍ମରଣ କରାଯାଏ। ପ୍ରାଚୀନ ଗ୍ରୀକ୍ ସଭ୍ୟତା ଅନୁଯାୟୀ ୟୁନାନ୍‌ରେ କୋଇଲିକୁ ବିବାହ ଏବଂ ପରିବାରର ଦେବୀ 'ହେରା'ଙ୍କ ପବିତ୍ର ପକ୍ଷୀ ବୋଲି ବିବେଚନା କରାଯାଉଥିଲା। ୟୁନାନ୍‌ର ପୌରାଣିକ କଥା ଅନୁସାରେ ଦେବତାଙ୍କ ରାଜା 'ଜ୍ୟୁସ୍' ଦେବୀ ହେରାଙ୍କୁ ଆକର୍ଷିତ କରିବା ପାଇଁ ନିଜକୁ ଗୋଟିଏ କ୍ଷତାକ୍ତ କୋଇଲିର ରୂପ ଧାରଣ କରିଥିଲେ। ତେଣୁ ଗ୍ରୀସ୍‌ର ଅନେକ ମନ୍ଦିର ଏବଂ ମୂର୍ତ୍ତିଗୁଡ଼ିକରେ ହେରା ଦେବୀଙ୍କ ହାତରେ ଗୋଟିଏ ରାଜଦଣ୍ଡ ଥାଏ, ଯାହାର ଉପର ଭାଗରେ ଗୋଟିଏ କୋଇଲିର ମୂର୍ତ୍ତି ଦେଖିବାକୁ ମିଳେ।

ୟୁରୋପୀୟ ଦେଶଗୁଡ଼ିକରେ କୋଇଲିକୁ ସ୍ୱର୍ଗୀୟ ଦୂତ ବୋଲି କୁହାଯାଏ, ଯାହାର ସ୍ୱର ପ୍ରକୃତି ପାଇଁ ସୁନ୍ଦରତା ଆଣିଥାଏ। ୟୁରୋପ୍‌ର ପ୍ରାଚୀନ ସେଲ୍‌ଟିକ୍ ଓ ନାର୍ଡିକ୍ ଜନଜାତିରେ କୋଇଲିକୁ ବସନ୍ତର ଦେବୀ 'ଫ୍ରେୟା' ଭାବେ ପୂଜା କରୁଥିଲେ। ଆୟରଲ୍ୟାଣ୍ଡ ଓ ସ୍କଟ୍‌ଲ୍ୟାଣ୍ଡର ପୁରାତନ ପରମ୍ପରାରେ କୋଇଲିର ପ୍ରଥମ ତାନ ଶୁଣିବା ସମୟରେ ଧନସମୃଦ୍ଧି ଓ ସୌଭାଗ୍ୟର କାମନା କରାଯାଇ ବିଶେଷମନ୍ତ୍ର ଉଚ୍ଚାରଣ କରାଯାଉଥିଲା। ଏଭଳି କରିବା ଦ୍ୱାରା ବର୍ଷ ସାରା ପରିବାରରେ ଧନସମୃଦ୍ଧି ଓ ସୌଭାଗ୍ୟ ଆସିଥାଏ ବୋଲି ବିଶ୍ୱାସ କରାଯାଉଥିଲା। ସେହିଭଳି ଆଫ୍ରିକାର ଅନେକ ଜନଜାତି କୋଇଲିକୁ ବର୍ଷା, ପ୍ରଚୁରତା ଓ ଉତ୍ପାଦନର ଦେବତା ଭାବେ ପୂଜା କରୁଥିଲେ। କୋଇଲିର ତାନ ଶୁଣିବା ପରେ ଭଲ ଫସଲ ଅମଳ ହେବା ଆଶାରେ କୋଇଲି ଦେବତାଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ କରାଯାଉଥିଲା।

ସାଇବେରିଆର ୟାକୁତିୟା ଅଞ୍ଚଳର 'ଶାଖା' ଜନଜାତି କୋଇଲିକୁ ଋତୁର ଦେବୀ ଏବଂ ପ୍ରକୃତିର ଆତ୍ମା ସ୍ୱରୂପ ମାନ୍ୟତା ପ୍ରଦାନ କରାଯାଉଥିଲା। ତେଣୁ କୋଇଲିର ସ୍ୱର ଶୁଣିବା ପରେ ପ୍ରକୃତିର ଆତ୍ମା ପୁଣିଥରେ ଫେରିଆସୁଥିଲା ଏବଂ ପ୍ରକୃତି ପୁର୍ନଜନ୍ମ ପାଉଥିଲା ବୋଲି ବିଶ୍ୱାସ ରହିଥିଲା। ଏହାର ଖୁସି ପାଳନ ଉପଲକ୍ଷେ ଉତ୍ସବର ଆୟୋଜନ କରାଯାଉଥିଲା। ରୁଷ୍‌ର ପ୍ରାଚୀନ 'ମାରି' ଜନଜାତି ପ୍ରକୃତି ପୂଜକ ଭାବେ କୋଇଲିକୁ ବହୁତ ପ୍ରାଧାନ୍ୟ ଦେଉଥିଲେ। ସେମାନେ ବିଶ୍ୱାସ କରୁଥିଲେ ଯେ, କୋଇଲିର ସ୍ୱର ଅତ୍ୟନ୍ତ ପବିତ୍ର ଏବଂ ତାହା ପରଲୋକ ସହିତ ଜଡ଼ିତ। ଏହି ସ୍ୱର ମାଧ୍ୟମରେ ସେମାନେ ନିଜର ପୂର୍ବଜମାନଙ୍କର ଆଶୀର୍ବାଦ ପ୍ରାପ୍ତ କରୁଛନ୍ତି ଏବଂ ଭବିଷ୍ୟତ ସମ୍ପର୍କିତ କାର୍ଯ୍ୟକଳାପର ଅନୁମାନ କରିପାରିବେ ବୋଲି ବିଶ୍ୱାସ କରୁଥିଲେ।

ତେବେ କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ନୁହେଁ, ବରଂ କଳା, ସଂସ୍କୃତି, ସାହିତ୍ୟ ଓ ସାମାଜିକ ଚଳଣିରେ ମଧ୍ୟ କୋଇଲିର ମହତ୍ତ୍ୱ ପ୍ରତିପାଦିତ ହୋଇଛି। ଭାରତ ଭଳି ବିଦେଶୀୟ ସାହିତ୍ୟରେ କୋଇଲିକୁ ପ୍ରେମ ଓ ସମର୍ପଣର ପ୍ରତୀକ ଭାବେ ବିବେଚନା କରି ଅନେକ କାହାଣୀ, କବିତା ଓ ଉପନ୍ୟାସ ରଚନା କରାଯାଇଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଡ଼ିଶାର ସବୁଜ ଅର୍ଥନୀତିରୁ ୧୦ ଲକ୍ଷ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୩।୯(ସମିସ): ଓଡ଼ିଶାରେ ସବୁଜ ଅର୍ଥନୀତିର ବିକାଶ ଆଗାମୀ ୧୦ ବର୍ଷରେ ୧୦ ଲକ୍ଷ ପର୍ଯ୍ୟନ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ତେବେ ଏଥିପାଇଁ ଦକ୍ଷ ଶ୍ରମ ଶକ୍ତି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବା ସହ 'ଓଡ଼ିଶା ଗ୍ରୀନ୍ ଜବ୍‌ସ ଆଣ୍ଡ ସ୍କିଲିଂ ମିଶନ' ଆରମ୍ଭ କରିବାକୁ 'ଆଇଫରେଷ୍ଟ' ପକ୍ଷରୁ ଏକ ରିପୋର୍ଟରେ ସୁପାରିସ କରାଯାଇଛି।

ଗୁରୁବାର ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆଇଫରେଷ୍ଟ (ଇଣ୍ଟରନ୍ୟାସନାଲ ଫୋରମ୍ ଫର୍ ଏନଭାଇରନମେଣ୍ଟ, ସଷ୍ଟେନବିଲିଟି ଆଣ୍ଡ ଟେକ୍ନୋଲୋଜି) ପକ୍ଷରୁ ଓଡ଼ିଶାର ସବୁଜ ଅର୍ଥନୀତି ପାଇଁ ଶ୍ରମଶକ୍ତି–ନିଯୁକ୍ତି, ଦକ୍ଷତା ଓ ଉଦ୍ୟୋଗର ସମ୍ଭାବନା ଶୀର୍ଷକ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ ସରକାର, ଶିଳ୍ପ, ପ୍ରଶିକ୍ଷଣ ଓ ସାମାଜିକ କ୍ଷେତ୍ରର ପ୍ରତିନିଧିମାନେ ଯୋଗଦେଇଥିଲେ। ରିପୋର୍ଟ ଅନୁଯାୟୀ, ୨୦୩୦ ସୁଦ୍ଧା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରୁ ପ୍ରାୟ ୩୦ ହଜାର ଏବଂ ୨୦୩୫ ସୁଦ୍ଧା ଏହାର ଦ୍ୱିଗୁଣ ନିଯୁକ୍ତି ସୃଷ୍ଟି ହୋଇପାରେ। ମଞ୍ଜୁର ହୋଇଥିବା ସବୁଜ ନିବେଶ ପ୍ରକଳ୍ପରୁ ୪୮,୪୦୦ରୁ ଅଧିକ ନିଯୁକ୍ତିର ସମ୍ଭାବନା ରହିଛି। କୃଷି ବନୀକରଣ, ଜଙ୍ଗଲ ପରିଚାଳନା, ହେନ୍ତାଳବଣ ପୁନରୁଦ୍ଧାର ଓ ବର୍ଜ୍ୟବସ୍ତୁ ପରିଚାଳନା ମଧ୍ୟ ସବୁଜ ନିଯୁକ୍ତିର ବଡ଼ କ୍ଷେତ୍ର ହୋଇପାରିବ। ପାରମ୍ପରିକ ଶକ୍ତି କ୍ଷେତ୍ରର କର୍ମଚାରୀଙ୍କୁ ସ୍ୱଳ୍ପକାଳୀନ ତାଲିମ ଦେଇ ସବୁଜ କ୍ଷେତ୍ରକୁ ସ୍ଥାନାନ୍ତର କରାଯାଇପାରିବ। କୋଇଲା ଖଣିର ୮୯ ପ୍ରତିଶତ ଓ ତାପଜ ବିଦ୍ୟୁତ କ୍ଷେତ୍ରର ୭୫ ପ୍ରତିଶତ ନିଯୁକ୍ତିକୁ ଆବଶ୍ୟକ ଦକ୍ଷତା ତାଲିମ ମାଧ୍ୟମରେ ସବୁଜ କ୍ଷେତ୍ରରେ ବ୍ୟବହାର କରିହେବ ବୋଲି ରିପୋର୍ଟରେ ଆକଳନ କରାଯାଇଛି।

- 'ଆଇଫରେଷ୍ଟ' ରିପୋର୍ଟରେ ଦକ୍ଷ ଶ୍ରମ ଶକ୍ତି ପ୍ରସ୍ତୁତି ଉପରେ ଗୁରୁତ୍ୱ
- ୨୦୩୦ ସୁଦ୍ଧା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରୁ ୩୦ ହଜାର ନିଯୁକ୍ତି

ସେହିପରି ଓଡ଼ିଶାରେ ଦକ୍ଷତା ବିକାଶ ପାଇଁ ଆଇଟିଆଇ, ପଲିଟେକ୍‌ନିକ୍, ପିଏମ୍‌କେଭିୱାଇ କେନ୍ଦ୍ର ଓ ବିଶ୍ୱ ଦକ୍ଷତା କେନ୍ଦ୍ରର ବଡ଼ ନେଟୱର୍କ ରହିଛି। ଏହି ଭିତ୍ତିଭୂମିକୁ ବ୍ୟବହାର କରି ଆଇଟିଆଇ ଓ ପଲିଟେକ୍‌ନିକ୍ ପାଠ୍ୟକ୍ରମରେ ସବୁଜ ଦକ୍ଷତା ସାମିଲ, ଶିଳ୍ପ ସହ ତାଲିମକୁ ଯୋଡ଼ିବା ଏବଂ ଶ୍ରମ ବଜାର ସୂଚନା ପଦ୍ଧତିକୁ ସୁଦୃଢ଼ କରିବାକୁ ରିପୋର୍ଟରେ ସୁପାରିସ କରାଯାଇଛି। ୨୦୩୦ ସୁଦ୍ଧା ଅଧିକ ଚାହିଦା ଥିବା ଅନ୍ତତଃ ଅଧା କ୍ଷେତ୍ରରେ ସବୁଜ ଦକ୍ଷତାକୁ ସାମିଲ କରିବାକୁ କୁହାଯାଇଛି। ଏହାସହ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଶୀର୍ଷ କମିଟି, ଶିଳ୍ପସମୃଦ୍ଧ ଜିଲ୍ଲାରେ ଜିଲ୍ଲା ଦକ୍ଷତା ପରିଷଦ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ଏକ ଆଞ୍ଚଳିକ ସବୁଜ ଦକ୍ଷତା ତାଲିମ କେନ୍ଦ୍ର ସ୍ଥାପନ ପାଇଁ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ ଓ ଆଇ'ରେଷ୍ଟର ଜଷ୍ଟ ଟ୍ରାଞ୍ଜିସନ୍ ଆଣ୍ଡ କ୍ଲାଇମେଟ୍ ଚେଞ୍ଜ ବିଭାଗର ନିର୍ଦ୍ଦେଶକ ଡକ୍ଟର ଶ୍ରେଷ୍ଠା ବାନାର୍ଜୀ ଏହି ଅବସରରେ ସବୁଜ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ମତ ରଖିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାପୁଆ ନଦୀରେ...

ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଆଠଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ନଦୀ ଭିତରେ ଖୋଜାଖୋଜି କରି କିଛି ଦୂରରେ ଗୋଟିଏ ଗଛରେ ଲାଗିଥିବା ପିଣ୍ଟୁଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଆଠଗଡ଼ ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ବେଳେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି। ଏହି ଘଟଣାରେ ପରିବାର ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ପଡ଼ିଛି। ସ୍ଥାନୀୟ ଲୋକ ଏବଂ ଜନପ୍ରତିନିଧି ଇଚ୍ଛାପୁର ଗ୍ରାମରେ ପହଞ୍ଚି ପରିବାରକୁ ସମବେଦନା ଜଣାଇଛନ୍ତି। ଆଠଗଡ-ତିଗିରିଆ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶବାଧାରରେ ସାମିଲ ହୋଇଥିଲେ। ଅପରାହ୍ନରେ ଗ୍ରାମ ଶ୍ମଶାନରେ ଦୁଇ ଭାଇଙ୍କ ଅନ୍ତିମ ସଂସ୍କାର କରାଯାଇଛି।

### କେନ୍ଦ୍ର ଆମ କଥା...

ବଢ଼ିବ। ଆମେ ୪୮ ଘଣ୍ଟା ଭିତରେ ୩୦ ହଜାର କୋଟି ଟଙ୍କା ଦେଉଛୁ; କିନ୍ତୁ ଚାଉଳ ଠିକ୍ ସମୟରେ ଉଠୁନାହିଁ। କ'ଣ ପାଇଁ ଅନ୍ୟ ରାଜ୍ୟ ପ୍ରତି ଏଫ୍‌ସିଆଇ ଦରଦ ଦେଖାଉଛି, ଆମ ପାଇଁ ଦରଦ ଦେଖାଇବାକୁ ବିମୁଖ ହେଉଛି; ସେ କଥା ବି ଆମେ ବୁଝି ପାରୁନାହୁଁ ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି ।

ମନ୍ତ୍ରୀ ଆହୁରି କହିଛନ୍ତି ମୋତେ ପୁଣି ଆଉଥରେ ହାଇ ଲେଭେଲ ଟିମ୍ ନେଇ ତାଙ୍କ (କେନ୍ଦ୍ରମନ୍ତ୍ରୀ) ପାଖକୁ ଯିବାକୁ ପଡିବ; ସେଠାରେ ବୈଠକ କରିବାକୁ ପଡ଼ିବ। ଚାଉଳ ଉଠାଉନଥିବା ଯୋଗୁଁ ଆମେ ଚିନ୍ତାରେ ପଡିଛୁ। ଦିଲ୍ଲୀକୁ ଓଡ଼ିଶାରୁ ୨୦ ଜଣ ଏମ୍‌ପି ଯାଇଛନ୍ତି। ଆମର ଅଧିକାର ଅଛି। ଆମେ ସେ କଥା କେନ୍ଦ୍ରରେ କହିବୁ। ଚାଉଳ ନ ଉଠାଇ ପାରିଲେ ପୁଣି ଆଉଥରେ ଧାନ କିଣିବା କଷ୍ଟକର ହୋଇପଡିବ। ଆମ ହାତ ବାନ୍ଧି ହେଇଯାଉଛି ବୋଲି ଉଲ୍ଲେଖ କରି ଓଡ଼ିଶାରୁ ଚାଉଳ ଜଲଦି ଜଲଦି ଉଠାନ୍ତୁ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଏଫ୍‌ସିଆଇ ଜିଏମ୍‌ଙ୍କୁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୩୦ ଲକ୍ଷ ଟନ୍ ଚାଉଳ କେନ୍ଦ୍ର ସରକାର ଏଫ୍‌ସିଆଇ ମାଧ୍ୟମରେ ଉଠାଇବା ବ୍ୟବସ୍ଥା ଥିଲେ ବି ମାତ୍ର ଏହାର ଏକଚତୁର୍ଥାଂଶରୁ କମ୍ ଅର୍ଥାତ୍ ୭.୨୮ ଲକ୍ଷ ଟନ୍ ଚାଉଳ ଉଠାଯାଇଛି। ଏହି ଚାଉଳ ଉଠୁ ନ ଥିବାରୁ ଏବେ ରାଜ୍ୟର ସବୁ ଗୋଦାମରେ ଚାଉଳ ଭର୍ତ୍ତି ହୋଇ ରହିଛି। ଫଳ ସ୍ୱରୂପ ଆଗାମୀ ଖରିଫ୍ ଋତୁରେ ମିଲରମାନଙ୍କ ପାଇଁ ଧାନ ଉଠାଇବା ମଧ୍ୟ କଷ୍ଟକର ହୋଇପଡ଼ିବ। ବିଶେଷକରି ପଶ୍ଚିମ ଓଡ଼ିଶାରେ ଏହି ସ୍ଥିତି ଉଦ୍‌ବେଗ ଜନକ କହିଛି। ଉପକୂଳବର୍ତ୍ତୀ ଜିଲ୍ଲାରେ ସଂଗ୍ରହ ହେଉଥିବା ଧାନ ପିଡିଏସ୍ ମାଧ୍ୟମରେ ବଣ୍ଟନ ପରେ କିଛି ପରିମାଣରେ ଚାଉଳ ବଳୁଛି। ହେଲେ ପଶ୍ଚିମ ଓଡ଼ିଶାରେ ଉତ୍ପାଦନ ହେଉଥିବା ଧାନର ପରିମାଣରୁ ୩୦ ପ୍ରତିଶତ ପିଡିଏସ୍ ବଣ୍ଟନ ପରେ ବାକି ପ୍ରାୟ ୬୦-୭୦ ପ୍ରତିଶତ ଚାଉଳ ରହୁଛି। ଏହି ଚାଉଳ ମିଲର ଓ ସରାକରୀ ଗୋଦାମରେ ଗଚ୍ଛିତ ରହିଛି। ତେଣୁ ଏଥର ଏଫ୍‌ସିଆଇ ଚାଉଳ ନ ଉଠାଇଲେ ଖରିଫ ଧାନ ଉଠାଯିବ ନାହିଁ ବୋଲି ମଧ୍ୟ ମିଲର ସଂଘ କିଛି ଦିନ ତଳେ ସରକାରଙ୍କୁ ଭେଟି ଚେତାବନୀ ଦେଇଛି। ଏହି ସ୍ଥିତି ସମୟରେ ମନ୍ତ୍ରୀଙ୍କ ଅସହାୟତା ପ୍ରକାଶ ନୂଆ ବିବାଦ ସୃଷ୍ଟି କରିଛି।

### ସବୁ ନଦୀରେ...

ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ନଦୀର ଜଳସ୍ତର ମୁଖ୍ୟତଃ ହ୍ରାସ ପାଉଛି, ଯାହା ସାମଗ୍ରିକ ବନ୍ୟା ପରିସ୍ଥିତିରେ ଧୀରେ ଧୀରେ ସୁଧାରର ସଙ୍କେତ ଦେଉଛି। ବର୍ତ୍ତମାନ ସୁବର୍ଣ୍ଣରେଖା ନଦୀ ହିଁ ରାଜ୍ୟର ଏକମାତ୍ର ନଦୀ ଭାବେ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ଏହା ନଦୀର ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସିବ ବୋଲି ସୂଚନା ରହିଛି। ଅନ୍ୟପଟେ ମହାନଦୀର ନରାଜଠାରେ ମହାନଦୀ, ସୁନ୍ଦରଗଡ଼ରେ ଇବ୍, ପାନପୋଷଠାରେ ବ୍ରାହ୍ମଣୀ, ଆନନ୍ଦପୁର ଓ ଅଖୁଆପଦାଠାରେ ବୈତରଣୀ, ଏନ୍‌ଏଚ୍-୫ ଠାରେ ବୁଢ଼ାବଳଙ୍ଗ, ଗୁଣୁପୁରଠାରେ ବଂଶଧାରା ଏବଂ ମଥାନୀଠାରେ ଜଳକା ନଦୀର ଜଳସ୍ତର ମଧ୍ୟ ହ୍ରାସମୁଖୀ ରହିଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭.୨୯ ଫୁଟ୍ ରହିଥିବା ବେଳେ ଜଳ ପ୍ରବେଶ ପରିମାଣ ୧,୪୧,୯୬୨ କ୍ୟୁସେକ୍ ଏବଂ ଜଳ ନିଷ୍କାସନ ପରିମାଣ ୭୮,୪୨୯ କ୍ୟୁସେକ୍ ରହିଛି। ବର୍ତ୍ତମାନ ୪ଟି ଗେଟ୍ ଖୋଲା ରହିଛି।

ଅନ୍ୟପଟେ ଆଇଏମ୍‌ଡିର ସୂଚନା ଅନୁଯାୟ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ଏବେ ଲଘୁଚାପଟି ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଉତ୍ତରପ୍ରଦେଶ ଏବଂ ସଂଲଗ୍ନ ଉତ୍ତର ମଧ୍ୟପ୍ରଦେଶ ଦେଇ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏଥିପାଇଁ ଆଗକୁ ରାଜ୍ୟରେ ବର୍ଷାର ପରିମାଣ କମିବ। ତେବେ ଦିନରେ ଖରା ଓ ଆର୍ଦ୍ରତା ହେତୁ ଅପରାହ୍ନ ପରେ ବିଜୁଳି ଘଡ଼ଘଡ଼ିର ଆଶଙ୍କା ବଢ଼ିଯାଇଛି। ଏଥିପାଇଁ ଲୋକମାନଙ୍କୁ ସତର୍କ ରହିବା ସହିତ ଘଡ଼ଘଡ଼ି ଓ ବଜ୍ରପାତ ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି।

ଚଳିତ ବନ୍ୟାରେ ଯାଜପୁର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ବିଶେଷ ଭାବେ ପ୍ରଭାବିତ ରହିଛି। ଯାଜପୁରର ଦଶରଥପୁର ବ୍ଲକ୍ ଏବେ ବି ପାଣି ଘେରରେ ରହିଛି। ଏଠାରେ ୧୯ଟି ଗ୍ରାମ ପଞ୍ଚାୟତ ଏବଂ ୬୨ଟି ଗାଁ ପ୍ରଭାବିତ ହୋଇଛି। ମୋଟ ୨୨ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି, ଯେଉଁଥିରେ ୭,୭୪୫ ଜଣ ଆଶ୍ରୟ ନେଇଛନ୍ତି। ସେହିପରି ମୟୂରଭଞ୍ଜରେ ୨୧ଟି ବ୍ଲକ୍, ୫୩ଟି ପଞ୍ଚାୟତ ଓ ୯୭ଟି ଗାଁ ପ୍ରଭାବିତ ହୋଇଛି। ଏହା ସହିତ ବାରିପଦା ପୌରପାଳିକାର ୨ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ବର୍ତ୍ତମାନ ୨୯ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି ଏବଂ ଏଥିରେ ୧୦,୫୦୧ ଜଣ ଆଶ୍ରୟ ନେଇଛନ୍ତି। ଜିଲ୍ଲାରେ ଏବେ ସୁଦ୍ଧା ୧୦୪ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ, ବସ୍ତା, ରେମୁଣା ଓ ଜଳେଶ୍ୱର ଆଦି ୫ଟି ବ୍ଲକ୍ ପ୍ରଭାବିତ ହୋଇଛି। ମୋଟ ୪୧ଟି ପଞ୍ଚାୟତ ଓ ୨୧୪ଟି ଗାଁ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଛି। ବର୍ତ୍ତମାନ ଜିଲ୍ଲାରେ ୭୨ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି ଏବଂ ସେଠାରେ ୩୫,୭୪୦ ଜଣ ଆଶ୍ରୟ ନେଇଛନ୍ତି। ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବନ୍ୟା ମୁକାବିଲା ପାଇଁ ମୋଟ ୪୭ଟି ଟିମ୍ ମୁତୟନ କରାଯାଇଛି।

### ସୁବର୍ଣ୍ଣରେଖା ବନ୍ୟା...

ଏବେ ଚାରିଆଡ଼େ ଜଳମଗ୍ନ। ଘରଦ୍ୱାରଠାରୁ ଆରମ୍ଭ କରି ରାସ୍ତାଘାଟ ଓ ଚାଷଜମି ପର୍ଯ୍ୟନ୍ତ ସବୁଆଡ଼େ କେବଳ ପାଣି ଆଉ ପାଣି। ଏଭଳି ବିପଦପୂର୍ଣ୍ଣ ପରିସ୍ଥିତିରେ ଦୁଇଟି ଜୀବନ ଚାଲିଯିବା ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। କୁଳିଦା ଗ୍ରାମର ସୁମତି ଜେନା ଗତକାଲି ରାତିରେ ନିଜ ପୁଅ ଓ ଶାଶୂଙ୍କ ସହ ଡଙ୍ଗାରେ ଘର ସମ୍ମୁଖକୁ ଯାଇଥିଲେ। ଘରଦ୍ୱାର ବନ୍ୟାଜଳରେ ବୁଡ଼ିଯାଇଥିବାରୁ ପୁଅକୁ ପାଇଖାନା ନେବା ପାଇଁ ସେମାନେ ଡଙ୍ଗାର ଆଶ୍ରୟ ନେଇଥିଲେ। ଅସାବଧାନତାବଶତଃ ସୁମତିଙ୍କ ପୁଅ ଡଙ୍ଗାରୁ ଭାରସାମ୍ୟ ହରାଇ ବନ୍ୟାଜଳକୁ ଖସିପଡ଼ିଥିଲେ। ନାତିକୁ ବଞ୍ଚାଇବା ପାଇଁ ସୁମତିଙ୍କ ଶାଶୁ ମଧ୍ୟ ବନ୍ୟାଜଳକୁ ଡେଇଁ ପଡ଼ିଥିଲେ। ଏହି ସମୟରେ ସୁମତି ମଧ୍ୟ ନିଜ ପୁଅ ଓ ଶାଶୂଙ୍କୁ ଉଦ୍ଧାର କରିବାକୁ ପାଣିକୁ ଓହ୍ଲାଇଥିଲେ। ସ୍ଥାନୀୟ ଲୋକେ ଉଦ୍ୟମ କରି ପୁଅ ଓ ଶାଶୁଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସୁମତି ବନ୍ୟାଜଳରେ ଫସିଯାଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ସୁମତିଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ମାଛ ଧରିବାକୁ ଯାଇ ଶବ ହୋଇ ଫେରିଛନ୍ତି ନାଚିନ୍ଦା ଗ୍ରାମର ସନ୍ନ୍ୟାସୀ ରାଜ। ସନ୍ନ୍ୟାସୀ ବିଲକୁ ମାଛ ଧରିବା ପାଇଁ ବିନ୍ଧା ଜାଲ ମାରିବାକୁ ଯାଇଥିଲେ। ପରେ ଜାଲ ଉଠାଇବା ପାଇଁ ଯାଇଥିବାବେଳେ ସେ ଆଉ ଘରକୁ ଫେରିନଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଶେଷରେ ବନ୍ୟାଜଳରେ ସନ୍ନ୍ୟାସୀଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ସନ୍ନ୍ୟାସୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କମର୍ଦ୍ଦା ପୁଲିସ ଉଭୟ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ କରିଛି। ପୁଲିସ ମୃତଦେହ ଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ସୁବର୍ଣ୍ଣରେଖାର ବନ୍ୟା ଏଥର କେବଳ ଘରଦ୍ୱାର, ରାସ୍ତାଘାଟ ଓ ଚାଷଜମିକୁ ଜଳମଗ୍ନ କରିନାହିଁ, ଦୁଇଟି ପରିବାରର ହସଖୁସିକୁ ମଧ୍ୟ ଛଡ଼ାଇ ନେଇଛି।

# ଭୋଟର ତାଲିକାରୁ ରାଘବ ଚଢ଼ା ବାଦ୍

ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ପଞ୍ଜାବର ଖସଡ଼ା ଭୋଟର ତାଲିକାରୁ ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ନାମ ବାଦ ପଡ଼ିବାକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। ନିର୍ବାଚନ କମିଶନର ସ୍ୱତନ୍ତ୍ର ଗଭୀର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ତାଙ୍କ ନାମକୁ ବାଦ ଦିଆଯାଇଥିବା ବେଳେ, ତାଲିକାରେ ତାଙ୍କ ନାମ ସାମ୍ନାରେ 'ସ୍ଥାୟୀ ଭାବେ ସ୍ଥାନାନ୍ତରିତ' ବୋଲି ଉଲ୍ଲେଖ ରହିଛି। ରାଘବ ଏହି ଘଟଣାକୁ ରାଜନୈତିକ ପ୍ରତିଶୋଧ ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସେ ପଞ୍ଜାବରୁ ନିର୍ବାଚିତ ବର୍ତ୍ତମାନର ରାଜ୍ୟସଭା ସାଂସଦ। ତେଣୁ ତାଙ୍କ ନାମକୁ ଖସଡ଼ା ଭୋଟର ତାଲିକାରେ ରଖି ଦାବି ଓ ଆପତ୍ତି ଦଥା ଅଭିଯୋଗ ପ୍ରକ୍ରିୟା ସମୟରେ ଆବଶ୍ୟକ ଦଲିଲ ଯାଞ୍ଚ କରିବାର ସୁଯୋଗ ଦିଆଯିବା ଉଚିତ ଥିଲା। ଚଢ଼ାଙ୍କ ଅଭିଯୋଗ ଅନୁସାରେ, ତାଙ୍କୁ 'ସ୍ଥାନାନ୍ତରିତ' ବୋଲି ଚିହ୍ନଟ କରିବା କେବଳ ଏକ ସାଧାରଣ କାର୍ଯ୍ୟାଳୟୀୟ ତ୍ରୁଟି ନୁହେଁ। ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ସେ ଦାବି କରିଛନ୍ତି।

**ଏସିଏଫ୍ ସୌମ୍ୟରଂଜନଙ୍କ ମୃତ୍ୟୁ ମାମଲା**

# ବିଦ୍ୟାଭାରତୀଙ୍କ ଆବେଦନର ରାୟ ସଂରକ୍ଷିତ

କଟକ,୩।୯(ସମିସ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତରେ ବିଚାରାଧୀନ ମାମଲା ବିରୋଧରେ ପତ୍ନୀ ବିଦ୍ୟାଭରତୀ ପଣ୍ଡାଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ଜଷ୍ଟିସ ଶିବଶଙ୍କର ମିଶ୍ର ଆଜି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ପୂର୍ବରୁ ବିଦ୍ୟାଭାରତୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରାଯାଇଥିବା ବେଳେ ଇତିମଧ୍ୟରେ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରାଙ୍କ ଦୌରା ଅଦାଲତରେ ଜାମିନ ଖାରଜ ହୋଇ ସେ ଜେଲ୍‌ରେ ଅଛନ୍ତି ବୋଲି ଦର୍ଶାଯାଇଥିଲା।

**ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା**

# ଭୀମସେନ ଟୁଡୁଙ୍କୁ ସର୍ତ୍ତମୂଳକ ଜାମିନ

କଟକ,୩।୯(ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ନିଲମ୍ବିତ ଓଟିଏଏସ ଅଧିକାରୀ ଭୀମସେନ ପ୍ରସାଦ ଟୁଡୁଙ୍କୁ ଆଜି ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ୫୦ହଜାର ଟଙ୍କା ଜମାନତ ରାଶି ସହ ଦୁଇ ଜଣ ଜାମିନଦାରଙ୍କ ବଦଳରେ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି। ଏହି ମାମଲାର କୌଣସି ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ। ଯଦି କୌଣସି ସାକ୍ଷୀ ଅଭିଯୋଗ କରନ୍ତି ଯେ ଟୁଡୁ ଏହି ସର୍ତ୍ତ ଭାଙ୍ଗିଛନ୍ତି, ତେବେ ସେମାନେ ସିଧାସଳଖ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜଣାଇପାରିବେ। ମାମଲାରୁ ପ୍ରକାଶ ଯେ ବାରଙ୍ଗ ଥାନାରେ ରୁଜୁ ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡାଇବା ପାଇଁ ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ଭୀମସେନ ପ୍ରସାଦ ଟୁଡୁ ପ୍ରଥମେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଏହା ଖାରଜ ହେବା ପରେ ପୁଲିସ ଭୀମସେନଙ୍କୁ ଗିରଫ କରିଥିଲା। ପ୍ରକାଶଥାଉକି କାଠଯୋଡି ନଦୀ କୂଳ ତ୍ରିଶୂଳିଆ ନେତାଜୀ ସେତୁ ତଳୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଅଧ୍ୟୟନ କରୁଥିବା ମୟୂରଭଞ୍ଜ ଅଞ୍ଚଳର ୨୮ ବର୍ଷୀୟା ଏମବିବିଏସ ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତଦେହ ଗତ ଜୁନ୍ ୪ ତାରିଖରେ ଉଦ୍ଧାର କରାଯାଇଥିଲା।

## SALE

BHARAT BENZ 3528 C, MODEL 2024, Regn. No - OD-02-CZ-7477, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days

## ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ

**ସଂଶୋଧନ ବିଜ୍ଞପ୍ତି**

NIT ନଂ. W/623/NIT/1, ତାରିଖ ୨୫.୦୮.୨୦୨୬ ରେ ପ୍ରକାଶିତ ଟେଣ୍ଡର ନଂ. RTM/2026-27/86, କାର୍ଯ୍ୟର ନାମ: "୧. ମାଲହାରଗଡ଼ – ଦାଲୌଦା (UP) – TRR(P) – ୨୯.୯୧୧ Tkm, ୨. ନାମଲି – ବରାସ୍ୱଲା ଚୌରାସୀ ଏବଂ ହରକିଆ ଖାଲ – ମାଲହାରଗଡ଼ – TRR(P)", ଯାହା ୧୭.୦୯.୨୦୨୬ ତାରିଖରେ ଖୋଲାଯିବ। ଏହି ଟେଣ୍ଡରରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହା I R E P S ରେ ଅପଡେଟ୍ କରାଯାଇଛି। ଅନ୍ୟ ସମସ୍ତ ଟେଣ୍ଡର ସର୍ତ୍ତାବଳୀ ପୂର୍ବବତ୍ ରହିବ। ୧. ଫିଲ୍ଡର ନାମ: ଅନୁମୋଦିତ JV ସଦସ୍ୟଙ୍କ ସଂଖ୍ୟା। ପୂର୍ବ ମୂଲ୍ୟ: ୩। ସଂଶୋଧିତ ମୂଲ୍ୟ: ୦। ୨. ଫିଲ୍ଡର ନାମ: JV ଫର୍ମ ଅନୁମୋଦିତ। ପୂର୍ବ ମୂଲ୍ୟ: ହଁ। ସଂଶୋଧିତ ମୂଲ୍ୟ: ନା। 0236

ଆମକୁ ଲାଇକ୍ କରନ୍ତୁ facebook.com/WesternRly

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.: eT-M-CD-BBS-CCTVAMC-08-26

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ କୋଚିଙ୍ଗ୍ ଡିପୋ, ଭୁବନେଶ୍ୱରର LHB କୋଚ୍‌ଗୁଡ଼ିକରେ ଲଗାଯାଇଥିବା କ୍ଲୋଜ୍‌ଡ୍ ସର୍କିଟ୍ ନିରୀକ୍ଷଣ(Surveillance) ପ୍ରଣାଳୀର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 1,36,25,790.80, ଅମାନତ ରାଶି(ଟଙ୍କାରେ) : 2,18,100.00, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900.00, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.04.09.2026 ରିଖ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.09.2026 ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www. ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ କୋଚିଙ୍ଗ୍ ଡିପୋ ଅଧିକାରୀ, ଭୁବନେଶ୍ୱର

PR-412/R/26-27

## AFFIDAVIT

By virtue of an affidavit sworn before the Executive Magistrate, Puri, dated 21/08/2026, I **TOPHAN KUMAR MANGARAJ** age 59years S/o Satrughna Mangaraj resident of Villa-Apithi, PO- Gadakokal, PS-Brahmagiri, Dist- Puri, Pin-752011, State- Odisha, that my wife Laxmipriya Lenka's correct date of birth is **07/04/1982** but in my service certificate wrongly mentioned as **17/11/1982.** My Son's correct name is **Tapas Kumar Mangaraj** but it has been wrongly mentioned as **Tapasha Kumar Mangaraj** in my Service Certificate. Both name are one and same person. His correct date of birth is **12/06/2006** but wrongly mentioned as **12/06/2005** in my Service Certificate. My another Son's correct name is **Tushar Kumar Mangaraj** but it has been wrongly mention as **Trushar Kumar Mangaraj** in my Service Certificate. His correct date of birth is **12/06/2006** but wrongly mention as **12/06/2005** in my Service Certificate. My daughter Payal **Rani Mangaraj** correct date of birth is **13/11/2001** but it has been wrongly mentioned as **12/11/2001** in my Service Certificate.

Sd- **TOPHAN KUMAR MANGARAJ**

## AFFIDAVIT

By virtue of an affidavit sworn before the **Notary Public, Rayagada No. 9453, dtd. 03.09.2026, by Smt. Rita Bidika,** aged about 32 years, W/o - Late Ramesh Jakaka, resident of At - Jagannathpur, PO - Pitamahal, PS - Seskhal, Block/Dist - Rayagada, Pin - 765002, Odisha, declare that I have changed the name of my daughter from **Prachi Jakaka to Reshma Jakaka.** Henceforth, she shall be known as **Reshma Jakaka** for all purposes.

**Sd/- Rita Bidika**

## AFFIDAVIT

By virtue of affidavit sworn before the Executive Magistrate Puri, I, Mithun Barik, At- Ketakipatana, Po. Lalitapahandi, P.S.- Satyabadi Dist-Puri, PIN-752045 declare the I have changed my son's name from Basanta Kumar Barik to Prasad Kumar Barik. Henceforth he shall be known as **Prasad Kumar Barik** for all purposes.

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, I, Dhurjati Sankisa, S/o- Rama Sastry, resident of MIG-127, First Lane, Kanan Vihar, Phase-II, Nandankanan Road, Bhubaneswar- 751024 declare that my actual name is Dhurjati Sankisa, but in my Aadhaar & PAN Card my name is recorded as S Dhurjati. I declare that Dhurjati Sankisa and S Dhurjati is the same person. Henceforth I will be known as **Dhurjati Sankisa** for all purposes.

## AFFIDAVIT

By virtue of an affidavit No. 11576 sworn before The Executive Magistrate on dtd-29/08/2026, I **Sahnaj Begum,** aged 42 years, W/o- Sk Samsher Ali, permanent resident of Vill- Chandpur, Po/Ps- Bramhabarada, Dist-Jajpur, Odisha, Pin-755005 declared that I have changed my minor daughter's name from **Nazishnaz Begum** (old name) to **Raziya Sultana** (new name). Henceforth, she shall be known as **RAZIYA SULTANA** for all future purposes.

**Sd/- Sahnaj Begum**

## AFFIDAVIT

I **Mohammed Tasawar Hussain,** S/o- Mohammed Tafaruq Hussain, resident of DDL- 1074, Dumuduma Housing Board Colony, Near Children Park, Phase-2, P.O-Dumuduma, Dist- Khordha, Pin- 751019, Odisha declare by this Affidavit number CF No- 107, dtd- 01/09/2026 I have changed my son's name from **Hussain Mohammed Tawaheed** to **Md Tauheed Hussain** for all future purposes.

## AFFIDAVIT

By virtue of an affidavit sworn before Executive Magistrate Uditnagar Rourkela (A64), dated 03.08.2026. I, **Md Afrid,** S/o-Mohammad Abid, Address: Back Side QR NO- H/437 SECTOR-15, H/437 Sector- 15, Rourkela, Sector- 15, VTC : Raurkela(M ), PO: Rourkela-3 Sub District: Raurkela (m) District: Sundergarh, Odisha Pin code: 769003 declare that I have changed my name from **Mohammad Abid** to **Md Afrid.** Henceforth, I shall be known as **Md Afrid** for all purposes.

**Md Afrid**

## AFFIDAVIT

I, Surendranath Mahapatro, aged about 70 years, H/o-Nandita Mishra, resident of Flat No-706, Lumbini Enclave, Lumbini Vihar, Sailashree Vihar, Bhubaneswar, Dist- Khurda, PIN- 751021, Odisha declared by this affidavit No. 574, dtd- 02/09/2026 that now onwards I shall be known as **SURENDRA NATH MOHAPATRA** for all future purposes.

## AFFIDAVIT

By virtue of an affidavit sworn before the Notary Public, Bhubaneswar, dated 28.08.2026 I, **Sritam Pujari,** Address: AT- SAHAJBAHAL, PO- SANKARA, PS- BINIKA, DIST- SUBARNAPUR, PIN-767019, ODISHA, declare that I have changed my name from **SHRIMAT PUJARI** to **SRITAM PUJARI.** Henceforth, I shall be known as **SRITAM PUJARI** for all purposes.

**Sritam Pujari**

## P.G. Central Office

**Maharaja Sriram Chandra Bhanja Deo University**
NAAC 'A'
Sriram Chandra Vihar, Takatpur, Baripada-757003, Mayurbhanj, Odisha
Website: https://mscbu.ac.in

No.755/MSCBU(PGC-195/2025)/2026 Dt. 03.09.2026

**NOTICE**

**Spot Admission into MCA and MBA Programme- 2026**

Spot admission for MCA at 'School of Information Technology, Rairangpur, MSCB University under Self Financing Mode and MBA at MSCB University, Baripada will be conducted in the schedule stated below. Interested candidates with OJEE-2026 rank or with valid Score card in All India examinations like CAT/MAT/XAT/ATMA/CMAT for MBA; NIMCET/OJEE for MCA are required to report in person on 09-09-2026 along with their OJEE Rank Card, original Certificates, Mark sheets and other relevant documents along with a set of photo copy. The selection will be made on the basis of OJEE-2026 General Rank. Admission will be held on 10-09-2026.Eligibility: As per OJEE norms. For more details visit the official website https://mscbu.ac.in.

| Programme | For Reporting and Admission | Reporting Date | Admission Date |
|---|---|---|---|
| MCA | Admission-in-Charge, 'School of Information Technology, Rairangpur Block Padia, in front of Women's College, Rairangpur - 757043 MSCB University, Baripada For more details, Contact -7978568017 | 09.09.2026 10:30 AM to 03:00 PM | 10.09.2026 10:30 AM to 05:00 PM |
| MBA | Admission-in-Charge, Dept. of Business Administration, MSCB University, Baripada For more details, Contact-9437376243 | Publication of Merit List: 05:00 PM | |

Sd/-
Chairman, P.G. Council

## FOR SALE

01 Number of TATA ACE GOLD DIESEL+ /2023, Registration No.- OD-15-X-5698, Model-2023, Engine No – 700CCDI04HWXSA5058, Chassis No - MAT559033PYH37540, For Details, Contact - 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI, PO/DIST- SAMBALPUR-768004

## AFFIDAVIT

By virtue of an affidavit before the Executive Magistrate, Bargarh vide sl. no. 587, dtd.03.09.2026, I, Seteng Aind, W/o- Charles Aind, R/o- Vill.- Jujugaon, Po.- B. Kharmunda, Ps.- Attabira, Dist.- Bargarh (Odisha), PIN- 768038 state that, my daughter's actual name and Date of Birth is **Jyotshna Aind, DOB- 08.12. 2016** but in her Aadhaar Card no. 2816 5987 6894 her name has been wrongly mentioned as Josnaya Aind. Hence **Josnaya Aind** and **Jyotshna Aind** is one and same person.

19001/242/2627

## OFFICE OF THE PANCHAYAT SAMITI, BALIPATNA

Letter No. 3483 Dt.02/09/26

**CORRIGENDUM**

In continuation to this office letter no. 3477 Dt. 01.09.26, the name of work in Column-02 and Class of Contractor in Column-04 shall be read as **"Construction of Multipurpose Convention Hall cum Cultural Centre"**, and "B & Equivalent" instead of "Construction of Multipurpose Convention Hall cum Cultural Hall" and "C & above". All other text in the said letter shall remain unchanged.

**Block Development Officer, Balipatna**

OIPR-19001/19303/1/26-27/0003

## KASTURABA GANDHI BALIKA VIDYALAY (KGBV TYPE-III) DANGASORADA ,CHANDRAPUR BLOCK,RAYAGADA DISTRICT

27001/153/2627

L. No. 129 /KGBV/ 2026 Dated 01.09.2026

**TENDER CALL NOTICE**

Sealed tender are invited from the Registered & credible Firm / whole seller / Dealer and Manufacturer for supply of different items for Kasturaba Gandhi Balika Vidyalaya (KGBV ). Dangasorada , Chandrapur Block of Rayagada District : 2026-27.

For details please visit the district website i.e. www.rayagada.nic.in .

Last date receiving tender: 21.09.2026 (4.00 PM)

Tender opening date: 23.09.2026 ( 11.00 AM)

Headmistress, K.G.B.V., Dangasorada
Chandrapur Block , Rayagada District

OIPR-27001/27123/1/26-27/0001

## GOVERNMENT OF ODISHA

19001/222/2627

**Panchayati Raj & Drinking Water Department**
**E-Procurement Notice**
**Bid Identification No. P5-KBLMVD-T-67/2026-27**

| | | | |
|---|---|---|---|
| 1. | No. of the work | : | Building works 2 nos. |
| 2. | Estimated cost | : | Rs. 19.10 lakh & Rs. 38.42 lakh |
| 3. | Class of Contractor | : | "C" & "D" & "E" |
| 4. | Period of completion | : | 6 months |
| 5. | Date and time of availability of bid documents in the portal | : | 11.30 hrs of 29.08.2026 to 17.00 hrs of 09.09.2026 |
| 6. | Last date/Time for receipt of bid in the portal | : | 17.00 hours of 09.09.2026 |
| 7. | Name and Address of the Officer inviting bid | : | Block Development Officer, Karlamunda |
| 8. | Date & Venue of Opening of the Single Cover Bid and Technical Bid (Cover 1) | : | On 10.09.2026 at 11.00 AM in the Office of the Panchayat Samiti, Karlamunda |

Further details can be seen from the e-procurement portal https://tendersodisha.gov.in

**Block Development Officer**
**Karlamunda**

OIPR-19001/19429/1/26-27/0001

## OFFICE OF THE PANCHAYAT SAMITI : BALIKUDA

*At/Po-Balikuda, Dist:-Jagatsinghpur, e-mail:-ori-balikuda@nic.in*
*Phone: 06724 - 238226* 19001/240/2627

**'e' Procurement Notice No.BDO-BKD/PS-02 of 2026-27**

| | | |
|---|---|---|
| 1 | Number of the works | 10 (Nos.) Nos. |
| 2 | Tender Amount (Approx.) | Rs.9.31 Lakh to 28.53 Lakh |
| 3 | EMD (online) | As per DTCN |
| 4 | Tender Paper' Cost (online) (Non-Refundable) | Rs.6,000.00 |
| 5 | Class of Contractor | "D", "C" & "B" Class Contractor |
| 6 | Period of Completion | 06 (six) Calendar Months |
| 7 | Availability of Tender | From 07.09.2026 at 10.00 AM to 22.09.2026 at 5.30 P.M |
| 8 | Date & Time of opening of BID | 23.09.2026 at 11.00 AM |

Further details can be seen from the Govt. web site **"https://tendersodisha.gov.in"**
All corrigendum / cancellation of tender if any, will only be uploaded in the above web site

Sd/-
BLOCK DEVELOPMENT OFFICER,
BALIKUDA

OIPR-19001/19282/1/26-27/0002

ସକାଳ THE SAKALA



www.sakalaepaper.com

# ବିଦ୍ୟୁତ୍ ସ୍କ୍ୱାଡ୍‌ର ଚଢ଼ଉ ବେଳେ ଉତ୍ତେଜନା

ଭୁବନ, ୩।୯ (ସମିସ)



ଟାଟା ପାୱାରର ସ୍ୱାଡ଼ ପକ୍ଷରୁ ଚଢ଼ଉ ବେଳେ ଗ୍ରାମବାସୀ ଓ ବିଦ୍ୟୁତ କର୍ମଚାରୀ ମଧ୍ୟରେ ଧସ୍ତାଧସ୍ତି ହୋଇ ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ବାରୁଆଁ ପଞ୍ଚାୟତ ମଠଖୋକସା ଗ୍ରାମରେ ମଙ୍ଗଳବାର ଦିନ ପ୍ରାୟ ୧୨ ଟା ସମୟରେ ଗ୍ରାମର ନିଶା ନାୟକଙ୍କ ଘରେ କେହି ନଥିବା ବେଳେ ହଠାତ ୫ ଜଣ ବ୍ୟକ୍ତି ଜୋର ଜବରଦସ୍ତ ଘର ଭିତରେ ପଶି ଭିଡିଓ ସୁଟିଂ କରିଥିଲେ। ଏହି ସମୟରେ ଘର ବୋହୂ ନିଶା ଗାଧୁଆ ଘର ବାହାରିବା ବେଳେ ମଧ ତାଙ୍କର ଭିଡିଓ କରିଥିଲେ। ସେ ବାରଣ କରିବାରୁ ଅଶାଳୀନ ଗାଳି ସହ ପାଟିତୁଣ୍ଡ ହୋଇଥିଲା। ଘରର ବିଭିନ୍ନ ସ୍ଥାନରେ ଜୋତା ମାଟି ପଶିଥିଲେ। ପାଟିତୁଣ୍ଡ ଶୁଣି ପଡ଼ୋଶୀ ରୁଣ୍ଡ ହୋଇଥିଲେ। ଗାଁ ଲୋକମାନେ ବିଦ୍ୟୁତ ସ୍କ୍ୱାଡ୍‌କୁ ଅସୁରକ୍ଷିତ ଟ୍ରାନ୍ସଫର୍ମର ଦେଖାଇଥିଲେ। ଯେଉଁଠାରେ ପୂର୍ବରୁ ୪ଟି ଗାଇ ଓ ଜଣେ ଶିଶୁ ମୃତ ହୋଇଥିଲେ। ଗ୍ରାମବାସୀ ଦେଖାଇବାବେଳେ ବିଦ୍ୟୁତ କର୍ମଚାରୀ କହିଥିଲେ ଏହା ଆମ କାମ ନୁହେଁ ମେଣ୍ଟେନାନ୍ସ ବିଭାଗ କାର୍ଯ୍ୟ।

ଫଳରେ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟ ପକ୍ଷ ଥାନାରେ ଆଶ୍ରୟ ନେଇଥିଲେ। ୩ ତାରିଖକୁ ଆପୋସ ମିଳାମିଶା ହେବାର ଥିଲା। ଗୁରୁବାର ଭୁବନ ଥାନାରେ ଗ୍ରାମର ୨ ଶହ ଲୋକ ଏବଂ ବିଦ୍ୟୁତ କର୍ମଚାରୀ ଆପୋଷ ମିଳାମିଶା ପାଇଁ ବସିଥିଲେ। ଆଲୋଚନା ବିଫଳ ହେବାରୁ ଉଭୟ ପକ୍ଷ ନିଜ ଜିଦିରେ ଅଟଳ ରହିଲେ।

ଏତଲା କୁ ଭିତ୍ତି କରି ତଦନ୍ତ ଜାରି ରହିଛି। ଗ୍ରାମର ସ୍ୱର୍ଗତ ଅଚ୍ଯୁତାନନ୍ଦ ନାୟକ, ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଙ୍କ ସହ ପ୍ରଫୁଲ ମିଶ୍ର, ପ୍ରିତିଶ ପଟ୍ଟନାୟକ, ଯୋଗିନାଥ ନାୟକ, ରଞ୍ଜନ ମହାନ୍ତିଙ୍କ ନାମରେ ବିଦ୍ୟୁତ ଅପବ୍ୟୟ କେଶ ହୋଇଛି। ଗ୍ରାମବାସୀ ଥାନା ଆଗରେ ବସି ରହି ଅସନ୍ତୋଷ ପ୍ରକାଶ କରିଥିଲେ।

## ମହିମା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



ଯୋରନ୍ଦା,୩।୯ (ସମିସ): ଯୋରନ୍ଦା ମହିମା ଗାଦିସ୍ଥିତ ମହିମା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପ୍ରଣୀବିଜ୍ଞାନର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଜିତେନ୍ଦ୍ରିୟ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ବିଷ୍ଣୁପ୍ରିୟା ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହାପରେ ବିଭାଗର ପ୍ରାଚୀର ପତ୍ରିକା 'ସୃଜନୀ' ସଭାପତିଙ୍କଦ୍ୱାରା ଉନ୍ମୋଚନ କରାଯାଇଥିଲା। ତତ୍‌ପରେ ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ନବାଗତଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସ୍ୱାଗତ କରିବା ସହିତ ନିଜର ଅନୁଭୂତି ପ୍ରକାଶକରି ବିଭାଗ ଓ ମହାବିଦ୍ୟାଳୟ ପ୍ରତି ନବାଗତଙ୍କ ମନରେ ଉତ୍ସାହ ସୃଷ୍ଟି କରିଥିଲେ। ଏହାପରେ ନବାଗତମାନେ ମଧ୍ୟ ନିଜର ପରିଚୟ ପ୍ରଦାନ କରିବା ସହ ଆୟୋଜନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଅଧ୍ୟାପିକା ବିଷ୍ଣୁପ୍ରିୟ ମହାପାତ୍ର ସ୍ୱାଗତ ଭାଷଣରେ ନବାଗତଙ୍କୁ ଶୃଙ୍ଖଳାର ସହିତ ଜୀବନ ଅତିବାହିତ କରିବା ଏବଂ ସମୟାନୁବର୍ତ୍ତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପକ କାମାକ୍ଷା ବେହେରା ନବାଗତଙ୍କୁ ସତ୍ୟପଥରେ ଓ କର୍ତ୍ତବ୍ୟନିଷ୍ଠ ଭାବେ ପରିଚାଳିତ ହେବ ପାଇଁ ପରାମର୍ଶ ଦେଇଥିଲେ। ବିଭାଗର ମୁଖ୍ୟ ଡ. ଗୀତାଞ୍ଜଳି ସାହୁ ନବାଗତଙ୍କ ଉତ୍ତମ ଭବିଷ୍ୟତ କାମନା କରିବା ସହିତ ନିଜ ସ୍ୱପ୍ନ ପୁରଣ ପାଇଁ ସର୍ବଦା କ୍ରିୟାଶୀଳ ହେବାପାଇଁ ପିଲାଙ୍କୁ ଉଦବୋଧନ କରିଥିଲେ। ସଭାପତି ତଥା ମୁଖ୍ୟ ଅତିଥି ଶ୍ରୀ ଶତପଥୀ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ, ଅଧ୍ୟବସାୟ, ଶୃଙ୍ଖଳିତ ଓ ନୀତିପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀ ଲିପ୍ସା ସଭିଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅବସରରେ ଏକ ପ୍ରୀତି ଭୋଜନର ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଜିଲ୍ଲା ଓକିଲ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

ଢେଙ୍କାନାଳ,୩।୯ (ସମିସ): ସ୍ଥାନୀୟ ଜିଲ୍ଲା ଓକିଲ ସଂଘ ପକ୍ଷରୁ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଓକିଲ ସଂଘର ନୂତନ ସଦସ୍ୟତା ପାଇଁ ଆବେଦନ କରୁଥିବା ଓକିଲଙ୍କ ପାଇଁ କେଉଁ ନିୟମ ପ୍ରଣୟନ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ଓକିଲ ସଂଘ ତରଫରୁ ଏକ ଐତିହାସିକ ନିଷ୍ପତି ଗ୍ରହଣ କରାଯାଇଥିଲା। ବର୍ତ୍ତମାନ ଠାରୁ ନୂତନ ସଦସ୍ୟତା ପାଇଁ ଆବେଦନକାରୀମାନେ ପ୍ରଥମେ ନିଜ ନାମରେ କୌଣସି ଅପରାଧିକ ମାମଲା ନାହିଁ ବୋଲି ଏକ ଘୋଷଣାନାମା ପ୍ରଦାନ କରିବେ। ଏହାର ସତ୍ୟତା ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏକ କମିଟି ତଦାରଖ କରି ଉକ୍ତ ଆବେଦନକାରୀଙ୍କୁ ଏନ୍‌ଓସି ପ୍ରଦାନ କରିବା ପରେ ଉକ୍ତ ଆବେଦନକାରୀଙ୍କ ନୂତନ ସଦସ୍ୟତା ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି। ଅପରାଧିକ ଭିତିଭୂମି ଥିବା ବ୍ୟକ୍ତିଙ୍କ ସଂଘର ସଦସ୍ୟତା ପ୍ରଦାନ କରାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା। ତଦାରଖ କମିଟିର ସଦସ୍ୟ ଭାବେ ୫ଜଣ ପୂର୍ବତନ ସଭାପତି ଓ ୪ଜଣ ବରିଷ୍ଠ ସଦସ୍ୟଙ୍କୁ ନେଇ ଗଠନ କରାଯିବ। ବୈଠକରେ ବରିଷ୍ଠ ଆଇନ୍‌ଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ପୂର୍ବତନ ସଭାପତି ପ୍ରତାପ ନାରାୟଣ ତ୍ରିପାଠୀ, ଭାବଗ୍ରାହୀ ପଣ୍ଡା, ଦୁର୍ଗା ପ୍ରସାଦ ଶତପଥୀ, ଶୁଭାସିନୀ ମହାକୁଡ, ସୁବୋଧ ମହାନ୍ତି, ନିର୍ମଳ ମିଶ୍ର, କିଶାନ ବିଶ୍ୱାଳଙ୍କ ସହିତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ସଂଘ କର୍ମକର୍ତ୍ତା ଉପସଭାପତି ଦ୍ୱୀତିକୃଷ୍ଣ ବରାଳ, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାଉତ, ସହ ସଂପାଦକ ତ୍ରିଲୋଚନ ସାହୁ, ସଦସ୍ୟ ପ୍ରେମାନନ୍ଦ ବିହାରୀ, ମଳୟ ପାଣିଗ୍ରାହୀ, ସାଇ କମଳିନୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସଂପାଦକ ଟଙ୍କଧର ବେହେରା ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ପପୁଲାର୍ ଚାମ୍ପିଅନ୍



ଢେଙ୍କାନାଳ,୩।୯ (ସମିସ): ସ୍ଥାନୀୟ ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମଠାରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଦିବସରେ ପପୁଲାର୍ ଫୁଟ୍‌ବଲ୍ କ୍ଲବ୍, ନରଣପୁର ସହିତ ମର୍ଣ୍ଣିଂ ଫୁଟ୍‌ବଲ୍ କ୍ଲବ୍, ଢେଙ୍କାନାଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ୧-୧ ଗୋଲରେ ମ୍ୟାଚ୍ ଅମୀମାଂସିତ ହୋଇଥିବାବେଳେ ଟ୍ରାଇବେକର ମାଧ୍ୟମରେ ପପୁଲାର୍ କ୍ଲବ୍, ନରଣପୁର ୫-୪ ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଆଜିର ମ୍ୟାଚ୍‌ରେ ଉଭୟ ଟିମ୍ ବେଶ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ। ମ୍ୟାଚରେ ରେଫରୀ ଭାବେ ଆଶୀର୍ବାଦ କାନୁନ୍‌ଗୋ, ମନୋଜ ସେଠୀ, ସୁଜିତ୍ କୁମାର ନାୟକ ଓ ଅରୁଣ ନାୟକ ପ୍ରମୁଖ ପରିଚାଳନା କରିଥିବାବେଳେ ମାୟାଧର ସାହୁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଆଜିର ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟ ଫୁଟ୍‌ବଲ୍ ଖେଳାଳି ରବୀନ୍ଦ୍ର ପ୍ରସାଦ ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା. ସତ୍ୟାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ନଳିନୀ କୁମାର ଦାସ, ଉପ-ସଭାପତି ତଥା ସାଂଗଠନିକ ସଂପାଦକ ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ, ଉପସଭାପତି ସୌଭାଗ୍ୟ ସାହୁ, ଅଜୟ ଚରଣ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ସରୋଜ ପାଢୀ, ଅଜୟ ବାରିକ, ବାବୁ ପାଢୀ, ପର୍ଶୁରାମ ମିଶ୍ର, ସରୋଜ ମହାନ୍ତି, ଅଭିଜିତ୍ ମିଶ୍ର, ପ୍ରତାପ କୁମାର ମହାନ୍ତି, ଶ୍ୟାମସୁନ୍ଦର ମହାପାତ୍ର, ବସନ୍ତ ବେହେରା, ପ୍ରତୀକ ଭଞ୍ଜ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୨୧ ହଜାର ଟଙ୍କା ଓ ରନର୍ସ-ଅପ୍ ଦଳକୁ ଟ୍ରଫି ସହ ୧୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମ୍ୟାଚ୍‌ରେ ପ୍ରେମାନନ୍ଦ ମହାନ୍ତ ଖେଳର ଧାରାବିବରଣୀ ପ୍ରଦାନ କରିଥିବାବେଳେ ସୁଶାନ୍ତ ପାଣି ସଂଯୋଜନା କରିଥିଲେ।

## ବୁଲାଗୋରୁଙ୍କ ସୁରକ୍ଷା ପାଇଁ ଟାଟା ଷ୍ଟିଲ୍‌ର ପ୍ରୟାସ

ଢେଙ୍କାନାଳ,୩।୯ (ସମିସ) : ଟାଟା ଷ୍ଟିଲ୍ ମେରାମଣ୍ଡଳୀର "ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏବଂ ସର୍ଭିସେସ୍' ଟିମ୍‌ରେ କର୍ମଚାରୀମାନେ ପ୍ଲାଣ୍ଟ ସମ୍ମୁଖ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ଏକ ଅଭିନବ ପ୍ରୟାସ କରିଥିଲେ। ଅନ୍ଧାର ରାତିରେ ଦୁର୍ଘଟଣା ଏଡ଼ାଇବା ପାଇଁ ୧୦୦ଟି ବୁଲା ଗୋରୁଙ୍କ ବେକରେ ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ ଲଗାଯାଇଛି। ଅନ୍ଧାର ରାତିରେ ରାଜପଥରେ ବୁଲୁଥିବା ଗୋରୁଗୁଡ଼ିକ ଗାଡ଼ି ଚାଳକଙ୍କୁ ସହଜରେ ଦେଖାଯାଇ ନଥାନ୍ତି। ଏ ନେଇ ଅନେକ ସମୟରେ ରାଜପଥ ଉପରେ ଦୁର୍ଘଟଣା ଘଟିଥାଏ। ଯାହାଫଳରେ ଉଭୟ ଗାଡ଼ିଚାଳକ ଓ ଗୋରୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ଏହି ସମସ୍ୟାର ସମାଧାନ ପାଇଁ ଟାଟା ଷ୍ଟିଲ୍‌ରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏବଂ ସର୍ଭିସେସ୍ ଟିମ୍ ପ୍ଲାଣ୍ଟ ସମ୍ମୁଖ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥର ଆଖପାଖରେ ଥିବା ୧୦୦ଟି ବୁଲା ଗୋରୁଙ୍କ ବେକରେ "ରେଟ୍ରୋ-ରିଫ୍‌ଲେକ୍ଟିଭ୍ ବ୍ୟାଣ୍ଡ' ଲଗାଇଛନ୍ତି। ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏବଂ ସର୍ଭିସେସ୍ ବିଭାଗ ମୁଖ୍ୟ ପୀତାମ୍ବର ତିୱାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହିଭଳି ଛୋଟ ଓ ପ୍ରଭାବଶାଳୀ ପ୍ରଚେଷ୍ଟା ଦ୍ୱାରା ଟାଟା ଷ୍ଟିଲ୍‌ରେ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସି ଏକ ଦାୟିତ୍ୱବାନ ସମାଜ ଗଠନ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି।

## ଦିବ୍ୟାଙ୍ଗଙ୍କ ପତ୍ନୀଙ୍କୁ ପାଚିକା ନିଯୁକ୍ତିରୁ ବଞ୍ଚିତ ଅଭିଯୋଗ

ଖଜୁରିଆକଟା,୩।୯ (ସମିସ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ପାଚିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଜନୈକା ମହିଳା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ହିନ୍ଦୋଳ ବ୍ଲକ ଅନ୍ତର୍ଗତ ନବକିଶୋରପୁର ପଞ୍ଚାୟତର କପିସାହି



ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପାଚିକା ନିଯୁକ୍ତିରେ ରାଜନୈତିକ ହସ୍ତକ୍ଷେପ ସହିତ ସରକାରୀ ନିର୍ଦ୍ଦେଶାବଳି ଅମାନ୍ୟ କରାଯାଇ ଆର୍ଥିକ ସ୍ୱଚ୍ଛଳ ଅଯୋଗ୍ୟ ଆବେଦନକାରୀଙ୍କୁ ଲାଞ୍ଚନେଇ ନିଯୁକ୍ତି ଦିଆଯାଇଛି। ସେହି ପଞ୍ଚାୟତ କପିସାହି ଗ୍ରାମର ଶାରୀରିକ ମାନସିକ ଦିବ୍ୟାଙ୍ଗ ହେମନ୍ତ ସାହୁଙ୍କ ପତ୍ନୀ ଶୈଳ ସାହୁ ବିଜ୍ଞାପନ ଅନୁଯାୟୀ ଯୋଗ୍ୟତା ଭିତ୍ତିକ ସମସ୍ତ ଡକ୍ୟୁମେଣ୍ଟ ସହ ପାଚିକା ପଦପାଇଁ ଆବେଦନ କରିଥିଲେ ହେଁ ତାଙ୍କୁ ଅଣଦେଖା କରି ଅନ୍ୟାୟ ଭାବରେ ବଞ୍ଚିତ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟଜଣେ ଅଯୋଗ୍ୟ ଆବେଦନକାରିଣୀଙ୍କୁ ନିଯୁକ୍ତି ଦେଇଦେଲେ ସ୍କୁଲ କର୍ତ୍ତୃପକ୍ଷ ବୋଲି ଶ୍ରୀମତୀ ସାହୁ ହିନ୍ଦୋଳ ବ୍ଲକ ଶିକ୍ଷାଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥି ପୂର୍ବରୁ ସେ ମଧ ଉପଜିଲ୍ଲାପାଳ ନିକଟରେ ଅଭିଯୋଗ କରିଥିଲେ। ତେବେ ଏବାବଦରେ ହିନ୍ଦୋଳ ବିଇଓ ମିନତୀ ଦେହୁରୀଙ୍କୁ ଯୋଗାଯୋଗ କରିବାରେ କୁହନ୍ତି ଇନକ୍ୱାରୀ ସମୟରେ ଶୈଳ ସାହୁ ସମସ୍ତ ଡକୁମେଣ୍ଟ ଦେଖାଇ ନଥିଲେ ତଥାପି ତଦନ୍ତ କରାଯିବ। ତେବେ ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ ହୋଇପାରିନଥିଲା। ତେବେ ପାଚିକା ନିଯୁକ୍ତିକୁ ରଦ୍ଦ କରାଯାଇ ଉପଯୁକ୍ତ ତଦନ୍ତ କରାଯାଇ ଯୋଗ୍ୟତା ଭିତ୍ତିରେ ପାଚିକା ନିଯୁକ୍ତି ଦିଆନଗଲେ ବାଧହୋଇ ଉଚ୍ଚ ଅଧିକାରୀ ଓ ରାଜ୍ୟ ସରକାରଙ୍କୁ ଅଭିଯୋଗ କରିବେ ବୋଲି ଦିବ୍ୟାଙ୍ଗଙ୍କ ପତ୍ନୀ ଶୈଳ ସାହୁ ଅଭିଯୋଗରେ ଦର୍ଶାଇଛନ୍ତି।

## ଭୀମଭୋଇ ସାମର୍ଥ୍ୟ ଶିବିରରେ ୨୨୬ ପଞ୍ଜୀକୃତ





ଭୁବନ,୩।୯ (ସମିସ) : ଢ଼େଙ୍କାନାଳ ଜିଲ୍ଲା ଭୁବନ ପଞ୍ଚାୟତ ସମିତି ବ୍ଲକ ପ୍ରଶାସନ ତରଫରୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୨୨୬ ଜଣ ଭିନ୍ନକ୍ଷମ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ବ୍ଲକ୍ ଅଧକ୍ଷା ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମାନସିକ ଅନଗ୍ରସର ୪୪ ଜଣ, ଅସ୍ଥିଶଲ୍ୟ ୧୦୫ଜଣ, ଦୃଷ୍ଟି ବାଧକ ୩୨ଜଣ, ଶ୍ରବଣ ବାଧକ ୩୫ଜଣ, ଭେଷଜ ୫ଜଣ ଓ ଅନ୍ୟାନ୍ୟ ୫ ଜଣ ସମୁଦାୟ ୨୨୬ ଜଣଙ୍କୁ ବିଶେଷଜ୍ଞ ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ବିଡିଓ ଆୟୁଷୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ଡାକ୍ତର ମାନେ ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରି ୧୪୫ ଜଣଙ୍କୁ ଭିନ୍ନକ୍ଷମ ଉପକରଣ, ଔଷଧ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ କୁମାର ସ୍ୱାଇଁ, ଭୁବନ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମୁକେଶ ରଥ ଓ ସମସ୍ତ କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ। ବାଜି ରାଉତ ସ୍ମୃତି ମହାବିଥଳୟର ସ୍କାଉଟ ଆଣ୍ଡ ଗାଇଡ ଛାତ୍ର ଏବଂ ପୋଲିସ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ୨ ମାସ ପରେ ଛେଳି ଚୋରକୁ ଧରି ପୁଲିସରେ ଦେଲେ ମାଲିକ

ଭୁବନ,୩।୯ (ସମିସ): ଦୁଇ ମାସ ପରେ ଛେଳି ଚୋରକୁ ଠାବ କରି ପୁଲିସରେ ଜିମା ଦେଇଛନ୍ତି ଛେଳି ମାଲିକ। କାମାକ୍ଷାନଗର ଥାନା ବଡ଼ସୁଆଁଳି ଗ୍ରାମର ଦିପ୍ତୀରଞ୍ଜନ ବିଶ୍ୱାଳ ପୁନେ ଓ ରାଜସ୍ଥାନରୁ ଉନ୍ନତମାନର ଛେଳି ଆଣି ଚାଷ କରୁଥିଲେ। ମାତ୍ର ଗତ ଜୁଲାଇ ମାସରେ ତାଙ୍କର ଛେଳି ଦୁଇଟିକୁ କେହି ଚୋରି କରି ନେଇଥିବା କାମାକ୍ଷାନଗର ଥାନାରେ ଅଭିଯୋଗ ହୋଇଥିଲା। ଦୁଇମାସ ହେଲା ଛେଳି ଦୁଇଟିର ପତ୍ତା ମିଳିନଥିବାବେଳେ ଗୁରୁବାର ଛେଳି ମାଲିକ ଯାଜପୁରରୁ ନିଜ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଜାତୀୟ



ରାଜପଥ ୫୩ର ଭୁବନ ଥାନା ନିକଟରେ କିଛି ଛେଳି ଚରୁଥିବା ଦେଖି ବାଇକ୍ ଅଟକାଇ ଛେଳି ପଲ ନିକଟକୁ ଯାଇ ନିଜର ଦୁଇ ମାଈ ଛେଳି ଚିହ୍ନଟ କରିଥିଲେ। ଛେଳି ଚରାଳିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ ସେ ଦୁଇଟି ଛେଳି ମୋର ନୁହେଁ, ଭୁଷଳ ଗ୍ରାମର ପ୍ରକାଶ ମଲ୍ଲିକ ମୋତେ ଚରାଇବାକୁ ଦେଇଛନ୍ତି। ତେବେ ଏହି ଘଟଣାରେ ଛେଳି ମାଲିକ ଦୁଇଟି ଛେଳି ଓ ଛେଳି ଚରାଳିଙ୍କୁ ଧରି ଭୁବନ ଥାନାର ଦ୍ୱାରସ୍ଥ ହୋଥିଲେ। ଭୁବନ ପୁଲିସ ଦୁଇ ଛେଳିକୁ ଜବତ କରି ତଦନ୍ତ ଚଳାଇଛି। ତଦନ୍ତ ପରେ ଛେଳି ଚୋରଙ୍କ ପର୍ଦ୍ଦାଫାସ ହେବ ବୋଲି ଆଶା କରିଛନ୍ତି ଦୀପ୍ତି।

## ଶତ୍ରୁଘ୍ନ ଜେନା ନର୍ଭେରାମ ୱାର୍କର ୟୁନିଅନର ଉପଦେଷ୍ଟା

ଢେଙ୍କାନାଳ,୩।୯ (ସମିସ) : ସଦରଥାନା ଅନ୍ତର୍ଗତ ଗୁଣ୍ଡିଚାପଡା ଠାରେ ଥିବା ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ କାରଖାନାରେ ଶ୍ରମିକ ୟୁନିଅନର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କମ୍ପାନୀରେ କାର୍ଯ୍ୟରତ ଠିକାସଂସ୍ଥାର ଶ୍ରମିକ ଓ କମ୍ପାନୀର ଶ୍ରମିକଙ୍କୁ



ନେଇ ଗଠିତ ହୋଇଥିବା ନର୍ଭେରାମ ୱାର୍କର ୟୁନିଅନର ସଭାପତି କାର୍ତ୍ତିକ କୁମାର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୟୁନିଅନର ଅନ୍ୟ ମେମ୍ବର ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ସରୋଜ କୁମାର ମଲ୍ଲିକ, ଉପସଭାପତି ଦୁଷ୍ମନ୍ତ ବେହେରା ଓ ଏସ୍କ ମୋଜାର, ସମ୍ପାଦକ ଅପସାକ ଅଲ୍ଲୀ ଓ କୋଷାଧକ୍ଷ ଅଭୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀର ଶ୍ରମିକ ମାନଙ୍କର ସ୍ୱାର୍ଥରକ୍ଷା ନିମନ୍ତେ ଓ ୟୁନିଅନକୁ ସଂଗଠିତ କରିବା ପାଇଁ ୟୁନିଅନର ଉପଦେଷ୍ଟା ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କୁ ମନୋନୀତ କରାଯାଇଛି। କମ୍ପାନୀରେ ଚାଲିଥିବା ଶ୍ରମିକ ମାରଣନିତୀର ଅନ୍ତ ଘଟିବ ବୋଲି ସମସ୍ତ ଶ୍ରମିକ ଆଶାବ୍ୟକ୍ତ କରିଛନ୍ତି । ଶ୍ରମିକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଶ୍ରମନୀତି ଅନୁଯାୟୀ କମ୍ପାନୀରେ ରହିଥିବା ସମସ୍ୟାର ତୁରନ୍ତ ସମାଧାନ କରାଯିବା ସହ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗକୁ ପ୍ରାଧାନ୍ୟ ଦିଆଯିବ ବୋଲି ୟୁନିଅନର ଉପଦେଷ୍ଟା ବିଧାୟକ ଶତ୍ରୁଘ୍ନ ଜେନା ପ୍ରକାଶ କରିଛନ୍ତି।

## ବାରମ୍ବାର ବିଦ୍ୟୁତ୍‌କାଟ୍; ବଢୁଛି ଅସନ୍ତୋଷ

ଢେଙ୍କାନାଳ,୩।୯ (ସମିସ): ଢେଙ୍କାନାଳ ସଦର ବ୍ଲକ୍ ଭାପୁର ଛଦେଶ ଅଞ୍ଚଳରେ ଗତ କିଛି ଦିନ ହେବ ପ୍ରତ୍ୟହ ୭ ରୁ ୮ ଘଣ୍ଟା ଟାଟା ପାୱାର ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯାହା ଫଳରେ ବିଦ୍ୟୁତ୍ ବିଭଗର ଅବହେଳା ଏବଂ ଦୁର୍ବଳ ଭିତ୍ତିଭୂମି ଯୋଗୁଁ ଅଞ୍ଚଳବାସୀ ନିରବଛିନ୍ନ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ଭାପୁର କୋଇଲିପଙ୍ଗି ଠାରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଭିନ୍ନ ସମସ୍ୟା ନେଇ ଶକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ସହ ଛ'ଦେଶ ଅଞ୍ଚଳର ବିଦ୍ୟୁତ ବିଭାଗ ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ କୋଇଲିପଙ୍ଗି



ଠାରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟରେ ଏକ ଦାବୀପତ୍ର ନେଇ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେ୍ଧଶ୍ୟରେ ଦିଆଯାଇଛି। ଏହା ସହିତ ଟିପିସିଓଡିଏଲର ଅଧିକାରୀମାନଙ୍କୁ ମଧ ଛଦେଶବାସୀ ବୁଦ୍ଧିଜୀବୀ ଉପସ୍ଥିତ ରହି ବାରମ୍ବାର ଅଭିଯୋଗ କରିଥିଲେ ମଧ ଛଦେଶ ଅଞ୍ଚଳର ଉପଭୋକ୍ତାମାନେ ସେହି ବିଦ୍ୟୁତ୍ କାଟର ସମସ୍ୟା ଭୋଗୁଛନ୍ତି। ତେବେ ନୀରବଛିନ୍ନ ବିଦ୍ୟୁତ୍ ବିତରଣ ସେବା ଯୋଗାଇ ଦେବାକୁ ଛଦେଶ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଦ୍‌ଭାବନା ପାଇଁ ବିଧାୟକଙ୍କ ନିବେଦନ



ଭୁବନ,୩।୯ (ସମିସ): ଭୁବନ ବ୍ଲକ୍ ଅରଖପାଳ ଗ୍ରାମରେ ୨ଦିନ ପୂର୍ବେ ସବର୍ଣ୍ଣ ଅସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ହୋଇଥିବା ତୁମୁଳ କାଣ୍ଡରେ ପ୍ରାୟ ୨୩ ଜଣ ବ୍ୟକ୍ତି ଆହତ ହୋଇଥିଲେ। ଗାଁର ୨୨ ଜଣଙ୍କୁ କାମାକ୍ଷାନଗର ପୁଲିସ ଅଟକ ରଖି ତଦନ୍ତ ଚଳାଇଥିଲା। ପରିସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ପୁଲିସ ପକ୍ଷରୁ ପ୍ଲାଗ୍ ମାର୍ଚ୍ଚ ଜାରି ରହିଛି। ତେବେ ପରିସ୍ଥିତିକୁ ଶାନ୍ତ କରାଇବା ତଥା ସଦ୍‌ଭାବନା ବଜାୟ ରଖିବା ଉଦ୍ଦେଶ୍ୟରେ କାମାକ୍ଷାନଗର ବିଧାୟଜ ଶତ୍ରୁଘ୍ନ ଜେନା, ଉପଜିଲ୍ଲାପାଳ, ତହସିଲଦାର ପହଞ୍ଚି ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ଉଭୟ ପକ୍ଷଙ୍କୁ ନିବେଦନ କରିଛନ୍ତି ବିଧାୟକ।

## ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଜୁବୁଲି ଟାଉନ ନଂ-୧ର କର୍ମକର୍ତ୍ତା ଚୟନ

# ଟିକନ ସଭାପତି, ବିନୋଦ ସମ୍ପାଦକ

ଢେଙ୍କାନାଳ,୩।୯ (ସମିସ)



ସ୍ଥାନୀୟ ଜୁବୁଲି ଟାଉନସ୍ଥିତ ଶ୍ରୀଶ୍ରୀ ନାଗେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୨୦୨୬-୨୭ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଜୁବୁଲି ଟାଉନ ନଂ -୧ ଅନୁଷ୍ଠାନର ପ୍ରଥମ ସାଧାରଣ ବୈଠକ ବୁଧବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରଥମେ ପୂଜା ପ୍ରତିଷ୍ଠାନର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ସଭାର ଆଭିମୁଖ୍ୟ ସମ୍ପର୍କରେ ପରିପ୍ରକାଶ କରିଥିଲେ। ଏହି ଅବସରରେ ସମ୍ପାଦକ ବିନୋଦ କଲୁମାର ମହାନ୍ତି ସାଧାରଣ ସଭାର ବିଷୟ ବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଚଳିତ ବର୍ଷ ପୂଜାକୁ କିପରି ସରସ ସୁନ୍ଦର ତଥା ଶୃଙ୍ଖଳିତ ଭାବେ ପରିଚାଳିତ କରାଯିବ ସେ ଦିଗରେ ପୂଜା ପ୍ରତିଷ୍ଠାନର ପୁରୁଖା ସଦସ୍ୟଙ୍କ ପରମର୍ଶ ଦେବା ସହିତ ସେମାନଙ୍କ ଅଭିଜ୍ଞ ମତ ପ୍ରକାଶ କରିଥିଲେ। ବିଶେଷକରି ଚଳିତବର୍ଷ ପୂଜା କମିଟିର ଆର୍ଥିକ ବ୍ୟବସ୍ଥା ଉପରେ ଖୋଲାଖୋଲି ଆଲୋଚନା ଓ ପର୍ଯ୍ୟାଲୋଚନା କରାଯିବା ପରେ ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟାରେ ପୁନର୍ବାର ସଭାପତି ଭାବେ ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଭାବେ ବିନୋଦ କୁମାର ମହାନ୍ତିଙ୍କୁ ସମସ୍ତେ ମନୋନୀତ କରିଥିବା ବେଳେ ୨ଜଣ ଉପସଭାପତି ଭାବେ ଦିଲ୍ଲୀପ କୁମାର ମିଶ୍ର ଏବଂ ଅଜିତ କୁମାର ମହାପାତ୍ର, ୪ଜଣ ସହ ସମ୍ପାଦକ ଭାବେ ରାଜେନ୍ଦ୍ର କୁମାର ବରାଳ, ନୀଳମାଧବ ମହାପାତ୍ର, ସମ୍ବିତ ପିରେହି, ଏଶୌର୍ଯ୍ୟ ପ୍ରସାଦ ବେଉରା ମନୋନୀତ ହୋଇଛନ୍ତି। କୋଷାଧକ୍ଷ ଭାବେ ସୁଶାନ୍ତ କୁମାରବାରିକ, ସେହିପରି ପରାମର୍ଶ ଦାତା କମିଟିରେ ନିରାକାର ସାମନ୍ତରାୟ, ପ୍ରମୋଦ କୁମାର ବେହେରା, ଗୋବର୍ଦ୍ଧନ ସାହୁ, ସୁରେଶ ପାଣିଗ୍ରାହୀ, ବସନ୍ତ ନାୟକ, ଜ୍ୟୋତି ପସାଦ ବେଉରା ଓ ଅଶୋକ ହୋତା ମନୋନୀତ ହୋଇଛନ୍ତି। ୮ ଜଣିଆ କାର୍ଯ୍ୟକାରୀ ସଦସ୍ୟ ଭାବେ ବିରଞ୍ଚିନାରାୟଣ ପ୍ରଧାନ, ବିକ୍ରମ କୁମାର ତୁଙ୍ଗ, ରାଜେଶ ଖାନ, ଦୁର୍ଗା ଚରଣ ନାୟକ, ମନୋଜ ମହାପାତ୍ର, ପ୍ରକାଶ ଜେନା, ପ୍ରହଲ୍ଲାଦ ବେହେରା, ଲିକୁନା ଷଡଙ୍ଗୀ, ବିକାଶ ଜେନା ପ୍ରମୁଖ ଚଳିତ ବର୍ଷ ପୁଜାରେ ନିଷ୍ଠାର ସହ କାର୍ଯ୍ୟ ତୁଲାଇବାକୁ ପ୍ରତିଶୃତି ଦେଇଛନ୍ତି । ପବିତ୍ର ସୁନିଆ ଦିନ ମାଟି ଅନୁକୁଳ ପୁର୍ବରୁ ପୁଜା ପ୍ରସ୍ତୁତି ବୈଠକ ଆବାହନ କରାଯିବ ବୋଲି ସମ୍ପାଦକ ବିନୋଦ କୁମର ମହାନ୍ତି ସୁଚନା ଦେଇଛନ୍ତି।

## ବିଜେଡି ନେତାଙ୍କ ଅକାଳ ବିୟୋଗ

**ପାରାଦୀପ,୩।୯ (ସମିସ):** ପାରାଦୀପ ପୌରାଞ୍ଚଳ ଅଧୀନ ନୂଆବଜାର ୧୬ନମ୍ବର ୱାର୍ଡର ବିଜୁ ଜନତା ଦଳର ଆଗଧାଡିର କର୍ମୀ ପ୍ରସନ୍ନ ସାମଲ (୫୫)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଦେହ ଅସୁସ୍ଥ ହେବାରୁ ଦିନ ୨ଟା ବେଳେ ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ମେଡ଼ିକାଲ ନିଆଯାଇଥିଲା। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ନିଜ ଗ୍ରାମ ବାଲିକୁଦା ଥାନା ଅଧିନ ତେନ୍ତୁଳିବେଲାରି ନିଆଯାଇ ଶେଷକୃତ୍ୟ କରାଯାଇଛି। ନୂଆବଜାର ଅଞ୍ଚଳ ୧୬ ନମ୍ବର ୱାର୍ଡର କାଉନସିଲର ମନୋଜ ନାୟକ ଦଳୀୟ କର୍ମୀଙ୍କ ସହାୟତାରେ ତାଙ୍କ ନିଜ ଗ୍ରାମକୁ ଯାଇ ଶେଷକୃତ୍ୟ କାର୍ଯ୍ୟରେ ସହଯୋଗ କରିଥିଲେ।



## ବନ୍ଦର ସହରରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ
# ବ୍ୟାପକ ମିଠା, ବାସିଖାଦ୍ୟ ଜବତ

ପାରାଦୀପ,୩।୯ (ସମିସ)

ବନ୍ଦର ସହର ପାରାଦୀପର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ କୁହାଯାଉଥିବା ବଡ଼ପଡ଼ିଆ ମାର୍କେଟରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲ ଓ ମିଠା ଦୋକାନ ମାନଙ୍କରେ ଚଢ଼ଉ କରାଯାଇଛି। ଚଢ଼ଉରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଦର୍ଶ ଥାନା ପୁଲିସ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ଚଢ଼ଉ ବେଳେ ହୋଟେଲ ମାନଙ୍କରେ ବାସି ଖାଦ୍ୟ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ତେବେ ବହୁ ହୋଟେଲରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସ୍ୱଚ୍ଛତା ଆଦୌ କୌଣସି ସ୍ଥାନରେ ଦେଖିବାକୁ ପାଇଲେ ନାହିଁ ବିଭାଗୀୟ ଅଧିକାରୀ। ଏନେଇ ବଡ଼ପଡିଆ ଅଞ୍ଚଳରେ ଥିବା ବହୁ ହୋଟେଲ ଓ ମିଠା ଦୋକାନରୁ ପାଖାପାଖି ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଫାଇନ୍ କାଟିବା




ସହିତ ଏକାଧିକ ହୋଟେଲ ଓ ସୁଇଟ୍ସ ଷ୍ଟଲରୁ କୁଡ଼ କୁଡ଼ ପଲିଥିନ ଜବତ କରାଯାଇଛି। ଏହା ସହିତ ହୋଟେଲ ଗୁଡିକରେ ଥିବା ଖାଦ୍ୟପେୟ ଗୁଡିକର ମାନ ମଧ୍ୟ ପରୀକ୍ଷା କରାଯାଇଥିଲା। ଯେଉଁ ହୋଟେଲ ଓ ମିଠା ଦୋକାନ ଗୁଡିକରେ ବାସି ଖାଦ୍ୟ ଓ ବାସି ମିଠା ରଖାଯାଇଥିଲା ସେଗୁଡିକୁ ପରୀକ୍ଷା କରାଯିବା ସହିତ ଫିଙ୍ଗା ଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପାରାଦୀପ ସିନେମାହଲ ନିକଟରେ ଥିବା ଗଙ୍ଗୁରାମ ମିଠା ଦୋକାନରେ ବାସି ମିଠା ସହିତ ସ୍ୱଚ୍ଛତାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଥିଲା। ସେଠାରେ କଣ୍ଟା କମଳ ମଧ୍ୟରେ ମିଠା ତିଆରି ପାଇଁ ବ୍ୟବହୃତ କଞ୍ଚାମାଲକୁ ରଖାଯାଇଥିବାର ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଦୋକାନରୁ ବହୁ ମିଠା, ତା' ସହିତ ଛେନା, ଖୁଆ ଇତ୍ୟାଦିକୁ ଫିଙ୍ଗି ଦେଇଥିଲେ ବିଭାଗୀୟ ଅଧିକାରୀ। ଯେଉଁ ହୋଟେଲ ଓ ମିଠା ଦୋକାନରେ ଖାଦ୍ୟରେ ଅନିୟମିତତା ଦେଖିବାକୁ ପାଇଥିଲେ ସେମାନଙ୍କୁ ଚେତାବନୀ ଦେବା ସହିତ ଜୋରିମାନା ମଧ୍ୟ ଆଦାୟ କରାଯାଇଥିଲା।

ଅନ୍ୟ ପକ୍ଷରେ ପାରାଦୀପ ବନ୍ଦର ସହରରେ ଏଭଳି ଚଢ଼ଉ ଧର୍ମକୁ ଆଖିଠାର ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। କାରଣ ବିଭାଗୀୟ ଅଧିକାରୀ ମାନେ କାହିଁକି ରୀତିମତ ଏହି ଚଢ଼ଉ ଉପରେ ଜୋର ଦେଉନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଜିଲ୍ଲାପାଳ ଓ ଏସ୍‌ପି ବର୍ତ୍ତମାନ ଯେଉଁଭଳି ଭାବରେ ଜିଲ୍ଲାରେ ବାସି ଖାଦ୍ୟ ବିକ୍ରି କରୁଥିବା ଅନୁଷ୍ଠାନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ସେହିପରି ନିୟମିତ କରିବାକୁ ଦାବି ହୋଇଛି।

## ଭୁବନେଶ୍ୱରରେ ପଡ଼ିରହିଛି ସାରଳା ଦାସଙ୍କ ପ୍ରତିମୂର୍ତ୍ତି
# ନିରୂପିତ ସ୍ଥାନରେ ସ୍ଥାପନା ହେଉନି

**ତିର୍ତ୍ତୋଲ,୩।୯ (ସମିସ):** ଜନସାଧାରଣଙ୍କ ଆବେଗ ଓ ଉତ୍କଣ୍ଠାକୁ ଭିତ୍ତିକରି ଆଦିକବି ସାରଳା ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ କଟକ-ପାରାଦୀପ ରାଜ୍ୟ ରାଜପଥର ଶାରଳା ରୋଡ ନିକଟରେ ଥିବା ତେନ୍ତୁଳିପଦା ମୌଜାର ରାସ୍ତା ପାର୍ଶ୍ୱରେ ଏକ ସଂରକ୍ଷିତ ସ୍ଥାନରେ ସ୍ଥାପନ ପାଇଁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ମିଳିତ ପ୍ରଚେଷ୍ଟାରେ ସ୍ଥାନ ନିରୂପଣ କରାଯାଇଥିଲା। ଏଥି ନିମନ୍ତେ ଜିଲ୍ଲାପାଳ ଜଗତସିଂହପୁରଙ୍କ ଚିଠି ନଂ.୧୧୬ ତା ୧୬-୩-୨୬ ରିଖରେ ନିର୍ଦ୍ଦେଶକ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଭୁବନେଶ୍ୱରଙ୍କୁ ସୁପାରିସ କରିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତି ସଂସ୍କୃତି ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ସଂସ୍କୃତି ବିଭାଗ ଭୁବନେଶ୍ୱରରେ ପଡ଼ିରହିଛି। ଦୀର୍ଘ ୫ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସଂସ୍କୃତି ବିଭାଗ ମହାନ ସାରସ୍ୱତ ସ୍ରଷ୍ଟା, ଓଡ଼ିଆ ଭାଷା ସାହିତ୍ୟର କ୍ରାନ୍ତିକାରୀ ସ୍ରଷ୍ଟା ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ପାରିନାହିଁ। ଏ ସଂପର୍କରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ ମନ୍ତ୍ରୀ, ଶାସନ ସଚିବ, ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିଲେ ଏ ପର୍ଯ୍ୟନ୍ତ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପଦକ୍ଷେପ



ନିଆଯାଇନାହିଁ। ଓଡ଼ିଶା ଅସ୍ମିତା ଓ ଓଡ଼ିଆ ଭାଷାକୁ ନେଇ ଓଡ଼ିଶା ସରକାର ଗର୍ବ କରୁଥିବା ବେଳେ ସାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନରେ ଅବହେଳା କରିବା ଦୁର୍ଭାଗ୍ୟଜନକ ବୋଲି ଜନସାଧାରଣ, ବୁଦ୍ଧିଜୀବୀମାନେ, ଗବେଷକ, ସାରସ୍ୱତ ସାଧକ ମାନେ ମତ ପ୍ରକାଶ କରିଛନ୍ତି। ଏଥି ସହିତ ସଂସ୍କୃତି ବିଭାଗ ତୁରନ୍ତ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦର ସମସ୍ତ କର୍ମକର୍ତ୍ତା ଦୃଢ଼ ଦାବି କରିଛନ୍ତି।

## ମୂଳିସିଂ ସହର ହାଟ ଛକ ସୌନ୍ଦର୍ଯ୍ୟକରଣ ଉଦ୍‌ଘାଟିତ



**ତିର୍ତ୍ତୋଲ,୩।୯ (ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୂଳିସିଂ ସହରହାଟ ଛକର ସୌନ୍ଦର୍ଯ୍ୟକରଣ ଓ ସ୍ମୃତି ଫଳକ 'ଆଇ ଲଭ୍ ମୂଳିସିଂ'ର ଉଦ୍‌ଘାଟନ ଉତ୍ସବ ଜିଲ୍ଲାପରିଷଦ ସଦସ୍ୟ ସୁନୀଲ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ଏହାକୁ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକ, ସମ୍ମାନିତ ଅତିଥି ମୂଳିସିଂହ ସରପଞ୍ଚ ସଫି ଆଜମ୍, ସମିତିସଭ୍ୟ ରଞ୍ଜନ ସାହୁ, ଯୁବ ନେତା ସୁବ୍ରତ ଦାଶ, ନିହାର କୁମାର ମହାନ୍ତି, ଚିତ୍ତରଞ୍ଜନ ରଥ, ବଣିକସଂଘ କର୍ମକର୍ତ୍ତା ତ୍ରିଲୋଚନ ଦାସ, ଆଇନଜୀବୀ ଶରତ ଚନ୍ଦ୍ର ସାହୁ, ଆଲୋକ ସାହୁ, ଇଂ. ସୁବ୍ରତ ମଲ୍ଲିକ, ଶିବପ୍ରସାଦ ସାହୁ, ରମେଶଚନ୍ଦ୍ର ସାହୁ (ବାବୁଲି ଭାଇ), ମନୋରଞ୍ଜନ ବେହେରା, ଶକ୍ତି ପ୍ରସାଦ ଓଝା, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ଥିଲେ।

## ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର

**ବାଲିକୁଦା,୩।୯ (ସମିସ):** ବାଲିକୁଦା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାଲିକୁଦା ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଅଗ୍ନିକାଣ୍ଡ ସମୟରେ ନିଆଁକୁ କିପରି ନିୟନ୍ତ୍ରଣ କରାଯିବା ସହ ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ କିପରି ସୁରକ୍ଷିତ ରଖାଯାଇପାରିବ, ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କୌଶଳ ପ୍ରଦର୍ଶନ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଗ୍ନିଶମ ବିଭାଗର ଅଧିକାରୀ ସୁବାସ ଚନ୍ଦ୍ର ଭୋଳଙ୍କ ସମେତ ଭୀମସେନ ବରାଳ, ସଞ୍ଜୟ ସାହୁ, ଦୁଷ୍ମନ୍ତ ବିଶ୍ୱାଳ ଓ ଗଣେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିରାପତ୍ତାର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଗ୍ନିକାଣ୍ଡ ସମୟରେ ଭୟଭୀତ ନହୋଇ ସତର୍କତାର ସହିତ ପଦକ୍ଷେପ ନେବା, ନିଆଁକୁ ଆୟତ୍ତ କରିବା ଏବଂ ଜରୁରୀ ପରିସ୍ଥିତିରେ ଅନ୍ୟମାନଙ୍କୁ ସହାୟତା କରିବା ସମ୍ପର୍କରେ ମଧ୍ୟ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌଭାଗ୍ୟ ସାହୁ, ଶିକ୍ଷକ ଧ୍ରୁବ ଚରଣ ରାଉତ, ରମେଶ ଗୋଛାୟତ, ବିନୋଦ ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟସ୍ତରରେ ଏଭଳି ପ୍ରଶିକ୍ଷଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଗ୍ନି ନିରାପତ୍ତା ନେଇ ସଚେତନତା ବୃଦ୍ଧି କରିବା ସହ ଜରୁରୀ ସମୟରେ ନିଜ ଓ ଅନ୍ୟମାନଙ୍କ ଜୀବନ ରକ୍ଷାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା।

## ନବଭାରତ ସାକ୍ଷରତା ମିଶନ ଉଲ୍ଲାସ କାର୍ଯ୍ୟକ୍ରମ



**ନାଉଗାଁ,୩।୯ (ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ନବ ଭାରତ ସାକ୍ଷାରତା ମିଶନ ଉଲ୍ଲାସ କାର୍ଯ୍ୟକ୍ରମ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ବଡ଼ପଣ୍ଡା, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ମହାନ୍ତି, ବରିଷ୍ଠ ଶିକ୍ଷୟିତ୍ରୀ ସନ୍ତୋଷୀ ସେଠୀ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ୧୫ ବର୍ଷରୁ ଅଧିକ ନିରକ୍ଷର ବ୍ୟକ୍ତିକୁ ସାକ୍ଷାରତା କରିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ କ୍ଲଷ୍ଟରରୁ ତିନି ଜଣ ଲେଖାଏଁ ଆଞ୍ଚଳିକ ସାଧନ ସମ୍ବଳ ଓ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଂଶ ଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ସାଧନ କର୍ମୀ ଭାବରେ ସିଆରସିସି ଅକ୍ଷୟ କୁମାର ରାଉତ, ସିଆରସିସି କାଶୀନାଥ ବେହେରା, ସିଆର୍‌ସିସି ସରୋଜିନୀ ସାହୁ କାର୍ଯ୍ୟ କରିଥିଲେ।

## ନିଶା ନିବାରଣ ନେଇ ତ୍ରିରଙ୍ଗା ଶୋଭାଯାତ୍ରା



**କୁଜଙ୍ଗ,୩।୯ (ସମିସ):** ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ କୁଜଙ୍ଗ ଶାଖା ତରଫରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଟକ ପାରାଦୀପ ରାସ୍ତାରେ ଦିନକୁ ଦିନ ଦୁର୍ଘଟଣା ବଢୁଥିବା ବେଳେ ମଦ ଦୋକାନ ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ ବୋଲି ଆଜି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ କୁଜଙ୍ଗ ଶାଖା ତରଫରୁ ଅଭିଯୋଗ ସହ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। କୁଜଙ୍ଗ ଶାଖାର ସଭାପତି ବାବୁରାମ ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଜୀବନାନନ୍ଦ ଅଧିକାରୀ, ଶିକ୍ଷାବିତ୍ ଡ. ଗଙ୍ଗାଧର ସାମନ୍ତରାୟ, କବି ନବୀନ ପ୍ରଧାନ, କ୍ୟାପଟେନ୍ ଅଜୟ କୁମାର ଖୁଣ୍ଟିଆ, ଆଇନଜୀବୀ ପ୍ରିୟମ୍ବଦା ପାଣି ପ୍ରମୁଖ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସାରା ରାଜ୍ୟ ସମେତ କୁଜଙ୍ଗରେ ମଦ ଦୋକାନ ଓ ନିଶା କାରବାର ଯୋଗୁଁ ହେଉଥିବା ସମସ୍ୟା ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ବିଜୟ ଖଟେଇ, କବି ଗୀତା ଦାସ, ଜପହରି ବାରିକ୍, ସୁଭାଷ ସାମନ୍ତରାୟ, କୈଳାଶ ତରାଇ, ଯୋଗେନ୍ଦ୍ର ଦାସ, ପରୀକ୍ଷିତ ସାହୁ ଓ ବଂଶୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କୁଜଙ୍ଗ ହନୁମାନ ମନ୍ଦିରରୁ ବ୍ଲକ ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଏହି ଶୋଭାଯାତ୍ରାରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ରାଜ୍ୟର ବରିଷ୍ଠ ଅଧିକାରୀଙ୍କୁ ଭେଟିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ

**ପାରାଦୀପ,୩।୯ (ସମିସ):** ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ପାଇଁ ପାରାଦୀପ ବନ୍ଦରର ନବ ନିଯୁକ୍ତ ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ସାକ୍ଷାତ କରିଛନ୍ତି। ତତ୍ ସଙ୍ଗେ ସଙ୍ଗେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ, ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ, ରାଜସ୍ୱ ବୋର୍ଡ ସଦସ୍ୟ ସତ୍ୟବ୍ରତ ସାହୁ, ଜଳ ସମ୍ପଦ ବିଭାଗର ସଚିବ ଶୁଭା ଶର୍ମାଙ୍କୁ ପୃଥକ ପୃଥକ ଭାବେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଆଲୋଚନାରେ ପାରାଦୀପ ବନ୍ଦରର ବିକାଶ ଏବଂ ସମ୍ପ୍ରସାରଣ



ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅଧ୍ୟକ୍ଷ ଶ୍ରୀ ପୁରୋହିତ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ଏବଂ ପୂର୍ବତଟ ରେଳପଥର ସଦସ୍ୟ ସଞ୍ଜୟ କୁମାର ମିଶ୍ରଙ୍କ ସହିତ ସାକ୍ଷାତ କରି ପାରାଦୀପ ବନ୍ଦରର ସଂଯୋଗୀକରଣ, ରେଳ ଭିତ୍ତିଭୂମି, ଲଜିଷ୍ଟିକ୍ସ ଏବଂ ଅନ୍ୟାନ୍ୟ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନା ଗୁଡିକ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଓଡ଼ିଶା ସରକାର ଏବଂ ପୂର୍ବତଟ ରେଳପଥ ମଧ୍ୟରେ ଉକ୍ତ ଅଞ୍ଚଳର ସାମୁଦ୍ରିକ ଏବଂ ଶିଳ୍ପ ବିକାଶ ପାଇଁ ରଣନୈତିକ ଗୁରୁତ୍ୱର ବିଷୟ ଉପରେ ଆହୁରି ମଜବୁତ କରିବାର ସୁଯୋଗ ପ୍ରଦାନ କରିଥିଲା। ଏହି ପ୍ରୟାସଗୁଡ଼ିକ ଶିଳ୍ପ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି, ସାମୁଦ୍ରିକ ଭିତ୍ତିଭୂମି, ଲଜିଷ୍ଟିକ୍ସ, ବାଣିଜ୍ୟ ଏବଂ ଆଞ୍ଚଳିକ ବିକାଶକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି, ଯାହା ଭାରତର ପୂର୍ବ ଉପକୂଳରେ ଏକ ପ୍ରମୁଖ ସାମୁଦ୍ରିକ ପ୍ରବେଶ ପଥ ଭାବରେ ପାରାଦୀପର ସ୍ଥିତିକୁ ଆହୁରି ମଜବୁତ କରିବ।

## ନିଶାମୁକ୍ତ ପାରାଦୀପ ପାଇଁ ଛାତ୍ରଛାତ୍ରୀଙ୍କ ଶପଥ



**ପାରାଦୀପ,୩।୯ (ସମିସ):** ଅଲକା ଆଶ୍ରମ ଆନୁକୂଲ୍ୟରେ ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ୨୦୨୩ ମସିହାରୁ ସମଗ୍ର ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆୟୋଜିତ ହୋଇ ଆସୁଥିବା ନିଶାମୁକ୍ତ ଯୁବଶକ୍ତି କର୍ମଶାଳା ଆଜି ପାରାଦୀପ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ମମତା କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ପୂର୍ବତନ ସାଂସଦ ତଥା ବିଶିଷ୍ଟ ଚିକିତ୍ସକ ଡା. କୁଳମଣି ସାମଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ନିଶା ସେବନର କୁପରିଣାମ ବିଷୟରେ ବୁଝାଇବା ସହିତ ଭବିଷ୍ୟତ ଜୀବନରେ ନିଜେ ନିଶା ସେବନ ନକରି ନିଜ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ମହାତ୍ମା ଗାନ୍ଧୀ ଓ ଜାତୀୟ ପତାକାକୁ ସାକ୍ଷି ରଖି ଶପଥ ପାଠ କରାଇଥିଲେ। ଏହିପରି କର୍ମଶାଳା ମାଧ୍ୟମରେ ନିଶାର କୁପ୍ରଭାବ ବିଷୟରେ ବିଷଦ ଭାବରେ ଆଲୋଚନା କରିବା ସହିତ ନିଶା କିପରି ଧୀରେ ଧୀରେ ପିଲାମାନଙ୍କୁ କବଳାୟିତ କରେ ସେ ବିଷୟରେ ସଚେତନ କରାଇବା ପାଇଁ ଅଲକା ଆଶ୍ରମ ତରଫରୁ ଏକ ସ୍ୱତନ୍ତ୍ର ପୁସ୍ତିକା ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅଲକା ଆଶ୍ରମର କେନ୍ଦ୍ରୀୟ ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ, ପାରାଦୀପ ସଂଯୋଜିକା ପ୍ରେମଲତା ବାରିକ, ନଳିନୀ ପ୍ରଭା ସାହୁ ନିଶାର ଭୟାବହତା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ମା' ସାରଳା ଟେଣ୍ଟ୍ ହାଉସ ମାଲିକ ସଙ୍ଘର ବାର୍ଷିକ ଉତ୍ସବ




**ଜଗତସିଂହପୁର,୩।୯ (ସମିସ):** ଜଗତସିଂହପୁର ଜିଲ୍ଲାର ମା' ସାରଳା ଟେଣ୍ଟ୍ ହାଉସ ଆଣ୍ଡ ଲାଇଟ, ସାଉଣ୍ଡ, ଡେକରେଟର, ମଣ୍ଡପ, ଫୁଲ ମାଲିକ ସଙ୍ଘର ୨୧ତମ ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ଜିଲ୍ଲା ସଭାପତି ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଲ ଓଡିଶା ସଭାପତି ଦେବେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଦୀପକ କୁମାର ଭଟ, ଚେୟାରମ୍ୟାନ ଅଟଳ ବିହାରୀ ଜେନା, ମୁଖ୍ୟ ଉପଦେଷ୍ଟା ଭାବେ ପ୍ରବୋଧ କୁମାର ଦାସ, ଅଲ ଇଣ୍ଡିଆ ଟେଣ୍ଟ୍ ଡିଲର ସଂଘର ଗୁରୁ ଚରଣ ଦାସ, ସଂଗଠନ ସମ୍ପାଦକ କୁମାର ରାୟ, କଟକ ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଦାସ, ଖୋର୍ଦ୍ଧା ଜିଲ୍ଲା ସଭାପତି କିଶୋର କୁମାର ଦେଉରୀ ପ୍ରମୁଖ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସଙ୍ଘର ସାଧାରଣ ସମ୍ପାଦକ ନାରାୟଣ ନାୟକ, ଆଇନଜୀବୀ ଦୋଳ ଗୋବିନ୍ଦ ଦାଶ, ସହ ସମ୍ପାଦକ ଅଲେଖ ବିଶୋଇ, ସଂଗଠନ ସମ୍ପାଦକ ରାଧାକାନ୍ତ ସାହୁ, କୋଷାଧ୍ୟକ୍ଷ ଧୀର ଭାଇନା, ଯୁଗ୍ମ ସମ୍ପାଦକ କୁନୁ ମିଶ୍ର, ଗଣେଶ ଚନ୍ଦ୍ର ପାଳ, ଓସକଣା ଜୋନର ପ୍ରତାପ ସ୍ୱାଇଁ, ନାଉଗାଁ ସଭାପତି ନିରୋଦ କୁମାର ଦାଶ, ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ଶରତ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ନାୟକ, ବ୍ରଜ କିଶୋର ବିଶୋଇ, ସୁକାନ୍ତ ପଣ୍ଡା, ସୁରେଶ ଚନ୍ଦ୍ର ସାହୁ, ଅଭିମନ୍ୟୁ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସକାଳ ୯ ଘଟିକାରେ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ କରାଯାଇଥିଲା। ଏହି ଶିବିରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରକୁ ହସ୍ତାନ୍ତର କରାଯାଇଥିଲା। ରାଜ୍ୟ ସଙ୍ଘ ଓ ଜିଲ୍ଲା ସଙ୍ଘରେ କର୍ମକର୍ତ୍ତାମାନଙ୍କ ଦ୍ୱାରା ଜିଲ୍ଲାପାଳ ପଡିଆରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କରାଯାଇଥିଲା। ବରିଷ୍ଠ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ରାଉତ ଓ ଶିକ୍ଷାବିତ୍ ପଞ୍ଚାନନ ପଲାଇଙ୍କ ଦ୍ୱାରା ସଭକାର୍ଯ୍ୟ ପରିଚାଳନା କରାଯାଇଥିଲା। ଦୁଃଖିରାମ ସ୍ୱାଇଁ କଳାକେନ୍ଦ୍ର ପ୍ରତିଷ୍ଠାନ ଓ ଜିଲ୍ଲା କଳାବିକାଶ କେନ୍ଦ୍ରର କଳାକାର ମାନଙ୍କଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଉପସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ବାଲିକୁଦା,୩।୯ (ସମିସ):** ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତ ଅନ୍ତର୍ଗତ ବାରିଲୋ ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ରବୀନ୍ଦ୍ର କୁମାର ମହାନ୍ତି (୭୧) ପରଲୋକ ଘଟିଛି। ସେ ପୁଣେରେ ରହୁଥିବା ପୁଅଙ୍କ ନିକଟକୁ ବୁଲିବାକୁ ଯାଇଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ମେଡିକାଲ ନେଇଥିଲେ ମଧ୍ୟ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ମରଶରୀର ପୁରୀ ସ୍ୱର୍ଗଦ୍ୱାରକୁ ଅଣାଯାଇ ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର କେଦାର ମହାନ୍ତି ମୁଖାଗ୍ନି ଦେଇଥିବା ବେଳେ ପତ୍ନୀ, ଦୁଇ ପୁଅ ଓ ଝିଅ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସୁପ୍ରିମକୋର୍ଟ ଆଇନଜୀବୀ ଡ. ସୁଶାନ୍ତ କୁମାର କାନୁନଗୋ, ବରିଷ୍ଠ ବିଜେପି ନେତା ସଞ୍ଜୀୟ ମହାନ୍ତି, ସାମ୍ବାଦିକ ସଞ୍ଜୀୟ ମହାନ୍ତି, ଆଇନଜୀବୀ ଡ. ବୀରନାରାୟଣ ପାତ୍ର, ସରପଞ୍ଚ ସାଗରିକା ପରିଡ଼ା, ସମିତିସଭ୍ୟ ସମରେନ ରାୟ, ସମୀର ପରିଡ଼ା, ଭୀମସେନ ମୁଦୁଲି, ପୂର୍ବତନ ସରପଞ୍ଚ ସାଧୁ ଚରଣ ସାହୁ, ମନୋରଞ୍ଜନ ମହାନ୍ତିଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ରାଜନେତା ଶୋକବ୍ୟକ୍ତ କରିଛନ୍ତି।



# ଏସ୍‌ପି ଓ ସିଡିଏମ୍‌ଓଙ୍କୁ ଭେଟିଲେ ଜିଲ୍ଲା କଂଗ୍ରେସ ପ୍ରତିନିଧି ଦଳ

ଜଗତସିଂହପୁର,୩।୯ (ସମିସ)

ଆଜି ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ବିଭିନ୍ନ ବିଭାଗ ଯେପରି ହୃଦ୍‌ରୋଗ ବିଭାଗ, କ୍ୟାନ୍ସର ବିଭାଗରେ କେବଳ ଜଣେ ଡାକ୍ତର ରହିଛନ୍ତି। ରଞ୍ଜନରଶ୍ମୀ ବିଭାଗରେ କେହି ଜଣେ ବି ଡାକ୍ତର ନାହାଁନ୍ତି, ଚିକିତ୍ସାଳୟରେ ନିଶ୍ଚେତକ ବିଶେଷଜ୍ଞ ମାତ୍ର ଜଣେ ରହିଛନ୍ତି। ଏଣୁ ଡାକ୍ତରଙ୍କ ଅଭାବ ଥିବା ଦୃଷ୍ଟି ଆକର୍ଷଣ କରିବା ସହିତ ତୁରନ୍ତ ଏହି ସବୁ ବିଭାଗରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ ଏବଂ ଜିଲ୍ଲା ଡାକ୍ତରଖାନା ପରିଚାଳନାରେ ଥିବା ତ୍ରୁଟି ସୁଧାରିବାକୁ ଦାବି କରିଥିଲେ। ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ୧୦୮ ଆମ୍ବୁଲାନ୍ସ ଏବଂ ଜୟପୁର ସ୍ଥିତ ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ଡାକ୍ତର ଓ ନର୍ସ ପଦବୀ ପୂରଣ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଭେଟି ଲିଖିତ ଦାବି ଉପସ୍ଥାପନା କରିଥିଲେ। ଏହି ସମସ୍ୟା ଗୁଡିକର ସମାଧାନ ନିମନ୍ତେ ଉଭୟ ଅଧିକାରୀ ଆବଶ୍ୟକ ପଦକ୍ଷେପ ନେବେ ବୋଲି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

ସେହିପରି ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ବଜାର ହେଉଛି ଏକ ଅନ୍ୟତମ ପ୍ରମୁଖ ବଜାର। ଏହି ବଜାର ଉପରେ ପାଖାପାଖି ୧୦ଟି ପଞ୍ଚାୟତର ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ଏଠାରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମହାବିଦ୍ୟାଳୟ ରହିଛି ଏବଂ ଏଠାରେ ଏକ ବଡ଼ ସାପ୍ତାହିକ ହାଟ ମଧ୍ୟ ହୁଏ।



ତତସହିତ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ରହିଛି। ଏଠାର ପ୍ରତ୍ୟେକ ଦିନ କିଛି ନା କିଛି ଅଘଟଣ ଘଟୁଛି। ଏହାର ସମାଧାନ ନିମନ୍ତେ ଜନସାଧାରଣ ପ୍ରାୟ ୧୫ କିମି ଦୂର ରଘୁନାଥପୁର ଥାନା ଉପରେ ନିର୍ଭର କରିବାକୁ ପଡୁଛି। ଏଣୁ ଏଠାରେ ଏକ ପୁଲିସ ଫାଣ୍ଡିର ଆବଶ୍ୟକତା ରହିଛି ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ତାଙ୍କ ନିକଟରେ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଲିଖିତ ଦାବି ଉପସ୍ଥାପନା କରିଥିଲେ ଏହି କଂଗ୍ରେସ ପ୍ରତିନିଧି। ଆରକ୍ଷୀ ଅଧିକ୍ଷକ ସମସ୍ୟାଟିକୁ ହୃଦୟଙ୍ଗମ କରି ପ୍ରଥମେ ଏକ ପୁଲିସ ବିଟ୍ ହାଉସ ଏବଂ ପରେ ଫାଣ୍ଡି କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ମନମୋହନ ଗୋଛାୟତ, ବିମଳ ସେଠୀ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପୁରୁଣାବସନ୍ତ ସରପଞ୍ଚ କାଳନ୍ଦୀ ମହାନ୍ତି, ସମିତିସଭ୍ୟ ପ୍ରତାପ ସ୍ୱାଇଁ, ସୁବାସ ରାଟସିଂହ, ସାରଦା ଜେନା, ପ୍ରତାପ ସ୍ୱାଇଁ, ତ୍ରିଲୋଚନ ରାଉତ, ସନ୍ତୋଷ ପ୍ରଧାନ, ପ୍ରତ୍ୟୁଷ ସ୍ୱାଇଁ, ଯୋଗେନ୍ଦ୍ର ବାରିକ, ରାଜେନ୍ଦ୍ର ସ୍ୱାଇଁ, ପ୍ୟାରେଶ ପାତ୍ର, କୀର୍ତ୍ତି ରଞ୍ଜନ ରାୟ, ସୁଶୀଲ କୁମାର ଦାଶ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଅଳାଭର ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ବାଲିକୁଦା,୩।୯ (ସମିସ):** ବିଦ୍ୟାଳୟରେ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି ସହ ପଞ୍ଚାୟତ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକର ଉନ୍ନତିକରଣ ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରି ରାଜ୍ୟସ୍ତରରେ ସଫଳତା ହାସଲ କରିଛି ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ। ଏହି ଉତ୍କୃଷ୍ଟ କାର୍ଯ୍ୟ ପାଇଁ ଅଳାଭର ପଞ୍ଚାୟତକୁ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ମିଳିବା ସହ ୨୦୨୪-୨୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ଚୟନ କରାଯାଇଛି। ପଞ୍ଚାୟତକୁ ଏନେଇ ସରକାରୀ ଚିଠି ମିଳିବା ପରେ ଅଳାଭର ପଞ୍ଚାୟତବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତା ପଞ୍ଚାୟତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସରପଞ୍ଚ ମଧୁଛନ୍ଦା ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ପଞ୍ଚାୟତର ବିଦ୍ୟାଳୟଗୁଡ଼ିକର ଉନ୍ନତି ଓ ଶିକ୍ଷା କ୍ଷେତ୍ରରେ ଆହୁରି ଅଧିକ କାମ କରିବାକୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିବେ ବୋଲି ଜଣାପଡ଼ିଛି।

## ସରକାରୀ ଅର୍ଥ ଅନିୟମିତତା

# ପୂର୍ବତନ ଜିଲ୍ଲାପାଳଙ୍କ ସମେତ ୩ ଦୋଷୀ ସାବ୍ୟସ୍ତ

**ବର୍ଷେ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ**

ଢେଙ୍କାନାଳ,୩।୯ (ସମିସ): ଢେଙ୍କାନାଳ ଜିଲ୍ଲା ସ୍ପେଶାଲ ଭିଜିଲାନ୍ସ ବିଚାରପତି ଏକ ମାମଲାର ବିଚାର କରି ଢେଙ୍କାନାଳର ପୂର୍ବତନ ଅସରପପ୍ରାପ୍ତ ଜିଲ୍ଲାପାଳ, ପିଡି ଡିଆରଡିଏ ଓ ଟ୍ରାନ୍ସପୋର୍ଟ ଠିକାଦାରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କଟକ ଭିଜିଲାନ୍ସ ତରଫରୁ ଗତ ୨୦୦୩ ମସିହା ମାର୍ଚ୍ଚ ୩ ତାରିଖରେ କେସ ନଂ ୧୦ରେ ଏକ ମାମଲା ୟୁଏସ୧୩(୨)ଆର/ଡବ୍ଲ୍ୟୁ ସେକସନ ୧୩(୧)(ଡି) ପିସି ଆକ୍ଟ ୧୯୮୮ ଏବଂ ୪୬୮/୪୭୧/୫୨୦/୧୨୦-ବି ଆଇପିସିରେ ଟିଆର ନମ୍ବର ୨୬/୨୦୧୭ରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାଲାରେ ଢେଙ୍କାନାଳର ପୂର୍ବତନ ଜିଲ୍ଲାପାଳ ନିତ୍ୟାନନ୍ଦ ମହାନ୍ତି, ପିଡି ଡିଆରଡିଏ ସୂର୍ଯ୍ୟ ନାରାୟଣ ଦାସ ଓ ଟ୍ରାନ୍ସପୋର୍ଟ ଠିକାଦାରସତ୍ୟାନନ୍ଦବଳସାମନ୍ତଙ୍କନାମରେଏକମାମଲା ରୁଜୁ କରାଯାଇଥିଲା। ସରକାରୀ ଅର୍ଥ ଅନିୟମିତତା ନେଇ ଏହି ମାମଲା ରୁଜୁ କରାଯାଇଥିବା ବେଳେ ଚାଉଳ ଏବଂ ଗହମ ପରିବହନ ପାଇଁ ଜଣେ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ୮ଲକ୍ଷ ୯୯ ହଜାର ୩୬ଟଙ୍କା ୬୪ ପଇସା ଅଧିକ ପ୍ରଦାନ କରିଥିଲେ। ଫଳରେ ସରକାରଙ୍କ ଅର୍ଥ ପାଣିରେ ପଡ଼ିବା ସହିତ ଅଧିକ ଟଙ୍କା ଦେବାକୁ ପଡ଼ିଥିଲା। ଏହି ମାମଲାରେ ୧୦ଜଣ ସାକ୍ଷ୍ୟପ୍ରମାଣ ସହିତ ୧୦ଟି ଦସ୍ତାବିଜର ତଦନ୍ତ କରାଯାଇଥିଲା। ଏହି ମାମଲାଟିକୁ ଏଲଆର୍ ପଣ୍ଡା, ଅଶୋକ କୁମାର ନାୟକ, କଲ୍ୟାଣ କୁମାର ମଲ୍ଲିକ ତଦନ୍ତ କରିଥିଲେ। ଆଜି ଏହି ମାମଲାର ଶୁଣାଣି କରି ଭିଜିଲାନ୍ସ ସ୍ପେଶାଲ ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ବିଚାର କରି ତାଙ୍କ ରାୟ ଶୁଣାଇଛନ୍ତି। ସମସ୍ତଙ୍କୁ ଏକ ବର୍ଷ କାରାଦଣ୍ଡ ସହିତ ଜିଲ୍ଲାପାଳଙ୍କୁ ୩ ହଜାର ଜରିମାନା ଅନାଦେୟ ତିନି ମାସ ଜେଲ, ପିଡିଡିଆରଡିଏଙ୍କୁ ମଧ୍ୟ ସମାନ ଜରିମାନା ସହିତ ଠିକାଦାରଙ୍କୁ ୫ ଶହ ଟଙ୍କା ଜରିମାନା ଅନାଦେୟ ଏକ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅବସରପ୍ରାପ୍ତ ଜିଲ୍ଲାପାଳଙ୍କ ସହିତ ପରିବହନ ଠିକାଦାର ଏବଂ ପିଡି ଡିଆରଡିଏଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାକୁ ସ୍ପେଶାଲ ପିପି ଭିଜିଲାନ୍ସର ହେମନ୍ତ କୁମାର ଖଟୁଆ ଏବଂ ଅନୁଜ୍ଞା ମହାନ୍ତି ପରିଚାଳନା କରୁଥିଲେ।

## ବନ୍ୟା ସହାୟତା ପ୍ରଦାନରେ ସରକାରଙ୍କ ପାତରଅନ୍ତର

# ବିରୋଧୀ ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳକୁ ଅଣଦେଖା କରୁଛନ୍ତି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର,୩।୯ (ସମିସ): ଯାଜପୁର ଜିଲ୍ଲାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସହାୟତା ପ୍ରଦାନରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ସରକାରଙ୍କର ପାତରଅନ୍ତର ନୀତି ଲୋକଙ୍କୁ ହତାଶ କରିଛି। ସରକାରଙ୍କ ପକ୍ଷରୁ ଯତ୍‌କିଞ୍ଚିତ ରିଲିଫ ସାମଗ୍ରୀ ପଠାଯାଇଥିଲା। ମାତ୍ର ସେଗୁଡିକୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ବଣ୍ଟା ନ ହୋଇ ସ୍ଥାନୀୟ ବିଜେପି ନେତାଙ୍କ ଦ୍ୱାରା ବଣ୍ଟା ଯାଇଥିଲା ବୋଲି ଗୁରୁତର ଅଭିଯୋଗ କରିଛି ବିଜେଡି। ଏହାଛଡ଼ା ବରୀ, ବିଞ୍ଝାରପୁର ଓ ଯାଜପୁର ବିଧାନସଭା କ୍ଷେତ୍ରରେ ବନ୍ୟା ଅଧିକ କ୍ଷତି କରିଥିବା ବେଳେ, ଏହି ସ୍ଥାନରେ ବିଜେଡି ବିଧାୟକମାନେ ପ୍ରତିନିଧିତ୍ୱ କରୁଥିବାରୁ ଏହି ଅଞ୍ଚଳକୁ ରିଲିଫ ସାମଗ୍ରୀ ପଠାଇବାରେ ଅଣଦେଖା କରାଯାଇଥିଲା ବୋଲି ବିଜେଡି କହିଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଞ୍ଝାରପୁର ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଓ ଯାଜପୁର ବିଧାୟିକା ସୁଜାତା ସାହୁ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ବିଫଳତା ଓ ପାତରଅନ୍ତର ନୀତି ପାଇଁ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରମିଳା ମଲ୍ଲିକ କହିଥିଲେ ଯେବନ୍ୟାଆସିବାର୨୬ଦିନବିତିଯାଇଥିଲେସୁଦ୍ଧାଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଏବେବି ଜଳ ଘେରରେ ରହିଛି ଓ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କର କୌଣସି ପୂର୍ବ ପ୍ରସ୍ତୁତି ନ ଥିଲା। ସରକାରଙ୍କ ବିଭିନ୍ନ ବିଭାଗ ଗୁଡିକ ଭିତରେ ତାଳମେଳ ନ ଥିଲା। ସରକାରଙ୍କ ପୂର୍ବ ପ୍ରସ୍ତୁତି ଥିଲେ ବରୀ, ବିଞ୍ଝାରପୁର ଓ ଦଶରଥପୁର ଅଞ୍ଚଳରେ ଘାଇ ହୋଇ ନ ଥା'ନ୍ତା। ବନ୍ୟା ଜଳ ବିଭିନ୍ନ ଜନବସତି ଅଞ୍ଚଳକୁ ପ୍ରବେଶ କଲା ପରେ ସରକାରଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଓ ଅନ୍ୟ ରିଲିଫ ସାମଗ୍ରୀ ପହଞ୍ଚିବାରେ ଅହେତୁକ ବିଳମ୍ବ ହୋଇଥିଲା। ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲା ଗସ୍ତ କଲେ, ଡଙ୍ଗାରେ ବୁଲିଲେ, ଫଟୋ ଉଠାଇଲେ କିନ୍ତୁ ଲୋକଙ୍କ ଅସୁବିଧା କଥା ବୁଝିଲେ ନାହିଁ। ଆମେ ଯାଇଥିଲୁ ମୁଖ୍ୟମନ୍ତ୍ରୀଙ୍କୁ ଲୋକଙ୍କ ଅସୁବିଧା ବିଷୟରେ ଜଣାଇବା ପାଇଁ, କିନ୍ତୁ ଆମକୁ ଅପମାନିତ କରାଗଲା। ବରୀ, ବିଞ୍ଝାରପୁର ଓ ଦଶରଥପୁର ଅଞ୍ଚଳଗୁଡିକ ବିଜେଡି ବିଧାୟକ ପ୍ରତିନିଧିତ୍ୱ କରୁଥିବାରୁ ଏହି ଅଞ୍ଚଳଗୁଡିକୁ ବନ୍ୟା ସହାୟତା ପ୍ରଦାନରେ ଅଣଦେଖା କରାଗଲା।

ବିଶ୍ୱ ରଞ୍ଜନ ମଲ୍ଲିକ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ପାଇଁ ଯାଜପୁର ଜିଲ୍ଲା ଗସ୍ତ କରିଥିଲେ, କିନ୍ତୁ ସର୍ବାଧିକ ପ୍ରଭାବିତ ବରୀ ଅଞ୍ଚଳକୁ ଗସ୍ତ କରିବାକୁ ଗୁରୁତ୍ୱ ଦେଇ ନ ଥିଲେ। ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ରିଲିଫ ସାମଗ୍ରୀ ଟ୍ରକ୍‌ରେ ଆମ ଅଞ୍ଚଳରେ ପହଞ୍ଚିଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏହା ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର ହେଲା ନାହିଁ। ଏହି ରିଲିଫ ସାମଗ୍ରୀ କେଉଁଆଡ଼େ ଗଲା, କେହି ତା'ର ଟେର୍ ପାଇଲେ ନାହିଁ। କିନ୍ତୁ କିଛି ସ୍ଥାନୀୟ ବିଜେପି ନେତା ଏହି ରିଲିଫ ସାମଗ୍ରୀ କିଛି ଅଞ୍ଚଳରେ ବାଣ୍ଟି ତା'ର ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ବନ୍ୟା ଯୋଗୁଁ ଚାଷୀ ଭାଇମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ, ଚାଷୀଙ୍କ କ୍ଷତିର ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ ବୋଲି ଶ୍ରୀ ମଲ୍ଲିକ ଦର୍ଶାଇଥିଲେ।

ସୁଜାତା ସାହୁ କହିଥିଲେ ଯେ ଦଶରଥପୁର ଅଞ୍ଚଳରେ ଗତ ୩୬ ଦିନ ଭିତରେ ୬ ଥର ବନ୍ୟାଜଳ ପ୍ରବେଶ କରିଛି। ଏବେବି ପ୍ରାୟ ୫୩,୦୦୦ ଲୋକ ପାଣି ଘେରରେ ଅଛନ୍ତି। ଲୋକଙ୍କୁ ଉଦ୍ଧାର କରି ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି ସେ କହିଥିଲେ।



- ପ୍ରଶାସନ ନୁହେଁ; ସ୍ଥାନୀୟ ବିଜେପି ନେତାଙ୍କ ଦ୍ୱାରା ରିଲିଫ ବଣ୍ଟନ ହେଉଛି
- ଚାଷୀଙ୍କ କ୍ଷୟକ୍ଷତିର ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ
- ଦଶରଥପୁର ଅଞ୍ଚଳରେ ଏବେ ବି ୫୩,୦୦୦ ଲୋକ ପାଣି ଘେରରେ

# ବାପାକୁ ପିଟିପିଟି ହତ୍ୟା ; ପୁଅ ଓ ବୋହୂ ଗିରଫ

ରାଉରକେଲା, ୩।୯ (ସମିସ): ପାରିବାରିକ କଳହ ଯୋଗୁଁ ପିଶାଚ ସାଜିଲେ ପୁଅ ବୋହୂ। ଶେଷରେ ଫୁଙ୍କ ନଳୀରେ ପିଟି ପିଟି ନିଜ ୬୦ ବର୍ଷର ବୃଦ୍ଧ ପିତାଙ୍କୁ ଜୀବନରୁ ମାରିଦେଲେ ପୁଅ ଏବଂ ବୋହୂ। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ରପୁର ଥାନା ଅଧୀନ ଜଗଦୀଶପୁର ଗାଁରେ। ମୃତ ପିତା ହେଉଛନ୍ତି ପାନକ ଏକ୍କା (୬୦)। ସୂଚନା ମୁତାବକ ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନାର କୁଆଁରମୁଣ୍ଡା ଫାଣ୍ଡି ଅଧୀନ ଜଗଦୀଶପୁର ଗାଁରେ ପାରିବାରିକ ବିବାଦକୁ କେନ୍ଦ୍ରକରି ପାନକଙ୍କ ସହ ତାଙ୍କ ପୁଅ ଲାଜୋ ଏକ୍କା ଓ ବୋହୂ ବାସନ୍ତୀ ଏକ୍କାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ଲାଜୋ ଓ ବାସନ୍ତୀ ଲୁହା ପାଇପ୍‌ରେ ପାନକଙ୍କୁ ଆକ୍ରମଣ କରିଥିଲେ। ତେବେ ଏହି ଆକ୍ରମଣ ପରେ ବି ପିତା ପାନକ ଜୀବିତ ଥିବା ସନ୍ଦେହ କରି ଅଭିଯୁକ୍ତ ପୁଅ ଏବଂ ବୋହୂ ତାଙ୍କୁ ତଣ୍ଟିଚିପି ଦେଇ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୁଲିସ ଜଗଦୀଶପୁର ଗାଁରେ ପହଞ୍ଚି ହତ୍ୟା ଅଭିଯୋଗରେ ଲାଜୋ ଓ ବାସନ୍ତୀଙ୍କୁ ଗିରଫ କରିଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟରେ ହାଜର କରାଯାଇଛି। ଘଟଣାର ପ୍ରକୃତ କାରଣ ଓ ଅନ୍ୟାନ୍ୟ ଦିଗ ସମ୍ପର୍କରେ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଭିଜିଲାନ୍ସ ଜାଲରେ ସହକାରୀ ଭେଷଜ ନିରୀକ୍ଷକ

ଯାଜପୁର/ଜଗତସିଂହପୁର, ୩।୯ (ସମିସ): ଜନୈକ ବ୍ୟବସାୟୀଙ୍କ ହୋଲସେଲ ମେଡିସିନ ଲାଇସେନ୍ସ ପ୍ରଦାନ କରିବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର (ଭେଷଜ ନିରୀକ୍ଷକ) ସଞ୍ଜୟ କୁମାର ହାଁସଦା। ଶ୍ରୀ ହାଁସଦା ଏବେ ଉଭୟ ଯାଜପୁର ଓ ଜଗତସିଂହପୁର ଜିଲ୍ଲା ଦାୟିତ୍ୱରେ ଅଛନ୍ତି। ଆଜି ସେ ପାରାଦୀପ-କଟକ ଏନ୍‌ଏଚ୍-୫୩ ପାର୍ଶ୍ୱସ୍ଥ ଜୟପୁର ଛକଠାରେ ଜଣେ ଆବେଦନକାରୀଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଛି।



ଅଭିଯୋଗକାରୀ ଜଣକ ନିଜର ହୋଲସେଲ ମେଡିସିନ ଦୋକାନ ପାଇଁ ଡ୍ରଗ୍ ଲାଇସେନ୍ସ ନିମନ୍ତେ ଗତ ୨୦୨୫ ମେ' ୧୧ ତାରିଖରେ ଆବେଦନ କରିଥିଲେ। ଏହି ସମ୍ପର୍କରେ ଅଭିଯୋଗକାରୀ ଜଗତସିଂହପୁରର ସହକାରୀ ଡ୍ରଗ କଣ୍ଟ୍ରୋଲର/ଡ୍ରଗ୍ ଇନ୍ସପେକ୍ଟର ସଞ୍ଜୟ କୁମାର ହାସଁଦାଙ୍କୁ ଅନେକ ଥର ଭେଟିଥିଲେ। ମାତ୍ର ସେ ଏଥିପ୍ରତି କୌଣସି ଗୁରୁତ୍ୱ ଦେଇନଥିଲେ ଏବଂ ଦାବି ମୁତାବକ ୬ ହଜାର ଟଙ୍କା ଲାଞ୍ଚ ଆଣିବାକୁ କହିଥିଲେ। ହଇରାଣ ହେବା ପରେ, ଅଭିଯୋଗକାରୀ ଏହି ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଆଜି ଯେତେବେଳେ ଅଭିଯୋଗକାରୀ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଶ୍ରୀ ହାଁସଦା ସେଠାରେ ଉପସ୍ଥିତ ନଥିଲେ। ଅଭିଯୋଗକାରୀ ତାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପରେ, ଅଭିଯୁକ୍ତ ଶ୍ରୀ ହାଁସଦା ତାଙ୍କୁ ଜୟପୁର ଛକରେ ପହଞ୍ଚିବାକୁ କହିଥିଲେ। ଅଭିଯୋଗକାରୀ ସେହି ସ୍ଥାନରେ ପହଞ୍ଚିବା ପରେ, ଅଭିଯୁକ୍ତ ଶ୍ରୀ ହାଁସଦା ତାଙ୍କୁ ଓଡି ୨ଏଲ୍- ୩୩୨୫) ନମ୍ବର ବିଶିଷ୍ଟ ନିଜ ୱାଗନ୍ ଆର୍ କାର୍ ଭିତରେ ବସିବାକୁ କହିଥିଲେ ଏବଂ ସେଠାରେ ଦାବି କରିଥିବା ଲାଞ୍ଚ ଟଙ୍କା ନେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଭିଜିଲାନ୍ସ ଦଳ ତାଙ୍କୁ କାବୁ କରିନେଇଥିଲେ ଏବଂ ତାଙ୍କ ଠାରୁ ସମ୍ପୂର୍ଣ୍ଣ ୬ ହଜାର ଟଙ୍କା ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହି ଟ୍ରାପ୍ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିବା ଦିଗରୁ ସଞ୍ଜୟଙ୍କ ଜୟପୁର ସ୍ଥିତ ଭଡ଼ାଘର, ଜଗତସିଂହପୁର ଅଫିସ ଏବଂ ଭବାନୀପାଟଣା ସ୍ଥିତ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ଅଫିସରୁ ୧ ଲକ୍ଷ ୨୫ ହଜାର ୨୦୦ ଟଙ୍କା ଜବତ ହୋଇଥିବା ବେଳେ ତାଙ୍କ ନିକଟରୁ ୫୩ ହଜାର ୫୦୦ ଟଙ୍କା ଭିଜିଲାନ୍ସ ଟିମ ଜବତ କରିଛି। ଏହିପରି ମୋଟ ୧ ଲକ୍ଷ ୭୮ ହଜାର ୭୦୦ ଟଙ୍କା ଭିଜିଲାନ୍ସ ଜବତ କରିବା ସହିତ ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଭିଜିଲାନ୍ସ ପକ୍ଷରୁ ଛାନଭିନ ଜାରି ରହିଛି ବୋଲି ଜଗତସିଂହପୁର ଭିଜିଲାନ୍ସ ଡିଏସପି ଅନୁପମା ସାହୁ ସୂଚନା ଦେଇଛନ୍ତି। ଏହି ସମ୍ପର୍କରେ ଭ୍ରଷ୍ଟାଚାର ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା-୭ ଅନୁଯାୟୀ କଟକ ଭିଜିଲାନ୍ସ ଥାନା କେସ୍ ନଂ-୩୪ ତା. ୦୨-୦୯-୨୦୨୬ ରେଜିଷ୍ଟର କରାଯାଇଛି।

# ଜ୍ୱାଇଁଙ୍କୁ ଲୁହା ରଡ୍‌ରେ ପିଟି ମାରିଦେଲା ସାବତ ଶଶୁର

ଉଦଳା,୩।୯ (ସମିସ): ଜ୍ୱାଇଁଙ୍କୁ ଲୁହା ରଡ୍‌ରେ ପିଟିଟି ହତ୍ୟା କରିଛି ସାବତ ଶଶୁର। ଏଭଳି ଘଟଣା କପ୍ତିପଦା ଥାନା ମଝିଗଡ଼ିଆ ମଥୁରାସାହି ଗ୍ରାମରେ ଘଟିଛି। ରମେଶ ବିନ୍ଧାଣୀ ତାଙ୍କ ଶଶୁର ଘର ମଥୁରାସାହିରେ ସ୍ତ୍ରୀ ଭାରତୀ ହେମ୍ବ୍ରମଙ୍କ ସହିତ ରୁହନ୍ତି। ଯାହାକୁ ପୂର୍ବରୁ ରମେଶଙ୍କ ସାବତ ଶଶୁର ଦାମୋଦର ହୋ ବିରୋଧ କରିଆସୁଛନ୍ତି। ଗତକାଲି ରାତିରେ ଏହାକୁ ନେଇ ଉଭୟ ସାବତ ଶଶୁର ଓ ଜ୍ୱାଇଁଙ୍କ ମଧ୍ୟରେ ବଚସା ହୋଇଥିଲା। ଉଭୟ ନିଶାସକ୍ତ ଅବସ୍ଥାରେ ଥିବାବେଳେ ବଚସା ଉଗ୍ରରୂପ ନେଇଥିଲା। ସାବତ ଶଶୁର ଏକ ଲୁହା ରଡରେ ଜ୍ୱାଇଁ ରମେଶଙ୍କୁ ଆକ୍ରମଣ କରିଥିଲେ। ରମେଶଙ୍କ ସ୍ତ୍ରୀ ଭାରତୀ ଓ ଶାଶୂ ସୁକୁରି ହୋ ଅଟକାଇଥିଲେ। ଏଥିରେ ଉଭୟ ଭାରତୀ ଓ ସୁକୁରି ଗୁରୁତର ଆହତ ହୋଇଥିଲେ। ପରେ ଦାମୋଦର ଲୁହା ରଡ଼ରେ ରମେଶଙ୍କ ମୁଣ୍ଡକୁ ପିଟିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରମେଶଙ୍କର ମୃତ୍ୟୁ ହୋଇଥିଲା।

# ୩ ମାସ ହେଲା ବାଣପୁର ବିଡିଓ ପଦ ଖାଲି: ଅସ୍ଥାୟୀ ଦାୟିତ୍ୱରେ ଚିଲିକା ବିଡିଓ

ବାଣପୁର, ୩।୯ (ସମିସ) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ବିଡ଼ିଓ ପଦ ୩ ମାସ ହେଲା ଖାଲି ପଡ଼ିଛି । ପୂର୍ବରୁ କାର୍ଯ୍ୟ କରୁଥିବା ବିଡ଼ିଓଙ୍କ ବଦଳି ପରେ ନୂଆ ବିଡ଼ିଓଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଅପରପକ୍ଷରେ ଚିଲିକା ବିଡ଼ିଓ ବାଣପୁର ବ୍ଲକ୍ ଦାୟିତ୍ୱ ଅସ୍ଥାୟୀ ଭାବରେ ତୁଲାଉଛନ୍ତି । ମାତ୍ର ଦୁଇଟି ବ୍ଲକ୍ କାର୍ଯ୍ୟ ସମ୍ଭାଳିବା ଜଣେ ଅଧିକାରୀଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ପରିଣତିସ୍ୱରୂପ ବାଣପୁରରେ ତ ଅଚଳାବସ୍ଥା ସୃଷ୍ଟି ହୋଇଛି, ଅପରପକ୍ଷରେ ଚିଲିକା ବ୍ଲକ୍‌ରେ ମଧ୍ୟ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି । ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟତମ ପ୍ରଭାବଶାଳୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନିଜ ନିର୍ବାଚନମଣ୍ଡଳୀରେ ଏପରି ସମସ୍ୟା ସୃଷ୍ଟି ହୋଇଥିଲେ ହେଁ ବିଡ଼ିଓ ନିଯୁକ୍ତି ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନ ଥିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

ଦୁଇଟି ଆଦିବାସୀ ଅଧ୍ୟୁଷିତ ଗ୍ରାମପଞ୍ଚାୟତ ଅଞ୍ଚଳ ସମେତ ୧୭ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ବାଣପୁର ପଞ୍ଚାୟତ ସମିତି ଖୋର୍ଦ୍ଧା ଜିଲ୍ଲାର ଏକ ପ୍ରମୁଖ ବ୍ଲକ। ଶାଳ, ଶାଗୁଆନ ଜଙ୍ଗଲ ଓ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ବାଣପୁର ଅଞ୍ଚଳ ବେଶ ପରିଚିତ। ଗତ ମେ ୨୮ ତାରିଖରେ ବିଡିଓ ବିକାଶ କୁମାର ମହାନ୍ତିଙ୍କ ଅନ୍ୟତ୍ର ବଦଳି ହୋଇ ଯିବା ପରେ ଉକ୍ତ ଦିନ ଠାରୁ ଏଯାବତ ତିନି ମାସ ବିତିଲାଣି ହେଲେ ନୂତନ ବିଡିଓଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ବର୍ତ୍ତମାନ ଚିଲିକା ବିଡିଓ ପୁନମ ମହାପାତ୍ର ଅତିରିକ୍ତ ଭାବରେ ବାଣପୁର ବ୍ଲକ ଦାୟିତ୍ୱରେ ରହିଛନ୍ତି। ସେ ଦୁଇ ଦୁଇଟି ବ୍ଲକର ଦାୟିତ୍ୱ ଭାର ତୁଲାଉ ଥିବାରୁ ସର୍ବଦା କାର୍ଯ୍ୟାଳୟରେ ଉପସ୍ଥିତ ରହିବାରେ ସମ୍ଭବପର ହୋଇ ପାରୁ ନାହିଁ। ଫଳରେ ବ୍ଲକ ଅନ୍ତର୍ଗତ ଅଞ୍ଚଳରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ପାରୁ ନ ଥିବା ନେଇ କିଛି ପଞ୍ଚାୟତବାସୀ ଅଭିଯୋଗ ଆଣିଥିବା ବେଳେ ବହୁ ଦୂରଦୂରାନ୍ତରୁ ବିଭିନ୍ନ କାର୍ଯ୍ୟ ନେଇ ଆସି ଥିବା ଜନସାଧାରଣ ବିଡିଓଙ୍କୁ ନ ପାଇ ନିରାଶ ହୋଇ ଫେରୁ ଥିବା ଜଣା ଯାଇଛି। ଚିଲିକା ବିଧାୟକ ଖୋଦ ରାଜ୍ୟ ସରକାରଙ୍କ ପୂର୍ତ୍ତ, ଅବକାରୀ ଓ ଆଇନ ଭଳି ପ୍ରମୁଖ ତିନି ବିଭାଗର ମନ୍ତ୍ରୀ ରହିଥିବା ବେଳେ ନିଜ ଚିଲିକା ନିର୍ବାଚନ ମଣ୍ଡଳୀ ଅଧୀନ ବାଣପୁର ପଞ୍ଚାୟତ ସମିତିରେ ତିନି ମାସ ହେବ ବିଡିଓ ନ ଥିବା ସ୍ଥଳେ ନୀରବଦ୍ରଷ୍ଟା ସାଜିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଅଞ୍ଚଳର ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ ଗୁରୁତ୍ୱର ସହ ନେଇ ଯଥାଶୀଘ୍ର ବାଣପୁର ବ୍ଲକରେ ନୂତନ ବିଡିଓଙ୍କୁ ନିୟୋଜିତ କରିବାକୁ ସାଧାରଣରେ ଦୃଢ ଦାବି ହେଉଛି।

# ଏଫସିଆରଏ ପାଇଁ ଜେପିସି ଗଠନ

ନୂଆଦିଲ୍ଲୀ, ୩।୯: ବିବାଦୀୟ ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ଆଇନ ବିଲ୍ (ଏଫସିଆରଏ) ଉପରେ ବଚାର ଆଲୋଚନା ପାଇଁ ଲୋକସଭା ବାଚସ୍ପତି ଆଜି ୩୧ ଜଣିଆ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିଛନ୍ତି। ବିଜେପି ସାଂସଦ ସଂଜୟ ଜୟସୱାଲଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଲୋକସଭାରୁ ୨୧ ଏବଂ ରାଜ୍ୟସଭାରୁ ୧୦ ଜଣ ସାଂସଦଙ୍କୁ ରଖାଯାଇଛି। ଏଥିରେ ବିଜେପିର ୧୪ ଜଣ ସାଂସଦ ଥିବା ବେଳେ କଂଗ୍ରେସର ୫ ଜଣ ଅଛନ୍ତି। ଜେଡିୟୁ, ଟିଏମସି ଏବଂ ଡିଏମକେରୁ ୨ ଜଣ ଲେଖାଏଁ ସାଂସଦ ଥିବା ବେଳେ ଟିଡିପି, ଏସପି, ଶିବସେନା, ଏନସିପି, ଏନସିପି (ଶରଦ) ଏବଂ ମୁସଲିମ ଲିଗରୁ ଜଣେ ଲେଖାଏଁ ସାଂସଦ ଅଛନ୍ତି।

## ୯.୫୯ ଲକ୍ଷ ଟଙ୍କା ହେର୍‌ଫେର୍

# ଭିଜିଲାନ୍ସ ଜାଲରେ ପୂର୍ବତନ ପିଇଓ ଓ ସରପଞ୍ଚ

ବାଲେଶ୍ୱର, ୩।୯ (ସମିସ) : ସରକାରୀ ଅର୍ଥ ହେରଫେର ଓ ସମ୍ପୂର୍ଣ୍ଣ ଯୋଜନାବଦ୍ଧ ଜାଲିଆତି ଅଭିଯୋଗରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପଞ୍ଚୁପଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ଦାସ ଏବଂ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ତଥା ବର୍ତ୍ତମାନ ବାଲେଶ୍ୱର ସଦର ବ୍ଲକରେ କାର୍ଯ୍ୟରତ ସଞ୍ଜୟ





କୁମାର ପଣ୍ଡିତଙ୍କୁ ଗିରଫ କରିଛି ବାଲେଶ୍ୱର ଭିଜିଲାନ୍ସ ଟିମ୍। ୨୦୨୧-୨୦୨୨ ମସିହାରେ କେନ୍ଦ୍ରୀୟ ଅର୍ଥ କମିଶନ (ସିଏଫସି) ଓ ରାଜ୍ୟ ଅର୍ଥ କମିଶନ (ଏସଏଫସି) ଆକାଉଣ୍ଟରୁ ବିନା ଅନୁମୋଦନରେ ଟଙ୍କା ପଞ୍ଚାୟତ ଫଣ୍ଡ (ଜିପି ଫଣ୍ଡ)କୁ ଟ୍ରାନ୍ସଫର କରାଯାଇଥିଲା। ପରବର୍ତ୍ତୀ ସମୟରେ ଉଭୟ ଅଭିଯୁକ୍ତ ସେହି ଆକାଉଣ୍ଟରୁ ଆଡ଼ଭାନ୍ସ ଆକାରରେ ଟଙ୍କା ଉଠାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନାଁରେ ଖର୍ଚ୍ଚ ଦର୍ଶାଇଥିଲେ ସୁଦ୍ଧା ଏହାର କୌଣସି ଆବଶ୍ୟକ ଫାଇଲ କିମ୍ବା ହିସାବ ରେକର୍ଡ ରଖିନଥିଲେ। ଏହାସହ ପଞ୍ଚାୟତ ପକ୍ଷରୁ ଆଦାୟ ହୋଇଥିବା କିଛି ରାଜସ୍ୱର ରସିଦ ଜାଣିଶୁଣି କ୍ୟାସ୍‌ବୁକ୍‌ରେ ନ ଲେଖିବା ଏବଂ ପୂର୍ବରୁ ଇସ୍ତଫା ଦେଇସାରିଥିବା ନାଏବ ସରପଞ୍ଚଙ୍କ ନାଁରେ ମିଥ୍ୟା ମାସିକ ଦରମା ଦର୍ଶାଇ ଅର୍ଥ ଆତ୍ମସାତ୍ କରାଯାଇଥିବା ଭିଜିଲାନ୍ସ ତଦନ୍ତରୁ ପ୍ରମାଣ ମିଳିଛି। ଏହି ବ୍ୟାପକ ଅନିୟମିତତା ନେଇ ବାଲେଶ୍ୱର ଲୋକାଲ ଫଣ୍ଡ ଅଡିଟ୍ ସମୟରେ ସମୁଦାୟ ୯ ଲକ୍ଷ ୫୯ ହଜାର ୮୭୫ ଟଙ୍କା ସରକାରୀ ଅର୍ଥ ହଡ଼ପ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ବାଲେଶ୍ୱର ସଦର ବିଡ଼ିଓ ବାରମ୍ବାର ଚିଠି ଲେଖି ବେଆଇନ ଭାବେ ହଡ଼ପ କରାଯାଇଥିବା ଟଙ୍କାକୁ ସରକାରୀ ବ୍ୟାଙ୍କ ଖାତାରେ ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଉଭୟ ତାହାକୁ କାର୍ଯ୍ୟକାରୀ କରିନଥିଲେ। ଶେଷରେ ଏ ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହେବା ପରେ ଭିଜିଲାନ୍ସ ବିଭାଗ ପଞ୍ଚାୟତର ଜିପି ଫଣ୍ଡ ଓ ସିଏଫ୍‌ସି ଏବଂ ଏସଏଫସି କ୍ୟାସ ବୁକ୍ ଯାଞ୍ଚ କରି ଅଭିଯୋଗର ସତ୍ୟତା ଥିବାର ଜାଣିବାକୁ ପାଇଥିଲା। ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇ ଉଭୟ ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ଦାସ ଓ ପିଇଓ ସଞ୍ଜୟ କୁମାର ପଣ୍ଡିତଙ୍କୁ ଗିରଫ କରାଯିବା ସହ ବାଲେଶ୍ୱରର ସ୍ପେଶାଲ୍ ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଛି। ଘଟଣାରେ ସଂପୃକ୍ତ ଅନ୍ୟ ଦିଗ ପ୍ରତି ଅଧିକ ତଦନ୍ତ ଜାରି ରହିଥିବା ନେଇ ଭିଜିଲାନ୍ସ ଏସ୍‌ପି ସୂଚନା ଦେଇଛନ୍ତି।

# ଗୁରୁ ଦିବସରେ ସମ୍ବର୍ଦ୍ଧିତ ହେବେ ଅବସରପ୍ରାପ୍ତ ଶିକ୍ଷକ

ଭୁବନେଶ୍ୱର, ୩।୯ (ସମିସ): ଆସନ୍ତା ଗୁରୁଦିବସ ଅବସରରେ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯିବ। ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଓ ଉତ୍ସର୍ଗୀକୃତ ଶିକ୍ଷାଦାନକୁ ସମ୍ମାନ ଦିଆଯିବ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଡ. ଏନ୍ ତିରୁମାଳା ନାୟକ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଓ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପ୍ରଧାନଶିକ୍ଷକମାନେ ନିଜ ବିଦ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିମନ୍ତ୍ରଣ କରି ସମ୍ବର୍ଦ୍ଧନା ପ୍ରଦାନ କରିବେ। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ବିଦ୍ୟାଳୟ ସ୍ତରରେ ଏକ ସ୍ୱତନ୍ତ୍ର କାର୍ଯ୍ୟାବଳୀ ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହାସହ ଜିଲ୍ଲାୱାରୀ ରିପୋର୍ଟ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଲରୁ ଚାଷୀଙ୍କ ମୃତଦେହ ଉଦ୍ଧାର


ବଅଁରପାଳ,୩।୯ (ସମିସ): ବଅଁରପାଳ ଥାନା ଲଙ୍ଗୁଳିଆବେଡ଼ା ଗ୍ରାମର ଜଣେ ଚାଷୀ ଚାଷକାର୍ଯ୍ୟ ପାଇଁ ବିଲକୁ ଯାଇଥିବା ବେଳେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗ୍ରାମର ଆଦିକନ୍ଦ ସାହୁ (୬୨) ସକାଳେ ନିକଟସ୍ଥ ବିଲକୁ ଘାସ ବାଛିବା ପାଇଁ ଯାଇଥିଲେ। ଘାସ ବାଛିବା ସମୟରେ ବିଲରେ ଥିବା ଏକ ଖାଲରେ ଅସାବଧାନତା ବଶତଃ ପଡିଯାଇ ଉଠି ପାରିନଥିଲେ। ଫଳରେ ପାଣିରେ ବୁଡିଯାଇ ଶ୍ୱାସରୁଦ୍ଧ ହୋଇ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା। କିଛି ସମୟ ପରେ ତାଙ୍କର ପତ୍ନୀ ବିଲକୁ ଯାଇ ଘଟଣା ସମ୍ପର୍କରେ ଜାଣିପାରି ସମସ୍ତଙ୍କୁ ଡାକିଥିଲେ। ସାହିଭାଇ ମାନେ ପ୍ରଥମେ ତାଙ୍କୁ ବଅଁରପାଳ ସରକାରୀ ଡାକ୍ତରଖାନା କୁ ନେଇଥିଲେ ଓ ପରେ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠା ଯାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକ ଆଦିକନ୍ଦ ଜଣେ ସରଳ, ନିଷ୍କପଟ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ନଦୀକୁ ଔଷଧ ଫିଙ୍ଗା ଘଟଣା

# ଷ୍ଟୋର୍‌କିପର ରୂପେନ୍ଦ୍ର ନାଥ ସିଂ ନିଲମ୍ବିତ

**'ସକାଳ' ପ୍ରଭାବ**

ବାରିପଦା, ୩।୯ (ସମିସ): ନଦୀକୁ ସରକାରୀ ଔଷଧ ଓ ଚିକିତ୍ସା ସାମଗ୍ରୀ ଫିଙ୍ଗାଯିବା ଘଟଣାର ତଦନ୍ତ ପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ। ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟେକ୍ନିକାଲ ଷ୍ଟୋରକିପର ରୂପେନ୍ଦ୍ର ନାଥ ସିଂଙ୍କୁ ନିଲମ୍ବିତ କରିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ବିଶ୍ୱନାଥ ଦାସ। ମିଆଦ ଶେଷ ହୋଇଥିବା ଔଷଧ ଓ ଚିକିତ୍ସା ସାମଗ୍ରୀକୁ ନିୟମ ଅନୁସାରେ ନଷ୍ଟ କରିବା ପରିବର୍ତ୍ତେ ନଦୀରେ ଫିଙ୍ଗାଯାଇଥିବା ଘଟଣା 'ସକାଳ'ରେ ବିସ୍ତୃତ ଖବର ପ୍ରକାଶ ପରେ ଏ ନେଇ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାରେ କାହାର ଦାୟିତ୍ୱହୀନତା ରହିଛି ଓ ନିୟମ ଉଲ୍ଲଂଘନ କରି ଔଷଧ ଓ ସାମଗ୍ରୀ କାହିଁକି ଫିଙ୍ଗାଗଲା, ସେନେଇ ତଦନ୍ତ କରାଯାଇଥିଲା। ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ଟେକ୍ନିକାଲ ଷ୍ଟୋରକିପର ରୂପେନ୍ଦ୍ର ନାଥ ସିଂଙ୍କ ବିରୋଧରେ ନିଲମ୍ବନ ଆଦେଶ ଜାରି ହୋଇଛି। ଗଣମାଧ୍ୟମଙ୍କୁ ସୂଚନା ଦେଇ ଡା ଦାସ କହିଛନ୍ତି, ଔଷଧ ଫିଙ୍ଗା ଘଟଣାର ତଦନ୍ତ ପରେ ରୁପେନ୍ଦ୍ର ନାଥ ସିଂଙ୍କୁ ନିଲମ୍ବନ କରାଯାଇଛି ଓ ନିୟମ ଅନୁସାରେ ବିଭାଗୀୟ ତଦନ୍ତ ଜାରି ରହିଛି। ନିୟମ ଅନୁଯାୟୀ ମିଆଦ ପୂରିଯାଇଥିବା ଔଷଧକୁ ବାୟୋମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ ଅନୁସାରେ ନଷ୍ଟ ନ କରି ନଦୀରେ ଫିଙ୍ଗି ନିୟମ ଉଲ୍ଲଂଘନ କରାଯାଇଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାର ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଓ ବିସ୍ତୃତ ତଥ୍ୟ ସ୍ପଷ୍ଟ କରାଯିବ। ଏହି ଘଟଣାକୁ ନେଇ ଏବେ ମଧ୍ୟ ଅନେକ ପ୍ରଶ୍ନ ରହିଛି। କେତେ ପରିମାଣର ଔଷଧ ଓ ଚିକିତ୍ସା ସାମଗ୍ରୀ ନଷ୍ଟ ହୋଇଥିଲା? ଏହାର ମୂଲ୍ୟ କେତେ? ନିୟମ ଅନୁସାରେ ବର୍ଜ୍ୟବସ୍ତୁ ନଷ୍ଟ ନ କରି ନଦୀକୁ କାହିଁକି ଫିଙ୍ଗାଗଲା? କେବଳ ଷ୍ଟୋର କିପର ନା ଆଉ କିଏ ଜଡ଼ିତ ଏସବୁ ନେଇ ତଦନ୍ତରେ ଗୁରୁତ୍ୱ ଦିଆଯିବା ଜରୁରୀ। ସରକାରୀ ଔଷଧର ସୁରକ୍ଷା, ଷ୍ଟୋର ପରିଚାଳନା ଓ ବର୍ଜ୍ୟବସ୍ତୁ ନିଷ୍ପତ୍ତି ପ୍ରକ୍ରିୟା କେତେ ନିୟମସମ୍ମତ ଭାବେ ଚାଲୁଛି, ଏହି ଘଟଣା ଉପରେ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି।



## ଏମଏମଡିଆର ସଂଶୋଧନକୁ ନେଇ ଓଡ଼ିଶା ନାଗରିକ ସମାଜର ବିଚାର ବିମର୍ଶ

# ଖଣି ଉପରେ ହକ୍ ହରାଇବ ରାଜ୍ୟ

ଭୁବନେଶ୍ୱର,୩।୯ (ସମିସ): ଓଡ଼ିଶାରେ ବିକାଶ କ୍ଷେତ୍ରରେ ପ୍ରମୁଖ ରାଜସ୍ୱ ଖଣି କ୍ଷେତ୍ରରୁ ହିଁ ଆସିଥାଏ। ମାତ୍ର ନିକଟରେ ସଂସଦରେ ପାରିତ ଏମଏମଡିଆର ସଂଶୋଧନ ଆଇନ ଓଡ଼ିଶାର ସାମଗ୍ରିକ ସ୍ୱାର୍ଥ ପାଇଁ ଏକ ଶକ୍ତ ଧକ୍କା । ଏହି ଆଇନ କାରଣରୁ ରାଜ୍ୟର ବିକାଶ ଓ ଗରିବ କଲ୍ୟାଣ ଯୋଜନାର କାର୍ଯ୍ୟନ୍ୱୟନ କ୍ଷେତ୍ରରେ ଗଭୀର ପ୍ରଭାବ ପଡ଼ିବା ସହ ରାଜ୍ୟ ଅନେକ କ୍ଷତି ସହିବ। ଏପିରିକି ଦେଶର ସିଂହଭାଗ ଖଣିଜ ସମ୍ପଦ ଆମ ରାଜ୍ୟରେ ଥିଲେ ମଧ୍ୟ ଖଣି ଉପରେ ଆମର କୌଣସି ହକ ରହିବନି ବୋଲି ଓଡ଼ିଶା ନାଗରିକ ସମାଜ ପକ୍ଷରୁ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଏବଂ ନିୟନ୍ତ୍ରଣ ସଂଶୋଧିତ ଆଇନ(ଏମଏମଡିଆର ଆଇନ) ୨୦୨୬ ସମ୍ପର୍କରେ ଏକ ଗୋଲ ଟେବୁଲ ବିଚାର ବିମର୍ଶ ବୈଠକରେ ମତପ୍ରକାଶ ପାଇଛି। ଏହି ଆଇନ ଦ୍ୱାରା କେନ୍ଦ୍ର ସରକାର ଏବଂ କର୍ପୋରେଟ କମ୍ପାନୀ ବିଶେଷ ଭାବେ ଲାଭବାନ ହେବ। ସମାନ ସମୟରେ ଆମେ ଗଭୀର ପରିବେଶ ପ୍ରଭାବ ସହ ସାମଗ୍ରିକ କ୍ଷତିରେ ପଡ଼ିବା ବୋଲି ବୈଠକରେ ବକ୍ତାମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏହି ସଂଶୋଧନ ଆଇନରେ ଓଡ଼ିଶାର ଲାଭ କେତେ ଓ କ୍ଷତି କେତେ ଶୀର୍ଷକ ବିଷୟରେ ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷରେ ଓଡ଼ିଶା ନାଗରିକ ସମାଜର ପ୍ରତିଷ୍ଠାତା ସଭାପତି ଡଃ ଭଗବାନ ପ୍ରକାଶଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବ୍ୟାପକ ବିଚାର ବିମର୍ଶ ହୋଇଥିଲା। ବକ୍ତାମାନେ ଏନେଇ ଚିନ୍ତା ପ୍ରକାଶ କରି କହିଥିଲେ ଯେ ଅମାପ ଖଣିଜ, ଜଙ୍ଗଲ, ଜଳଜ, ପର୍ଯ୍ୟଟନ ଏପରିକି ମାନବ ସମ୍ପଦରେ ପରିପୂର୍ଣ୍ଣ ଧନଧାନ୍ୟରେ ଭରା ଓଡ଼ିଶା ଆଜିବି ଏକ ଏକ ଗରିବ । ରାଜ୍ୟରେ ଆଜି ମଧ୍ୟ ଯେତିକି ସମ୍ପଦ ରହିଛି ତାର ସଠିକ ମୂଲ୍ୟଯୁକ୍ତ ଆଧାରରେ ବିନିଯୋଗ ପାଇଁ ଦୃଢ଼ ଇଚ୍ଛାଶକ୍ତି ଓ ପ୍ରଚଣ୍ଡ ମାତୃଭୂମି ପ୍ରୀତି ଯଦି ଜାଗ୍ରତ ହୁଏ ଏବଂ ସଠିକ ନିର୍ଣ୍ଣୟ ନେଇ ତଦନୁଯାୟୀ କାର୍ଯ୍ୟକାରୀ ହୁଏ ତେବେ ଆମେ ଦେଶର ଅନ୍ୟ ବିକଶିତ ରାଜ୍ୟଠୁ ମଧ୍ୟ ଆଗରେ ରହିବା ଅସମ୍ଭବ ନୁହେଁ। ଦେଶର ଖଣିଜ ସମ୍ପଦର ସିଂହ ଭାଗ ଓଡ଼ିଶାରେ ଗଚ୍ଛିତ। ମାତ୍ର ଏଯାବତ୍ ଓଡ଼ିଶାର ଅର୍ଥନୈତିକ ବିକାଶର ସ୍ୱାଦ ଆମେ ଓଡ଼ିଆଙ୍କୁ ଯେ ଦେଇ ପାରିନେ ତାହା ନିଃସନ୍ଦେହ । କେନ୍ଦ୍ର ସରକାରଙ୍କ ଏମଏମଡିଆର ସଂଶୋଧନକୁ ନେଇ ଓଡ଼ିଶାବାସୀଙ୍କ ମନରେ ବେଶ ପ୍ରତିକ୍ରିୟା, ଗଭୀର ଭାବାବେଗ ପ୍ରକାଶ ପାଇଛି। ମା ମାଟିର ସୁରକ୍ଷା ଆଗ, ପାର୍ଟି ସ୍ୱାର୍ଥ ପଛରେ ରହିବା ଆବଶ୍ୟକ।

ଖଣିଖନନ ପାଇଁ ପ୍ରଭାବିତଙ୍କ ଅଧିକାର ଓ ସୁରକ୍ଷା ସହ ପରିବେଶ ସନ୍ତୁଳନକୁ ଗୁରୁତ୍ୱ କେନ୍ଦ୍ର ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ଅଧିକାର କ୍ଷୁର୍ଣ୍ଣ ନହେଉ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସଦସ୍ୟ ସଚିବ ମନୋଜ ଜେନାଙ୍କ ଆବାହକତ୍ୱ ଏବଂ ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଷୋୟୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପୂର୍ବତନ ସାଂସଦ ଓ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସିପିଆଇଏମର ସମ୍ପାଦକ ସୁରେଶ ପାଣିଗ୍ରାହୀ, ଅଳି କିଶୋର ପଟନାୟକ ବିଜେଡି ବିଧାୟକ ଡଃ ଅରୁଣ ସାହୁ, କଂଗ୍ରେସ ନେତା ତଥା ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ, ଓଜେସି ଉପ ସଭାପତି ପ୍ରଦୀପ ପ୍ରଧାନ, ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ,ବୁଦ୍ଧିଜୀବୀ, ବିଶେଷଜ୍ଞ ଯୋଗ ଦେଇ ବିଚାର ଆଲୋଚନା କରି ଆଗାମୀ ପଦକ୍ଷେପ ଉପରେ ବିଶଦ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ।




- ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ଅଧିକାର କ୍ଷୁର୍ଣ୍ଣ ନହେଉ
- କେନ୍ଦ୍ର ଆଇନ ଦ୍ୱାରା ଲାଭ କରିବ କର୍ପୋରେଟ ସଂସ୍ଥା



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** ଯୋଜନା ମୁତାବକ କାମ କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଅତିଥି ସତ୍କାର କରିବେ।

**ସିଂହ:** ଦୀର୍ଘ ଦିନର ଆଶା ପୂରଣ ହେବ। ଦିନଟି ଶୁଭଫଳ ପ୍ରଦାନ କରିବ। ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ବ୍ୟବସାୟରୁ ଲାଭ ମିଳିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଅଚାନକ ଖୁସି ଖବର ମିଳିପାରେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ପିଲାମାନେ ଖେଳ କୁଦରେ ସମୟ ଅତିବାହିତ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ଧୈର୍ଯ୍ୟ ରଖି ଚାଲିବେ। ବ୍ୟବସାୟରୁ କ୍ଷତି ସହି ପାରନ୍ତି।

## ଆଜିର ଇତିହାସ

- ୧୮୮୮- ଗାନ୍ଧିଜୀ ଇଂଲଣ୍ଡକୁ ଜଳ ଯାତ୍ରା ଆରମ୍ଭ କଲେ।
- ୧୯୨୭- ନାଗପୁର ଦଙ୍ଗାରେ ୨୨ ଲୋକଙ୍କ ମୃତ୍ୟୁ ଓ ୧୦୦ରୁ ଅଧିକ ଆହତ ହୋଇଥିଲେ।
- ୧୯୫୨- ବଲିଉଡ୍ ଅଭିନେତା ଋଷି କପୁରଙ୍କ ଜନ୍ମ।
- ୧୯୬୭- ମହାରାଷ୍ଟ୍ରରେ ୬.୫ ତ୍ରୀବ୍ରତାର ଭୂମିକମ୍ପ ଆସିବା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।


# ଅରନ୍ଧା ଭାତ

'ବୋକା ଚାଉଳ' ଆସାମର ଏକ ବିଶେଷ କିସମର ଚାଉଳ, ଯାହାକୁ 'ମ୍ୟାଜିକ୍ ରାଇସ୍' ବୋଲି କୁହାଯାଏ। ଏହି ଚାଉଳର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଯେ ଏହାକୁ ରାନ୍ଧିବା ପାଇଁ ନିଆଁର ଆବଶ୍ୟକତା ପଡ଼େନାହିଁ। ପାଣିରେ କିଛି ସମୟ ଭିଜାଇ ଦେଲେ ଏହା ଆପେ ଆପେ ଖାଇବା ଯୋଗ୍ୟ ଭାତ ହୋଇଯାଏ। ଏହି ଚାଉଳରୁ ଭାତ ପ୍ରସ୍ତୁତ କରିବା ପାଇଁ କୌଣସି ପ୍ରେସର୍ କୁକର କିମ୍ବା ହାଣ୍ଡିର ଆବଶ୍ୟକତା ନ ଥାଏ। କେବଳ ଥଣ୍ଡା ପାଣିରେ ୩୦ ରୁ ୪୦ ମିନିଟ୍ ଚାଉଳକୁ ଭିଜାଇ ରଖିଲେ ଏହା ନରମ ହୋଇ ଫୁଲିଯାଏ ଏବଂ ତୁରନ୍ତ ଖାଇବା ପାଇଁ ପ୍ରସ୍ତୁତ ହୋଇଯାଏ। ଉଷୁମ ପାଣିରେ ମାତ୍ର ୧୦ ରୁ ୧୫ ମିନିଟ୍ ମଧ୍ୟରେ ଏହା ପ୍ରସ୍ତୁତ ହୋଇଯାଏ। ୧୭ଶ ଶତାବ୍ଦୀରେ ଆସାମର ସ୍ଥାନୀୟ ଅହୋମ ସୈନିକମାନେ ମୋଗଲ ସେନା ବିରୋଧରେ ଯୁଦ୍ଧ କରିବା ସମୟରେ ଏହି ଚାଉଳକୁ ନିଜ ସାଙ୍ଗରେ ଖାଦ୍ୟ ଭାବେ ନେଉଥିଲେ। ଯୁଦ୍ଧ ସମୟରେ ସୈନିକମାନେ କେବଳ ନଦୀ ପାଣିରେ ଏହାକୁ ଭିଜାଇ ତୁରନ୍ତ ଖାଦ୍ୟ ଭାବେ ଗ୍ରହଣ କରୁଥିଲେ। ଏଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫାଇବର ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଥାଏ। ଏହା ଶରୀରକୁ ତୁରନ୍ତ ପ୍ରଚୁର ଶକ୍ତି ଯୋଗାଇଥାଏ।


ଆସାମର ଲୋକେ ଏହାକୁ ମୁଖ୍ୟତଃ ସକାଳ ଜଳଖିଆ ଭାବେ ଖାଆନ୍ତି। ପାଣିରେ ଭିଜାଇବା ପରେ ଏଥିରେ ଦହି, ଗୁଡ଼, କଦଳୀ କିମ୍ବା କ୍ରିମ୍ ମିଶାଇ 'ଜୋଲପାନ' ନାମକ ଏକ ସ୍ୱାଦିଷ୍ଟ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଏହା ସହଜରେ ହଜମ ହୋଇଯାଏ ଏବଂ ଗ୍ରୀଷ୍ମ ଋତୁରେ ପେଟକୁ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ। ଆଜିର ସମୟରେ ମଧ୍ୟ ଆସାମରେ ଯେତେବେଳେ ପ୍ରଳୟଙ୍କରୀ ବନ୍ୟା ଆସେ, ଲୋକଙ୍କ ଘରଦ୍ୱାର ଭାସିଯାଏ ଏବଂ ରୋଷେଇ କରିବା ସମ୍ଭବ ହୁଏନାହିଁ, ସେତେବେଳେ ପ୍ରଶାସନ ଓ ସ୍ଥାନୀୟ ଲୋକେ ଏହି ଚାଉଳକୁ ମୁଖ୍ୟ 'ଏମର୍ଜେନ୍ସି ଫୁଡ୍' ଭାବେ ବ୍ୟବହାର କରନ୍ତି। ବୈଜ୍ଞାନିକମାନଙ୍କ ଅନୁସାରେ, ସାଧାରଣ ଚାଉଳ ତୁଳନାରେ ମ୍ୟାଜିକ୍ ରାଇସ୍‌ରେ ଆମିଲୋଜ୍ ପରିମାଣ ବହୁତ କମ୍ ଥାଏ। ଆମିଲୋଜ୍ କମ୍ ଥିବାରୁ ଏହି ଚାଉଳ ଅତି ସହଜରେ ପାଣିକୁ ଶୋଷିନିଏ ଏବଂ ବିନା ଉତ୍ତାପରେ ବି ଏହା ଭାତରେ ପରିଣତ ହୋଇଯାଏ।

# ଭୂମିକମ୍ପ ସମୟରେ ଜୀବନ ଖୋଜିବ ଅସରପା

ଭୂମିକମ୍ପ କିମ୍ବା କୌଣସି ବଡ଼ ବିପର୍ଯ୍ୟୟ ସମୟରେ ଯେତେବେଳେ ବଡ଼ ବଡ଼ ବିଲ୍ଡିଂଗୁଡ଼ିକ ମାଟିରେ ମିଶିଯାଏ, ସେତେବେଳେ ଭଙ୍ଗା ସିମେଣ୍ଟ ଚଟାଣ ଓ କଂକ୍ରିଟ୍ ତଳେ ଚାପି ହୋଇ ରହିଥିବା ଜୀବନ୍ତ ଲୋକଙ୍କୁ ଖୋଜିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏହି କଠିନ କାମକୁ ସହଜ କରିବା ପାଇଁ ବୈଜ୍ଞାନିକମାନେ ସାଇବୋର୍ଗ ଅସରପା ପ୍ରସ୍ତୁତ କରିଛନ୍ତି। ଜୀବନ୍ତ ଅସରପା ଶରୀରରେ ଅତ୍ୟାଧୁନିକ ସେନ୍ସର୍ ଲଗାଇ ଏହାକୁ ଏକ 'ମିନି ରେସକ୍ୟୁ ଟିମ୍'ରେ ପରିଣତ କରାଯାଇଛି। ସିଙ୍ଗାପୁରର ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟିର ଗବେଷକମାନେ ଏହି ବିଶେଷ ପ୍ରକାରର ବାୟୋ-ରୋବଟ୍‌କୁ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ସେମାନେ ପ୍ରାୟ ୨.୫ ଇଞ୍ଚ ଲମ୍ବର ବଡ଼ ଆକାରର ମାଡାଗାସ୍କାର ପ୍ରଜାତିର ଅସରପାମାନଙ୍କୁ ବ୍ୟବହାର କରୁଛନ୍ତି। ଏହି ଅସରପାମାନଙ୍କ ପିଠିରେ ଏକ ଅତି କ୍ଷୁଦ୍ର ଇଲେକ୍ଟ୍ରୋନିକ୍ ବ୍ୟାକପ୍ୟାକ୍ ଖଞ୍ଜାଯାଇଥାଏ। ଏଥିରେ ଏକ ଛୋଟ ବ୍ୟାଟେରି, କାର୍ବନ ଡାଇଅକ୍ସାଇଡ୍ ସେନ୍ସର୍ ଏବଂ ଇନଫ୍ରାରେଡ୍ ଥର୍ମାଲ୍ କ୍ୟାମେରା ରହିଥାଏ। ଅସରପାର ମସ୍ତିଷ୍କ ଓ ସେମାନଙ୍କର ଦୁଇଟି ଆଣ୍ଟେନାରେ ସୂକ୍ଷ୍ମ ଇଲେକ୍ଟ୍ରୋଡ୍ସ ସଂଯୋଗ କରାଯାଇଥାଏ। ଯେତେବେଳେ ରିମୋଟ୍ ସାହାଯ୍ୟରେ ବାମ କିମ୍ବା ଡାହାଣ ପଟ ଆଣ୍ଟେନାକୁ ସାମାନ୍ୟ କରେଣ୍ଟ ସିଗନାଲ୍ ଦିଆଯାଏ, ଅସରପାଟି ଭାବେ ଯେ ସେପଟେ କିଛି ପ୍ରତିବନ୍ଧକ ଅଛି ଏବଂ ସେ ତୁରନ୍ତ ନିଜର ଦିଗ ବଦଳାଇ ଦିଏ। ଏହିପରି ଭାବେ ଉଦ୍ଧାରକାରୀ ଦଳ ଅସରପାଗୁଡ଼ିକୁ ନିଜ ଇଚ୍ଛାନୁସାରେ ନିୟନ୍ତ୍ରଣ କରିପାରନ୍ତି। ସାଧାରଣ ଯାନ୍ତ୍ରିକ ରୋବଟ୍‌ଗୁଡ଼ିକ ଆକାରରେ ବଡ଼ ହୋଇଥାନ୍ତି ଏବଂ ଭଙ୍ଗାବିଲ୍ଡିଂର ଅଣଓସାରିଆ ସ୍ଥାନକୁ ଯାଇପାରନ୍ତି ନାହିଁ। ହେଲେ ଅସରପା ନିଜ ଶରୀରକୁ ସଙ୍କୁଚିତ କରି ଅତି ସଂକୀର୍ଣ୍ଣ ସ୍ଥାନ ଦେଇ ଗତି କରିପାରେ। ସବୁଠାରୁ ବଡ଼ କଥା ହେଉଛି, ଯାନ୍ତ୍ରିକ ରୋବଟ୍ ଚାଲିବା ପାଇଁ ବହୁତ ବ୍ୟାଟେରି ଶକ୍ତି ଦରକାର ହୁଏ, କିନ୍ତୁ ଏଠାରେ ଅସରପା ନିଜ ଶକ୍ତିରେ ଚାଲେ। ବ୍ୟାକପ୍ୟାକ୍‌ରେ ଥିବା ବ୍ୟାଟେରି କେବଳ ସେନ୍ସର୍ ଓ କ୍ୟାମେରା ପାଇଁ ବ୍ୟବହାର ହେଉଥିବାରୁ ଏହା ଦୀର୍ଘ ସମୟ ଧରି କାମ କରିପାରେ। ନିକଟରେ ସିଙ୍ଗାପୁରର ସ୍ୱତନ୍ତ୍ର ବିପର୍ଯ୍ୟୟ ପ୍ରଶମନ ଦଳ ଏକ ପରୀକ୍ଷାମୂଳକ ଭୂମିକମ୍ପ ଉଦ୍ଧାର କାର୍ଯ୍ୟରେ ପ୍ରାୟ ୧୦ଟି ମାଡାଗାସ୍କାର ସାଇବୋର୍ଗ ଅସରପାଙ୍କୁ ସଫଳତାର ସହ ବ୍ୟବହାର କରିଛନ୍ତି। ପ୍ରକୃତିର ସବୁଠାରୁ ଅବହେଳିତ ଜୀବ କିପରି ବିଜ୍ଞାନର ସ୍ପର୍ଶରେ ଆସି ମାନବ ସମାଜ ପାଇଁ ଏକ ବଡ଼ ଆଶୀର୍ବାଦ ସାଜିବାକୁ ଯାଉଛି, ତାହା ସାଇବୋର୍ଗ ଅସରପା ପ୍ରୋଜେକ୍ଟ ପ୍ରମାଣିତ କରିଛି। ଆଗାମୀ ଦିନରେ ବିପର୍ଯ୍ୟୟ ସମୟରେ ଅମୂଲ୍ୟ ଜୀବନ ରକ୍ଷା କରିବାରେ ଏହି ବାୟୋ-ରୋବଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।




# 'ହୁଙ୍କାର'ରେ ଅନୀତ୍



'ସୈୟାରା' ଚଳଚ୍ଚିତ୍ରରେ 'ବାଣୀ' ଚରିତ୍ରରେ ନିଜର ଦମଦାର୍ ଅଭିନୟ ଯାଦୁ ଦେଖାଇ ଦର୍ଶକଙ୍କ ହୃଦୟ ଜିତିଥିବା ଅଭିନେତ୍ରୀ ଅନୀତ ପଡ୍ଡା ଏବେ ପୁଣି ଏକ ଭିନ୍ନ ଅବତାରରେ ନଜର ଆସିବାକୁ ଯାଉଛନ୍ତି। ଏଥର ସେ ବଡ଼ ପରଦାରେ ନୁହେଁ, ବରଂ ଓଟିଟି ପ୍ଲାଟଫର୍ମରେ ନିଜ ଅଭିନୟର ଜଲୱା ଦେଖାଇବେ। ବହୁ ପ୍ରତୀକ୍ଷିତ ୱେବ୍ ସିରିଜ୍ 'ହୁଙ୍କାର: ଦ ରୋର୍'ରେ ସେ ଲିଡ୍ ରୋଲରେ ନଜର ଆସିବେ। ଏହି ୱେବ୍‌ସିରିଜ୍‌ର ଏକ ଦମଦାର୍ ଟିଜର୍ ନିକଟରେ ରିଲିଜ୍ ହୋଇଛି। ତେବେ ଏହି ୱେବ୍‌ସିରିଜ୍‌କୁ ନେଇ ଆଉ ଏକ ତଥ୍ୟ ପ୍ରକାଶ ପାଇଛି। ଅନୀତ 'ସୈୟାରା' ଫିଲ୍ମ ପୂର୍ବରୁ ଏହି ୱେବ୍‌ସିରିଜ୍‌ର ସୁଟିଂ ସାରି ଦେଇଥିଲେ। ଅନୀତ ନିଜେ ପ୍ରକାଶ କରିଛନ୍ତି ଯେ, ଏହି ପ୍ରୋଜେକ୍ଟଟି ଦୀର୍ଘ ସମୟ ଧରି ତାଙ୍କ ଅଭିନୟ ଯାତ୍ରାର ଏକ ସ୍ୱତନ୍ତ୍ର ଅଂଶ ହୋଇ ରହିଆସିଛି ଏବଂ ଏବେ ଏହା ଦର୍ଶକଙ୍କ ସାମ୍ନାକୁ ଆସିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। 'ହୁଙ୍କାର' ଏକ କ୍ରାଇମ୍ ଏବଂ ଜଷ୍ଟିସ୍ ଡ୍ରାମା। । ଏହି ସିରିଜ୍‌ରେ ଅନୀତ ଜଣେ ୧୭ ବର୍ଷର ନାବାଳିକା 'ମୀନୁ ରାବତ' ଭୂମିକାରେ ଅଭିନୟ କରୁଛନ୍ତି। କାହାଣୀଟି ମୀନୁର ଚାରିପାଖରେ ଘୁରି ବୁଲୁଛି, ଯିଏ ନିଜ ସହ ହୋଇଥିବା ଅନ୍ୟାୟ ଏବଂ ଅସଦାଚରଣ ବିରୋଧରେ ସ୍ୱର ଉତ୍ତୋଳନ କରି ପୋଲିସର ଦ୍ୱାରସ୍ତ ହେଉଛି। ଜଣେ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଭଣ୍ଡ ବାବାଙ୍କ ସାମ୍ରାଜ୍ୟ ବିରୋଧରେ ମୀନୁ ଲଢ଼େଇ କରୁଥିବାର ଦେଖାଯିବ। ପୋଲିସ ତଦନ୍ତ, କୋର୍ଟରୁମ୍ ଡ୍ରାମା ଏବଂ ମିଡିଆ ଟ୍ରାଏଲ୍‌ର ଏକ ଦମଦାର ମିଶ୍ରଣ ଏହି ସିରିଜ୍‌ରେ ଦେଖିବାକୁ ମିଳିବ। ରାମ କପୁର, ମହମ୍ମଦ ଜିଶାନ୍ ଆୟୁବ୍, ଅର୍ଜୁନ ମାଥୁର, ଜୋୟା ହୁସେନ୍, ରଘୁବୀର ଯାଦବ, ରାଜେଶ ଶର୍ମା ଏବଂ ଚାରୁ ଶଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। କରଣ କପାଡ଼ିଆ, ନିତ୍ୟା ମେହେରା ଏବଂ ହୀରାଜ ମାରଫତିଆ ମିଳିତ ଭାବେ ଏହି ସିରିଜ୍‌ର ନିର୍ଦ୍ଦେଶନା ଦେଇଛନ୍ତି। ବିରଲା ଷ୍ଟୁଡିଓ ଏବଂ ଅପ୍ଲଜ୍ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛି। ଟିଜର୍ ରିଲିଜ୍ ହେବା ପରେ ଏହି ୱେବ୍‌ସିରିଜ୍‌କୁ ନେଇ ଦର୍ଶକଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି। ଆସନ୍ତା ୨୫ ସେପ୍ଟେମ୍ବରରେ ଏହି ସିରିଜ୍‌ଟି ଓଟିଟି ପ୍ଲାଟଫର୍ମ ଜିଓ ହଟ୍‌ଷ୍ଟାର୍‌ରେ ଷ୍ଟ୍ରିମ୍ ହେବାକୁ ଯାଉଛି। ତେବେ ଏହି ସିରିଜ୍‌ରେ ମୋଟ କେତୋଟି ଏପିସୋଡ୍ ରହିବ, ସେନେଇ ନିର୍ମାତାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ମୀନୁର ଏହି ନ୍ୟାୟର ଲଢ଼େଇ ଦର୍ଶକଙ୍କୁ କେତେ ପସନ୍ଦ ଆସୁଛି, ତାହା ଦେଖିବାକୁ ବାକି ରହିଲା।

## 'ସକାଳ'ର ସ୍ୱାସ୍ଥ୍ୟ

# ସ୍କ୍ରବ୍ ଟାଇଫସ୍

**ସ୍କ୍ରବ୍ ଟାଇଫସ୍ ଏକ ଜୀବାଣୁ ଜନିତ ରୋଗ। ଓରିଏଣ୍ଟିଆ ସୁସୁଗାମୁସି ନାମକ ଜୀବାଣୁ ଦ୍ୱାରା ଏହା ହୋଇଥାଏ। ଚିଗର୍ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ସ୍କ୍ରବ୍ ଟାଇଫସ୍ ହୁଏ। ଏହି କୀଟ କାମୁଡ଼ିବାର ୭ରୁ ୧୦ ଦିନ ମଧ୍ୟରେ ରୋଗର ଲକ୍ଷଣ ଦେଖାଯାଏ। ବର୍ତ୍ତମାନ ଅନୁଗୁଳ ଜିଲ୍ଲାରେ ଏହି ରୋଗ ଆତଙ୍କ ସୃଷ୍ଟି କରିଛି। ତେବେ ରୋଗର ଲକ୍ଷଣ ଅନୁସାରେ ଚିକିତ୍ସା କରିବା ଏକାନ୍ତ ଆବଶ୍ୟକ।**




**ଲକ୍ଷଣ:** ବର୍ଷାଋତୁରେ ପାହାଡ଼ିଆ ଅଞ୍ଚଳରେ ସ୍କ୍ରବ୍ ଟାଇଫସ୍ ସଂକ୍ରମିତ ଅଧିକ ଚିହ୍ନଟ ହୋଇଥାନ୍ତି। ଜଙ୍ଗଲ, ବଣବୁଦା ସ୍ଥାନରେ ଦେଖାଯାଉଥିବା ଚିଗର୍ ନାମକ କୀଟ କାମୁଡ଼ିଲେ ସ୍କ୍ରବ୍ ଟାଇଫସ୍ ହୁଏ। ପୀଡିତଙ୍କ ଶରୀରରେ ବିଭିନ୍ନ ଲକ୍ଷଣ ଯଥା- ଅଧିକ ଜ୍ୱର, ମୁଣ୍ଡବ୍ୟଥା, ମାଂସପେଶୀ ଯନ୍ତ୍ରଣା, କୀଟ କାମୁଡ଼ିଥିବା ସ୍ଥାନ କୁଣ୍ଡାଇ ହୋଇ ଫୁଲିଯିବା ବା ଘା' ହେବା, ଲସିକା ଗ୍ରନ୍ଥି ଫୁଲିଯିବା, ଝାଡ଼ା, ସ୍ମୃତିଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଗୁରୁତର ଅବସ୍ଥାରେ ଆକ୍ରାନ୍ତଙ୍କ ଅଙ୍ଗବିଫଳ, ଶ୍ୱାସକ୍ରିୟାରେ ସମସ୍ୟା ଏବଂ ମସ୍ତିଷ୍କ ସଂକ୍ରମଣ ତଥା ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ରକ୍ତ ସେରୋଲୋଜି, ଇମ୍ୟୁନୋଫ୍ଲୋରେସେନ୍‌ସ ଏବଂ ଡିଏନ୍ ପିସିଆର୍ ଦ୍ୱାରା ରୋଗକୁ ଚିହ୍ନଟ କରାଯାଏ।

**ଚିକିତ୍ସା ପଦ୍ଧତି:** ଡାକ୍ତର ରୋଗର ତୀବ୍ରତା ଏବଂ ପୀଡ଼ିତଙ୍କ ସ୍ୱାସ୍ଥ୍ୟାବସ୍ଥା ଆଧାରରେ ଡକ୍ସିସାଇକ୍ଲିନ୍ (ଔଷଧ ଏବଂ ଇଞ୍ଜେକସନ୍), ଆଜିଥ୍ରୋମାଇସିନ୍ ଭଳି ଆଣ୍ଟିବାୟୋଟିକ୍ ପ୍ରଦାନ କରନ୍ତି। ଅତିମାତ୍ରାର ସଂକ୍ରମିତ ରୋଗୀଙ୍କୁ ହସ୍‌ପିଟାଲ୍‌ରେ ରଖି ଇଞ୍ଜେକସନ୍ ଦେବାକୁ ପଡ଼ିଥାଏ। ସ୍କ୍ରବ୍ ଟାଇଫସ୍ ମାମଲା ଚିହ୍ନଟ ହୋଇଥିବା ସ୍ଥାନକୁ ଯିବା ଅନୁଚିତ। ଘର ଏବଂ ଆଖପାଖ ଅଞ୍ଚଳକୁ ସଫା ରଖିବା ସହ ସଫା ପୋଷାକ ପିନ୍ଧିବା ଆବଶ୍ୟକ। ଜଙ୍ଗଲ କିମ୍ବା କ୍ଷେତରେ କାମ କରିବା ସମୟରେ ହାତଗୋଡ଼, ଛାତି ଓ ପେଟକୁ ସମ୍ପୂର୍ଣ୍ଣ ଭାବେ ଢାଙ୍କିବା ଆବଶ୍ୟକ। ଦୈନିକ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ କରିବା ଜରୁରି।




# ଡାଏଲିସିସ୍ ସମୟରେ ସତର୍କତା

**ବୃକ୍‌କର କାମ ହେଉଛି ରକ୍ତ ସଫା କରିବା ସହ ଶରୀରର ବିଭିନ୍ନ ବର୍ଜ୍ୟକୁ ନିଷ୍କାସନ କରିବା। ହେଲେ ବିଶୃଙ୍ଖଳିତ ଜୀବନଶୈଳୀ, ନିଶାସେବନ ତଥା ଅନ୍ୟାନ୍ୟ କାରଣରୁ ବୃକକଜନିତ ସମସ୍ୟା ଦେଖାଯାଏ। ଅତି ଜଟିଳ ପରିସ୍ଥିତିରେ ଡାଏଲିସିସ୍ କରିବାକୁ ପଡ଼ିଥାଏ। ସେହିପରି ରକ୍ତରେ ଏସିଡ୍ ସଂକ୍ରମଣ, ଡେଙ୍ଗୁ, ମ୍ୟାଲେରିଆ ଆଦି ଅସ୍ଥାୟୀ ସଂକ୍ରମଣରେ ବୃକକ୍ ସଂକ୍ରମଣ ଆଶଙ୍କା ଥିବାରୁ ଡାଏଲିସିସ୍ କରାଯାଏ। ବୃକକ୍ କାର୍ଯ୍ୟକ୍ଷମ ଥାଇ ମଧ୍ୟ ଯଦି ପଟାସିୟମ, ଫସ୍‌ଫରସ୍, ୟୁରିକ୍ ଏସିଡ ଏବଂ ମାତ୍ରାଧିକ ପାଣି ଶରୀରରେ ଜମିଥିଲେ ଡାଏଲିସିସ୍ କରାଯାଏ। ଡାଏଲିସିସ୍‌ରେ ରକ୍ତକୁ ବିଶୁଦ୍ଧ କରିବା ସହଜ ହୁଏ। ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିୟମିତ ଡାଏଲିସିସ୍ କରିବା ଉଚିତ।**

ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ପୀଡ଼ିତଙ୍କଠାରେ ବୃକକ୍ ଜନିତ ସମସ୍ୟା ଅଧିକ ଦେଖାଯାଏ। ବୃକକ ଅଚଳ ଯୋଗୁଁ ଡାଏଲିସିସ କରିବାକୁ ପଡୁଥିବାରୁ ଏହି ସମୟରେ ରକ୍ତଶର୍କରା ଓ ରକ୍ତଚାପ ପରୀକ୍ଷା କରାଇବା ଦରକାର। ଅନ୍ୟପଟେ ଯେଉଁ ପୀଡିତଙ୍କର ଛାତି ଯନ୍ତ୍ରଣା, ଶରୀର ଥରିବା, ଗୋଡ଼ହାତ କ୍ରାମ୍ପ, ଅତ୍ୟଧିକ ଝାଳ ନିର୍ଗତ, ହଠାତ ବାଉଳିଚାଉଳି ହେଲେ ଡାକ୍ତର ଡାଏଲିସିସ ବନ୍ଦକରି ଡାଏଲିସିସ୍ ପାର୍ଶ୍ୱପ୍ରତିକ୍ରିୟାର



ଚିକିତ୍ସା କରନ୍ତି। ରୋଗୀ ସ୍ୱାଭାବିକ ସ୍ଥିତିକୁ ଫେରିଲେ ଧୀରେ ଧୀରେ ଡାଏଲିସିସ କରାଯାଏ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ପୀଡ଼ିତ ପାଣି ବା ତରଳପଦାର୍ଥ ପିଇବା ଆବଶ୍ୟକ। ପଟାସିୟମ ଅଧିକ ହେଲେ ଫଳମୂଳ, ଶାଗ, ଆମିଷ, ମାଟିତଳ ଜିନିଷ, ମାତ୍ରାଧିକ ପଟାସିୟମଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଶରୀରକୁ ଆବଶ୍ୟକ ମୁତାବକ ପ୍ରୋଟିନ୍ ଖାଇବା ଜରୁରି।

ଆବଶ୍ୟକ ନ ଥିଲେ ପେନ କିଲର ଖାଇବା ଅନୁଚିତ। ଯେକୌଣସି ସଂକ୍ରମଣ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରିବା ସହ ଶରୀରରେ ସୋଡିୟମ, ମ୍ୟାଗ୍ନେସିୟମ, ପଟାସିୟମ ଯଥା ଇଲେକ୍ଟ୍ରୋଲାଇଟ୍ ଅନୁପାତ ଜାଣିବାକୁ 'କିଡ୍‌ନି ଫଙ୍କସନ୍ ଟେଷ୍ଟ' କରିପାରିବେ। ନିଃଶ୍ୱାସ ନେବାରେ ସମସ୍ୟା, ପରିସ୍ରା ପରିମାଣରେ କମୁଥିଲେ, ପାଦ ଓ ମୁହଁ ଫୁଲିବା, ଧଇଁସଇଁ ଲାଗିବା ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା ଆରମ୍ଭ କରିବା ଭଲ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ଖାଇବା ଅନୁଚିତ।

# ନିମ୍ନ ରକ୍ତଚାପ ନିୟନ୍ତ୍ରଣ

ଆଜିକାଲି ଅଧିକାଂଶ ଲୋକ ନିମ୍ନ ରକ୍ତଚାପରେ ପୀଡ଼ିତ। ହୃଦୟ ସଙ୍କୁଚିତ ହେଲେ ରକ୍ତଚାପ ବଢ଼େ ଏବଂ ପ୍ରସାରଣ ହେଲେ ରକ୍ତଚାପ କମିଥାଏ। ଶରୀରରେ ଜଳୀୟଅଂଶ କମିଯିବା, ହୃଦ୍‌ରୋଗ, ମାନସିକ ଚାପ ଆଦି ଦ୍ୱାରା ନିମ୍ନ ରକ୍ତଚାପ ହୋଇଥାଏ। ସ୍ୱାଭାବିକ ଭାବେ ୭୦ରୁ ୯୦ ହେଉଛି ନିମ୍ନ ରକ୍ତଚାପ (ସିଷ୍ଟୋଲିକ୍ ରକ୍ତଚାପ)। ନିମ୍ନ ରକ୍ତଚାପ ହେଲେ ମୁଣ୍ଡ ବୁଲାଇବା, ଝାପ୍‌ସା ଦିଶିବା, ବାନ୍ତି ଆଦି ଲକ୍ଷଣ ଦେଖାଯାଏ। ତେଣୁ ନିମ୍ନରକ୍ତଚାପକୁ ଅଣଦେଖା କରିବା ଅନୁଚିତ।

ନିମ୍ନ ରକ୍ତଚାପ ଥିଲେ ପ୍ରଚୁର ପାଣି ପିଇବା ଆବଶ୍ୟକ। ବିଟ୍, ତରଭୁଜ, କାକୁଡ଼ି ଆଦି ରସ, ଫ୍ରୁଟ୍ ଜୁସ୍ ଓ ଓଆର୍‌ଏସ୍ ପିଇବା



ଦ୍ୱାରା ରକ୍ତଚାପ ସ୍ୱାଭାବିକ ହୁଏ। ସମସ୍ତ ଡ୍ରାଏଫ୍ରୁଟ୍ ଯଥା- ଅଞ୍ଜିର, ଖଜୁର, କିସ୍‌ମିସ୍, ଆଲମଣ୍ଡ, ଅଖ୍‌ରୋଟ ଆଦିକୁ ମାତ୍ରା ଅନୁସାରେ ରାତିରେ ବତୁରାଇ ସକାଳେ ଖାଇଲେ, ରକ୍ତଚାପ ସ୍ୱାଭାବିକ ହୋଇପାରେ। ନିଶା ସେବନ କରିବା ଅନୁଚିତ।

ଗୁଡ଼ ବା ମହୁପଣାରେ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ପାନ କରିବା ହିତକର। ସେହିପରି ତୁଳସୀ ପତ୍ର ରସକୁ ମହୁରେ ମିଶାଇ ଖିଆଯାଏ। ପ୍ରତିଦିନ ଅତିକମ୍‌ରେ ୧୫ ମିନିଟ୍ ଚାଲିବା ଆବଶ୍ୟକ। ପ୍ରାଣାୟାମ, ଧ୍ୟାନ ଓ ଯୋଗ କରିପାରିବେ। ଖାଦ୍ୟରେ ଲୁଣର ମାତ୍ରା ବଢ଼ାଇବା ସହ ସୋଡିୟମଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ଭୋଜନ ସମୟରେ ଅଧିକ ନଖାଇ ଅଳ୍ପ ଅଳ୍ପ କରି ଖାଇବା ଭଲ। ସର୍ବଦା ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ।

## ଘର ବଇଦ

# କଣନଖା ଉପଚାର

- ଟାଙ୍ଗଣା ଖଇ ଚୂର୍ଣ୍ଣ କ୍ଷତ ଭିତରେ ଦେଲେ ଅତିଶୀଘ୍ର ଭଲ ହୁଏ।
- ଗୋଟିଏ କାଗେଜି ଲେମ୍ବୁକୁ କଣା କରି ତା ଭିତରେ ଆଙ୍ଗୁଠିକୁ ପୂରାଇ ରଖିବେ। ଦିନେ ଦୁଇ ଦିନରେ କଣନଖା ପାଚି ଫାଟି ଭଲ ହୋଇଯିବ।
- କଣନଖା ରାତିରେ ଅଧିକ ଯନ୍ତ୍ରଣା ଦିଏ। ସେଥିପାଇଁ ଖଣ୍ଡେ କନାକୁ ଆମ୍ବିଳି ଦହିରେ ବୁଡ଼ାଇ କଣନଖା ଉପରେ ବାନ୍ଧିଲେ ୨/୩ମିନିଟ୍‌ରେ ଯନ୍ତ୍ରଣା ବନ୍ଦ ହୁଏ। ତା ପରଦିନ ଟାଙ୍ଗଣା ଖଇ ବା ସୀତାଫଳ ପତ୍ର ବାଟି ଲେପ ଦେବେ।
- କଣନଖା ପାଚିଗଲେ ସେଥିରୁ ରକ୍ତ ବାହାର କରି ଅରଖ କ୍ଷୀର ତା ଉପରେ ଲଗାଇଲେ ପୂଜରକ୍ତ ଯାହା ଥାଏ ବାହାରିଯାଏ, ତା'ପରେ କଅଁଳ ଅରଖ ପତ୍ର ଗୁଡ଼ାଇ କନା ବାନ୍ଧିବେ । ଦିନେ ଦୁଇ ଦିନରେ ତାହା ଭଲ ହେବ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ପିଲାଙ୍କ ଆପେଣ୍ଡିସାଇଟିସ୍

**ଆଜିକାଲି ପିଲାମାନେ ଜଙ୍କଫୁଡ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଏହି ଖାଦ୍ୟରେ ଭିଟାମିନ୍, ପ୍ରୋଟିନ୍, ଫାଇବର ଆଦି ନ ଥିବାରୁ ପେଟ ଗ୍ୟାସ୍ ଏବଂ ଯନ୍ତ୍ରଣା ହୋଇଥାଏ। ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମତରେ, ପିଲାଙ୍କ ପେଟରେ ଅସହ୍ୟ ଯନ୍ତ୍ରଣାର କାରଣ ଆପେଣ୍ଡିସାଇଟିସ୍‌ର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।**




ଅନ୍ତନଳୀରେ ଥିବା ଆପେଣ୍ଡିକ୍ସ ନାମକ ଏକ ଅଂଶରେ ସଂକ୍ରମଣ ହେଲେ ଆପେଣ୍ଡିସାଇଟିସ୍ ହୋଇଥାଏ। ଆପେଣ୍ଡିକ୍ସ ଅନେକଗୁଡ଼ିଏ ତନ୍ତୁ ଦ୍ୱାରା ଗଠିତ। ବଡ଼ ଓ ଛୋଟ ଅନ୍ତ ମିଳନ ସ୍ଥଳରେ ଆପେଣ୍ଡିକ୍ସ ଏକ ଟ୍ୟୁବ୍ ଭାବେ ଥାଏ। ଯେତେବେଳେ ଅନ୍ତନଳୀର ବ୍ୟାକ୍ଟେରିଆ ଆପେଣ୍ଡିକ୍ସ ଭିତରକୁ ପ୍ରବେଶ କରନ୍ତି, ସେତେବେଳେ ଏହା ସଂକ୍ରମିତ ହୋଇଥାଏ। ଏହାକୁ ଆପେଣ୍ଡିସାଇଟ୍‌ସ କୁହାଯାଏ। ସଂକ୍ରମଣ ବଢ଼ିଗଲେ, ଆପେଣ୍ଡିକ୍ସ ଫାଟିଯିବାର ଆଶଙ୍କା ଥାଏ। ତେଣୁ ପିଲାଙ୍କ ପେଟ ଯନ୍ତ୍ରଣା ସହିତ ଡାହାଣ ପେଟରେ ଅସହ୍ୟ ଯନ୍ତ୍ରଣା, ଜ୍ୱର, ଭୋକ ନ ଲାଗିବା, ଖାଇବା ପରେ ବାନ୍ତି ହେବା, ପତଳାଝାଡ଼ା ଆଦି ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।

ରକ୍ତପରୀକ୍ଷା, ଇମେଜିଂ ଟେଷ୍ଟ, ସିଟି ସ୍କାନ୍, ଅଲଟ୍ରାସାଉଣ୍ଡ ଏବଂ ଏମ୍‌ଆର୍‌ଆଇ ଦ୍ୱାରା ଆପେଣ୍ଡିସାଇଟ୍‌ସ ହୋଇଛି କି ନାହିଁ, ଡାକ୍ତର ପରୀକ୍ଷା କରିଥାନ୍ତି। ଆପେଣ୍ଡିସାଇଟ୍‌ସ ପ୍ରଥମ ପର୍ଯ୍ୟାୟରେ ଥିଲେ ଔଷଧ ବା ଇଞ୍ଜେକ୍‌ସନ୍ ଦ୍ୱାରା ଚିକିତ୍ସା ସମ୍ଭବ। ଡାକ୍ତରଙ୍କ ପରାମର୍ଶକ୍ରମେ ଅସ୍ତ୍ରୋପଚାର ମଧ୍ୟ କରାଯାଏ। ତେଣୁ ଡାକ୍ତରୀ ଚିକିତ୍ସା ସହିତ ସନ୍ତୁଳିତ ଖାଦ୍ୟପେୟ ପ୍ରତି ଯତ୍ନଶୀଳ ରହିବା ଏକାନ୍ତ ଆବଶ୍ୟକ।

# ୟୁଏସ୍ ଓପନ୍ ତୃତୀୟ ରାଉଣ୍ଡରେ ଆଲ୍‌କାରାଜ, ସାବାଲେଙ୍କା



ନ୍ୟୁୟର୍କ, ୩।୯ (ଏଜେନ୍ସି): ଦୁଇ ଟାଇଟଲ ଆଶାୟୀ ମହିଳା ନଂ-୧ ସିଡ୍ ଆରିନା ସାବାଲେଙ୍କା ଓ ପୁରୁଷ ବିଭାଗର କାର୍ଲୋସ ଆଲକାରାଜ ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଉଭୟ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ଜବରଦସ୍ତ ଖେଳ ପ୍ରଦର୍ଶନ କରି ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଥିଲେ। ଗତ ଦୁଇବର୍ଷ ହେଲା ଟାଇଟଲ ଜିତିଥିବା ସାବାଲେଙ୍କା ମାତ୍ର ୫୩ ମିନିଟ୍ ମୁକାବିଲାରେ ରୁଷର ପୋଲିନା ଲାଟଚେଙ୍କୋଙ୍କୁ ୬-୧, ୬-୧ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ପୁରୁଷ ବିଭାଗରେ ୨ଥର ୟୁଏସ୍ ଓପନ ସହ ୭ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା କାର୍ଲୋସ ଆଲକାରାଜ ୪-୬, ୬-୦, ୬-୩ରେ ପର୍ତ୍ତୁଗାଲର ଜାଇମେ ଫାରିଆଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ତୃତୀୟ ରାଉଣ୍ଡରେ ସାବାଲେଙ୍କାଙ୍କ ସହ ଉଜ୍‌ବେକିସ୍ତାନର କାମିଲା ରାଖିମୋଭାଙ୍କୁ ଏବଂ ଅଲକାରାଜ ଚୀନ୍‌ର ୟିବିଙ୍ଗ ୟୁ'ଙ୍କୁ ଭେଟିବେ।

ମହିଳା ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ୬ଷ୍ଠ ସିଡ୍ ଚେକିଆର ଲିଣ୍ଡା ନୋସ୍କୋଭା, ୭ମ ସିଡ୍ କାରୋଲିନା ମୁଚୋଭା, ନବମ ସିଡ୍ ଏଲିନା ସ୍ୱିତୋଲିନା ୩ୟ ରାଉଣ୍ଡରେ ପ୍ରବଶ କରିଛନ୍ତି। ୟୁକ୍ରେନ୍‌ର ସ୍ୱିତୋଲିନା ୬-୨, ୬-୭, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ମାୟା ଜଏଣ୍ଟଙ୍କୁ ପରାସ୍ତ କରିଛନ୍ତି। ୧୧ନଂ ସିଡ୍ ୟୁକ୍ରେନ୍‌ର ମାର୍ତା କୋସ୍ଟ୍ୟୁକ୍ ୧୬ନଂ ସିଡ୍ ରୋମାନିଆର ସୋରାନା କ୍ରିଷ୍ଟିଆ, ୧୪ନଂ ସିଡ୍ ଆମେରିକାର ଇଭା ଜୋଭିଚ୍, ୧୮ନଂ ସିଡ୍ ରୁଷିଆର ଏକାତେରିନା ଆଲେଜାଣ୍ଡ୍ରୋଭା ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରୁଷ ବିଭାଗରେ ୬ଷ୍ଠ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନୌର, ଅଷ୍ଟମ ସିଡ୍ ଆମେରିକାର ବେନ୍ ସେଲ୍‌ଟନ, ୧୧ନଂ ସିଡ୍ ଆମେରିକାର ଫ୍ରାନ୍‌ସେସ୍କା ଟିଆଫୋ, ୧୮ନଂ ସିଡ୍ ଚେକିଆର ଜିରି ଲେହେକା, ୧୫ନଂ ସିଡ୍ କାଜାଖସ୍ତାନର ଆଲେକ୍‌ଜାଣ୍ଡର ବୁବ୍‌ଲିକ୍, ୨୦ନଂ ସିଡ୍ ଆମେରିକାର ଟମି ପଲ୍ ବିଜୟୀ ହୋଇ ୩ୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ୧୨ନଂ ସିଡ୍ ସ୍ପେନ୍‌ର ରାଫେଲ ଜୋଡାର ଓ ୨୩ନଂ ସିଡ୍ ରୁଷିଆର ଆଣ୍ଡ୍ରେଇ ରୁବ୍‌ଲେଭ ୨ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି।

### ଏସିଆ କପ୍‌ରେ ମନ୍ଧାନାଙ୍କ ବିସ୍ଫୋରକ ଶତକ

## ସେମିଫାଇନାଲରେ ଭାରତ

ଦୁବାଇ,୩।୯ (ଏଜେନ୍ସି): ସ୍ମୃତି ମନ୍ଧାନାଙ୍କ ଦମ୍‌ଦାର ଶତକ ଓ ସ୍ପିନରଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଆଜି ଖେଳାଯାଇଥିବା ଏସିଆ କପ୍ ମହିଳା କ୍ରିକେଟ ପ୍ରତିଯୋଗିତାର ପୁଲ-ଏ' ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଭାରତ ୧୩୭ ରନ୍‌ରେ ହଂକଂ ଚୀନ୍‌କୁ ପରାସ୍ତ କରିଛି।



ଏହା ଫଳରେ କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ଏହାର ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ହରାଇଥିଲାବେଳେ ଶନିବାର ପାକିସ୍ତାନ ସହ ମୁକାବିଲା ପରେ ପୁଲ୍‌ରେ କେଉଁ ଦଳ ପ୍ରଥମ ସ୍ଥାନ ଅଧିକାର କରିବ ତାହା ସ୍ଥିର ହେବ।

ଆଜିର ମ୍ୟାଚ୍‌ରେ ଓପନର ସ୍ମୃତି ମନ୍ଧାନା ୪୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ୫୭ ବଲରୁ ଶତକ ପୂରଣ କରିଥିଲେ। ସେ ମୋଟ ୬୪ବଲ୍ ଖେଳି ୧୪ ଚୌକା ଓ ୭ ଛକର ସହାୟତାରେ ୧୨୪ ରନ୍ କରି ଆଉଟ ହୋଇଥିଲେ। ତାଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୩ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନା ଶେଫାଳି ବର୍ମା ୨୮, ପ୍ରତୀକା ରାୱଲ ୧୦, ରିଚା ଘୋଷ ୧୧ ଓ ହରମନପ୍ରୀତ କୌର ୧୦ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ହଂକଂ ପକ୍ଷରୁ ମାରିନା ଲାମପ୍ଲୋ ସର୍ବାଧିକ ୨ଟି ୱିକେଟ ଅକ୍ତିଆର କରିଥିଲାବେଳେ ଦଳର ଭାରତୀୟ ବଂଶୋଦ୍ଭବ ଖେଳାଳି ରୁଚିତା ଭେଙ୍କଟେଶ ଓ ଜୟଲିନ୍ କୌର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ଜବାବରେ ହଂକଂ ୧୬ ଓଭରରେ ୮ ୱିକେଟ ହରାଇ ୫୬ ରନ୍ ସଂଗ୍ରହ କରିନେଇଛି। ଭାରତ ପକ୍ଷରୁ ଦିପ୍ତି ଶର୍ମା ୩ଟି, ପ୍ରେମା ରାୱତ, ଶ୍ରୀ ଚରଣି ଓ ନନ୍ଦିନୀ ଶର୍ମା ୨ଟି ଲେଖାଏଁ ୱିକେଟ ନେଇ ହଂକଂକୁ ପରାଜିତ କରିଥିଲେ।

ଗତକାଲି ପୁଲ-ବି'ରେ ଖେଳାଯାଇଥିବା ଶ୍ରୀଲଙ୍କା ୭୫ ରନ୍‌ରେ ଇଣ୍ଡୋନେସିଆକୁ ପରାସ୍ତ କରି ଦମ୍‌ଦାର ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୭ ୱିକେଟରେ ୧୨୪ ରନ୍ କରିଥିଲାବେଳେ ଇଣ୍ଡୋନେସିଆ ମାତ୍ର ୪୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପକ୍ଷରୁ ନିଶିକା ସିଲଭା ୩୫ବଲ୍‌ରେ ୫୦ ରନ୍ କରିଥିଲାବେଳେ ଭେଟେରାନ ଖେଳାଳି ଚାମରି ଆଟାପାଟୁ ୭ଟି ୱିକେଟ ପାଇଥିଲେ।

## ଇଗା, ଏଲିସେ ଜିତିଲେ

ନ୍ୟୁୟର୍କ, ୩।୯ (ଏଜେନ୍ସି): ମହିଳା ବିଭାଗରେ ଆଜି ଖେଳାଯାଇଥିବା ୟୁଏସ୍ ଓପନ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଇଗା ସ୍ୱିଆଟେକ୍ ଓ ଏଲିସେ ମେର୍ଟେନ୍ସ ସହଜ ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛି। ୮ମ ସିଡ୍ ପୋଲାଣ୍ଡର ସ୍ୱିଆଟେକ ୬-୩, ୬-୨ ସିଧାସଳଖ ସେଟ୍‌ରେ ଆର୍ଜେଣ୍ଟିପାର ନାଦିଆ ପୋଡୋରୋସ୍କାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ସେହିପରି ୨୩ତମ ସିଡ୍ ୨୩ତମ ସିଡ୍ ଏଲିସେ ମେର୍ଟେନ୍ସ ୬-୨, ୭-୬ରେ ରୁଷ/ଉଜ୍‌ବେକିସ୍ତାନର ମାରିଆ ତିମୋଫିଭାଙ୍କୁ ପରାସ୍ତ କରିଥିଲେ। ଜାପାନର ଓସାକା ଓ କାଟେରନିନା ସିନିଆକୋଭା, ମାଡିସନ କିଜ୍ ଓ ହଙ୍ଗେରୀର ଆନ୍ନା ବୋନ୍ଦାର, ଆନାସ୍ତାସିଆ ପୋଟୋପୋଭା ଓ ଲିଓଲେନା ଜିନ୍‌ଜିନ୍‌ଙ୍କ ମଧ୍ୟରେ ମୁକାବିଲା ଜୋରଦାର ହୋଇଛି।

### ଘରୋଇ କ୍ରିକେଟରେ ବୟସ ଜାଲିଆତି

## ବେଙ୍ଗଲର ରୋହିତ ୨ ବର୍ଷ ବାସନ୍ଦ

ମୋକି, ଚୀନ୍, ୩।୯ (ଏଜେନ୍ସି): ଭାରତ ପକ୍ଷରୁ ୧୯ ବର୍ଷରୁ କମ୍ କ୍ରିକେଟ ଖେଳିଥିବା ବେଙ୍ଗଲର ରୋହି ଯାଦବ ବୟସ ଜାଲିଆତି କରି ଧରାପଡ଼ିଛନ୍ତି। ଏହି ଘଟଣା ଧରାପଡ଼ିବା ପରେ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ରୋହିତଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୨ ବର୍ଷ ଲାଗି ବାସନ୍ଦ କରିଛି। ଏ ସମ୍ପର୍କରେ ବେଙ୍ଗଲ କ୍ରିକେଟ ସଂଘ ସମେତ ଭାରତର ଅନ୍ୟ ସମସ୍ତ ସ୍ୱୀକୃତିପ୍ରାପ୍ତ ସଂଗଠନକୁ ବିସିସିଆଇ ଜଣାଇଦେଇଛି।

ଭାରତର ୧୯ ବର୍ଷରୁ କମ୍ ଦଳ ସହ ରୋହିତ ଶ୍ରୀଲଙ୍କା ଗସ୍ତରେ ଯାଇଥିଲେ। ତାଙ୍କର ଭଲ ପ୍ରଦର୍ଶନ ଯୋଗୁଁ ଚଳିତମାସ ଅଷ୍ଟ୍ରେଲିଆ ସହ ଖେଳାଯିବାକୁ ଥିବା ସିରିଜ୍ ଲାଗି ଦଳରେ ମଧ୍ୟ ସାମିଲ ହୋଇଥିଲେ। କିନ୍ତୁ ତାଙ୍କ ବୟସ ସମ୍ପର୍କରେ ଆଧାର କାର୍ଡ ତଦାରଖ କରିବା ବେଳେ ସେ ଅନେକଥର ତାଙ୍କ ଜନ୍ମ ତାରିଖ ବଦଳାଇଥିବା ଜଣାପଡ଼ିଥିଲା। ଖେଳାଳିଙ୍କ ବୟସ ସମ୍ପର୍କରେ କଡ଼ାକଡ଼ି ତଦାରଖ କରିବାକୁ ବିସିସିଆଇ ସମସ୍ତ କ୍ରିକେଟ ସଂଘକୁ କହିଥିଲା। ଉତ୍ତରପ୍ରଦେଶର ରୋହିତ ଯାଦବ ୨୦୦୭ରେ ବେଙ୍ଗଲ କ୍ରିକେଟ ସଂଘ ସହ ପଞ୍ଜିକୃତ ହୋଇଥିଲେ। ଏହି ସମୟରେ ଯେ ଯେଉଁ ବୟସ ଦର୍ଶାଇଥିଲେ ତାହା ୨୦୦୬ରେ ଅଲଗା ଥିବାର ଜଣାପଡ଼ିଥିଲା। ଏହା ପରେ ସେ ପୁଣିଥରେ ବୟସ ବଦଳାଇଥିବା ମଧ୍ୟ ଆଧାରକାର୍ଡ ଚେକ୍ ବେଳେ ଜଣାପଡ଼ିଥିଲା। ଏ ସମ୍ପର୍କରେ ବେଙ୍ଗଲ ସଂଘ ବିସିସିଆଇକୁ ଜଣାଇବା ପରେ ରୋହିତଙ୍କୁ ୨ ବର୍ଷ ଲାଗି ସମସ୍ତ ପ୍ରକାର କ୍ରିକେଟରୁ ବାସନ୍ଦ କରାଯାଇଛି।

## ବିପର୍ଯ୍ୟୟ ଘଟାଇଲେ ଶ୍ରୀକାନ୍ତ


ବେଜିଂ,୩।୯ (ଏଜେନ୍ସି): ଭାରତର କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ଚୀନ୍ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଶ୍ୱର ୯ ନଂ ଖେଳାଳି ଭିକ୍ଟର ଲାଇଙ୍କୁ ୨-୧ ସିଧାସଳଖ ସେଟ୍‌ରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଭିକ୍ଟର ପ୍ରଥମ ରାଉଣ୍ଡରେ ଭାରତର ଲକ୍ଷ୍ୟ ସେନ୍‌ଙ୍କୁ ପରାସ୍ତ କରିଥିଲାବେଳେ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିଲେ। ଫର୍ମରେ ଥିବା ଜଣେ ଖେଳାଳିଙ୍କୁ ହରାଇ ଶ୍ରୀକାନ୍ତ ଏଠାରେ ବିଜୟ ହାସଲ କରିଛନ୍ତି।

### ମେସିଙ୍କୁ ଶେଷଥର ଦେଖିପାରନ୍ତି ପ୍ରଶଂସକ

## ବିଦାୟୀ ମ୍ୟାଚ୍ ଆୟୋଜନ କରିବ ଆର୍ଜେଣ୍ଟିନା ଫୁଟବଲ ସଂଘ

ବୁଏନସ୍ ଆୟର୍ସ,୩।୯ (ଏଜେନ୍ସି): ଆନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଥିବା କିମ୍ବଦନ୍ତୀ ଫୁଟବଲର ଲିଓନେଲ୍ ମେସିଙ୍କୁ ଆର୍ଜେଣ୍ଟିନା ଘରୋଇ ମାଟିରେ ଆଉ ଥରେ ଖେଳୁଥିବା ଦେଖିବାର ସୁଯୋଗ ମିଳିପାରେ। ମେସିଙ୍କ ପାଇଁ ଏକ ବିଦାୟ ମ୍ୟାଚ୍ ଆୟୋଜନ କରିବାକୁ ଆର୍ଜେଣ୍ଟିନା ଫୁଟବଲ୍ ସଂଘ ବିଚାର କରୁଥିବା ଖବର ମିଳିଛି। ସେପ୍‌ଟେମ୍ବର ୨୧ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ ବିରତି ସମୟରେ ଏହି ବିଦାୟ ମ୍ୟାଚ୍ ହୋଇପାରେ। ତେବେ ପ୍ରତିପକ୍ଷ, ତାରିଖ ଓ ସ୍ଥାନ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ମେସିଙ୍କ ଶେଷ ମ୍ୟାଚ୍ ବୁଏନସ୍ ଆୟର୍ସର ମୋନୁମେଣ୍ଟାଲ୍ ଷ୍ଟାଡିୟମ୍‌ରେ କିମ୍ବା ତାଙ୍କ ଜନ୍ମସହର ରୋସାରିଓରେ ହୋଇପାରେ। କିନ୍ତୁ ଏଥିପାଇଁ ପ୍ରଥମେ ମେସିଙ୍କ ସମ୍ମତି ଆବଶ୍ୟକ। ୨୦୨୬ ବିଶ୍ୱକପ୍ ଫାଇନାଲ୍‌ରେ ସ୍ପେନ୍‌ଠାରୁ ହାରିବା ପରେ ମେସି ଆନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଥିଲେ। ଆର୍ଜେଣ୍ଟିନା ପାଇଁ ୨୦୭ଟି ମ୍ୟାଚ୍‌ରେ ୧୨୫ ଗୋଲ୍ କରିଥିବା ମେସି ୨୦୨୨ ବିଶ୍ୱକପ୍ ସମେତ ୬ଟି ବଡ଼ ଆନ୍ତର୍ଜାତୀୟ ଟ୍ରଫି ଜିତିଛନ୍ତି।

## ଏସିଆନ୍ ଗେମ୍ସ: ନୀରଜଙ୍କ ସ୍ଥାନରେ ଯଶବୀର ସିଂ



ନୂଆଦିଲ୍ଲୀ,୩।୯ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିବା ଯଶବୀର ସିଂଙ୍କୁ ମିଳିଛି ବଡ଼ ସୁଯୋଗ। ଭାରତର ସୁପରଷ୍ଟାର ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଆହତ ହୋଇ ଏସିଆନ୍ ଗେମ୍ସର ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଯୁବ ଆଥ୍‌ଲେଟ ଯଶବୀର ସିଂଙ୍କୁ ସାମିଲ କରାଯାଇଛି। ଜାପାନର ଆଇଚି ନାଗୋୟା ଏସିଆନ୍ ଗେମ୍ସ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଏସିଆନ ଗେମ୍ସ ଆୟୋଜିତ ହେବ। ୨୪ ବର୍ଷୀୟ ଯଶବୀର ୮୫.୪୧ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ ପଦକ ହାସଲ କରିଛନ୍ତି।

## ଏସିଆନ୍ ଗେମ୍ସରେ ଲକ୍ଷ୍ମଣ ହେଡ୍ କୋଚ୍

ମୁମ୍ବଇ,୩।୯ (ଏଜେନ୍ସି): ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିବା ଭାଙ୍ଗିପୁରାପୁ ଭେଙ୍କଟ ସାଇ ବା ଭିଭିଏସ୍ ଲକ୍ଷ୍ମଣ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ କ୍ରିକେଟ ଦଳର ହେଡ୍ କୋଚ୍ ଦାୟିତ୍ୱ ନେବେ। ଗମ୍ଭୀରଙ୍କ ଅନୁପସ୍ଥିତିରେ ସେ କାମଚଳା ଦାୟିତ୍ୱରେ ରହିବେ ବୋଲି କେନ୍ଦ୍ର ସରକାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏସିଆନ ଗେମ୍ସ ଲାଗି ସୁନୀଲ ଯୋଶି, ହୃଷିକେଶ କାନିତକର ଓ ଶୁଭଦୀପ ଘୋଷ ଭାରତୀୟ ଦଳକୁ ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂ କୋଚ୍ ଭାବେ ସହାୟତା କରିବେ। ଗତଥା ଏସିଆନ ଗେମ୍ସରେ ଲକ୍ଷ୍ମର କୋଚ୍ ଦାୟିତ୍ୱରେ ଥିଲାବେଳେ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଏହି ସମୟରେ ସେପ୍ଟେମ୍ବର ୨୭ରୁ ୱେଷ୍ଟଇଣ୍ଡିଜ୍ ସହ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍ ଏବଂ ସେପ୍ଟେମ୍ବର ୧୩ରୁ ୧୭ ଯାଏ ଆଫଗାନିସ୍ତାନ ସହ ଖେଳାଯିବାକୁ ଥିବା ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳର ଦାୟିତ୍ୱରେ ରହିବେ।

ଜାପାନର ଆୟାଚି ନାଗାୟୋଠାରେ ସେପ୍ଟମ୍ବର ୧୯ରୁ ଅକ୍ଟୋବର ୪ ଯାଏ ଏସିଆନ ଗେମ୍ସ ଆୟୋଜିତ ହେବ। ଏସିଆନ ଗେମ୍ସ ପୁରୁଷ କ୍ରିକେଟରେ ଭାରତ ସେପ୍ଟେମ୍ବର ୨୮ରୁ ଅଭିଯାନ ଆରମ୍ଭ କରିବ।

### ■ ଅଗରକରଙ୍କ ଅନୁପସ୍ଥିତି ନେଇ କଳ୍ପନାଜଳ୍ପନା


## ରୋହିତଙ୍କ ପ୍ରତି ବିପଦ ନାହିଁ

ମୁମ୍ବଇ,୩।୯ (ଏଜେନ୍ସି): ଭାରତୀୟ ଦିନିକିଆ ଦଳରେ ପୂର୍ବତନ ଓପନର ରୋହିତ ଶର୍ମାଙ୍କ ସ୍ଥାନ ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ। ଏଠାରେ ଆଜି ଖେଳାଳିଙ୍କ ପ୍ରଦର୍ଶନ ନେଇ ତର୍ଜମା ହୋଇଥିଲା। ଏଥିରେ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର, ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍, ଟି-୨୦ ଅଧିନାୟକ ଶ୍ରେୟସ ଆୟର ଉପସ୍ଥିତ ଥିଲେ। ଇଂଲଣ୍ଡ ଟୁର୍ ଓ ଅନ୍ୟ ଟୁର୍‌ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଉପରେ ଆଲୋଚନା ହୋଇଥିଲା। ଏହା ପରେ ରୋହିତ ଶର୍ମାଙ୍କ ଦିନିକିଆ ଭବିଷ୍ୟ ସମ୍ପର୍କରେ ପ୍ରତିକ୍ରିୟା ରଖି ସେ କହିଲେ, ରୋହିତ ଏବେ ମଧ୍ୟ ଭଲ ଖେଳୁଛନ୍ତି। ଦିନିକିଆ ବିଶ୍ୱକପ୍ ଲାଗି ଭାରତୀୟ ଦଳରେ ତାଙ୍କ ସ୍ଥାନ ଲାଗି କୌଣସି ବିପଦ ନାହିଁ। ଏଣୁ ଏଭଳି ଆଲୋଚନାର କିଛି ମାନେ ନାହିଁ ବୋଲି ସେ କହିଛନ୍ତି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଅନୁପସ୍ଥିତି। ଏପରିକି ସେ ମୁମ୍ବଇରେ ନ ଥିଲେ ମଧ୍ୟ ଭିଡିଓ କନ୍‌ଫରେନ୍ସ ଯୋଗେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନପସ୍ଥିତ ରହିଛନ୍ତି। ତାଙ୍କ ଅନୁପସ୍ଥିତିକୁ ଦର୍ଶାଇ ଚୟନ କମିଟିରେ ପରିବର୍ତ୍ତନ ହେବ ବୋଲି ସାଇକିଆଙ୍କୁ ପ୍ରଶ୍ନ କରାଯିବାରେ ସେ ଏହାକୁ ଅସ୍ୱୀକାର କରିଥିଲେ। କିନ୍ତୁ ଅଗରକରଙ୍କ ଅନୁପସ୍ଥିତି ଚର୍ଚ୍ଚାର ଖୋରାକ ଯୋଗାଇଛି।

### ● ସିଏକେମ୍ ଟ୍ରଫିରେ ପ୍ରଶାନ୍ତଙ୍କୁ ୪ୱିକେଟ୍

## ଓଡ଼ିଶା ନିକଟରୁ ପଣ୍ଡିଚେରୀ ପରାସ୍ତ


ପ୍ରଶାନ୍ତ ରଣା


ଗୌରବ ଚୌଧୁରୀ

ଭୁବନେଶ୍ୱର, ୩।୯ (ସମିସ): ପଣ୍ଡିଚେରୀ ସଭାପତି ଏକାଦଶକୁ ୫ ୱିକେଟ୍‌ରେ ପରାସ୍ତ କରି ଓଡ଼ିଶା କ୍ରିକେଟ ସଘ ପୁଡୁଚେରୀରେ ଚାଲିଥିବା ସିଏକେଏମ୍ ଟ୍ରଫି ବରିଷ୍ଠ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୨ୟ ମୁକାବିଲରେ ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ସମାପ୍ତ ହୋଇଥିବା ମ୍ୟାଚ୍‌ରେ ଆୟୋଜକ ଓଡ଼ିଶାକୁ ୨ୟ ଇନିଂସରେ ୮୧ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ଓଡ଼ିଶା ଦଳ ୫ଟି ୱିକେଟ୍ ହରାଇ ଏହା ହାସଲ କରି ନେଇଥିଲା। ପଣ୍ଡିଚେରୀ ସଭାପତି ଏକାଦଶ ପ୍ରଥମ ଇନିଂସରେ ୨୭୫ ରନ୍ କରିଥିଲା। ୨ୟ ଦିନ ଶେଷରେ ୭ ୱିକେଟ୍ ହରାଇ ୨୪୯ ରନ୍ କରିଥିବା ଓଡ଼ିଶା ପ୍ରଥମ ଇନିଂସରେ ୨୭୨ ରନ୍‌କରି ଅଲ୍‌ଆଉଟ୍ ହେବାରୁ ପଣ୍ଡିଚେରୀ ପ୍ରଥମ ଇନିଂସରେ ୩ ରନ୍ ଆଗରେ ରହିଥିଲା। ଗୁରୁବାର ୩ୟ ତଥା ଅନ୍ତିମ ଦିନରେ ଓଡ଼ିଶା ପାଇଁ ସୌମ୍ୟର ଞ୍ଜନ ଲେଙ୍କା ୪ଟି ଛକା ଓ ଗୋଟିଏ ଚୌକା ସହ ୩୮ ରନ୍ କରିଥିଲେ। ପ୍ରତିପକ୍ଷର ଆର୍. ବିଜୟ, କରଣ କନ୍ନନ ଓ ଆଦିଲ ଆୟୁବ ତୁଣ୍ଡା ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ଓଡ଼ିଶାର ବୋଲର ଘାତକ ବୋଲିଂ କରିବାରୁ ପଣ୍ଡିଚେରୀ ସଭାପତି ଏକାଦଶ ଦ୍ୱିତୀୟ ଇନିଂସରେ ମାତ୍ର ୭୮ ରନ୍‌କରି ଅଲ୍‌ଆଉଟ୍ ହୋଇ ଯାଇଥିଲା। ଓଡ଼ିଶାର ପ୍ରଶାନ୍ତ ରଣା ୪ଟି ଏବଂ ତାରିଣୀ ସା' ଓ ସୟଦ୍ ତୁଫୈଲ ଅହମ୍ମଦ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଓଡ଼ିଶା ୮୧ ରନ୍‌ର ବିଜୟଲକ୍ଷ୍ୟ ପାଇବା ପରେ ଓପ୍‌ନର ଗୌରବ ଚୌଧୁରୀ ସର୍ବାଧିକ ୪୦ ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକ ଅପରାଜିତ ୧୫ ରନ୍ କରିଥିଲେ। ପଣ୍ଡିଚେରୀର ଆର୍. ବିଜୟ ୪ଟି ୱିକେଟ୍ ନେଇଥିଲେ। ଆସନ୍ତା ୫ରୁ ହିମାଚଳ ପ୍ରଦେଶ ବିପକ୍ଷରେ ଓଡ଼ିଶା ୩ୟ ମ୍ୟାଚ୍ ଖେଳିବ।

## ଓଡ଼ିଶା ତାଏକ୍ୱୋଣ୍ଡୋ ଖେଳାଳିଙ୍କୁ ୧୬ ପଦକ




ଭୁବନେଶ୍ୱର,୩।୯ (ସମିସ): ଆନ୍ଧ୍ରପ୍ରଦେଶର କାକିନାଡାରେ ଅନୁଷ୍ଠିତ ଦକ୍ଷିଣ ପଶ୍ଚିମ ଆଇଟିଏଫ୍ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେ ଓଡ଼ିଶାର ପ୍ରତିଯୋଗୀଙ୍କୁ ୧୬ଟି ପଦକ ମିଳିଛି। ଏଥିରେ ୪ଟି ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ, ୮ଟି କାଂସ୍ୟ ପଦକ ରହିଛି। ଏହି ପ୍ରତିଯୋଗିତାରେ ୧୦ ରାଜ୍ୟରୁ ୬୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲାବେଳେ ଓଡ଼ିଶାରୁ ୧୩ଜଣ ଭାଗନେଇଥିଲେ। ବ୍ୟକ୍ତିଗତ ବିଭାଗ ସବ୍‌ଜୁନିଅର ବାଳକ-ବାଳିକା ବିଭାଗରେ ପ୍ରିୟାଂଶୁ କୁମାର ବେହେରା ଓ ବିଶ୍ୱପ୍ରକାଶ ଦାସ ସ୍ୱର୍ଣ୍ଣ, ପୂର୍ଣ୍ଣବ୍ରହ୍ମ ମୁଦୁଲି ଓ ପୂର୍ଣ୍ଣିତ ପରିଡ଼ା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ କଳିଙ୍ଗଯୋଦ୍ଧା ତାଏକ୍ୱୋଣ୍ଡୋ ଏକାଡେମୀର ସଭାପତି ଡଃ ବଦ୍ରିନାଥ ପଟ୍ଟନାୟକ, ଉପସଭାପତି ସୁଶାନ୍ତ କୁମାର ସାହୁ, ଟ୍ରଷ୍ଟି ପ୍ରିୟବ୍ରତ ପାଢ଼ୀ ଓ ପ୍ରଶାନ୍ତ ସାହୁ, ରାଜ୍ୟ ବିଜେପି ସଂଯୋଜକ ଗୌତମ ବେହେରା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ୨୧ ବର୍ଷରୁ କମ୍ ଏସିଆ କପ୍ ହକି

# ଶନିବାରରୁ ଭାରତର ଟାଇଟଲ ରକ୍ଷା ଅଭିଯାନ




ମୋକି, ଚୀନ୍,୩।୯ (ଏଜେନ୍ସି): ଚୀନ୍‌ର ମୋକିଠାରେ ଆରମ୍ଭ ହୋଇଛି ଏଏଚ୍‌ଏଫ୍ ୨୧ ବର୍ଷରୁ କମ୍ ଏସିଆ କପ୍ ହକି। ଏଥିରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଖେଳ ଅନୁଷ୍ଠିତ ହେବ। ଭାରତୀୟ ଦଳ ଉଭୟ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଆସନ୍ତାକାଲିଠାରୁ ଭାରତୀୟ ଦଳ ଅଭିଯାନ କରିବାକୁ ଯାଉଥିଲାବେଳେ ପୁରୁଷ ଦଳ ରେକର୍ଡ ଷଷ୍ଠ ଓ ମହିଳା ଦଳ ହ୍ୟାଟ୍ରିକ୍ ଟାଇଟଲ ଅର୍ଜନ କରିବା ଲକ୍ଷ୍ୟରେ ରହିଛନ୍ତି। ଓଡ଼ିଆ ଖେଳାଳି ଅନ୍‌ମୋଲ ଏକ୍କା ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି।

ଗତଦୁଇବର୍ଷ ଟାଇଟଲ ଜିତିଥିବା ମହିଳା ଦଳ ଏଥିର ଖାଇଦେମ୍ ଶିଲେଇମା ଚାନୁଙ୍କ ନେତୃତ୍ୱରେ ତୃତୀୟ ବା ହ୍ୟାଟ୍ରିକ୍ ଟାଇଟଲ ଜିତିବାକୁ ଚେଷ୍ଟା କରିବ। ହେଡ୍ କୋଚ୍ ଟିମ୍ ହ୍ୱାଇଟଙ୍କ ପ୍ରଶିକ୍ଷଣରେ ଏହି ଦଳ ଯୋଜନାବଦ୍ଧ ଭାବେ ଟ୍ରେନିଂ ନେଇଛି। ଦଳ ବେଙ୍ଗାଲୁରୁରେ ଶିବିର କରିଥିଲାବେଳେ ୟୁରୋପ ଗସ୍ତରେ ଯାଇ ଏକାଧିକ ଦେଶ ବିପକ୍ଷରେ ଖେଳିବ। ଏହା ମଧ୍ୟରେ ଦଳ ସ୍କଟଲାଣ୍ଡ ସିନିଅର ଦଳ ବିପକ୍ଷରେ ଖେଳିଥିଲାବେଳେ ଆମେରିକା, ଇଂଲଣ୍ଡ ଓ ବେଲଜିୟମର ୨୧ ବର୍ଷରୁ କମ୍ ବୟସର ଦଳ ବିପକ୍ଷରେ ଖେଳି ଭଲଭାବେ ପ୍ରସ୍ତୁତି କରିନେଇଛି। ଏଲିଟ୍ ପୁଲ୍‌ରେ ସ୍ଥାନ ପାଇଥିବା ମହିଳା ଦଳ ସେପ୍ଟେମ୍ବର ୫ରେ ଦକ୍ଷିଣ କୋରିଆ, ସେପ୍ଟେମ୍ବର ୬ରେ ମାଲେସିଆ, ସେପ୍ଟେମ୍ବର ୮ରେ ଜାପାନ ଓ ସେପ୍ଟେମ୍ବର ୯ରେ ଚୀନ୍ ସହ ମୁକାବିଲା କରିବ। ଶନିବାର ଆମେ ଦକ୍ଷିଣ କୋରିଆ ସହ ପ୍ରଥମ ମ୍ୟାଚ୍ ଖେଳିବୁ। ଏଠାରେ ଜଳବାୟୁ ଟିକେ ଥଣ୍ଡା ରହିଛି ଓ ଆମ ଖେଳାଳିମାନେ ଏହା ସହ ଭଲ ଭାବେ ଖାପ୍ ଖୁଆଇନେଇଛନ୍ତି। ଏଭଳି ସ୍ଥିତିରେ ଆମେ ଦକ୍ଷିଣ କୋରିଆ ବିପକ୍ଷରେ ପ୍ରଥମ ମ୍ୟାଚ୍ ଜିତିବାକୁ ଉଦ୍ୟମ କରିବୁ ବୋଲି ହେଡ୍ କୋଚ୍ ଟିମ୍ ହ୍ୱାଇଟ୍ କହିଛନ୍ତି।

### ଷଷ୍ଠ ଟାଇଟଲ ଦୌଡ଼ରେ ପୁରୁଷ ଦଳ

ଏହି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ହ୍ୟାଟ୍ରିକ୍ ଟାଇଟଲ ସହ ମୋଟ ୫ଥର ଚାମ୍ପିଅନ ହୋଇଥିବା ଭାରତର ପୁରୁଷ ଦଳ ଢ଼େର ଆତ୍ମବିଶ୍ୱାସର ସହ ଟାଇଟଲ ରକ୍ଷା ଅଭିଯାନରେ ବାହାରିଛି। ନୂଆ କୋଚ୍ ଫ୍ରେଡେରିକ୍ ସୋୟେଜ୍ ଏବଂ ଓଡ଼ିଆ ଅଧିନାୟକ ଅନ୍‌ମୋଲ ଏକ୍କାଙ୍କ ନେତୃତ୍ୱରେ ଓଡ଼ିଶା ଦଳ ବେଶ ପ୍ରସ୍ତୁତି କରିଛି। ଦଳ ବିଦେଶରେ ଯାଇ ବେଲଜିୟମ, ଅଷ୍ଟ୍ରିଆ, ଜର୍ମାନୀ ଓ ନେଦରଲ୍ୟାଣ୍ଡସ ସହ ଖେଳିଛି। ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ବିଦେଶରେ ଖେଳିଛନ୍ତି। ଏହା ବ୍ୟତୀତ ବେଙ୍ଗାଲୁରୁରେ ମାଲେସିଆ ୨୧ ବର୍ଷରୁ କମ୍ ଦଳ ସହ ଏବଂ ଡାଲିଆନ୍‌ରେ ଚୀନ୍ ସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିଛି। ଚୀନ୍ ବିପକ୍ଷରେ ୮-୨ ମ୍ୟାଚ୍‌ରେ ଜିତି ଦଳ ବେଶ ଭଲ ପ୍ରଦର୍ଶନ କରିଛି। ପୁଲ-ଏ'ରେ ସେପ୍ଟେମ୍ବର ୫ରୁ ଇଣ୍ଡୋନେସିଆ ସହ ଖେଳି ଅଭିଯାନ ଆରମ୍ଭ କରିବ। ଦଳ ୬ରେ ଜାପାନ, ୮ରେ ଦକ୍ଷିଣ କୋରିଆ ଓ ୯ରେ ଚାଇନିଜ୍ ତାଇପେ ସହ ଖେଳି ପୁଲ ପର୍ଯ୍ୟାୟ ଶେଷ କରିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS